# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୬/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, June 26/2025 Page 14 ₹ 7.00 | BALASORE

୫୧ଶ ଭାଗ ୨୧୧ ସଂଖ୍ୟା VOLUME 51 ISSUE 211 ମୂଲ୍ୟ ₹୭/-

www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul


# ବର୍ଷକୁ ୨ ଥର ସିବିଏସ୍‌ଇ ୧୦ମ ପରୀକ୍ଷା

## ■ ୨୦୨୬ ଶିକ୍ଷାବର୍ଷରୁ ଲାଗୁହେବ ■ ପ୍ରଥମ ପରୀକ୍ଷା ବାଧ୍ୟତାମୂଳକ, ୨ୟ ପର୍ଯ୍ୟାୟ ଇଚ୍ଛାଧୀନ


SIKSHA 'O' ANUSANDHAN

SAAT-2025

Empowering students for a brighter future

COMPUTER APPLICATIONS PROGRAMMES
- Bachelor of Computer Applications (BCA)
- Master of Computer Applications (MCA)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


**ନୂଆଦିଲ୍ଲୀ,୨୫ା୬**

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ୍ (ସିବିଏସ୍‌ଇ) ଦଶମ ବୋର୍ଡ ପରୀକ୍ଷା ବର୍ଷକୁ ୨ ଥର ଅନୁଷ୍ଠିତ ହେବ। ଜାତୀୟ ଶିକ୍ଷାନୀତି (ଏନ୍‌ଇପି-୨୦୨୦)ରେ ସୁପାରିସ କରାଯାଇଥିବା ଏ ସମ୍ପର୍କିତ ନିୟମକୁ ବୁଧବାର ସିବିଏସ୍‌ଇ ପକ୍ଷରୁ ଅନୁମୋଦନ କରାଯାଇଛି। ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ ଫଳରେ ୨୦୨୬ ଶିକ୍ଷାବର୍ଷରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ର ବର୍ଷକୁ ୨ ଥର ପରୀକ୍ଷା ଦେଇପାରିବେ। ତେବେ ଫେବୃଆରୀରେ ☞ପୃଷ୍ଠା-୪



ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

**ଆଜିର ସମ୍ପାଦକୀୟ**

ଲଣ୍ଡା ମଣିଷ





DSPL - 144



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ଅନ୍ନ ଅଭିଯାନ

ଲିଙ୍ଗଗତ ସମାନତା, ଜଳବାୟୁ ସହନଶୀଳ, ପୋଷଣ ନିରାପତ୍ତା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ଚାଷୀଙ୍କୁ ସହାୟତା ପ୍ରଦାନ

- ସଘନ ପ୍ରଣାଳୀ, ଧାଡ଼ି ରୁଆ, ଧାଡ଼ି ବୁଣା ପଦ୍ଧତିକୁ ଆପଣେଇବା ନିମନ୍ତେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ରାଜ୍ୟର ୧୭୭ଟି ବ୍ଲକରେ ପ୍ରୋତ୍ସାହନ ରାଶିର ବ୍ୟବସ୍ଥା
- ଚାଷୀଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ କ୍ଷେତ୍ର ପ୍ରଦର୍ଶନ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ
- ଚାଷୀମାନଙ୍କୁ ଚାଷ ସମ୍ପର୍କିତ ତାଲିମ ଓ ମାର୍ଗଦର୍ଶନ ପ୍ରଦାନ କରାଯାଉଅଛି
- ଶ୍ରୀ ଅନ୍ନ ଅଭିଯାନରେ ସାମିଲ ହେବା ପାଇଁ କୃଷକ ଓଡ଼ିଶା ପୋର୍ଟାଲ୍ (krushak.odisha.gov.in) ରେ ନିଜ ନାମ ପଞ୍ଜିକରଣ କରିବା ଆବଶ୍ୟକ
- ଅଧିକ ସୂଚନା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା ଯୋଜନା ଅଧିନସ୍ଥ କୃଷକ ଉତ୍ପାଦକ ସଂଗଠନ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ

ପୁଷ୍ଟିଶସ୍ୟ ଚାଷ କରିବା, କୃଷି କ୍ଷେତ୍ରରେ ସମୃଦ୍ଧି ଆଣିବା

OIPR-01510/13/0057/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର | କୃଷି ସମୃଦ୍ଧି ହେଲ୍ପ ଲାଇନ୍ ନମ୍ବର ୧୫୫୩୩୩

# ଆକ୍ସିଓମ୍-୪: ଶୁଭାଂଶୁଙ୍କ ମହାକାଶଯାତ୍ରା


ଶୁଭାଂଶୁ ଶୁକ୍ଲା

**➩ସଫଳ ଲଞ୍ଚ୍ଂରୁ ଗଗନୟାନ ମିଶନ ପାଇଁ ପ୍ରସ୍ତୁତି**

**➩ଆଇଏସ୍ଏସ୍‌କୁ ପ୍ରଥମ, ମହାକାଶ ଯିବାରେ ଶୁଭାଂଶୁ ଦ୍ୱିତୀୟ ଭାରତୀୟ**

ଫ୍ଲୋରିଡା/ଲକ୍ଷ୍ନୌ, ୨୫।୬

ବହୁ ପ୍ରତୀକ୍ଷିତ ମହାକାଶ ମିଶନ 'ଆକ୍ସିଓମ୍-୪'ର ଲଞ୍ଚିଂ ବୁଧବାର ସଫଳତାର ସହ ହୋଇଛି। ଏହାସହ ଭାରତୀୟ ମହାକାଶଚାରୀ ତଥା ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ୪୧ ବର୍ଷ ପରେ ଦ୍ୱିତୀୟ ଭାରତୀୟ ଭାବେ ମହାକାଶରେ ପହଞ୍ଚିଛନ୍ତି। ପୂର୍ବରୁ ୧୯୮୪ରେ ରାକେଶ ଶର୍ମା ପ୍ରଥମ ଭାରତୀୟ ଭାବେ ମହାକାଶରେ ପହଞ୍ଚିଥିଲେ। ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରେ 'ଲଞ୍ଚ୍ କମ୍ପ୍ଲେକ୍ସ-୩୯ଏ'ରୁ ବୁଧବାର ଭାରତୀୟ ସମୟ ମଧ୍ୟାହ୍ନ ୧୨.୦୧ରେ ଫାଲ୍‌କନ୍-୯ ରକେଟ ଯୋଗେ ଏହି ଲଞ୍ଚିଂ ହୋଇଛି। ଶୁଭାଂଶୁଙ୍କ ସହ ଆମେରିକୀୟ ମହାକାଶଚାରୀ, ପେଗୀ ହ୍ୱିଟ୍‌ସନ୍, ପୋଲାଣ୍ଡର ସ୍ଲାଓଜ୍ ଉଜ୍‌ନାନ୍‌ସ୍କୀ ଏବଂ ହଙ୍ଗେରୀର ଟିବୋର କାପୁଙ୍କୁ ଧରି ଆମେରିକୀୟ ସ୍ପେସ୍ ଟେକ୍ନୋଲୋଜି କମ୍ପାନୀ ସ୍ପେସ୍ ଏକ୍ସ'ର ଡ୍ରାଗନ ମହାକାଶ ଯାନ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍) ଅଭିମୁଖେ ଗତି କରୁଛି। ଲଞ୍ଚିଂର ୮ ମିନିଟ୍ ପରେ ଫାଲ୍‌କନ୍-୯ ରକେଟ ସୁରକ୍ଷିତ ଭାବେ ପୃଥିବୀ ଫେରିଆସିଛି। ଆମେରିକୀୟ ମହାକାଶ ସଂସ୍ଥା ନାସାର ସୂଚନା ଅନୁଯାୟୀ, ଲଞ୍ଚିଂର ୨୮ ଘଣ୍ଟା ମଧ୍ୟରେ ମିଶନର ୪ କ୍ରିଉ ସଦସ୍ୟଙ୍କୁ ଧରି ଡ୍ରାଗନ୍ କ୍ୟାପ୍‌ସୁଲ୍ ଆଇଏସ୍ଏସ୍‌ର ହାରମୋନି ମଡ୍ୟୁଲରେ ପହଞ୍ଚିବ। ଗୁରୁବାର ଭାରତୀୟ ସମୟ ଅପରାହ୍ନ ୪ଟା ୩୦ରେ ଶୁଭାଂଶୁଙ୍କ ସମେତ ମିଶନର ୪ କ୍ରିଉ ସଦସ୍ୟ ଆଇଏସ୍ଏସ୍‌ରେ ପହଞ୍ଚିବେ। ଏହାସହ ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଆଇଏସ୍ଏସ୍‌ରେ ପହଞ୍ଚି ଶୁଭାଂଶୁ ଇତିହାସ ରଚିବେ।

ନାସା ଏବଂ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)ର ଏହି ମିଳିତ ମିଶନରେ ଶୁକ୍ସ ନାମରେ ଜଣାଶୁଣା ଶୁଭାଂଶୁ ପାଇଲଟ ଭୂମିକା ନିର୍ବାହ କରିବେ। ୨ ସପ୍ତାହର ଏହି ମିଶନରେ ନାସାର ପୂର୍ବତନ ମହାକାଶଚାରୀ ତଥା ଆକ୍ସିଓମ୍ ସ୍ପେସ୍‌ର ମାନବ ମହାକାଶ ଉଡ଼ାଣର ନିର୍ଦ୍ଦେଶିକା ପେଗୀ ହ୍ୱିଟ୍‌ସନ୍ ମିଶନ କମାଣ୍ଡର ଭାବେ ଦାୟିତ୍ୱ ନିର୍ବାହ କରିବେ। ସେହିପରି ପୋଲାଣ୍ଡର ସ୍ଲାଓଜ୍ ଏବଂ ହଙ୍ଗେରୀର ମେକାନିକାଲ ଇଞ୍ଜିନିୟର ଟିବୋର ମିଶନ ସ୍ପେଶାଲିଷ୍ଟ ଭାବେ କାର୍ଯ୍ୟ କରିବେ। ଆଇଏସ୍ଏସ୍‌ରେ ୪ କ୍ରିଉ ସଦସ୍ୟ ମ୍ୟାଟେରିଆଲ୍ସ ସାଇନ୍ସ, ବାୟୋଲୋଜି ଏବଂ ଆର୍ଥ ଅବଜର୍‌ଭେସନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ସମୁଦାୟ ୬୦ଟି ପରୀକ୍ଷଣ କରିବେ। ସେଥିମଧ୍ୟରୁ ଶୁଭାଂଶୁ ଇସ୍ରୋ ପାଇଁ ୭ଟି ପରୀକ୍ଷା କରିବେ। ନାସାର ମାନବ ଗବେଷଣା କାର୍ଯ୍ୟକ୍ରମର ଅଂଶ ଭାବେ ମଧ୍ୟ ସେ ଆହୁରି ୫ଟି ପରୀକ୍ଷଣରେ ସାମିଲ ହେବେ। ନିମ୍ନ ପୃଥିବୀ କକ୍ଷପଥରେ ମାଇକ୍ରୋଗ୍ରାଭିଟି ଗବେଷଣାକୁ ଆଗକୁ ବଢ଼ାଇବା ପାଇଁ ଏହି ମିଶନ ସହାୟକ ହେବ। ଏହି ଅଧ୍ୟୟନ ମାଧ୍ୟମରେ ମିଶନରେ ସାମିଲ ଥିବା ଭାରତ, ପୋଲାଣ୍ଡ, ହଙ୍ଗେରୀ ଏବଂ ଆମେରିକାର ମହାକାଶ ଗବେଷଣାର କ୍ଷମତା ସୁଦୃଢ଼ ହେବ।

ଏହି ମିଶନ ଭାରତ ଏବଂ ଇସ୍ରୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୨୦୨୬ରେ ଲଞ୍ଚିଂ ପାଇଁ ଲକ୍ଷ୍ୟ ରଖାଯାଇଥିବା ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ମିଶନ ଗଗନୟାନ ପାଇଁ 'ଆକ୍ସିଓମ୍-୪' ମିଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁରକ୍ଷା ନିୟମକୁ ଅନୁପାଳନ କରିବା ସହ ମହାକାଶରେ ରହିବା ଏବଂ ପରୀକ୍ଷଣ କରିବା ଆଦି ନେଇ ଶୁଭାଂଶୁଙ୍କର ଅଭିଜ୍ଞତା ଗଗନୟାନ ମିଶନ ପାଇଁ ପ୍ରସ୍ତୁତ ହେବାକୁ ଇସ୍ରୋକୁ ସାହାଯ୍ୟ କରିବ। ଗଗନୟାନ ମିଶନରେ ମହାକାଶ ଯିବାକୁ ଥିବା ୪ ମହାକାଶଚାରୀଙ୍କ ମଧ୍ୟରେ ଶୁଭାଂଶୁ ମଧ୍ୟ ରହିଛନ୍ତି। ତେଣୁ ମହାକାଶରେ ବିଭିନ୍ନ ଜରୁରିକାଳୀନ ପରିସ୍ଥିତିରେ କିପରି ମୁକାବିଲା କରାଯିବ, ଆଇଏସ୍ଏସ୍‌ରେ ବିଭିନ୍ନ ଉପକରଣର କିପରି ବ୍ୟବହାର କରାଯିବ ଆଦି ନେଇ ଶୁଭାଂଶୁଙ୍କ ଅନୁଭବ ଗଗନୟାନ ମିଶନରେ ଭାରତକୁ ଲାଭଦାୟକ ହେବ। ସେହିପରି ଆକ୍ସିଓମ-୪ ମିଶନ ଦ୍ୱାରା ନାସା, ଆକ୍ସିଓମ୍ ସ୍ପେସ୍, ସ୍ପେସ୍ ଏକ୍ସ' ଆଦି ମହାକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥା ସହ ଭାରତ ଦୃଢ଼ ସମ୍ପର୍କ ସ୍ଥାପନ କରିପାରିଛି, ଯାହା ଭାରତକୁ ଉନ୍ନତ ପ୍ରଯୁକ୍ତି ବିଦ୍ୟା ସହ ମହାକାଶ କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହେବାକୁ ସୁଯୋଗ ପ୍ରଦାନ କରିଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଆକ୍ସିଓମ୍-୪ ମିଶନ ପାଇଁ ଭାରତ ୭୦ ମିଲିୟନ ୟୁଏସ୍ ଡଲାର (ପ୍ରାୟ ୬୦୦ କୋଟି ଟଙ୍କା) ଖର୍ଚ୍ଚ କରିଛି। ନାସା ଏବଂ ଆକ୍ସିଓମ ସ୍ପେସ୍ ଦ୍ୱାରା ଭାରତର ୨ ଆଷ୍ଟ୍ରୋନଟ୍‌ଙ୍କୁ ମିଳିଥିବା ତାଲିମ, ଲଞ୍ଚ୍ ଲଜିଷ୍ଟିକ୍ସ, ଆଇଏସ୍ଏସ୍‌ରେ ଶୁଭାଂଶୁଙ୍କ ରହଣି ଏବଂ ସେଠାରେ ବିଭିନ୍ନ ଗବେଷଣା ଏବଂ ବୈଜ୍ଞାନିକ ପରୀକ୍ଷଣ ପାଇଁ ଇସ୍ରୋ ଏହି ଖର୍ଚ୍ଚ କରିଥିବା ରିପୋର୍ଟରେ କୁହାଯାଇଛି।


ଲକ୍ଷ୍ନୌରେ ଲଞ୍ଚିଂ ଦେଖୁଛନ୍ତି ଶୁଭାଂଶୁଙ୍କ ମା' ଆଶା ଶୁକ୍ଲା ଓ ବାପା ଶମ୍ଭୁ ଦୟାଲ ଶୁକ୍ଲା।

## କାନ୍ଧରେ ତ୍ରିରଙ୍ଗା..

ବୁଧବାର ଆକ୍ସିଓମ୍-୪ ମିଶନର ଲଞ୍ଚିଂ ପରେ ଶୁଭାଂଶୁ ଡ୍ରାଗନ୍ ମହାକାଶଯାନରୁ ଦେଶବାସୀଙ୍କ ପାଇଁ ସନ୍ଦେଶ ପଠାଇଛନ୍ତି। ଏହି ସନ୍ଦେଶରେ ସେ କହିଛନ୍ତି, ମହାକାଶରେ ଭାରତ ୪୧ ବର୍ଷ ପରେ ପହଞ୍ଚିଛି। ସେକେଣ୍ଡ ପ୍ରତି ୭.୫ କି.ମି. ବେଗରେ ଆମେ ପୃଥିବୀ ଚାରିପାଖରେ ପରିକ୍ରମା କରୁଛୁ। ଭାରତୀୟ ତ୍ରିରଙ୍ଗା ମୋ କାନ୍ଧରେ ରହିଛି। ଏହି ଯାତ୍ରା କେବଳ ମୋର ନୁହେଁ, ବରଂ ଏହା ହେଉଛି ପ୍ରତ୍ୟେକ ଭାରତୀୟଙ୍କ ଯାତ୍ରା। ଏକାଠି ହୋଇ ଭାରତର ମାନବ ମହାକାଶ କାର୍ଯ୍ୟକ୍ରମ ଆରମ୍ଭ କରିବାର ସମୟ ଆସିଛି।

## ୪୧ ବର୍ଷ ପରେ ଅନ୍ତରୀକ୍ଷରେ ଇତିହାସ

ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମା ୧୯୮୪ରେ ଏକ ସୋଭିଏଟ୍ ମହାକାଶ କାର୍ଯ୍ୟକ୍ରମ ଅଧୀନରେ ମହାକାଶ ଯାଇଥିଲେ। ସୋଭିଏଟ୍ ରକେଟ ସୋୟୁଜ୍ ଟି-୧୧ ସାହାଯ୍ୟରେ ଉକ୍ତ ମିଶନର ଲଞ୍ଚିଂ ହୋଇଥିଲା। ପ୍ରଥମ ଭାରତୀୟ ଭାବେ ରାକେଶ ମହାକାଶକୁ ଯାଇ ଇତିହାସ ରଚିଥିଲେ। ସେ ମହାକାଶରେ ମୋଟ ୭ ଦିନ ୨୧ ଘଣ୍ଟା ୪୦ ମିନିଟ୍ ରହିଥିଲେ। ମହାକାଶରୁ ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ କଥା ହୋଇଥିଲେ। ରାକେଶଙ୍କ ପରେ ଶୁଭାଂଶୁ ଦ୍ୱିତୀୟ ଭାରତୀୟ ଭାବେ ବୁଧବାର ମହାକାଶରେ ପହଞ୍ଚି ଇତିହାସ ରଚିଛନ୍ତି।


ସ୍ପେସ୍ ଏକ୍ସ'ର ଡ୍ରାଗନ ମହାକାଶଯାନ।

## ଫାଇଟର ପାଇଲଟରୁ ମହାକାଶଚାରୀ

ଉତ୍ତରପ୍ରଦେଶର ଲକ୍ଷ୍ନୌ ନିବାସୀ ଶୁଭାଂଶୁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ (ଆଇଏସ୍ଏସ୍)ରୁ ଏରୋସ୍ପେସ୍ ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ୨୦୦୬ ଜୁନ୍‌ରେ ସେ ଭାରତୀୟ ବାୟୁସେନାର ଫ୍ଲାଇଙ୍ଗ୍ ବ୍ରାଞ୍ଚ୍ ପାଇଁ ମନୋନୀତ ହୋଇଥିଲେ। ଭାରତୀୟ ବାୟୁସେନା ଏକାଡେମୀ ସେ ତାଲିମ ନେଇଥିଲେ। ପରେ ସେ ବାୟୁସେନାର ଫାଇଟର ଷ୍ଟ୍ରିମ୍‌ରେ ଜଣେ ଫ୍ଲାଇଙ୍ଗ ଅଫିସର୍ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ନିକଟରେ ଏମ୍‌ଆଇଜି-୨୧, ଏମ୍‌ଆଇଜି-୨୯, ଜାଗୁଆର ଆଦି ବିଭିନ୍ନ ବିମାନରେ ପ୍ରାୟ ୨ ହଜାର ଘଣ୍ଟାରୁ ଅଧିକ ଉଡ଼ାଣର ଅଭିଜ୍ଞତା ରହିଛି। ସେ ମହାକାଶଚାରୀ ଭାବେ ଭାରତ ସମେତ ରୁଷିଆ, ୟୁରୋପ ଏବଂ ଜାପାନରେ ବ୍ୟାପକ ତାଲିମ ନେଇଛନ୍ତି।


କେନେଡି ସ୍ପେସ୍ ସେଣ୍ଟରରେ ଫାଲ୍‌କନ୍-୯ ରକେଟ ଯୋଗେ ଆକ୍ସିଓମ-୪ ମିଶନର ଲଞ୍ଚିଂ ହୋଇଛି।


ଲଞ୍ଚିଂ ପୂର୍ବରୁ (ବାମରୁ) ଶୁଭାଂଶୁ ଶୁକ୍ଲାଙ୍କ ସହ ମହାକାଶଚାରୀ ଟିବୋର କାପୁ (ହଙ୍ଗେରୀ), ପେଗୀ ହ୍ୱିଟ୍‌ସନ୍ (ଆମେରିକା), ସ୍ଲାଓଜ୍ ଉଜ୍‌ନାନ୍‌ସ୍କୀ (ପୋଲାଣ୍ଡ) ।


ଆକ୍ସିଓମ-୪ ମିଶନର ଲଞ୍ଚିଂ ସଫଳତା ପରେ ଲକ୍ଷ୍ନୌରେ ସେଲ୍‌ଫି ନେଉଛନ୍ତି ଲୋକେ।

## ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବ ନାଟୋ

ହେଗ୍,୨୫।୬

ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ନେତାମାନେ ବୁଧବାର ସାମରିକ ମେଣ୍ଟର ପ୍ରତିରକ୍ଷା ବ୍ୟୟରେ ଏକ ବଡ଼ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ସହଯୋଗୀଗୁଡ଼ିକ ୨୦୩୫ ସୁଦ୍ଧା ସେମାନଙ୍କ ବାର୍ଷିକ ପ୍ରତିରକ୍ଷା ବ୍ୟୟରେ ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୫% ବୃଦ୍ଧି ପାଇଁ ବୁଧବାର ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଏଥିସହ 'ଗୋଟିଏ ଦେଶ ଉପରେ ଆକ୍ରମଣକୁ ସମସ୍ତଙ୍କ ଉପରେ ଆକ୍ରମଣ' ରୂପେ ଅଭିହିତ କରି ସାମୂହିକ ପ୍ରତିରକ୍ଷା ପ୍ରତି ରହିଥିବା ନିଜ ନିଜ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି।

## ଅକାଳୀ ନେତା ବିକ୍ରମ ମାଜିଥିଆ ଗିରଫ

**୫୪୦ କୋଟିର ଡ୍ରଗ୍ ମନି**



ଚଣ୍ଡିଗଡ଼,୨୫।୬

ପଞ୍ଜାବ ଭିଜିଲାନ୍ସ ବ୍ୟୁରୋ ବୁଧବାର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଅକାଳୀ ନେତା ବିକ୍ରମ ସିଂ ମାଜିଥିଆଙ୍କୁ ୫୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମନି ଲଣ୍ଡରିଂ ମାମଲାରେ ଗିରଫ କରିଛି। 'ଡ୍ରଗ୍ ମନି' ମାମଲାରେ ଭିଜିଲାନ୍ସ ଟିମ୍ ବିକ୍ରମଙ୍କ ଅମୃତସର ବାସଭବନରେ ଚଢ଼ାଉ କରିବାର କିଛି ସମୟ ପରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିକ୍ରମ ଅନେକ ଚ୍ୟାନେଲ ଦେଇ ଡ୍ରଗ୍ ମନି ଲଣ୍ଡରିଂ କରାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଭିଜିଲାନ୍ସ ବ୍ୟୁରୋ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ବିକ୍ରମ ଏବଂ ତାଙ୍କ ସ୍ତ୍ରୀ ଜେନିଏଭେ ମାଜିଥିଆଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିରେ ଘଟିଥିବା ବୃଦ୍ଧିର କୌଣସି ଆଇନଗତ ଉତ୍ସ ସମ୍ପର୍କରେ ଉଭୟେ ସୂଚନା ଦେଇପାରିନାହାନ୍ତି। ଶିରୋମଣୀ ଅକାଳୀ ଦଳ (ଏସ୍ଏଡି) ମୁଖ୍ୟ ସୁଖବୀର ସିଂ ବାଦଲ ଶାଳକ ବିକ୍ରମଙ୍କ ଗିରଫଦାରିକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସମାଲୋଚନା କରିଛନ୍ତି।

DSPL-142

ଡାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

OIPR-10003/13/0213/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

# ଲୋକଙ୍କ ନିକଟତର ହେଲା ରାଜସ୍ୱ ସେବା

## ଇ-ରେଜିଷ୍ଟ୍ରେଶନ ମୋବାଇଲ ଆପ୍ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



- ଘରେ ବସି ସୁବିଧା ପାଇପାରିବେ ଲୋକେ
- ୨୦,୩୮୫ ସରକାରୀ ଶିକ୍ଷାନୁଷ୍ଠାନକୁ ମିଳିଛି ସ୍ଥାୟୀ ପଟ୍ଟା
- ବସୁନ୍ଧରାରେ ୧୬,୭୨୭ ବାସହୀନଙ୍କୁ ଘରବାଡ଼ି ପଟ୍ଟା

ଭୁବନେଶ୍ୱର,୨୫।୬(ରବିନାରାୟଣ ଜେନା)

ରାଜସ୍ୱ ସେବା ଏବେ ସରଳୀକରଣ ହୋଇଛି। ଲୋକମାନଙ୍କୁ ଆଉ ରାଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ଲମ୍ବା ଲାଇନ ଲଗାଇବା କିମ୍ବା ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଘରେ ବସି ଲୋକମାନେ ଅନ୍‌ଲାଇନ ମାଧ୍ୟମରେ ଡକ୍ୟୁମେଣ୍ଟ ଦାଖଲଠାରୁ ଆରମ୍ଭ କରି ଜମିଜମା ପଞ୍ଜୀକରଣ ପାଇଁ ଦିନ ଏବଂ ସମୟ ଧାର୍ଯ୍ୟ କରିପାରିବେ। ଏପରି କି ସମ୍ପତ୍ତିର ମୂଲ୍ୟ ଆଦି ମଧ୍ୟ ଜାଣିପାରିବେ। ଏହି ଅନ୍‌ଲାଇନ ଆପ୍‌ରେ ଅଧିକରୁ ଅଧିକ ସ୍ୱଚ୍ଛତା ଅବଲମ୍ବନ କରାଯିବା ସହ କମ୍ ଲୋକଙ୍କ ହସ୍ତକ୍ଷେପରେ କାର୍ଯ୍ୟର ତ୍ୱରିତ ସମାଧାନ ବ୍ୟବସ୍ଥା ହୋଇପାରିବ। ଏହାଦ୍ୱାରା ଦୁର୍ନୀତି ମଧ୍ୟ ହ୍ରାସ ହୋଇପାରିବ। ଏଥିପାଇଁ ରାଜ୍ୟ ସରକାର ଇ-ରେଜିଷ୍ଟ୍ରେଶନ ଆପ୍‌ର ବୁଧବାର ଶୁଭାରମ୍ଭ କରିଛନ୍ତି। ଏଥିସହିତ ବାତ୍ୟା, ବନ୍ୟା ଆଦି ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଖୁବ୍ ସଫଳ ହୋଇଛି। ଗତବର୍ଷ ହୋଇଥିବା ବାତ୍ୟା 'ଦାନା' ସମୟରେ ରାଜ୍ୟ ସରକାର ଜିରୋ କାଜୁଆଲିଟି ଲକ୍ଷ୍ୟ ହାସଲ କରିଥିଲେ। ବିପର୍ଯ୍ୟୟ ପରିଚାଳନାରେ ଆମ ଦକ୍ଷତା ଉପରେ ସାରା ବିଶ୍ୱର ନଜର ଅଛି। ତେଣୁ ଆମକୁ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବୁଧବାର ଲୋକସେବା ଭବନରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ ଇ-ରେଜିଷ୍ଟ୍ରେଶନ ମୋବାଇଲ ଆପ୍‌ର ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗର ଏକ ବର୍ଷର ସଫଳତା ପୁସ୍ତିକା ଉନ୍ମୋଚନ କରି ଇ-ରେଜିଷ୍ଟ୍ରେଶନ ଆପ୍ ଡିଜିଟାଲ ସେବା ପ୍ରଦାନ ରାଜ୍ୟ ସରକାରଙ୍କ ଏକ ବଡ଼ ମାଇଲଖୁଣ୍ଟ ବୋଲି କହିଥିଲେ। ଏହି ଆପ୍ ମାଧ୍ୟମରେ ଲୋକମାନେ ଘରେ ବସି ଆଣ୍ଡ୍ରଏଡ୍ ଫୋନ୍ ମାଧ୍ୟମରେ ରେଜିଷ୍ଟ୍ରେଶନ ଡିଡ୍ ବା ଦଲିଲ୍ ପଞ୍ଜୀକରଣ ପାଇଁ ସ୍ଲଟ୍ ବୁକିଙ୍ଗ୍, ସାର୍ଟିଫାଏଡ୍ କପି ଓ ଇସି ଲାଗି ଆବେଦନ କରିପାରିବେ। ଜମିର ବେଞ୍ଚମାର୍କ ଭାଲ୍ୟୁ ମଧ୍ୟ ଏହି ଆପ୍ ମାଧ୍ୟମରେ ଜାଣିହେବ। ଏହି ଆପ୍‌ରେ ସବ୍‌ରେଜିଷ୍ଟ୍ରାର ଅଫିସ୍ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିବ। ଏହାଦ୍ୱାରା ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ପେପରଲେସ୍ ଏବଂ କ୍ୟାଶ୍‌ଲେସ୍ ହୋଇପାରିଛି। ଏହାଯୋଗୁ ସବ୍ ରେଜିଷ୍ଟ୍ରାର ଅଫିସ୍‌ରେ ଅଯଥା ଭିଡ଼ ମଧ୍ୟ ହ୍ରାସ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଗତ ବର୍ଷକ ମଧ୍ୟରେ ବସୁନ୍ଧରା ଯୋଜନାରେ ସରକାର ୧୬,୭୨୭ ଜଣ ବାସଗୃହବିହୀନ ଲୋକଙ୍କୁ ଘରବାଡ଼ି ପଟ୍ଟା ଯୋଗାଇ ଦେଇଛନ୍ତି। ୨୦,୩୮୫ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ ଏବଂ କଲେଜ ନାମରେ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି। ସେହିପରି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୪,୬୧,୬୦୨ ଖାତାକୁ ସର୍ବେକ୍ଷଣ କରାଯାଇ ୧,୧୬,୪୮୬ ମୃତ ଲୋକଙ୍କ ରେକର୍ଡକୁ ସେମାନଙ୍କ ଉତ୍ତରାଧିକାରୀଙ୍କ ନାମରେ କରାଯାଇଛି। ଏହାଦ୍ୱାରା ଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ପାଇପାରୁଛନ୍ତି।

ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ, ଆମକୁ ଅଧିକ ଉତ୍ସାହ ଏବଂ ପ୍ରତିବଦ୍ଧତାର ସହ କାମ କରିବାକୁ ପଡ଼ିବ। ଲୋକମାନେ ଆମ ଉପରେ ଅନେକ ଆଶା ଓ ଭରସା ରଖିଛନ୍ତି, ତାହାକୁ ଅକ୍ଷୁଣ୍ଣ ରଖିବା ପାଇଁ ଆମକୁ ଦାୟିତ୍ୱବାନ୍ ହେବାକୁ ପଡ଼ିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ, ଲୋକଙ୍କ ସରକାର ଲୋକମାନଙ୍କ କାମ କରୁଛନ୍ତି। ଲୋକଙ୍କ ପାଇଁ ରାଜ୍ୟ ସରକାର ଯେପରି ସଫଳତାର ସହ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ସେ କହିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଲେ ଯେ, ବାତ୍ୟା ଦାନା ସମୟରେ ମୁଖ୍ୟମନ୍ତ୍ରୀ ୭ଦିନ ଧରି ସକାଳୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ କଣ୍ଟ୍ରୋଲ ରୁମ୍‌ରେ ଉପସ୍ଥିତ ରହି ବାତ୍ୟା ପରିଚାଳନାର ସିଧାସଳଖ ତଦାରଖ କରିଛନ୍ତି। ତାଙ୍କ କାର୍ଯ୍ୟଧାରା ନିଷ୍ଠା ଓ ପ୍ରତିବଦ୍ଧତାର ଏକ ନୂଆ ଉଦାହରଣ ସୃଷ୍ଟି କରିଛି। ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶଂସା କରି ସେ କହିଲେ, ବର୍ଷକ ମଧ୍ୟରେ ଆମେ ଯେଉଁ ସଫଳତା ହାସଲ କରିଛୁ, ସେଥିପାଇଁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

### ଇ-ରେଜିଷ୍ଟ୍ରେଶନ ଆପ୍ ଦ୍ୱାରା ମିଳିବାକୁ ଥିବା ସୁବିଧା

- ଜମି ପଞ୍ଜୀକରଣ ପାଇଁ ସ୍ଲଟ ବୁକିଂ ସୁବିଧା
- ସ୍ଲଟ ବୁକିଂର ଷ୍ଟାଟସ ମିଳିପାରିବ
- କୌଣସି ଦଲିଲ ବା ପ୍ରମାଣପତ୍ରର ନକଲ ବା ସାର୍ଟିଫାଏଡ୍ କପି ଆବେଦନ ସୁବିଧା
- ଜମିଜମା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଅନ୍‌ଲାଇନ ଜରିଆରେ ମିଳିପାରିବ
- କୌଣସି ପ୍ରକାର ଜମିର ସରକାରୀ ଧାର୍ଯ୍ୟ ମାର୍କେଟ ମୂଲ୍ୟ ବା ବେଞ୍ଚ ମାର୍କ ଭ୍ୟାଲୁଏଶନ ଯାଞ୍ଚ ସୁବିଧା
- ନିକଟସ୍ଥ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମ୍ପର୍କରେ ସୂଚନା ସୁବିଧା
- ବିଶେଷ କ୍ଷେତ୍ରରେ ଘରକୁ ଆସି ପଞ୍ଜୀକରଣ ସେବା ଯୋଗାଇବା ନିମନ୍ତେ ଆବେଦନ
- ମିଳୁଥିବା ସେବା ସମ୍ପର୍କରେ ନିଜର ମତାମତ ଜଣାଇବାର ସୁବିଧା




# ରାଖୀ ପୂର୍ଣ୍ଣିମାରେ ସୁଭଦ୍ରା ୩ୟ କିସ୍ତି

ଭୁବନେଶ୍ୱର,୨୫।୬ (ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାର ୩ୟ କିସ୍ତି ଆସନ୍ତା ରାଖୀ ପୂର୍ଣ୍ଣିମା ଅଗଷ୍ଟ ୯ରେ ହିତାଧିକାରୀମାନଙ୍କୁ ମିଳିବ। ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ସୁଭଦ୍ରା ସୋସାଇଟିର ୪ର୍ଥ ପରିଚାଳନା ପରିଷଦ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ସୁଭଦ୍ରା ଯୋଜନାର ଅଦ୍ୟାବଧି ପ୍ରଶାସନିକ ଓ ଆନୁଷଙ୍ଗିକ ଖର୍ଚ୍ଚକୁ ମଧ୍ୟ ଏହି ବୈଠକରେ ଅନୁମୋଦନ ଦିଆଯାଇଛି। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡମିନିଷ୍ଟ୍ରେଶନ (ଆଇଆଇପିଏ) ନୂଆଦିଲ୍ଲୀ ଦ୍ୱାରା ଓଡ଼ିଶାର ଜିଲାଗୁଡିକରେ ସୁଭଦ୍ରାର ପ୍ରଭାବ ବିଷୟରେ ହେବାକୁ ଥିବା ଅଧ୍ୟୟନର ପ୍ରସ୍ତୁତି ଓ ପ୍ରକ୍ରିୟା ଉପରେ ଉପସ୍ଥାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସବୁ ବର୍ଗର ସୁଭଦ୍ରା ହିତାଧିକାରୀଙ୍କ ଉପରେ ସୁଭଦ୍ରା ସହାୟତାର ପ୍ରଭାବ, ଏହାର ଉପଯୋଗ ଓ ଡିଜିଟାଲ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଇଛି। ପୂର୍ବରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଆଇଆଇଏମ୍ ସମ୍ବଲପୁର ସହଯୋଗରେ ଜୁଲାଇ ପ୍ରଥମ ସପ୍ତାହରୁ କଲେଜ ଝିଅ(ସୁଭଦ୍ରା ସମୀକ୍ଷା)ମାନଙ୍କ ଦ୍ୱାରା କ୍ଷେତ୍ର ସର୍ବେକ୍ଷଣ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଇଆଇଏମ୍ ସମ୍ବଲପୁର ତଥ୍ୟ ଅଧ୍ୟୟନ, ଉପକରଣ, ତାଲିମ ଏବଂ ବିଶ୍ଳେଷଣ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବ।

ADMISSION OPEN
DIPLOMA (REGULAR) Eligiblity: 10th, Duration: 3yrs.
Branches: • Civil Engineering • Computer Science & Engineering • Electrical Engineering • Mechanical Engineering • Electronics & Communication Engineering
DIPLOMA (LATERAL ENTRY) Eligiblity: ITI, Duration : 2yrs.
B-TECH (REGULAR) Eligiblity: +2 Sc., Duration: 4yrs.
Branches: • Civil Engineering • Computer Science & Engineering • Electrical Engineering • Mechanical Engineering • Electronics & Communication Engineering
B-TECH (LATERAL ENTRY) Eligiblity: Diploma, Duration : 04yrs.
B.C.A. Eligiblity: +2 Sc. with Math. & Static., Duration: 04 Years
B.Sc. (Bio-Tech.), B.Sc.(Comp.Sc.) Eligiblity: +2 Sc., Duration: 04 Years
B.B.A., B.S.W., B.J.M.C. Eligiblity: +2 Arts, Duration: 04 Years
M.Sc. (Bio-Tech.), M.Sc.(Com.Sc.) & M.S.W. Duration: 02 Years
P.M.I.R. Eligiblity: Any Graduation, Duration: 02 Years
P.G.D.M. Eligiblity: Any Graduation, Duration: 02 Years
B.H.M. & B.T.T.M. Eligiblity: +2 Any Stream, Duration: 04 years
SOPHITORIUM PUBLIC SCHOOL (A CBSE Model English Medium School)
SOPHITORIUM GROUP OF INSTITUTION
Baniatangi, Khordha, Odisha - 752060
Web.: www.sophitorium.net, E-mail: info@sophitorium.org
Contact: 9777533653, 9437286554

# ମୁକୁଳା ଡ୍ରେନ୍‌ରେ ଭାସି ଜୀବନ ଗଲା

## ବ୍ରହ୍ମପୁରରେ ବର୍ଷକ ମଧ୍ୟରେ ଦ୍ୱିତୀୟ ଘଟଣା

ବ୍ରହ୍ମପୁର,୨୫।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ମୁକୁଳା ଡ୍ରେନ୍‌ରେ ଭାସିଯାଇ ପୁଣି ଏକ ଜୀବନ ଯାଇଛି। ବୁଧବାର ଡ୍ରେନ୍‌ରେ ଭାସିଯାଇଥିବା ବ୍ୟକ୍ତିଙ୍କ ମୃତଦେହ ବି.ଏନ.ପୁର ଥାନା ଅନ୍ତର୍ଗତ ମେଡିକାଲ ଖେଳପଡିଆ ନିକଟ ନାଳରୁ ମିଳିଛି। ମୃତକ ହେଲେ ନିମଖଣ୍ଡି ଥାନା ଖାରବେଳ ନଗରର ମହେନ୍ଦ୍ର ପାଣିଗ୍ରାହୀ (୫୫)। ବର୍ଷକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ଗତ ଅଗଷ୍ଟ ୨୧ ତାରିଖରେ ଟିଉଶନରୁ ସାଇକେଲରେ ଫେରୁଥିବା ଜଣେ ଛାତ୍ର ବର୍ଷା ପାଣିରେ ରାସ୍ତା ଜାଣି ନ ପାରି ଡ୍ରେନ୍‌ରେ ଭାସି ଯାଇଥିଲେ। ଦିନକ ପରେ ତାଙ୍କ ମୃତଦେହ ମିଳିଥିଲା। ବ୍ରହ୍ମପୁର ସହରରେ ଅନେକ ଡ୍ରେନ୍ ମୁକୁଳା ପଡିଛି। ପୂର୍ତ୍ତ ବିଭାଗ କିମ୍ବା ମହାନଗର ନିଗମ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ତେଣୁ ଏଭଳି ଅଘଟଣ ଘଟୁଛି।

ବୁଧବାର ବ୍ରହ୍ମପୁର ସହରରେ ଲଗାଣ ବର୍ଷା ଚାଲିଥିବାବେଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ମେଡିକାଲ ଖେଳପଡିଆ ପାର୍ଶ୍ୱରେ ଥିବା ନାଳରେ ଭାସୁଥିବା ଦେଖାଯାଇଥିଲା। ପଥଚାରୀମାନେ ମୃତକଙ୍କୁ ଉଦ୍ଧାର କରି ଅଟୋରେ ମେଡିକାଲକୁ ଆଣିଥିଲେ। ଖବରପାଇ ପୋଲିସ ମେଡିକାଲରେ ପହଞ୍ଚିଥିଲା। ଏହି ଘଟଣାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମୃତକଙ୍କ ପୁଅ ସିଦ୍ଧାନ୍ତ ପାଣିଗ୍ରାହୀ ଓ ପରିବାର ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ମହେନ୍ଦ୍ର ସନ୍ଧ୍ୟାରେ ସ୍କୁଟିରେ କୌଣସି କାମରେ ଘରୁ ବାହାରିଥିଲେ। ପ୍ରବଳ ବର୍ଷା ଯୋଗୁ ରାସ୍ତାରେ ପାଣି ସୁଅ ଛୁଟୁଥିବାରୁ ସେ ଜାଣି ନ ପାରି ଡ୍ରେନ୍‌ରେ ପଶିଯାଇଥିବା କୁହାଯାଉଛି। ତେବେ ସେ କେଉଁଠି ଡ୍ରେନ୍‌ରେ ପଡିଲେ, ତାଙ୍କ ସ୍କୁଟି କେଉଁଠାରେ ରହିଛି ସେ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ସୂଚନାଯୋଗ୍ୟ, ଗତବର୍ଷ ଏଭଳି ଅଘଟଣରେ ଜଣେ ଛାତ୍ରଙ୍କ ମୃତ୍ୟୁ ପରେ ସମସ୍ତ ମୁକୁଳା ଡ୍ରେନ ଉପରେ ପ୍ଲେଟ ପକାଇବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଥିଲା। ବ୍ରହ୍ମପୁରରେ ଏବେ ବି ଅନେକ ଡ୍ରେନ ମୁକୁଳା ପଡିଥିଲେ ବି ସେଠାରେ ବ୍ୟାରିକେଡ ମଧ୍ୟ ହୋଇନାହିଁ।

# ହାତୀ ଆକ୍ରମଣରେ ଗଜସାଥୀଙ୍କ ମୃତ୍ୟୁ

ଛେଣ୍ଡିପଦା,୨୫।୬(ଅଜିତ୍ ଧଳ)

ଅନୁଗୋଳ ଜିଲା ଜରପଡ଼ା ବନାଞ୍ଚଳର କତଡ଼ା ଡଙ୍ଗାଧର ସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ହାତୀ ଘଉଡ଼ାଇବାକୁ ଯାଇଥିବାବେଳେ ହାତୀ ଆକ୍ରମଣରେ ଗଜସାଥୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କତଡ଼ା ଗାଁର ଯୁଗଳ ନାଏକ। ଫଳରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ସୂଚନା ଅନୁଯାୟୀ, ଜରପଡ଼ା ବନାଞ୍ଚଳର କତଡ଼ା ଭାଗୀରଥିପୁର ଡଙ୍ଗାଧର ସାହିକୁ ମଙ୍ଗଳବାର ବିଳମ୍ବିତ ରାତିରେ ହାତୀପଲ ଗାଁ ନିକଟକୁ ପଶି ଆସିଥିଲେ। ଖବରପାଇ ହାତୀ ସ୍କ୍ୱାଡ୍ ଓ ଗଜସାଥୀ ମିଳିତ ଭାବେ ହାତୀ ଘଉଡ଼ାଇବା ପାଇଁ ଡଙ୍ଗାଧର ସାହିକୁ ଯାଇଥିଲେ। ସେଠାରେ ହାତୀ ଘଉଡ଼ାଇବାବେଳେ ଏକ ହାତୀ ହାବୁଡ଼ରେ ଗଜସାଥି ଯୁଗଳ ପଡ଼ିଯାଇଥିଲେ। ଫଳରେ ସାଥି କର୍ମଚାରୀଙ୍କ ଆଗରେ ଯୁଗଳଙ୍କୁ ହାତୀ ଶୁଣ୍ଢରେ କଚାଡ଼ି ମାରିଦେଇଥିଲା। ଘଟଣାସ୍ଥଳରେ ଯୁଗଳଙ୍କ ପରିବାର ଓ ସ୍ଥାନୀୟ ଲୋକେ ପହଞ୍ଚି କ୍ଷତିପୂରଣ ଦାବି କରିବା ସହ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଦୀର୍ଘ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ମୃତଦେହ ଘଟଣାସ୍ଥଳରେ ପଡ଼ିରହିଥିଲା। ଜରପଡ଼ା ରେଞ୍ଜର ମାଧବ ନାୟକ, ଏସ୍‌ସିଏଫ୍ କୃଷ୍ଣଚନ୍ଦ୍ର ସାହୁ, ଜରପଡ଼ା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, ବନ ବିଭାଗ କର୍ମଚାରୀ ଓ ପୋଲିସ କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ବହୁ ଆଲୋଚନା ପରେ ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ ସହ ଜଣଙ୍କୁ ଚାକିରି ଦେବାପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ପରେ ଜରପଡ଼ା ପୋଲିସ ମୃତଦେହ ଜବତ କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଛି।




DSPL - 143



## ବିଶ୍ୱ ନିଶା ନିବାରଣ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ଜୁନ ୨୬ ତାରିଖରେ ସମଗ୍ର ବିଶ୍ୱରେ "ଅନ୍ତର୍ଜାତୀୟ ଅବୈଧ ନିଶାଦ୍ରବ୍ୟ କାରବାର ବିରୋଧୀ ଦିବସ" ପାଳନ କରାଯାଇ, "ନିଶା ନିବାରଣ" ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରହିଛି ।

ନିଶା ନିବାରଣ ନିମନ୍ତେ ରାଜ୍ୟ ସରକାର "ଦିଶା" ଯୋଜନା ମାଧ୍ୟମରେ ୧୧ଟି ନିଶାମୁକ୍ତି କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି ଏବଂ ଭବିଷ୍ୟତରେ ସମସ୍ତ ୩୦ଟି ଜିଲ୍ଲାରେ ସ୍ଥାପନ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରୁଛନ୍ତି । ନିଶାସକ୍ତ ବ୍ୟକ୍ତିମାନଙ୍କର ନିଶା ନିବାରଣ, ପୁନର୍ବାସ, ବିକାଶ, କଲ୍ୟାଣ ଓ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ନିଶାସକ୍ତ ବ୍ୟକ୍ତିମାନଙ୍କର ସମସ୍ୟା ସ୍ୱତନ୍ତ୍ର । ଏ ଦୃଷ୍ଟିରୁ ସେମାନଙ୍କ ପରିବାରବର୍ଗ, ଗୋଷ୍ଠୀ ତଥା ସମାଜ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ସହିତ ସେମାନଙ୍କ ସମ୍ପର୍କରେ ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ପୋଷଣ କରିବା ଜରୁରୀ ।

ଆସନ୍ତୁ, ଏହି ଅବସରରେ ଆମେ ସମସ୍ତେ ନିଶା ଦ୍ରବ୍ୟର ମାରାତ୍ମକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା । ନିଶାସକ୍ତ ବ୍ୟକ୍ତିମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ସଚେତନ ହେବା ସହିତ ସମାଜରୁ ସେମାନଙ୍କୁ ଦୂରେଇ ନ ଦେଇ ସେମାନଙ୍କର ପୁନର୍ବାସ ପାଇଁ ଗ୍ରହଣୀୟତା ବୃଦ୍ଧି କରାଇବା ଓ ନିଶା ନିବାରଣ କାର୍ଯ୍ୟରେ ସହାୟକ ହେବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-46001/13/0049/2526

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
ssepd.gov.in SSEPD SSEPD2 ssepd_odisha @SSEPDDept

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ, ସମୟ: ସକାଳ ୯ଟା।
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ୧୨ତମ ବସନ୍ତ ଶତପଥୀ ସ୍ମାରକୀ ବକ୍ତୃତା, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟଶାଳା ପକ୍ଷରୁ ୧୫ତମ ମାର୍ଗି, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଆନ୍ତର୍ଜାତିକ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ଉପଲକ୍ଷେ ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା ୩୦।
- ଲୋକ ସେବକ ମଣ୍ଡଳ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ଅପରାହ୍ନ ୪ଟା ୩୦।

## ପୁରୀ

- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଯୋଗ ଏବଂ ବହୁମୁଖୀ ତାଲିମ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ବୀରଗୋବିନ୍ଦପୁର, ସତ୍ୟବାଦୀ, ସମୟ: ସକାଳ ୯ଟା।

## ବାଲେଶ୍ୱର

- ଅନ୍ତର୍ଜାତୀୟ ନିଶା ନିବାରଣ ଏବଂ ଅବୈଧ ଚୋରା ଚାଲାଣ କାର୍ଯ୍ୟକ୍ରମ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା ୩୦।
- ସାଧାରଣ ସଭା, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

- ବରିଷ୍ଠ ନାଗରିକ ମଞ୍ଚର ସ୍ୱାସ୍ଥ୍ୟ ଓ ଆଇନ ସଚେତନତା ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍ଏମ୍‌ୟୁରେ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ନୂତନ ଜଗନ୍ନାଥ ମନ୍ଦିର ଦଧିନଉତି ସ୍ଥାପନ, ସ୍ଥାନ: ମିଶ୍ରପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ନେତ୍ର ଲାଗି ପ୍ରତିଷ୍ଠା ଓ ନେତ୍ରୋତ୍ସବ ପୂଜା,ସ୍ଥାନ:ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା,ସମୟ: ସକାଳ ୭ଟା
- ଶ୍ରୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାଦେବଙ୍କ ନେତ୍ରୋତ୍ସବ, ସ୍ଥାନ: ଡିହିରାକୁଳ ଜଗନ୍ନାଥ ମନ୍ଦିର, ଉଦଳା,ସମୟ:ସକାଳ ୮ଟା ୩୦।
- ମହାପ୍ରଭୁଙ୍କ ନବ ଯୌବନ ଦର୍ଶନ, ସ୍ଥାନ: ଚିତ୍ରଡ଼ା ଧର୍ମକ୍ଷେତ୍ର, ମୋରଡ଼ା,ସମୟ:ସକାଳ ୯ଟା।
- ଜଗନ୍ନାଥ ମନ୍ଦିରର ଚତୁର୍ଦ୍ଧାଦେବଙ୍କ ନବଯୌବନ ଦର୍ଶନ, ସ୍ଥାନ:ଉଦଳା ଜଗନ୍ନାଥ ମନ୍ଦିର,ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ନିଶା ନିବାରଣ ଶୋଭାଯାତ୍ରା,ସ୍ଥାନ: ଏମକେସିଜି ମେଡିକାଲ ଖେଳପଡିଆ,ସମୟ: ସକାଳ ୭ଟା।
- ବିଇଏମସି ପକ୍ଷରୁ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ମେଗା ରକ୍ତଦାନ ଶିବିର, ସ୍ଥାନ: ଛତ୍ରପୁର ଶିବ କୁମାର ରିଡିଂ ରୁମ, ସମୟ : ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଜିଲା ଅଭିଯୋଜନା ନିର୍ଦ୍ଦେଶାଳୟ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଅନୁଗୋଳ

- ମହାପ୍ରଭୁଙ୍କ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ଜଗନ୍ନାଥ ମନ୍ଦିର,ସମୟ: ସକାଳ ୯ଟା।
- ରଥ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଆଠମଲ୍ଲିକ ରଥଖଳା, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶ୍ରୀ ବଳଦେବଜୀଉଙ୍କ ନବଯୌବନ ଦର୍ଶନ, ସ୍ଥାନ:ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ, ସ୍ଥାନ: ଶ୍ରୀ ବନବିହାରୀଜୀଉ ମନ୍ଦିର, ପେଣ୍ଠ, ରାଜନଗର, ଶ୍ରୀ ଦଧିବାମନଜୀଉ ମନ୍ଦିର, ରାଜନଗର, ଶ୍ରୀଜଗନ୍ନାଥ ମନ୍ଦିର, କେରଡାଗଡ, ରାଜନଗର, ଶ୍ରୀବଳଦେବଜୀଉ ମନ୍ଦିର, ଗରଦପୁର, ଶ୍ରୀ ଜଗନ୍ନାଥ ମନ୍ଦିର, ମାହାଳ, ଗରଦପୁର, ଶ୍ରୀଲକ୍ଷ୍ମୀ ନାରାୟଣ ମନ୍ଦିର, ଆଳି, ଶ୍ରୀ ଦଧିବାମନଜୀଉ ମନ୍ଦିର, ତମାଳ ଶାସନ, ପଟ୍ଟାମୁଣ୍ଡାଇ, ଶ୍ରୀ ଦଧିବାମନଜୀଉ ମନ୍ଦିର, ଡେରାବିଶି, ଶ୍ରୀ ବଳଦେବଜୀଉ ମନ୍ଦିର, ରିଘାଗଡ, ରାଜନଗର, ସମୟ: ସକାଳ ୬ଟା।
- ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ, ସ୍ଥାନ: ପାଖଡ, ଗରଦପୁର, ସମୟ: ସକାଳ ୭ଟା।
- ଶ୍ରୀ ରାଘବେଶ୍ୱର ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ମା'ତାରଣୀ ମନ୍ଦିରର ବାର୍ଷିକଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରାଜନଗର, ସମୟ: ଅପରାହ୍ନ ୩ଟା।

## ଯାଜପୁର

ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା।

- ଧର୍ମଶାଳା ସାହତ୍ୟ ସମାଜ ପକ୍ଷରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ ସାହିତ୍ୟ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜାରକା ହାଇସ୍କୁଲ ପାଠାଗାର ପରିସର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ନବଯୌବନ ଦର୍ଶନ, ସ୍ଥାନ:କଣ୍ଟିଲୋ ନୀଳ ମାଧବ ପୀଠ ; ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିରର ପାର୍ଶ୍ୱ ଦେବତା ଜଗନ୍ନାଥ ମନ୍ଦିର ; ଗୋଡିପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।
- ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ପୂର୍ଣ୍ଣବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ ତଥା ୩୩ ତମ ଶ୍ରାଦ୍ଧ ବାର୍ଷିକୀ ସମାରୋହ, ସ୍ଥାନ:ପଠାଣି ସାମନ୍ତ ସଂସ୍କୃତି ଭବନ ନୟାଗଡ଼, ସମୟ: ଅପରାହ୍ନ ୪ଟା୩୦।

## ରାୟଗଡ଼ା

- ବିଶ୍ୱ ତମାଖୁ ନିଷେଧ ଦିବସ ଉପଲକ୍ଷେ ଜିଲାପାଳଙ୍କ ଦାରା ସଚେତନ ରଥ ଏବଂ ରାଲିର ଶୁଭାରମ୍ଭ, ସ୍ଥାନ: ରାୟଗଡା ବ୍ଲକ ଅଫିସ, ସମୟ: ସକାଳ ୯ଟା।
- ନିଶା ଦ୍ରବ୍ୟ ଅପବ୍ୟବହାର ଏବଂ ବିଶ୍ୱ ତମାଖୁ ନିଷେଧ ଦିବସ ଉପଲକ୍ଷେ କର୍ମଶାଳା, ସ୍ଥାନ– ଡିଆରଡିଏ କନ୍‌ଫରେନ୍ସ ହଲ ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ମିନି ମାରାଥନ, ସ୍ଥାନ : ପୋଲିସ ପଡ଼ିଆରୁ ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୯ଟା।
- ଜିଲା ବିକାଶ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ, ସ୍ଥାନ : ମିଶନ ଶକ୍ତି ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଆଲୋଚନା ଚକ୍ର, ସ୍ଥାନ: ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା ପାଇଁ ଜିଲା ସଂସଦୀୟ ନିର୍ବାଚନ ମଣ୍ଡଳୀ କମିଟି ବୈଠକ, ସ୍ଥାନ: ମିଶନ ଶକ୍ତି ବୈଠକ ଗୃହ, ସମୟ: ମଧ୍ୟାହ୍ନ ୧ ଟା।

## କୋରାପୁଟ

- ଶାବର ଶ୍ରୀକ୍ଷେତ୍ରରେ ନେତ୍ର ଉତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର, କୋରାପୁଟ, ସମୟ: ଭୋର ୩ଟା ୪୦।
- ନବଯୌବନ ଦର୍ଶନ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ସକାଳ ୭ଟା୧୫।
- ରଥ ପ୍ରତିଷ୍ଠା, ସ୍ଥାନ: ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ସକାଳ ୮ଟା ୪୦।
- ଆନ୍ତର୍ଜାତିକ ନିଶା ନିବାରଣ ଦିବସ ନେଇ ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ : ସକାଳ ୯ଟା ୩୦।
- ନିଶା ନିବାରଣ ଦିବସ ନେଇ ସଚେତନତା ସଭା, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଳାଜିରା ଚାଉଳ ପୁରୀ ଶ୍ରୀକ୍ଷେତ୍ରକୁ ପଠାଇବା କାର୍ଯ୍ୟକ୍ରମ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ : ଅପରାହ୍ନ ୪ ଟା।
- ନେତ୍ର ଉତ୍ସବ, ନବଯୌବନ ଦର୍ଶନ, ସ୍ଥାନ: ଜଗନ୍ନାଥ ମନ୍ଦିର, ଜୟପୁର, ସମୟ: ସନ୍ଧ୍ୟା ୭ଟା ୩୦।

## ମାଲକାନଗିରି

- ଆନ୍ତର୍ଜାତୀୟ ନିଶା ନିବାରଣ ଦିବସ ଉପଲକ୍ଷେ ସଚେତନତା ରାଲି, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଅବକାରୀ ବିଭାଗ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ନିଶା ନିବାରଣ ଦିବସ ଉପଲକ୍ଷେ କର୍ମଶାଳା, ସ୍ଥାନ: ମାଲକାନଗିରି ଅବକାରୀ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଜଗନ୍ନାଥ ମହାପ୍ରଭୁଙ୍କ ନେତ୍ରୋତ୍ସବ ଓ ନବଯୌବନ ଦେର୍ଶନ, ସ୍ଥାନ : ମୁଦିପଡା ଜଗନ୍ନାଥ ମନ୍ଦିର, ସମୟ : ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶୁକ୍ରଙ୍କ ସୁପ୍ରଭାବରେ ମନ ପ୍ରଫୁଲ୍ଲ ରହିବା ସହ ବନ୍ଧୁମିଳନରୁ ଆନନ୍ଦିତ ହେବେ। ଆଜିର ଯାତ୍ରାରେ ଲକ୍ଷ୍ୟପୂରଣ, ପାରିବାରିକ ଶାନ୍ତି ଏବଂ ପରିଭ୍ରମଣର ସୁଯୋଗ ଲାଭ କରିବେ। ସଭାସମିତି, ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ସାମିଲହୋଇ ପ୍ରଶଂସିତ ହେବେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ।

**ବୃଷ** ଧନସ୍ଥାନରେ ବୁଧାଦିତ୍ୟ ଯୋଗ ପ୍ରଭାବରେ ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟାଜନିତ ବନ୍ଧୁମିଳନ ଓ ମନୋରଞ୍ଜନ କାର୍ଯ୍ୟକ୍ରମରୁ ଦୂରେଇ ରହିବାକୁ ବାଧ ହେବେ। ଜମିଜମା କାରବାରରେ କଳହ କିମ୍ବା ସହକର୍ମୀଙ୍କ ତର୍କ ବିତର୍କର ଆଶଙ୍କା ରହିଛି। ପ୍ରତିଯୋଗିତାରେ ସଫଳତା ପାଇବେ।

**ମିଥୁନ** ରାଶିରେ ଚନ୍ଦ୍ରଙ୍କ ସ୍ଥିତି ହେତୁ ବୈଷୟିକ ଅଭିବୃଦ୍ଧି ଘଟିବା ସହ ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବେ। ଅସୁବିଧାରେ ଥିଲେ ମଧ୍ୟ ନିଜ ଲୋକଙ୍କ ସାହାଯ୍ୟରୁ କାମ ଅଟକିବ ନାହିଁ। ଜମିଜମା କିମ୍ବା ଗୃହସୀମାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଗବେଷଣା, ସଭାସମିତି, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**କର୍କଟ** ଚନ୍ଦ୍ର ଓ ବୁଧଙ୍କ କ୍ଷେତ୍ର ବିନିମୟ ଯୋଗ ପ୍ରଭାବରେ ଆତ୍ମୀୟ କିମ୍ବା ବନ୍ଧୁଙ୍କ ପ୍ରଶଂସାର ପାତ୍ର ହେବେ। ଦିନଟିରେ ଭୋଗ ବିଳାସ, ସହିତ୍ୟ, କ୍ରୀଡ଼ା ଓ ମଉଜ ମଜଲିସ୍ ସକାଶେ ମନ ବଳାଇବେ। କର୍ମକ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହେବ। ରାହୁଙ୍କ କୁପ୍ରଭାବରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ।

**ସିଂହ** ଏକାଦଶସ୍ଥ ଗ୍ରହମାନଙ୍କ ପ୍ରଭାବରେ ଅଭିଳଷିତ ଜିନିଷ ପାଇବାରେ ଅସୁବିଧା ହେବନାହିଁ। ସମସ୍ୟା ଲାଗି ରହିଲେ ମଧ୍ୟ ଲକ୍ଷ୍ୟ ପୂରଣ ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିପାରନ୍ତି। ମଙ୍ଗଳଙ୍କ ଦୁର୍ବଳତାରୁ ଜଟିଳ ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ ବିପନ୍ନ କରିବ। ଆଇନ ସହାୟତା ଲାଭପୂର୍ବକ ବିବାଦୀୟ ଘଟଣାରେ ବିଜୟ ଲାଭ ଅବଶ୍ୟମ୍ଭାବୀ।

**କନ୍ୟା** ରାଶିପ୍ରତି ଶନିଙ୍କ ଦୃଷ୍ଟି ମାନସିକ ଶିଥିଳତା ପ୍ରଦାନ କଲେ ମଧ୍ୟ କାର୍ଯ୍ୟ ସାଧନରେ ଅସୁବିଧା ରହିବନାହିଁ। କୌଣସି କଥାକୁ ଠିକ୍ ଭାବେ ବିଚାର ନ କରି ନିଷ୍ପତ୍ତି ନେଲେ ଅନୁତାପ କରିବେ। ପୂର୍ବ ଶତ୍ରୁତା କାରଣରୁ ଖଳ ଲୋକଙ୍କ ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ । ବୃହସ୍ପତିଙ୍କ ସୁପ୍ରଭାବ କାର୍ଯ୍ୟାରମ୍ଭ ସାଙ୍ଗକୁ ସୁବିଧା ସୁଯୋଗ ଲାଭ କରିବେ।

**ତୁଳା** ଶୁକ୍ରଙ୍କ ଶୁଭଦୃଷ୍ଟିରୁ ଆରୋଗ୍ୟଲାଭ, ମାନସିକ ପ୍ରଫୁଲ୍ଲତା, ଆର୍ଥିକ ସୁଖସମୃଦ୍ଧି ଲାଭ କରିବେ। ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ରୋଗ, ଋଣ ଓ ଶତ୍ରୁତା ହେତୁକ କାର୍ଯ୍ୟହାନିଜନିତ ଚିନ୍ତିତ ରହିପାରନ୍ତି। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧିକୁ ସନ୍ଦେହକରି ଘରେ ବିଭିନ୍ନ କଥା ଶୁଣିବାକୁ ପଡ଼ିପାରେ। ସରକାରୀ କାମରେ ପଦସ୍ଥ ବ୍ୟକ୍ତି ସହଯୋଗ କରିପାରନ୍ତି।

**ବିଛା** ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣରେ ରହିବାର ଆଶା କରାଯାଇପାରେ। ଶନିଙ୍କ କୁପ୍ରଭାବରୁ ସମ୍ପର୍କୀୟ ଈର୍ଷାପରାୟଣ ହୋଇ ପଛରୁ ଗୋଡ଼ ଟାଣିପାରନ୍ତି। ଆଶା କରୁଥିବା ଦିଗରୁ ଅର୍ଥ ପାଇବା କଷ୍ଟକର ହେବ। ବିଭିନ୍ନ ସମସ୍ୟା ଥିଲେ ମଧ୍ୟ ନିର୍ମାଣ, ପରିବହନ, ମରାମତି, ଜମିଜମା କାମରେ ବନ୍ଧୁଙ୍କ ସାହାଯ୍ୟ ଅବଶ୍ୟ ପାଇବେ।

**ଧନୁ** ଚନ୍ଦ୍ର କର୍ମକ୍ଷେତ୍ରକୁ ପ୍ରଭାବିତ କରି ଅଶାନ୍ତିକର ପରିସ୍ଥିତି ଓ ବୁଧଙ୍କ ସଂଯୋଗ ପାରିବାରିକ ଓ କର୍ମକ୍ଷେତ୍ରକୁ ପ୍ରଭାବିତ କରିପାରନ୍ତି। ବିଶେଷ ଭାବେ ଆଶା କରୁଥିବା ଦିଗରୁ ଅର୍ଥ ଓ ଆବଶ୍ୟକ ସହଯୋଗର ଆଶା ଭଙ୍ଗୁର ହୋଇଯିବ। ବ୍ୟକ୍ତିଗତ କାରଣରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ବାଣିଜ୍ୟ ଓ ପରିବହନ କ୍ଷେତ୍ର ଉନ୍ନତ ହେବ।

**ମକର** ଅନୁକୂଳ ଗ୍ରହ ପ୍ରଭାବରୁ ଆଶା ପୂରଣ ସହ କର୍ମାରମ୍ଭ ପ୍ରୀତିଦାୟକ ହେବ। କର୍ମକ୍ଷେତ୍ରରେ ତରବରିଆ ଭାବେ କୌଣସି କାମ କଲେ ଓଲଟା ଫଳ ପାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନତୁବା ଅଦଳବଦଳ ହୋଇଯାଇପାରେ। ଏକ ଗୁରୁତ୍ୱପୂର୍ଣ୍ଣ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଚନ୍ଦ୍ର ଓ ଶୁକ୍ରଙ୍କ ଶୁଭ ସଂସ୍ଥାନ ଆଜିର ଜୀବନଯାତ୍ରାକୁ ଆନନ୍ଦଦାୟକ କରିବ । ବଳହୀନ ମଙ୍ଗଳ ଯୋଗୁ ସାହାଯ୍ୟ ପରିପ୍ରେକ୍ଷୀରେ ବନ୍ଧୁଙ୍କ ସକାଶେ ଅଯଥା କଷ୍ଟ ଅନୁଭବ କରିବାକୁ ପଡ଼ିପାରେ। ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରି ଖୁସି ହୋଇପାରନ୍ତି।

**ମୀନ** କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ସ୍ଥିତି ମାନସିକ ପ୍ରଫୁଲ୍ଲତା, ପଡ଼ୋଶିନୀଙ୍କ ସହାନୁଭୂତି ପାଇବାରେ ସହାଯ୍ୟ କରିବ। ପାପଗ୍ରହଜନିତ କାରଣରୁ ପାରିବାରିକ ସମସ୍ୟାରୁ ମୁକ୍ତି ମିଳିବା କଷ୍ଟକର ହେବ। ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଋଣ ପରିଶୋଧ କରିବା ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଜୁନ ୨୬ ତାରିଖ, ଅନ୍ତର୍ଜାତୀୟ ନିଶାମୁକ୍ତି ଦିବସ, ଶ୍ରୀମନ୍ଦିରରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ଆଷାଢ଼ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଗୁରୁବାର। ରାଶିନକ୍ଷତ୍ର–ଦିବା ଘ.୦୮.୪୭ ମି. ଗତେ ପୁନର୍ବସୁ/ମିଥୁନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱିତୀୟାର ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫.୧୩ ଗତେ ଘ.୦୬.୦୬ ମଧ୍ୟେ, ଘ.୦୯.୩୭ ଗତେ ଘ.୧୧.୨୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୧.୨୮ ମି. ଗତେ ଘ.୦୩.୦୭ ମି. ମଧ୍ୟେ ରାହୁ କାଳ।

# ଅଭିନେତା ନାରାୟଣ ପତିଙ୍କ ପରଲୋକ

ଭୁବନେଶ୍ୱର, ୨୫।୬ (ସୌମ୍ୟରଞ୍ଜନ ରାଉତ)

ସିନେ ଅଭିନେତା ତଥା ନିର୍ଦ୍ଦେଶକ ନାରାୟଣ ପତି(୭୨)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ବ୍ୟାସକବି ଫକୀରମୋହନ ସେନାପତିଙ୍କ କାଳଜୟୀ ସାହିତ୍ୟକୃତି 'ଡାକମୁନସୀ' ଉପରେ ଏକ ଓଡ଼ିଆ ସିନେମା ନିର୍ମାଣ କରିବାକୁ କଳାକାର ଚୟନ ଚାଲିଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ ସେ ଅସୁସ୍ଥ ହୋଇପଡିଥିଲେ। ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ବୁଧବାର ତାଙ୍କର ପରଲୋକ ହୋଇଯାଇଛି। ସନ୍ଧ୍ୟାରେ ନାରାୟଣଙ୍କ ପାର୍ଥିବ ଶରୀରକୁ ଯାଜପୁରସ୍ଥିତ ପୈତୃକ ଗାଁ ପ୍ରୀତିପୁରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ପତି ୧୯୭୧ରୁ ଅଭିନୟ କ୍ୟାରିଅର ଆରମ୍ଭ ହୋଇଥିଲା। ୧୯୭୯ରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ସମର ସଲିମ ସାଇମନ'ରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଥିଲେ। ୧୯୯୪ରେ ପ୍ରଯୋଜକ ବସନ୍ତ ନାୟକଙ୍କ ପ୍ରଯୋଜିତ ତଥା ନିର୍ଦ୍ଦେଶକ ମହମ୍ମଦ ମହସୀନଙ୍କ ନିର୍ଦ୍ଦେଶିତ 'ଲକ୍ଷେ ଶିବ ପୂଜି ପାଇଛି ପୁଅ' ଏବଂ 'ବାଟ ଅବାଟ' ଭଳି ସିନେମାରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ। ଏଥିସହିତ ସେ ହିନ୍ଦୀ ସିନେମା 'ଦୟାବାନ୍'ରେ ମଧ୍ୟ ନିଜ ଅଭିନୟର ଯାଦୁ ଦେଖାଇଥିଲେ। ତାଙ୍କ ଶେଷ ଚଳଚ୍ଚିତ୍ର ଥିଲା 'ବୋଉର ହାତ ବାକ୍ସ'।

**କଳାକାର ଚୟନ କରୁଥିବାବେଳେ ହୃଦ୍‌ଘାତ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପାଚିଲା ପାନ**
**ଚିତ୍ତ କରିଥିଲୁ ଛନ ଛନ**
**ଆଶା କରିଥିଲି ତୋତେ**
**କାଉକୁ ଯେମନ୍ତ କୋଇଲି ଭଣ୍ଡାଇ**
**ସେହିପରି କଲୁ ମୋତେ ।**

ସାଧାରଣତଃ ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ। କାଉକୁ କୋଇଲି କହି ଭଣ୍ଡାଇବା ଭଳି ପ୍ରେମ ମଧ୍ୟ ଅନେକ ସମୟରେ ଛଳନାମୟ ହୋଇଯାଇଥାଏ। ଏପରି ଛଳନା ପୂର୍ଣ୍ଣ ବ୍ୟବହାରରେ ମର୍ମାହତ ହୋଇପଡ଼ିଥିବା ପ୍ରେମୀ ହତୋତ୍ସାହିତ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପିତାମାତା ସୁକୃତରୁ ପୁତ୍ର ହୁଏ ସୁଖୀ**
**ସୁପୁତ୍ର ହୋଇଲେ କୁଳଧର୍ମ ରଖି।**

ପିତାମାତା ସୁକୃତରୁ ପୁତ୍ର ସୁଖୀ ହୋଇଥାଏ। ଗୁଣବାନ ସୁପୁତ୍ର ହିଁ କୁଳଧର୍ମ ଠିକ ରକ୍ଷା କରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ବର୍ଷକୁ ୨ ଥର ...

ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେବା ବାଧ୍ୟତାମୂଳକ ରହିବ। ମେ'ରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ନିଜ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚାହୁଁଥିବା ପିଲାଙ୍କ ପାଇଁ ଇଚ୍ଛାଧୀନ ରହିବ। ଛାତ୍ରୀଛାତ୍ରଙ୍କ ଉପରୁ ପରୀକ୍ଷାଜନିତ ବୋଝ ହ୍ରାସ କରିବା ପାଇଁ ଏହି ନୂଆ ପଦକ୍ଷେପ ନିଆଯାଇଥିବା ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।


ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସନ୍ୟାମ୍ ଭରଦ୍ୱାଜ ଏହି ଅନୁମୋଦନ ସମ୍ପର୍କରେ ଘୋଷଣା କରି କହିଛନ୍ତି, ଦୁଇଟି ପର୍ଯ୍ୟାୟରେ ପରୀକ୍ଷା ହେବ। ଫେବୃଆରୀରେ ପ୍ରଥମ ଓ ମେ'ରେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ହେବ। ଦୁଇଟି ଯାକ ପର୍ଯ୍ୟାୟ ପରୀକ୍ଷାର ଫଳ ଯଥାକ୍ରମେ ଏପ୍ରିଲ ଓ ଜୁନ୍‌ରେ ପ୍ରକାଶ ପାଇବ। ସମସ୍ତ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେବାକୁ ବାଧ୍ୟ। ଦ୍ୱିତୀୟ ପର୍ଯ୍ୟାୟ ଚାହିଁଲେ ଦେବେ। ନ ଦେଲେ ବି ଚଳିବ। ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଓ ଭାଷା ମଧ୍ୟରୁ ସେମାନଙ୍କ ଯେକୌଣସି ୩ଟି ବିଷୟରେ ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ସୁଯୋଗ ଦିଆଯିବ। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ୩ଟି କିମ୍ବା ତା' ଅଧିକ ବିଷୟରେ ପରୀକ୍ଷା ଦେଇ ନ ଥିବେ, ସେମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଦେବାକୁ ସୁଯୋଗ ମିଳିବ ନାହିଁ। ସେହି ପରୀକ୍ଷାର୍ଥୀମାନେ 'ଏସେନ୍‌ସିଆଲ ରିପିଟ୍' ବର୍ଗ ଭାବେ ବିବେଚିତ ହେବେ। ସେମାନେ ପରବର୍ତ୍ତୀ ବର୍ଷ ଫେବୃଆରୀରେ ମୁଖ୍ୟ ପରୀକ୍ଷା ଦେଇପାରିବେ।

ଅନ୍ୟପକ୍ଷରେ ସିବିଏସ୍‌ଇର ଅନୁମୋଦିତ ନିୟମ ଅନୁସାରେ ଯେଉଁ ସ୍କୁଲଗୁଡ଼ିକରେ ଶୀତ ଯୋଗୁ ପୃଥକ୍ ପାଠ୍ୟକ୍ରମ ରହିଥାଏ, ସେଠାକାର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିକଟରେ ଦୁଇଟି ପର୍ଯ୍ୟାୟ ମଧ୍ୟରୁ ଯେକୌଣସି ଗୋଟିଏ ପରୀକ୍ଷା ଦେବାକୁ ବିକଳ୍ପ ରହିବ। ଏହି ସୁବିଧା କ୍ରୀଡ଼ାବିତ୍ ଛାତ୍ରୀଛାତ୍ରଙ୍କୁ ମଧ୍ୟ ମିଳିବ। ଇତିମଧ୍ୟରେ ଗ୍ରେଡ୍ ପାଇଁ ଇଣ୍ଟରନାଲ ଆସେସ୍‌ମେଣ୍ଟ (ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ) ଗୋଟିଏ ଶିକ୍ଷାବର୍ଷରେ କେବଳ ଥରେ ହେବ। ସିବିଏସ୍‌ଇ ପକ୍ଷରୁ ଗତ ଫେବୃଆରୀରେ ଘୋଷଣା କରାଯାଇଥିବା ଡ୍ରାଫ୍ଟ ନିୟମକୁ ବିଭିନ୍ନ ପକ୍ଷଙ୍କଠାରୁ ମତାମତ ଲୋଡ଼ିବା ସକାଶେ ଅପ୍‌ଲୋଡ୍ କରାଯାଇଥିଲା।

### ୨୦୨୦ ଏନ୍‌ଇପି

ନୂଆ ଏନ୍‌ଇପି ଅଧୀନରେ ବୋର୍ଡ ପରୀକ୍ଷାଗୁଡ଼ିକୁ ନେଇ ଅନେକ ସୁପାରିସ କରାଯାଇଥିଲା। ଏନ୍‌ଇପି ୨୦୨୦ରେ କୁହାଯାଇଛି ଯେ, କୋଚିଂ କ୍ଲାସ୍ କରିବା ଆବଶ୍ୟକତାକୁ ବନ୍ଦ କରିବା ପାଇଁ ବୋର୍ଡ ଓ ପ୍ରବେଶିକା ପରୀକ୍ଷାର ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ଅଣାଯିବ। ବର୍ତ୍ତମାନର ମୂଲ୍ୟାଙ୍କନ ବ୍ୟବସ୍ଥା ଯୋଗୁ ପଡୁଥିବା କ୍ଷତିକାରକ ପ୍ରଭାବକୁ ଦୂର କରିବା ପାଇଁ ବୋର୍ଡ ପରୀକ୍ଷାଗୁଡ଼ିକୁ ପୁନଃ ଡିଜାଇନ୍ କରାଯିବ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ସେମାନେ ଅନେକ ବିଷୟ ମଧ୍ୟରୁ ମନପସନ୍ଦର ବିଷୟ ଚୟନ କରିପାରିବେ। ତା' ଉପରେ ସେମାନେ ପରୀକ୍ଷା ଦେବେ। ସେହିପରି ବର୍ଷକୁ ୨ ଥର ପରୀକ୍ଷା ଦେବା ପାଇଁ ପିଲାଙ୍କୁ ସୁଯୋଗ ପ୍ରଦାନ ସମ୍ପର୍କରେ ମଧ୍ୟ ନୂଆ ଏନ୍‌ଇପିରେ ସୁପାରିସ କରାଯାଇଥିଲା।

# ଜରୁରିକାଳୀନ ପରିସ୍ଥିତି ଭାରତ ଇତିହାସର କଳଙ୍କିତ ଅଧ୍ୟାୟ: ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସମ୍ମାନିତ ଅତିଥିଗଣ ଜରୁରିକାଳୀନ ସମୟର ଲୋକତନ୍ତ୍ର ସେନାନୀମାନଙ୍କୁ ସମ୍ମାନିତ କରୁଛନ୍ତି।

ଭୁବନେଶ୍ୱର,୨୫।୬(ସୁନିତ୍ ମିଶ୍ର)

ଭାରତରେ ଜରୁରିକାଳୀନ ପରିସ୍ଥିତି ଘୋଷଣା ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବିଧାନ ହତ୍ୟା ଦିବସ ୨୦୨୫ ସ୍ଥାନୀୟ ରେଳ ଅଡିଟୋରିଅମଠାରେ ବୁଧବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି 'ଜରୁରିକାଳୀନ ପରିସ୍ଥିତି' ସମୟକୁ ସ୍ୱାଧୀନ ଭାରତର ଇତିହାସର ଏକ କଳଙ୍କିତ ଅଧ୍ୟାୟ ବୋଲି କହିଛନ୍ତି। ସେ କହିଛନ୍ତି, ଜରୁରିକାଳୀନ ପରିସ୍ଥିତିରେ ଯେଉଁ ପ୍ରକାର ଦମନଲୀଳା, ଅକଥନୀୟ ଅତ୍ୟାଚାର ଚାଲିଥିଲା ସେସବୁକୁ କେହି ଭୁଲିପାରିବେ ନାହିଁ। କିନ୍ତୁ ଏକଛତ୍ରବାଦୀ ଶାସନ ବିରୋଧରେ ବ୍ୟାପକ ସଚେତନତା ସୃଷ୍ଟିକରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ନୂଆ ପିଢ଼ିଙ୍କ ପାଖରେ ଏହି କାଳିମାମୟ ଅଧ୍ୟାୟର ସ୍ମୃତିକୁ ପହଞ୍ଚାଇବା ପାଇଁ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟକ୍ରମ ବର୍ଷବ୍ୟାପୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସେହି ସମୟରେ ସମ୍ବିଧାନର ସୁରକ୍ଷା ପାଇଁ, ଲୋକଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ଭାଜପା ସାରା ଭାରତରେ ଲଢ଼େଇ ଜାରି ରଖିଥିଲା। ଦେଶର ସମସ୍ତ ବଡ଼ ନେତାଙ୍କ ସହ ଅଟଳ ବିହାରୀ ବାଜପେୟୀ ଓ ଲାଲକୃଷ୍ଣ ଆଡଭାନୀଙ୍କ ପରି ନେତାମାନେ ମଧ୍ୟ ଜେଲ ଯାଇଥିଲେ। ଦମନଲୀଳା ଏତେ ମାତ୍ରାରେ ଥିଲା ତାଙ୍କ ପାଖରେ କେବଳ ୨ଟି ବିକଳ୍ପ ଥିଲା, ଯଦି ସରକାରଙ୍କୁ ବିରୋଧ କରିବ ତେବେ ଜେଲ ଯିବ ଅଥବା ଖବରକାଗଜ ବନ୍ଦ ହେବ। ଅନେକେ ନିଜ ଖବରକାଗଜକୁ ବନ୍ଦ କରିବାକୁ ଚାହୁଁ ନ ଥିଲେ, ଯେଉଁମାନେ ଝୁଙ୍କିଲେ ନାହିଁ, ତାଙ୍କୁ ଜେଲ ଯିବାକୁ ପଡ଼ିଲା। ପ୍ରାୟ ୧୦ ହଜାର ଖବରଦାତା ଜେଲଦଣ୍ଡ ଭୋଗିଲେ। ଲୋକତନ୍ତ୍ର ସେନାନୀମାନେ, ଯେଉଁମାନେ ବର୍ତ୍ତମାନ ଆମ ସହ ଉପସ୍ଥିତ ଅଛନ୍ତି, ସେମାନେ ଜାଣିଛନ୍ତି ସେମାନଙ୍କ ଉପରେ ଜେଲରେ କିପରି ଅତ୍ୟାଚାର କରାଯାଉଥିଲା। ସେମାନଙ୍କ ମଧ୍ୟରୁ ଏବେ ୧୦୮ ଜଣ ଲୋକତନ୍ତ୍ର ସେନାନୀ ଏଠାରେ ଅଛନ୍ତି। ସେମାନଙ୍କୁ ମାସକୁ ୨୦ ହଜାର ଟଙ୍କା ପେନ୍‌ସନ ଓ ଚିକିତ୍ସା ସୁବିଧା ମଧ୍ୟ ମିଳୁଛି। ବର୍ତ୍ତମାନ ସୁଦ୍ଧା ୫୬ ଜଣଙ୍କର ପେନ୍‌ସନ ପାଇଁ ଅନୁମୋଦନ ମିଳିସାରିଛି। ଅନ୍ୟ ଲୋକତନ୍ତ୍ର ସେନାନୀମାନଙ୍କ ପାଇଁ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ସେମାନେ ମଧ୍ୟ ପେନ୍‌ସନ ପାଇବେ। ସ୍ୱାଧୀନତା ସଂଗ୍ରାମୀଙ୍କ ପରି ଲୋକତନ୍ତ୍ର ସେନାନୀଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ଦିଆଯିବ।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ୫୦ ବର୍ଷ ତଳେ ଯେଉଁ ଭୁଲ୍ ହୋଇଥିଲା ତାହା ବର୍ତ୍ତମାନର ପିଢି ଜାଣିବା ଦରକାର ଆଉ ଅନ୍ୟର ଭୁଲ୍‌ରୁ ମଣିଷ ଶିଖିବା ଭଳି ଆଜିର ପିଢ଼ି ଏହି ଦିବସରେ ଶିଖିବା ଦରକାର। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ସମ୍ମାନିତ ଅତିଥିଗଣ ଜରୁରିକାଳୀନ ସମୟର ଲୋକତନ୍ତ୍ର ସେନାନୀମାନଙ୍କୁ ସମ୍ମାନିତ କରିଛନ୍ତି। ଲୋକତନ୍ତ୍ର ସେନାନୀ ଶୋଭାଯାତ୍ରା ରଥ ଓ ସମ୍ବିଧାନ ହତ୍ୟା ଦିବସ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ସେ ସମୟରେ ଦେଶକୁ ଶାସନ କରିବାକୁ ଯେଉଁ ବ୍ୟବସ୍ଥା ଚାଲିଥିଲା ସେ ସମୟ ସମସ୍ତଙ୍କ ପାଇଁ ଏକ କଳା ଦୁନିଆ ଥିଲା। କିନ୍ତୁ ସେଇ ଲଢ଼େଇ ବର୍ତ୍ତମାନ ଦିନରେ ଏକ ଶିକ୍ଷା ହେଉ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବକ୍ତବ୍ୟରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଲୋକତନ୍ତ୍ର ସେନାନୀ ବିଦ୍ୟାଧର କୁଅଁର, କୃଷ୍ଣଚନ୍ଦ୍ର ଜଗଦେବ ଓ କାହ୍ନୁଚରଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଛନ୍ତି।

# ରଥଯାତ୍ରା ଶ୍ରଦ୍ଧାଳୁଙ୍କ ସେବାରେ ଭାରତୀୟ ରେଳ



**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସୂଚନା ଓ ପ୍ରସାରଣ ମନ୍ତ୍ରୀ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ ପବିତ୍ର ଶ୍ରୀକ୍ଷେତ୍ର ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତ ହୋଇସାରିଛି। ଶ୍ରୀଗୁଣ୍ଡିଚା ଯାତ୍ରା ହେଉଛି ସାରା ବିଶ୍ୱରୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ଆସ୍ଥାର ଏକ ଯାତ୍ରା। ଏହି ତୀର୍ଥଯାତ୍ରୀମାନଙ୍କ ସେବାରେ ଭାରତୀୟ ରେଳ ସମ୍ପୂର୍ଣ୍ଣ ସମର୍ପିତ ଭାବେ ନିୟୋଜିତ ରହିଛି। ଶ୍ରୀକ୍ଷେତ୍ର ପୁରୀରେ ସେମାନଙ୍କର ଦିବ୍ୟ ଅନୁଭୂତି ଲାଗି ସବୁପ୍ରକାର ସୁବିଧା ଯୋଗାଇ ଦେଉଛି ରେଳବାଇ।

ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାର ରେଳ ଭିତ୍ତିଭୂମିରେ ଐତିହାସିକ ବିକାଶ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ନୀତି ଅନ୍ତର୍ଗତ, ଓଡ଼ିଶାର ରେଳ ବଜେଟ ଆବଣ୍ଟନ ପରିମାଣ ୨୦୦୯-୧୪ ତୁଳନାରେ ୧୨ ଗୁଣ ବୃଦ୍ଧି ପାଇ ୨୦୨୫-୨୬ରେ ୧୦ ହଜାର ୫୦୦ କୋଟିରୁ ଅଧିକ ଟଙ୍କାରେ ପହଞ୍ଚିଛି। ୨୦୧୪ ପରଠାରୁ ଓଡ଼ିଶାରେ ୨,୧୦୦ କିଲୋମିଟର ନୂଆ ରେଳ ଲାଇନ ନିର୍ମାଣ ହୋଇଛି। ଏହା ମାଲେସିଆର ସମ୍ପୂର୍ଣ୍ଣ ରେଳ ନେଟ୍‌ୱର୍କଠାରୁ ଅଧିକ ଲମ୍ବା।

ଓଡ଼ିଶାରେ ନୂଆ ରେଳ ଟ୍ରାକ୍ ନିର୍ମାଣ ପାଇଁ ପ୍ରାୟ ୭୩ ହଜାର କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ କାମ ଜାରି ରହିଛି। ୫୯ଟି ଅମୃତ ଷ୍ଟେଶନ ବିକଶିତ କରାଯାଉଛି। ଏଥିମଧ୍ୟରୁ ୧୬ଟି ଷ୍ଟେଶନ ଆକାଂକ୍ଷୀ ଜିଲାଗୁଡ଼ିକରେ ରହିଛି। ୬ଟି ବନ୍ଦେ ଭାରତ ଟ୍ରେନ ରାଜ୍ୟର ୧୭ଟି ଜିଲାରେ ଯାତ୍ରୀ ସେବା ଯୋଗାଇ ଦେଉଛନ୍ତି।

ରଥଯାତ୍ରା ସମୟରେ ଭାରତୀୟ ରେଳବାଇ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ। ପ୍ରତ୍ୟେକ ବର୍ଷ ରେଳବାଇ ଲକ୍ଷ ଲକ୍ଷ ରଥଯାତ୍ରା ତୀର୍ଥଯାତ୍ରୀଙ୍କୁ ସେବା ଯୋଗାଇଦିଏ।

### ତୀର୍ଥଯାତ୍ରୀଙ୍କ ପାଇଁ ସୁଗମ ଯାତ୍ରା ସୁବିଧା

ଗତ ୧୧ ବର୍ଷ ମଧ୍ୟରେ ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ ସଂଖ୍ୟା ଚାରି ଗୁଣ ବୃଦ୍ଧି ପାଇଛି। ଚଳିତ ବର୍ଷ ପୁରୀକୁ ୮୫୦ଟି ନିୟମିତ ଏବଂ ୩୬୫ଟି ସ୍ୱତନ୍ତ୍ର ଟ୍ରେନ ସେବା ସମେତ ମୋଟ ୧୨୧୫ଟି ଟ୍ରେନ ସେବା ଯୋଗାଇ ଦିଆଯାଉଛି। ଏହି ରେଳ ସେବା ଆକାଂକ୍ଷୀ ଜିଲା କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, କୋରାପୁଟ, ରାୟଗଡ଼ା, ଗଜପତି ଓ ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଉପାନ୍ତ ଆଦିବାସୀ କ୍ଷେତ୍ରରୁ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରଦ୍ଧାଳୁଙ୍କ ଯାତାୟାତ ପାଇଁ ଯୋଗାଇ ଦିଆଯିବ।

### ଦିବ୍ୟ ଅନୁଭୂତି ପାଇଁ ଏକ ଆରାମଦାୟକ ଯାତ୍ରା

ସେବା ପରମ ଧର୍ମ ଭାବନା ନେଇ ରଥଯାତ୍ରା ସମୟରେ ଭାରତୀୟ ରେଳବାଇ ତୀର୍ଥଯାତ୍ରୀଙ୍କର ସମ୍ମାନ, ଆରାମ ଏବଂ ସୁରକ୍ଷା ସୁନିଶ୍ଚିତ କରିଥାଏ। ଚଳିତ ବର୍ଷ ସମାବେଶୀ ତୀର୍ଥ ଯାତ୍ରା ଲାଗି ସବୁଠୁ ବଡ଼ ଅଭିଯାନ ଆରମ୍ଭ କରାଯାଇଛି। ଦୈନିକ ୨ ଲକ୍ଷ ଯାତ୍ରୀଙ୍କ ସମେତ ପ୍ରାୟ ୨୦ ଲକ୍ଷ ତୀର୍ଥଯାତ୍ରୀଙ୍କୁ ସେବା ଯୋଗାଇଦେବାକୁ ରେଳବାଇ ପ୍ରସ୍ତୁତ। ଏକାଥରକେ ୨୫ ହଜାର ତୀର୍ଥଯାତ୍ରୀଙ୍କୁ ଆଶ୍ରୟ ଦେବା ଲାଗି ଏକ ସ୍ୱତନ୍ତ୍ର ସ୍ଥାନ ପ୍ରସ୍ତୁତ କରାଯାଇଛି। ଖରା ଓ ଗରମରୁ ରକ୍ଷା ପାଇଁ ତୀର୍ଥଯାତ୍ରୀଙ୍କ ନିମନ୍ତେ ଯଥେଷ୍ଟ ବନ୍ଦୋବସ୍ତ କରାଯାଇଛି। ଯଥେଷ୍ଟ ସଂଖ୍ୟାରେ ଖାଦ୍ୟ ଷ୍ଟଲ, ପାଣି ବୁଥ୍ ଓ କୁଲର୍ ବ୍ୟବସ୍ଥା କରାଯାଇଛି। ତୀର୍ଥଯାତ୍ରୀଙ୍କୁ ପ୍ରାୟ ୨.୫ ଲକ୍ଷ ମାଗଣା ଭୋଜନ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ପରିମଳ ଓ ସ୍ୱଚ୍ଛତା ପାଇଁ ଆଧୁନିକ ଜେଟ୍ ସଫେଇ ମେଶିନ ଏବଂ ସ୍ୱେରେଜ ସକ୍‌ସନ ଟ୍ରକ୍ ସମେତ ଉପଯୁକ୍ତ ବ୍ୟବସ୍ଥା ମଧ୍ୟ କରାଯାଇଛି। ତୀର୍ଥଯାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଯଥେଷ୍ଟ ସଂଖ୍ୟାରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ସିସିଟିଭି, ଡ୍ରୋନ୍ ଏବଂ ମୁଖମଣ୍ଡଳ ଚିହ୍ନଟ ବ୍ୟବସ୍ଥା ବା ଫେସ୍ ରେକଗ୍ନିଶନ ସିଷ୍ଟମ୍ ସେମାନଙ୍କୁ ସହାୟକ ହେବ।

ଦିବ୍ୟାଙ୍ଗଜନ, ବୟସ୍କ, ମହିଳା ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପ୍ରତି ମଧ୍ୟ ଧ୍ୟାନ ଦିଆଯାଇଛି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ମେଡିକାଲ୍ ବୁଥ୍, ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଚଳିତବର୍ଷ, ଭାରତୀୟ ରେଳବାଇ ପୁରୀ ରେଳ ଷ୍ଟେଶନକୁ ଏକ ସମାବେଶୀ ତଥା ଆସ୍ଥାକେନ୍ଦ୍ରିତ ଜନସେବାର ଆଦର୍ଶ ଷ୍ଟେଶନ ରୂପେ ବିକଶିତ କରିଛି।

### ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ସ୍ୱତନ୍ତ୍ର ରେଳ ଜ୍ୟାକ୍

ରଥଯାତ୍ରାରେ ଇଞ୍ଜିନିୟର ଏବଂ ଟେକ୍ନିସିଆନଙ୍କ ସମେତ ଭାରତୀୟ ରେଳବାଇର ଏକ ବିଶେଷ ଦଳ ମଧ୍ୟ ନିୟୋଜିତ ହୋଇଥା'ନ୍ତି। ଏହି ଦଳ ଯାତ୍ରା ସମୟରେ ରଥଗୁଡ଼ିକର ସୁଗମ ଗତି ଏବଂ ମରାମତି କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ଉତ୍ତରଦାୟୀ ରହିଥାଏ। ଏହି ଦଳ ବିଶାଳ ରଥଗୁଡ଼ିକୁ ନିର୍ମାଣସ୍ଥଳରୁ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପରିବହନରେ ସହାୟତା କରେ।

ନିର୍ଦ୍ଧାରିତ ମାର୍ଗରେ ରଥଗୁଡ଼ିକୁ ଯଥାସ୍ଥାନରେ ରଖିବା, ସେଗୁଡ଼ିକର ଅବସ୍ଥିତି ପ୍ରତି ଧ୍ୟାନଦେବା ଏବଂ ଆଗକୁ ଗଡ଼ାଇବାରେ ରେଳବାଇ ଦଳ ସ୍ୱତନ୍ତ୍ର ସ୍କ୍ରୁ ଜ୍ୟାକ୍ ବ୍ୟବହାର କରିଥାଏ। ଏହା ମାର୍ଗରେ ଆସୁଥିବା ବାଧାଗୁଡ଼ିକୁ ହଟେଇବା ଏବଂ ରଥଗୁଡ଼ିକ ମଧ୍ୟରେ ଯଥେଷ୍ଟ ଦୂରତା ବଜାୟ ରଖିବାରେ ମଧ୍ୟ ସହାୟତା କରିଥାଏ। ରଥଯାତ୍ରା ସରିବା ପର୍ଯ୍ୟନ୍ତ ଏହି ଦଳ ରଥଗୁଡ଼ିକ ପାଖରେ ରହିଥାଏ।

ଭାରତୀୟ ରେଳବାଇ ଦେଶର ଜୀବନରେଖା ରୂପେ ଲୋକମୁଖରେ ମାନ୍ୟତା ଲାଭ କରିଛି। ରଥଯାତ୍ରାକୁ ନିଜର ଜୀବନରେଖା ରୂପେ ବିଚାର କରୁଥିବା ତୀର୍ଥଯାତ୍ରୀଙ୍କ ସମେତ ସବୁ ଭାରତୀୟଙ୍କ ସେବାରେ ରେଳବାଇ ପୂର୍ଣ୍ଣ ସମର୍ପିତ ରହିଛି।

# ବିଜେଡି ନେତାଙ୍କ ସରାଗ ଭାଙ୍ଗିଗଲା

ଭୁବନେଶ୍ୱର,୨୫।୬(ସୁନିତ୍ ମିଶ୍ର)

ମୁମ୍ବାଇର କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବେ ଚିକିତ୍ସାଧୀନ ରହିଛନ୍ତି। ନବୀନ ପୂର୍ବରୁ କେବେ ନିଜର ଚିକିତ୍ସା ସମ୍ପର୍କରେ ସାଧାରଣରେ ସବିଶେଷ ତଥ୍ୟ ଦେଇଯାଇ ନ ଥିଲେ। ହେଲେ ପ୍ରଥମ ଥର ଲାଗି ସେ ନିଜ ଚିକିତ୍ସା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସାଧାରଣ ଲୋକଙ୍କୁ ଜଣାଇଥିଲେ। ଏହାପରେ ଦଳୀୟ ନେତା ଓ କର୍ମୀମାନେ ନବୀନଙ୍କ ଆଶୁ ଆରୋଗ୍ୟ କାମନାକରି ପୂଜାର୍ଚ୍ଚନାରେ ଲାଗି ପଡ଼ିଥିଲେ। ଏହାପରେ କେତେଜଣ ଆଗ ଧାଡ଼ିର ନେତା ନିଜ ନେତାଙ୍କୁ ଦେଖାକରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ଲାଗି ମୁମ୍ବାଇ ଅଭିମୁଖେ ବାହାରିପଡ଼ିଥିଲେ। ହେଲେ ଏହି ନେତାମାନଙ୍କ ସବୁ ସରାଗ ଭାଙ୍ଗିଯାଇଛି। ନିଜ ନେତାଙ୍କୁ ପାଖରୁ ଦେଖିବାକୁ ନ ପାଇ କେବଳ ଭିଡିଓ କଲ୍‌ରେ ଦେଖି ନିଜ ମନ ଖୁସି କରିବାକୁ ଚେଷ୍ଟା କରିଛନ୍ତି। ନିଜ ନେତାଙ୍କ ଦେଖା ନ ପାଇ ଦଳର ବରିଷ୍ଠ ନେତାମାନେ ଖାଲିରେ ଫେରିଥିବା ଖବର ଜାଣିବା ପରେ ଯେଉଁ ଆଉ କେତେଜଣ ନେତା ମୁମ୍ବାଇ ଯିବେ ବୋଲି ବାହାରିଥିଲେ, ସେମାନେ ଏବେ ନିଜ ମନ ବଦଳାଇ ଦେଇଛନ୍ତି। ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ମୋବାଇଲ୍ ଫୋନ୍‌ରୁ ଭି.କେ. ପାଣ୍ଡିଆନ୍‌ଙ୍କୁ ଭିଡିଓ କଲ୍ ଯାଇଥିଲା। ଏହିପରି ବମ୍ବେ ଯାଇଥିବା ନେତାମାନେ ନବୀନଙ୍କୁ ଦେଖିଥିଲେ, ଯାହା ଦଳ ଭିତରେ ଆହୁରି ଅସନ୍ତୋଷକୁ ବଢ଼ାଇ ଦେଇଛି।

ଗତ ସାଧାରଣ ନିର୍ବାଚନରେ ବିଜେଡି ସରକାରରୁ ଯିବା ପାଇଁ ପାଣ୍ଡିଆନ୍ ଏବଂ ବବିଙ୍କୁ ଦଳର ଏକାଧିକ ନେତା ଓ କର୍ମୀ ଦାୟୀ କରିଥିଲେ। ନିର୍ବାଚନ ପୂର୍ବରୁ ଦଳରେ ବବି ସବୁଠାରୁ କ୍ଷମତାଶାଳୀ ନେତା ହୋଇଯାଇଥିବା ବେଳେ ପାଣ୍ଡିଆନ୍ ପୂରା ଦଳକୁ ପରିଚାଳନା କରୁଥିଲେ। ଅନ୍ୟ ନେତାମାନଙ୍କୁ ସେତେବେଳେ ସମ୍ପୂର୍ଣ୍ଣ ଅଣଦେଖା କରିଦିଆଯାଇଥିଲା। ଯେଉଁ ନେତା ନବୀନଙ୍କୁ ଦେଖା କରିବାକୁ ଚାହୁଁଥିଲେ, ତାହା ସମ୍ଭବ ହେଉ ନ ଥିଲା। ଯିଏ ସବୁ ଆସୁଥିଲେ, ପାଣ୍ଡିଆନଙ୍କୁ ଦେଖା କରୁଥିଲେ। ପାଣ୍ଡିଆନ୍‌ଙ୍କୁ ଦେଖାକରିବା ପାଇଁ ବବି ହିଁ ମାଧ୍ୟମ ସାଜିଥିଲେ, ଯେଉଁଥିଲାଗି ଦଳର ପରାଜୟ ପରେ ଏଭଳି ବିରୋଧ ହୋଇଥିଲା ଯେ ପାଣ୍ଡିଆନ୍ ରାଜନୀତିରୁ ସନ୍ନ୍ୟାସ ନେଉଥିବା କଥା କହିଥିଲେ। ହେଲେ ଏବେ ଯେତେବେଳେ ନିର୍ବାଚନ ଫଳ ବାହାରିବାର ଗୋଟିଏ ବର୍ଷ ବିତିଯାଇଛି ଏବଂ ସେହି ଢାଞ୍ଚା ଏବେ ବି ଦଳ ଭିତରେ ଚାଲିଛି। ତାକୁ ଦେଖି ଦଳ ଭିତରେ ପୁଣି ଥରେ କମ୍ପନ ଆରମ୍ଭ ହୋଇଛି। ଜଣେ ବରିଷ୍ଠ ନେତା କହିଛନ୍ତି, ଦଳକୁ ଏତେ କ୍ଷତି ସହିବାକୁ ପଡିଲା ପରେ ବି ଯଦି ପାଣ୍ଡିଆନ୍ ଏବଂ ବବି ସବୁ ନିୟନ୍ତ୍ରଣରେ ରଖିଛନ୍ତି ତେବେ ବିଜେଡିର ଭବିଷ୍ୟତ ଭଲ ନୁହେଁ। ନବୀନଙ୍କୁ ଦେଖାକରିବା ପାଇଁ ସେଇ ବବିଙ୍କ ଫୋନ୍‌ରୁ ପାଣ୍ଡିଆନ୍‌ଙ୍କୁ ଭିଡିଓ କଲ୍ କରାଯିବ, ଏହିଭଳି ନବୀନଙ୍କୁ ଦେଖିବାକୁ ପଡ଼ିବ। ଏହାର ଅର୍ଥ ବବି ଆଉ ପାଣ୍ଡିଆନଙ୍କ ନିୟନ୍ତ୍ରଣରେ ଏବେ ବି ଦଳ ଚାଲିଛି, ଯାହାକି ଭବିଷ୍ୟତ ଲାଗି ଭଲ ନୁହେଁ ବୋଲି ସେ କହିଛନ୍ତି। ଅନ୍ୟପଟେ କିନ୍ତୁ ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ଦଳର ଏକାଧିକ ନେତା ନବୀନଙ୍କୁ ଦେଖି ସ୍ୱାସ୍ଥ୍ୟାବସ୍ଥା କଥା ବୁଝିଲେ ବୋଲି ଉଲ୍ଲେଖ କରାଯାଇଛି।

ମଙ୍ଗଳବାରଠାରୁ ମୁମ୍ବାଇ ଯାଇଥିବା ନେତାମାନେ ନବୀନଙ୍କ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକ ଏବଂ ତାଙ୍କ ପୁତୁରା ଅରୁଣ ପଟ୍ଟନାୟକଙ୍କୁ ଭେଟିଥିବା ଜଣାପଡ଼ିଛି। ପ୍ରେମ୍‌ଙ୍କ ସହ ଦଳୀୟ ନେତାମାନେ କିଛି ସମୟ ଆଲୋଚନା କରିଥିଲେ। ଏହି ନେତାମାନେ ମୁମ୍ବାଇରେ ଏକ ଘରୋଇ ହୋଟେଲରେ ଗୋଟିଏ ଦିନ ରହିଥିଲେ। ଏମାନଙ୍କ ମଧ୍ୟରେ ବରିଷ୍ଠ ନେତା ଅଶୋକ ପଣ୍ଡା, ଅତନୁ ସବ୍ୟସଚୀ ନାୟକ, ସୁଶାନ୍ତ ରାଉତ, ସଞ୍ଜୟ ଦାସବର୍ମା, ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ମାନସ ମଙ୍ଗରାଜ, ପ୍ରଣବ ବଳବନ୍ତରାୟ, ସଞ୍ଜୀବ ମଲ୍ଲିକ, ବିଶ୍ୱରଞ୍ଜନ ମଲ୍ଲିକ, ବିକ୍ରମ ପଣ୍ଡା, ଚନ୍ଦ୍ରଶେଖର ସାହୁ ପ୍ରମୁଖ ରହିଛନ୍ତି।



ମୁମ୍ବାଇ ଯାଇଥିବା ବିଜେଡି ନେତାମାନେ।

- ନବୀନଙ୍କୁ ଦେଖାକରିପାରିଲେନି, ବବିଙ୍କ ଫୋନ୍‌ରୁ ପାଣ୍ଡିଆନ୍‌ଙ୍କୁ ଭିଡିଓ କଲ୍
- ଯେଉଁମାନେ ଯାଇଥାଆନ୍ତେ, ସେମାନେ କହିଲେଣି କାହିଁକି ଯିବେ
- ଉଦ୍ଦେଶ୍ୟ ପୂରଣ ହେଲାନି, ହୋଟେଲ୍‌ରେ ରହି ଖାଇପିଇ ଫେରିଲେ

# ସାପ କାମୁଡ଼ାରେ ବାପପୁଅଙ୍କ ମୃତ୍ୟୁ

ବାରିପଦା,୨୫।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶୂଳିଆପଦା ଥାନା ଅଧୀନ ବାଘଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସାପକାମୁଡ଼ାରେ ବାପ ପୁଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମୋରଡ଼ା ବ୍ଲକ କୋହି ପଞ୍ଚାୟତ ଅନ୍ତର୍ଗତ ପ୍ରତାପଚନ୍ଦ୍ରପୁର ଗାଁର ହରେକୃଷ୍ଣ ମୁଖି(୪୫) ଓ ତାଙ୍କ ୫ ବର୍ଷର ପୁଅ ଇଶାନ। ହରେକୃଷ୍ଣ ବାଘଡ଼ା ଡାକ୍ତରଖାନାରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ରାତିରେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ ବାପ ପୁଅଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ବାଘଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳ ୮ଟାରେ ଉଭୟଙ୍କ ମୃତ୍ୟୁ ଘଟିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୬/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

DSPL - 142



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ-୨୦୨୫**

**୨୬ ଜୁନ୍ - ୦୨ ଜୁଲାଇ ୨୦୨୫**

- ବୈଦ୍ୟୁତିକ କାର୍ଯ୍ୟ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର କରନ୍ତୁ ଏବଂ ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା କରାନ୍ତୁ
- ସମସ୍ତ ବିଦ୍ୟୁତ ଉପକରଣ ଗୁଡିକରେ ଉପଯୁକ୍ତ କ୍ଷମତାର ତାର, ସର୍କିଟ୍ ବ୍ରେକର/ଫ୍ୟୁଜ୍, ମେନ୍ ସୁଇଚ୍, ଚେଞ୍ଜଓଭର ଇତ୍ୟାଦି ବ୍ୟବହାର କରନ୍ତୁ ଏବଂ ଆବଶ୍ୟକ ମୁତାବକ ଆର୍ଥିଙ୍ଗ୍ କରାନ୍ତୁ
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର୍.ସି.ସି.ବି ବ୍ୟବହାର କରନ୍ତୁ
- ବିଦ୍ୟୁତ୍ ଆଘାତ ପ୍ରାପ୍ତ ପିଡିତଙ୍କୁ ଉଦ୍ଧାର କରିବା ବେଳେ, ଖାଲି ହାତ ବା ଓଦା ବସ୍ତୁ ଦ୍ୱାରା ସ୍ପର୍ଶ କରନ୍ତୁ ନାହିଁ, ଶୁଖିଲା କାଠବାଡି କିମ୍ବା ବିଦ୍ୟୁତ୍ କୁପରୀବାହି ବସ୍ତୁର ବ୍ୟବହାର କରନ୍ତୁ



ବିଦ୍ୟୁତ୍ ସୁରକ୍ଷା ଆପଣାନ୍ତୁ, ଜୀବନ ସୁରକ୍ଷିତ ରଖନ୍ତୁ



OIPR-04066/13/0026/2526
ଶକ୍ତି ବିଭାଗ, ଓଡ଼ିଶା ସରକାର

**ଦଳିତଙ୍କ ଉପରେ ଆକ୍ରମଣ**

# ଯୁବ କଂଗ୍ରେସର ବିଶାଳ ବିକ୍ଷୋଭ




ଭୁବନେଶ୍ୱର,୨୫।୬(ରବିନାରାୟଣ ଜେନା)

ଦଳିତଙ୍କ ଉପରେ ଆକ୍ରମଣ ଏବଂ ରାଜ୍ୟରେ ବଢ଼ିଚାଲିଥିବା ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଛି। ବୁଧବାର ପୂର୍ବାହ୍ନରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ରାଜମହଲ ଛକରୁ ଏକ ବିଶାଳ ରାଲିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ ଆଇନଶୃଙ୍ଖଳା ଦୃଷ୍ଟିରୁ ଅଟକାଇଥିଲା। ଏହାକୁ ନେଇ ପ୍ରଥମେ ବଚସା ଓ ପରେ ପୋଲିସ ଏବଂ କର୍ମକର୍ତ୍ତାଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଆଇନଶୃଙ୍ଖଳା ରକ୍ଷାକରିବାକୁ ଯାଇ କଂଗ୍ରେସ କର୍ମୀ ଓ ନେତାଙ୍କୁ ଗିରଫ କରି ପରେ ଛାଡ଼ିଦେଇଥିଲା। ଏହି ଅବସରରେ ରଣଜିତ କହିଛନ୍ତି, ମୁଖ୍ୟମନ୍ତ୍ରୀ ନିଜେ ଆଦିବାସୀ ସମ୍ପ୍ରଦାୟର, କିନ୍ତୁ ଆଜିର ଦିନରେ ରାଜ୍ୟରେ ଦଳିତ ଏବଂ ଆଦିବାସୀମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ। ଗୋପାଳପୁରଠାରେ ଯେଉଁଭଳି ଭାବରେ ଗଣବଳାତ୍କାର ଘଟିଲା ଏହା ରାଜ୍ୟର ମହିଳା ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ଜିଲା କେନ୍ଦୁଝରରେ ଜଣେ ମହିଳାଙ୍କୁ ବଳାତ୍କାର ପରେ ଗଛରେ ଟାଙ୍ଗିଦିଆଗଲା। ଗଞ୍ଜାମର ଧରାକୋଟ ଥାନା ଅଞ୍ଚଳରେ ଦଳିତ ବ୍ୟକ୍ତିମାନଙ୍କୁ ଯେଉଁଭଳି ଅମାନୁଷିକ ଭାବେ ନିର୍ଯାତନା ଦେଇ ସେମାନଙ୍କୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ଆଣ୍ଠେଇକି ଯିବାକୁ ବାଧ୍ୟ କରାଗଲା, ତାହା ଦୁର୍ଭାଗ୍ୟଜନକ। ସେମାନେ ତାଙ୍କ ଝିଅ ବିବାହରେ ଯୌତୁକ ଦେବା ପାଇଁ ଗାଈ କିଣି ନେଉଥିଲା ବେଳେ ଗୋରକ୍ଷକ ସଂଗଠନ ସେମାନଙ୍କୁ ଗୋଚାଲାଣକାରୀ ଆଖ୍ୟା ଦେଇ ବଟି ମାଗିଥିଲେ। ସେମାନେ ବଟି ଦେବା ପାଇଁ ମନା କରିବାରୁ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କିମ୍ବା କୌଣସି ମନ୍ତ୍ରୀ ସେହି ନିର୍ଯାତିତ ଦଳିତ ପରିବାର ପାଖକୁ ଯାଇନାହାନ୍ତି। ଗୃହ ବିଭାଗ ସୁପ୍ତ ଅବସ୍ଥାରେ ପଡ଼ି ରହିଛି। ରାଜ୍ୟର ବିଭିନ୍ନ ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିକଳ ଚିତ୍ରରେ ରହିଛି ବୋଲି ସେ କହିଛନ୍ତି। ପିସିସି ସାଧାରଣ ସମ୍ପାଦକ ୟାସିର ନୱାଜ୍ କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ସହ ଓଡ଼ିଆ ଅସ୍ମିତା ସଙ୍କଟରେ ପଡ଼ିଛି। ପାଖାପାଖି ୯୦%ରୁ ଅଧିକ ଅଣଓଡ଼ିଆ ଠିକାଦାର ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏହି ସରକାରକୁ ଦିଲ୍ଲୀରୁ ରିମୋଟ୍ କଣ୍ଟ୍ରୋଲରେ ପରିଚାଳିତ କରାଯାଉଛି। ଏଥିରୁ ସ୍ପଷ୍ଟ ଯେ, ଗୃହ ବିଭାଗ ଚଳାଇବା ପାଇଁ ମୁଖ୍ୟମନ୍ତ୍ରୀ ଅକ୍ଷମ, ତେଣୁ ତୁରନ୍ତ ସେ ଇସ୍ତଫା ଦିଅନ୍ତୁ ବୋଲି ୟାସିର ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, ସୁଦୀପ ସାମଲ ପ୍ରମୁଖ ସାମିଲ ଥିଲେ।

**ଦିନକ ପରେ ହୋଇଥାନ୍ତା ବାହାଘର**

# ଦୁର୍ଘଟଣାରେ ଚାଲିଗଲା ୨ ଜୀବନ

ନୀଳଗିରି, ୨୫।୬(ପ୍ରଶାନ୍ତ ବିଶ୍ୱାଳ)

ନିର୍ବନ୍ଧ ସରିଥିଲା, ଦିନକ ପରେ ହୋଇଥାନ୍ତା ବାହାଘର। ସମସ୍ତ ପ୍ରସ୍ତୁତି ମଧ୍ୟ ସରିଥିଲା। ବିବାହରେ ଯୋଗଦେବାକୁ ଆସୁଥିବା ବନ୍ଧୁଙ୍କୁ ଆଣିବାକୁ ଯାଇ ଜଣେ ଯୁବକ ଦୁର୍ଘଟଣାର ଶିକାର ହୋଇଛନ୍ତି। ଡମ୍ପର ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପୁତୁରା ଗୁରୁତର ଆହତ ହୋଇଥିଲେ। ପରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ।

ନୀଳଗିରି ଥାନା ଅଧୀନ ନରସିଂହପୁର ପଞ୍ଚାୟତ ଗୋବରା ଗ୍ରାମର ହରେକୃଷ୍ଣ ମହାଳିକ (୩୨)ଙ୍କର ଆସନ୍ତା ଶୁକ୍ରବାର ବାହାଘର ହୋଇଥାନ୍ତା। ବୁଧବାର ଭୋର ସମୟରେ ତାଙ୍କ ପୁତୁରା ଜ୍ୟୋତିଶଙ୍କର ମହାଳିକ (୨୦)ଙ୍କ ସହିତ ଏକ କାର୍(ନଂ.ଏମ୍ଏଚ୍୦୨ସିଆର୍-୬୭୭୩)ରେ ସେରଗଡ଼ ଅଞ୍ଚଳରୁ ତାଙ୍କ ବନ୍ଧୁଙ୍କୁ ଆଣିବାକୁ ଯାଉଥିଲେ। ଶେରଗଡ଼ ନୀଳଗିରି ଝରଣାଘାଟି ଦେଇ ମୟୂରଭଞ୍ଜକୁ ସଂଯୋଗ କରୁଥିବା ୧୯ନଂ. ରାଜ୍ୟ ରାଜପଥର ନୀଳଗିରି ଏନ୍‌ଏସି ବାଲିଗୋହିରୀ ଛକ ନିକଟରେ ଶେରଗଡ଼ରୁ ନୀଳଗିରି ଅଭିମୁଖେ ଆସୁଥିବା ଡମ୍ପର(ନଂ. ଓଡ଼ି୦୧ଜି-୪୭୭୭) କାର୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହରେକୃଷ୍ଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜ୍ୟୋତିଶଙ୍କରଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପୁତୁରାଙ୍କ ମଧ୍ୟ ମୃତ୍ୟୁ ହୋଇଛି। ସେପଟେ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାର ଓ ଗ୍ରାମବାସୀ ସେରଗଡ଼-ନୀଳଗିରି-ଝରଣାଘାଟି ରାସ୍ତାକୁ ଅବରୋଧ କରିଥିଲେ। ନୀଳଗିରି ତହସିଲଦାର ସୋନମ୍ ଦାସ, ନୀଳଗିରି ଏସ୍‌ଡିପିଓ ପ୍ରମୋଦ ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ସେଠାରେ ପହଞ୍ଚିବା ପରେ କ୍ଷତିପୂରଣ ଓ କଠୋର କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ନୀଳଗିରି ଥାନା ପକ୍ଷରୁ ଡମ୍ପର ଓ କାର୍‌କୁ ଜବତ କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ନୀଳଗିରି ମେଡିକାଲରେ ହରେକୃଷ୍ଣଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ**



ଦୁର୍ଘଟଣାଗ୍ରସ୍ତ କାର୍ ଓ ଡମ୍ପର।

ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ- ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। -ଶ୍ରୀମା

-ନେତ୍ରୋତ୍ସବ, ନବଯୌବନ ଦର୍ଶନ, ଉଭାଯାତ୍ରା, ଚନ୍ଦ୍ରଦର୍ଶନ ଓ ପୂଜା



# ଲଣ୍ଡା ମଣିଷ



ଦେବଦତ୍ତ ପଟ୍ଟନାୟକ

ବିଦ୍ୱାନ୍‌ଙ୍କ ମତରେ, ପ୍ରାୟ ୭୦୦ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟ ଯେତେବେଳେ ପଣ୍ଡିତ ମଦନ ମିଶ୍ରଙ୍କୁ ସାକ୍ଷାତ୍ କରିବାକୁ ଗଲେ, ସେତେବେଳେ ମିଶ୍ରେ ତାଙ୍କୁ ଚାହିଁଲେ ନାହିଁ। କାରଣ ଶଙ୍କରାଚାର୍ଯ୍ୟଙ୍କ ମୁଣ୍ଡ ଲଣ୍ଡା ଥିଲା। ଏଥିପାଇଁ ଏବେ ବି ଶଙ୍କରାଚାର୍ଯ୍ୟ ତାଙ୍କ ମୁଣ୍ଡକୁ ଏକ କନାରେ ଘୋଡ଼ାଇ ରଖନ୍ତି; ଯେହେତୁ ଲଣ୍ଡିତ ମସ୍ତକକୁ ଏବେ ମଧ୍ୟ ଦୁର୍ଭାଗ୍ୟ ଓ ଅମଙ୍ଗଳର ସଙ୍କେତ ଭାବେ ଦେଖାଯାଉଛି। ସମୟ ଥିଲା, ଏହି କାରଣରୁ ଗୃହସ୍ଥମାନେ ସନ୍ନ୍ୟାସୀଙ୍କ ଠାରୁ ଦୂରେଇ ରହୁଥିଲେ। ପାରମ୍ପରିକ ଭାବେ ପୁରାତନ କାଳରେ ବୈଦିକ ସନ୍ନ୍ୟାସୀ ବା ଯୋଗୀମାନଙ୍କର ଲମ୍ବା କେଶ ଥିଲା ଏବଂ ସେମାନେ ଗଣ୍ଠି ପକାଇ ବାନ୍ଧୁଥିଲେ। ଋଗ୍‌ବେଦରେ ଲମ୍ବା କେଶକୁ ଆକାଶର ସଙ୍କେତ ବୋଲି କୁହାଯାଇଛି। ଏହାର ସମ୍ପର୍କ ରୁଦ୍ରଙ୍କ ସହ ରହିଛି ଏବଂ ୧୫୦୦ ଖ୍ରୀଷ୍ଟାବ୍ଦ ପରେ ସଂସ୍ଥା ରୂପେ ସାମ୍ନାକୁ ଆସିଥିବା ଆଖଡ଼ା ନାଗାଙ୍କର ବୈଦିକ ପ୍ରତିରୂପ ହୋଇପାରେ। ସାଞ୍ଚି ସ୍ତୂପରେ ସ୍ପଷ୍ଟଭାବେ ଦର୍ଶାଯାଇଛି ଯେ, ୨୦୦୦ ବର୍ଷ ପୂର୍ବେ ସହରରେ ବାସ କରୁଥିବା ଧନୀକଙ୍କର ମଧ୍ୟ ଲମ୍ବାକେଶ ଥିଲା। ସେମାନେ ତାହାକୁ ଗଣ୍ଠିକରି ସେଥିରେ ବିଭିନ୍ନ ରତ୍ନ ସଜାଇ ଆକର୍ଷଣୀୟ କରୁଥିଲେ।

ବୁଦ୍ଧ ଯେତେବେଳେ ସନ୍ନ୍ୟାସୀ ହେଲେ ସେତେବେଳେ ସେ ଲଣ୍ଡାହୋଇ କେଶ ଦାନ କରିଥିଲେ। ଏହାକୁ ଦେବତାଙ୍କ ରାଜା ସକ୍ରା (ସାକ୍କ ବା ଶାକ୍ର ଭାବେ ମଧ୍ୟ ଜଣାଶୁଣା) ସଂଗ୍ରହ କରିଥିଲେ। ପରେ ବୁଦ୍ଧଙ୍କ କେଶରୁ କେରାଏ ବଣିକମାନଙ୍କୁ ଏବଂ ଉକଳପଦର ତପୁସା ଓ ଭଲ୍ଲିକା (ବୁଦ୍ଧଙ୍କର ପ୍ରଥମ ଶିଷ୍ୟ)ଙ୍କୁ ଦେଇଥିଲେ। ଏମାନେ ବୁଦ୍ଧଙ୍କ ଦେହାବଶେଷ (କେଶ, ଦାନ୍ତ ଓ ଅସ୍ଥି)କୁ ସ୍ତୂପରେ ରଖିବାର ପରମ୍ପରା ଆରମ୍ଭ କରିଥିଲେ। ଯୋଗୀ ଭାବେ ନିଜକୁ ପ୍ରତିପାଦିତ କରିବା ଏବଂ ମହିଳାଙ୍କ ଠାରୁ ଦୂରେଇ ରହିବା ସକାଶେ ବୁଦ୍ଧ ଓ ତାଙ୍କ ସନ୍ନ୍ୟାସୀମାନେ ଲଣ୍ଡା ହେଉଥିଲେ। ତେବେ ଖ୍ରୀଷ୍ଟାବ୍ଦ ୧୦୦ ପରେ ବୁଦ୍ଧଙ୍କ କଳାକୃତି ଯେତେବେଳେ ସୃଷ୍ଟି କରାଗଲା, ସେତେବେଳେ ତାଙ୍କୁ ବନ୍ଧାଯାଇଥିବା କେଶ ସହ ଚିତ୍ରଣ କରାଯାଇଥିଲା। କାରଣ ସେତେବେଳେ ଲୋକେ ଲଣ୍ଡାମୁଣ୍ଡିଆ ମଣିଷଙ୍କ ମୂର୍ତ୍ତିକୁ ଘୃଣା କରୁଥିଲେ। ପରେ ବୌଦ୍ଧଧର୍ମ ଚାଇନା ଓ ଜାପାନକୁ ବ୍ୟାପିଥିଲା, ଯେଉଁଠି ତାଓ ଧର୍ମର ସନ୍ନ୍ୟାସୀମାନେ ଲଣ୍ଡା ହେଉଥିଲେ। ସେଠାରେ ଲଣ୍ଡିତ ବୌଦ୍ଧ ସନ୍ନ୍ୟାସୀଙ୍କ ମୂର୍ତ୍ତି ଅତି ଲୋକପ୍ରିୟ ହୋଇଗଲା। ଲଣ୍ଡିତ ମସ୍ତକଧାରୀ ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ମଧ୍ୟ ସାମ୍ନାକୁ ଆସିଲା। ଥାଇଲାଣ୍ଡରେ ବୁଦ୍ଧଙ୍କ ମୁଣ୍ଡ ଉପରେ ଥିବା ଜଟ ଆକାରରେ



ବନ୍ଧା ହୋଇଥିବା କେଶକୁ ହଟାଇ ଦିଆଗଲା। ଏହାସହ ଜୈନଧର୍ମରେ ସନ୍ନ୍ୟାସୀମାନେ ପାର୍ଥିବ ବିଷୟାସକ୍ତକୁ ତ୍ୟାଗ କରିଛନ୍ତି ବୋଲି ଦର୍ଶାଇବା ପାଇଁ ଲଣ୍ଡା ହେଉଥିଲେ। କିନ୍ତୁ ଚିତ୍ରକଳାରେ ଜୈନ ତୀର୍ଥଙ୍କରଙ୍କୁ ବହୁ ସମୟରେ କୁଞ୍ଚୁକୁଞ୍ଚିଆ କେଶ ସହ ଦେଖିବାକୁ ମିଳେ ଏବଂ ଋଷଭନାଥଙ୍କୁ ତାଙ୍କ କାନ୍ଧ ପର୍ଯ୍ୟନ୍ତ ଲମ୍ବିଥିବା କେଶ ସହ ଚିତ୍ରଣ କରାଯାଇଛି।

ବିଭିନ୍ନ ଧର୍ମୀୟ ବିଷୟକୁ ଦର୍ଶାଇବା ପାଇଁ କେଶକୁ ଦୀର୍ଘଦିନରୁ ବ୍ୟବହାର କରାଯାଇଆସିଛି। ଲଣ୍ଡାମୁଣ୍ଡ ତ୍ୟାଗର ପ୍ରତୀକ ହୋଇଥିବାବେଳେ କେଶପୂର୍ଣ୍ଣ ମୁଣ୍ଡ ପୌରୁଷତ୍ୱ, ଶକ୍ତି ଓ ସୌନ୍ଦର୍ଯ୍ୟକୁ ସୂଚିତ କରେ। ବଳରାମଙ୍କର ଲମ୍ବା ଓ ସୁନ୍ଦର କେଶ ଥିଲାବେଳେ କୃଷ୍ଣଙ୍କର ବହଳିଆ କୁଞ୍ଚୁକୁଞ୍ଚିଆ କେଶ ଥିବା ବର୍ଣ୍ଣନା କରାଯାଇଛି। କୃଷ୍ଣ ଅଧାଲଣ୍ଡା ହୋଇ ଓ ନିଶ ଅଧା କାଟି ରୁକ୍ମଣୀଙ୍କୁ ଏକ ଶିକ୍ଷା ଦେଇଥିବା କଥା ମହାଭାରତର ଏକ କାହାଣୀରେ ବର୍ଣ୍ଣନା କରାଯାଇଛି। ଜଣେ କଠୋର ତପସ୍ୱୀ ଭାବେ ଶିବ ତାଙ୍କ ଜଟାକୁ ଏଭଳି ମଜଭୁତ କରି ବାନ୍ଧିଥିଲେ ଯେ ସ୍ୱର୍ଗରୁ ମର୍ତ୍ତ୍ୟକୁ ମାତା ଗଙ୍ଗା ଓହ୍ଲାଇବା ବେଳେ ଧାରା ଭାଙ୍ଗିଯାଇଥିଲା ଅର୍ଥାତ୍ ଗତିପଥ ବଦଳି ଯାଇଥିଲା। କିନ୍ତୁ ଜଟା ଖୋଲି ନ ଥିଲା। ଏହି ଜଟାରେ ମଧ୍ୟ ଚନ୍ଦ୍ର ରହିଛନ୍ତି।

ବ୍ରାହ୍ମଣମାନେ ଆଧ୍ୟାତ୍ମିକ ଜଗତରେ ସେମାନଙ୍କ ଦାୟିତ୍ୱର ସଙ୍କେତ ଭାବେ ଦର୍ଶାଇବା ପାଇଁ ମୁଣ୍ଡର କିଛି ଅଂଶ ଲଣ୍ଡା ହୋଇଥାନ୍ତି। ତଥାପି ଗଣ୍ଠି ପକାଯାଇଥିବା କେଶ ଧାରଣ କରି ଦର୍ଶାଇଥାଆନ୍ତି ଯେ, ସେମାନେ ଏପର୍ଯ୍ୟନ୍ତ ସାଂସାରିକ ଜଗତ ସହ ସଂଶ୍ଳିଷ୍ଟ ଅଛନ୍ତି। ସେମାନଙ୍କ କାର୍ଯ୍ୟ ସୂଚିତ କରୁଛି ସେମାନେ ସମ୍ପୂର୍ଣ୍ଣ ସନ୍ନ୍ୟାସୀ କିମ୍ବା ଗୃହସ୍ଥ ନୁହନ୍ତି। ପୁରାଣ ଲୋକଥାରେ କୁହାଯାଇଛି, ଚାଣକ୍ୟ ତାଙ୍କ କେଶର ଗଣ୍ଠି ଖୋଲିଦେଇଥିଲେ ଏବଂ ତାଙ୍କୁ ନନ୍ଦରାଜ କରିଥିବା ଅପମାନର ପ୍ରତିଶୋଧ ନ ନେବା ଯାଏ କେଶ ବାନ୍ଧିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ। ଲୋକନାଟକରେ ନାରଦ ତାଙ୍କ ଗଣ୍ଠିପକା କେଶରେ ଫୁଲଗୁଡ଼ିଏ ବାନ୍ଧିଥିବା ଦେଖାଯାଏ ଏବଂ ଏହିସବୁ ଫୁଲ କୃଷ୍ଣଙ୍କ ବୈଜୟନ୍ତୀ ମାଳାର ସୁଗନ୍ଧ ଦେଇଥାଏ ବୋଲି କୁହାଯାଏ।

ଶୁଦ୍ଧିକ୍ରିୟାରେ ଲଣ୍ଡାହେବା ପରମ୍ପରା ରହିଛି। ମୃତ ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରକାଶ କରିବା ପାଇଁ ଏହା କରାଯାଇଥାଏ। ତେବେ ମୃତବ୍ୟକ୍ତି ପୃଥିବୀକୁ ସମ୍ପୂର୍ଣ୍ଣ ଛାଡ଼ିଯାଇ ନାହାନ୍ତି ବୋଲି ଦର୍ଶାଇବା ଲାଗି ମୁଣ୍ଡରେ କିଛି କେଶ ଛାଡ଼ିଦିଆଯାଏ। ସମ୍ପୂର୍ଣ୍ଣ ଲଣ୍ଡିତ ମୁଣ୍ଡ ସାଂସାରିକ ଜୀବନର ତ୍ୟାଗ ବା ସନ୍ନ୍ୟାସକୁ ସୂଚିତ କରେ। ଭୂମଧ୍ୟସାଗରୀୟ ଅଞ୍ଚଳ ବା ୟୁରୋପ, ଏସିଆ ଓ ଆଫ୍ରିକାର କିଛି ଅଞ୍ଚଳରେ କେଶକୁ ସ୍ୱାର୍ଥ ତଥା ଅହଂକାରର ସଙ୍କେତ ଭାବେ ଦେଖାଯାଏ। ଏଣୁ ଏହିସବୁ ଅଞ୍ଚଳରେ ଖ୍ରୀଷ୍ଟିଆନ ସନ୍ନ୍ୟାସୀମାନେ ଲଣ୍ଡା ହୋଇଥାନ୍ତି। ପ୍ରାଚୀନକାଳରେ ବିଶେଷକରି ଯୋଦ୍ଧାମାନେ ଲମ୍ବାକେଶ ରଖୁଥିଲେ। ଇହୁଦୀ ବାଇବେଲ୍ (ଖ୍ରୀଷ୍ଟିଆନ୍‌ଙ୍କ ଓଲ୍ଡ ଟେଷ୍ଟାମେଣ୍ଟ)ରେ ଏ ସମ୍ପର୍କିତ କାହାଣୀ ରହିଛି। ଡେଲିହା(ଜଣେ ଇହୁଦୀ ମହିଳା) ସାମସନ୍‌ଙ୍କୁ ଲଣ୍ଡା କରିଦେବା ପରେ ସେ କିଭଳି ତାଙ୍କ ଶକ୍ତି ହରାଇଲେ ତାହା ଏଥିରେ ବର୍ଣ୍ଣନା କରାଯାଇଛି। ଏହାବ୍ୟତୀତ ରାଜକୁମାର ଅବସାଲୋମ୍ ତାଙ୍କ ଗହଳ ବା ବହଳିଆ ଚୁଟିକୁ ନେଇ ଗର୍ବ କରୁଥିଲେ। ସେ ତାଙ୍କ ପିତାଙ୍କ ବିରୋଧରେ ବିଦ୍ରୋହ କରିଥିଲେ ଏବଂ ସୈନ୍ୟଙ୍କ ପାଖରୁ ଖସି ପଳାଉଥିବାବେଳେ ତାଙ୍କ ଚୁଟି ଏକ ଗଛ ଶାଖାରେ ଲାଗିଯାଇଥିଲା। ଫଳରେ ସେ ରଥରୁ ତଳକୁ ଛିଟିକି ପଡ଼ିଥିଲେ ଏବଂ ସୈନ୍ୟମାନେ ତାଙ୍କୁ ଧରି ହତ୍ୟା କରିଥିଲେ।

ଗ୍ରୀକ୍ ପୁରାଣରେ ବର୍ଣ୍ଣନା ରହିଛି ଯେ, ଆକିଲେସ୍ ତାଙ୍କ ଅତିପ୍ରିୟ ସାଙ୍ଗ ପାଟ୍ରୋକ୍ଲସ୍‌ଙ୍କ ଦେହାନ୍ତ ପରେ ଶୋକବ୍ୟକ୍ତ କରିବା ଲାଗି ନିଜର ଲମ୍ବା ଚୁଟି କାଟିଦେଇଥିଲେ। ରୋମ୍‌ର ସୈନ୍ୟମାନେ କ୍ରିୟୁ କଟ୍(ମୁଣ୍ଡ ଉପରେ ଛୋଟ ଓ ବେକ ଆଡ଼କୁ ଅତି ଛୋଟ) କେଶ ପାଇଁ ବେଶ୍ ଜଣାଶୁଣା। ଶତ୍ରୁପକ୍ଷ ଚୁଟିକୁ ଧରି ବେକକୁ ଯେମିତି କାଟି ନ ପାରିବେ ସେଥିପାଇଁ ଏଭଳି ହେୟାର କଟ୍‌କୁ ଆପଣାଇଥିଲେ। ୧୭୦୦ ଦଶନ୍ଧିରେ ଗୁରୁ ଗୋବିନ୍ଦ ସିଂ ଯେତେବେଳେ ଖଲ୍‌ସା ପ୍ରତିଷ୍ଠା କଲେ, ସେତେବେଳେ ଶିଖ୍ ଯୋଦ୍ଧାମାନେ ଚୁଟି କାଟିବା ବନ୍ଦକରିଦେଲେ ଏବଂ ତାହାକୁ ପଗଡ଼ିଭଳି ବାନ୍ଧିଦେଲେ। ସୈନ୍ୟମାନେ ମୋଗଲ ଉତ୍ପୀଡ଼ନ ବିରୋଧରେ ଯୁଦ୍ଧ କରିବା ସମୟରେ ସେମାନଙ୍କୁ ଏହି ପଗଡ଼ି ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା।

ଜାପାନରେ ବୌଦ୍ଧଧର୍ମ ପ୍ରସାର କରିବା ପରେ ସେଠାରେ ଲଣ୍ଡାହେବା ପରମ୍ପରା ଲୋକପ୍ରିୟ ହୋଇଥିଲା। ପ୍ରାରମ୍ଭିକ ସମୟରେ ପୁରୁଷମାନେ ଲମ୍ବା କେଶ ଓ ଦାଢ଼ି ରଖୁଥିଲେ। କିନ୍ତୁ ୧୬୦୦ ଦଶନ୍ଧିର ଏଡୋ ସମୟ(ଟୋକୁଗୱା ଶାସନକାଳ)ରେ ସମୁରାଇ ଯୋଦ୍ଧାମାନଙ୍କୁ ଦାଢ଼ି କାଟିବା ଦରକାର ପଡ଼ିଲା। ଫଳରେ ସେମାନେ ହେଲ୍‌ମେଟ ପିନ୍ଧିବା ସମୟରେ କମ୍ ଝାଳ ବାହାରୁଥିଲା ଏବଂ ହେଲମେଟ୍‌କୁ ସୁରକ୍ଷିତ ରଖିବା ଲାଗି କେଶକୁ ଗଣ୍ଠି ପକାଇ ମୁଣ୍ଡର ଉପରଭାଗରେ ବାନ୍ଧି ଦେଉଥିଲେ, ଯାହା ସମୁରାଇଙ୍କ ପାଇଁ ବ୍ୟବହାରିକ ହୋଇଗଲା। ସମୟକ୍ରମେ ଏହା ଏକ ଫ୍ୟାଶନ୍ ହେବା ସହ ଏକ ସଙ୍କେତ ମଧ୍ୟ ପାଲଟିଗଲା।

-devduttofficial@gmail.com

# ମଧ୍ୟରାତ୍ରିର ଚିନ୍ତା



ରୁଦ୍ର ପ୍ରସନ୍ନ ରଥ

ଦିନସାରା ହାଡ଼ଭଙ୍ଗା ପରିଶ୍ରମ ପରେ ରାତିରେ ଶାନ୍ତିରେ ଶୋଇବାକୁ ଯିବା ଆମ ସମସ୍ତଙ୍କର ଜୀବନର ଲକ୍ଷ୍ୟ। ଭଲ ନିଦ କିଏ ବା ନ ଚାହେଁ । ଜୀବନରେ ଆଉ କିଛି ଥାଉ କି ନ ଥାଉ, ଗଭୀର ନିଦ ପାଇଁ ସମସ୍ତେ ଭଗବାନ୍‌ଙ୍କୁ ଡାକନ୍ତି ଏବଂ ନିଦ ଆସିଗଲେ ଭଗବାନ୍‌ଙ୍କୁ ଧନ୍ୟବାଦ ବି ଦିଅନ୍ତି। ତେବେ ଆମମାନଙ୍କ ଭିତରେ ଏମିତି ଅନେକ ଥିବେ ଯାହାଙ୍କ ଭାଗ୍ୟରେ ଭଲ ନିଦ ନ ଥାଏ। ଅନେକ ଚେଷ୍ଟା ପରେ, ଅନେକ ଯତ୍ନ ପରେ ବି ସେମାନଙ୍କ ଆଖିକୁ ନିଦ ଆସେ ନାହିଁ। କିଏ ମଧ୍ୟରାତ୍ରି ଯାଏ ଅନେଇ ବସେ ତ ଆଉ କିଏ ବୁଲାବୁଲି କରି ସାରିଲା ପରେ ହିଁ ବିଛଣାକୁ ଆସେ। ନିଦ୍ରାହୀନତା ସାରା ଦୁନିଆକୁ ଗିଳିବାକୁ ବସିଲାଣି। ଜାତୀୟ ମାନସିକ ସ୍ୱାସ୍ଥ୍ୟ ସର୍ଭେ ୨୦୧୬ ଅନୁଯାୟୀ ଭାରତରେ ପ୍ରତି ୫ ଜଣରେ ଜଣେ ଏହି ସମସ୍ୟା ଭୋଗନ୍ତି। ୨୦୧୯ ମସିହାରେ ଇଣ୍ଡିଆନ ଜର୍ନାଲ ଅଫ୍ ସାଇକିଆଟ୍ରି ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୩୩-୩୬ ପ୍ରତିଶତ ଭାରତୀୟ ଏହି ନିଦ୍ରାହୀନତାରେ ପୀଡ଼ିତ। ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ପରି ବଡ଼ ବଡ଼ ସହରରେ ଏହି ହାର ୪୦% ଯାଏ ଯାଇପାରେ। ବିପିଓ କିମ୍ବା ଆଇଟି କ୍ଷେତ୍ରରେ କାମ କରୁଥିବା ଲୋକ ଏବଂ ବୟସ୍କ ବର୍ଗରେ ଏହି ସଂଖ୍ୟା ବେଶ୍ ଅଧିକ। ରାତିରେ ଭଲ ଭାବେ ଶୋଇ ପାରୁ ନ ଥିବା ବ୍ୟକ୍ତିବିଶେଷ ସକାଳେ କାମ କରିବାରେ ଅସୁବିଧା ଭୋଗ କରନ୍ତି। କାମରେ ମନ ଲଗାଇ ପାରନ୍ତି ନାହିଁ। ଅଳ୍ପ କାମରେ ଥକି ଯାଆନ୍ତି। ସେମାନେ କାମ କରୁଥିବା କ୍ଷେତ୍ରର ଉତ୍ପାଦିକା ଶକ୍ତି ହ୍ରାସ ପାଏ।

ନିଦ୍ରାହୀନତାରେ ପୀଡ଼ିତ ବ୍ୟକ୍ତି ସବୁ କାମ ଶୀଘ୍ର ସାରିଦେଇ ଶୋଇବାକୁ ଯାଏ ସିନା ହେଲେ ତା' ଆଖିକୁ ନିଦ ଆସେ ନାହିଁ। ତୂଳି ତଳ୍ପର ଶେଯ ତାକୁ କଣ୍ଟକିତ ମନେହୁଏ। ସେ ତକିଆ ବଦଳାଏ। ଖଟରେ ମୁଣ୍ଡ ଜାଗାରେ ଗୋଡ଼ ଆଉ ଗୋଡ଼ ଜାଗାରେ ମୁଣ୍ଡ ଲଗାଇ ଶୋଇବାକୁ ଚେଷ୍ଟା କରେ। ପଙ୍ଖା ବଢ଼ାଏ, କମାଏ। ମୋବାଇଲ ଘାଣ୍ଟୁ ଥାଏ। ପାଣି ପିଏ। ଶୌଚାଳୟ ଯାଏ। ଘୋଡ଼ାଇ ହୁଏ। ଚାଦର ବାହାର କରେ। ତଥାପି ନିଦ ତା' ଆଖିରେ ନ ଥାଏ। ନିଦ ନ ଥିଲା ବେଳେ ଚିନ୍ତା ସବୁ ତା' ମୁଣ୍ଡକୁ ଚିତାବାଘ ପରି ମାଡ଼ିଆସନ୍ତି। ରୋଜଗାର, ପିଲାଙ୍କ ପଠାପଢ଼ା, ଚାକିରି ସମସ୍ୟା, ପରିବାର ଲୋକଙ୍କ କଥା ତା'ର ମନେପଡ଼େ। ସେ ଚିନ୍ତାରେ ଗୋଳେଇ ଘାଣ୍ଟି ହୁଏ। ଚିନ୍ତାରେ ଯେତେ ଯେତେ ଘାଣ୍ଟି ହୁଏ ନିଦ ତା' ଠୁ ସେତେ ସେତେ ପଛକୁ ଯାଉଥାଏ। ସମୟ ଗଡୁଥାଏ ଆଉ ସେ ଅନିଦ୍ରାଜନିତ ଅବସାଦର ଶିକାର ହୋଇ ଚାଲିଥାନ୍ତି। ହୁଏତ ନିଦ ବିଳମ୍ବରେ ଆସେ, ଆଉ ସେ ଆସିଲା ବେଳକୁ ତା'ପରଦିନର ରୁଟିନ ସବୁକୁ ବିଗାଡ଼ି ଦେଇଥାଏ।

ନିଦ୍ରାହୀନତା ବଢୁଥିବାବେଳେ ଏହାକୁ ନେଇ ବେପାର ବେଉସା ବଢି ବଢି ଚାଲିଲାଣି। ତୁରନ୍ତ ନିଦ୍ରା ଆସିବା ପାଇଁ ବଟିକା, ଶିରପଠୁ ଆରମ୍ଭ କରି କେତେ କ'ଣ ଔଷଧ ଏବେ ବଜାରରେ ଉପଲବ୍ଧ। ଏଥିପାଇଁ ମୋବାଇଲରେ ଅନେକ ଆପ୍ସରୁ ଆରମ୍ଭ କରି ସୁଖ ନିଦ୍ରାପ୍ରଦାୟିନୀ ତକିଆଯାଏ ମିଳୁଛି। ବେପାରୀମାନେ ଏହାକୁ ଆଳକରି ବର୍ଷକୁ ହଜାର ହଜାର କୋଟି ଟଙ୍କାର ବ୍ୟବସାୟ କରିପାରୁଛନ୍ତି। ସାରାରାତି ତଥାପି ନିଦ ଆଖିଠାରୁ ଅନେକ ଦୂରରେ। ମଣିଷ ଶାରୀରିକ ପରିଶ୍ରମ କମ୍ କରୁଥିବା ବେଳେ ମୋବାଇଲରେ ଦୀର୍ଘ ସମୟ ଧରି ବ୍ୟସ୍ତ ରହୁଥିବାରୁ ନିଦ ତାକୁ ଧରାଛୁଆଁ ଦେଉ ନାହିଁ। ଏଣୁ ଏଥିପାଇଁ ଅନେକ ସାଧାରଣ ପ୍ରୟୋଗ କରିବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଯେମିତି, ଦିନ ୨ଟା ପରେ ଚା କିମ୍ବା କଫି ନ ପିଇବା, ରାତିରେ ଖାଇବା ପୂର୍ବରୁ କିଛି ସମୟ ଚାଲିବା, ଶୋଇବା ପୂର୍ବରୁ ନିଶା ସେବନ ନ କରିବା ଏପରି କି ଶୋଇବାକୁ ଯିବାର ଅଧଘଣ୍ଟା ପୂର୍ବରୁ ମୋବାଇଲ ଦେଖିବା ବନ୍ଦ କରିବା ଆଦି କରିବା ସହ ଅତ୍ୟଧିକ ଚିନ୍ତାରୁ ବିରତ ରହିବା ହିଁ ସୁଖ ନିଦ୍ରାର ଚାବିକାଠି। ଏ ସବୁ ହୁଏତ ଏକାଥରେ କରିହେବ ନାହିଁ। କିନ୍ତୁ ଧୀରେ ଧୀରେ ନିଶ୍ଚୟ କରିହେବ। ଯଦି ଆପଣଙ୍କୁ ନିଦ ହେଉ ନାହିଁ ତେବେ ଡେରି କାହିଁକି ଆପଣ ଏସବୁ ଆଜି ହିଁ ଚେଷ୍ଟା କରି ଦେଖନ୍ତୁ ।

ଧବଳଗିରି, ଯାଜପୁର ରୋଡ୍
ମୋ: ୭୯୭୮୬୭୧୭୭୬

## ଏଇ ଭାରତରେ

ଇଞ୍ଜିନିୟର ନବୀନ କୁମାର ଚାକିରି ଛାଡ଼ି ଭିକାରି ଓ ଅସହାୟ ଲୋକଙ୍କୁ ନୂଆ ଜୀବନ ଦେଉଛନ୍ତି। ସେ ଭିକାରିମୁକ୍ତ ଦେଶର ଲକ୍ଷ୍ୟ ନେଇ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟ ପାଇଁ ସେ ଅଚ୍ଛାୟମ ଟ୍ରଷ୍ଟ ଗଠନ କରିଛନ୍ତି। ଏବେ ସୁଦ୍ଧା ସେ ୧୪୦୦ରୁ ଅଧିକ ଭିକାରିଙ୍କୁ ଥଇଥାନ କରିସାରିଲେଣି। ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ କରାଇବା ସହ ସେମାନଙ୍କ ପାଇଁ ରହିବାର ବନ୍ଦୋବସ୍ତ ମଧ୍ୟ କରିଛନ୍ତି। ନବୀନ ତାମିଲନାଡୁର ସାଲେମ୍‌ରେ ରହି ଗେଟ୍ ପାଇଁ ପ୍ରସ୍ତୁତ ହେଉଥିଲେ। ସେ ସମୟରେ ସେଠାରେ ଅଧିକ ଭିକାରି ଦେଖିଥିଲେ ଓ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଲାଗି ଚିନ୍ତା କରିଥିଲେ। ପରେ ଅଚ୍ଛାୟମ ଟ୍ରଷ୍ଟ ଗଠନ କରି କାମ ଆରମ୍ଭ କରିଦେଇଥିଲେ। ଏହାକୁ ପ୍ରଥମେ ସେ ତାଙ୍କ ଦରମା ଟଙ୍କାରେ ଚଳାଉଥିଲେ। ଦିନରେ ଅଫିସ କାମ କରିବା ପରେ ରାତି ୧୧ଟା ପରେ ଟ୍ରଷ୍ଟ ପାଇଁ ସମୟ ଦେଉଥିଲେ। ପରେ ଚାକିରି ଛାଡ଼ି ପୂରା ସମୟ ଦେଉଛନ୍ତି। ଏବେ ଏଥିପାଇଁ ବିଭିନ୍ନ ଉତ୍ସରୁ ଆର୍ଥିକ ସହଯୋଗ ମିଳୁଛି। ବିଭିନ୍ନ ସ୍ଥାନରୁ ପ୍ରତିଦିନ ୨୦ରୁ ଅଧିକ କଲ୍ ପାଇ ଅସହାୟ ଭାବେ ରହୁଥିବା ଭିକାରୀଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଉଦ୍ଧାରକରି ଆଶ୍ରୟସ୍ଥଳୀକୁ ଆଣୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୬ ଜୁନ୍ ୧୯୭୬

- ବମ୍ବେ ହାଇ ଅନ୍ତର୍ଗତ ଦୁଇଟି ତୈଳ କୂପରୁ ଦୈନିକ ୮,୦୦୦ ବ୍ୟାରେଲ ଅଶୋଧିତ ତୈଳ ଉତ୍ପାଦନ।
- ଦକ୍ଷିଣ ଆଫ୍ରିକା ବର୍ଣ୍ଣବିଦ୍ୱେଷ ହିଂସାକାଣ୍ଡରେ ୧ ହଜାରରୁ ଊର୍ଦ୍ଧ୍ୱ କୃଷ୍ଣକାୟଙ୍କୁ ହତ୍ୟା କରାଯାଇଥିବା ଜାତିସଂଘର ବର୍ଣ୍ଣବିଦ୍ୱେଷ ବିରୋଧୀ କମିଟିର ଯୋଗସୂତ୍ର ଅଧିକାରୀ ନିକାସିଓ ଲାଲଦୋରମା ପ୍ରକାଶ କରିଛନ୍ତି।
- ହାନୋଇଠାରେ ଉତ୍ତର ଓ ଦକ୍ଷିଣ ଉଭୟ ଭିଏତ୍‌ନାମର ମିଳିତ ଜାତୀୟ ଆସେମ୍ବ୍ଲି ଉଦ୍‌ଘାଟିତ ହେବା ସଙ୍ଗେ ସଙ୍ଗେ ଦୁଇ ଭିଏତ୍‌ନାମ ଆନୁଷ୍ଠାନିକ ଭାବେ ଗୋଟିଏ ଦେଶରେ ପରିଣତ ହୋଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 4 | | 8 | | | 3 | | |
| | | | | 5 | | 2 | 9 | |
| | | | | | | | 8 | |
| | 9 | | | | | 6 | | 7 |
| | | 5 | | 6 | | | | |
| 4 | | 7 | | | | | 1 | |
| | | | | | 3 | 4 | | |
| 1 | | | | | 6 | 9 | | 2 |
| | | | | 1 | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 7 | 9 | 1 | 4 | 3 | 5 | 2 |
| 4 | 1 | 2 | 5 | 6 | 3 | 9 | 7 | 8 |
| 9 | 5 | 3 | 8 | 7 | 2 | 1 | 4 | 6 |
| 3 | 4 | 9 | 1 | 5 | 8 | 2 | 6 | 7 |
| 1 | 7 | 5 | 2 | 3 | 6 | 8 | 9 | 4 |
| 2 | 6 | 8 | 4 | 9 | 7 | 5 | 1 | 3 |
| 5 | 2 | 6 | 7 | 8 | 9 | 4 | 3 | 1 |
| 7 | 9 | 4 | 3 | 2 | 1 | 6 | 8 | 5 |
| 8 | 3 | 1 | 6 | 4 | 5 | 7 | 2 | 9 |

ଗତକାଲିର ଉତ୍ତର

# ସାମରିକ ଖର୍ଚ୍ଚ ବୃଦ୍ଧି ଓ ବିଶ୍ୱଶାନ୍ତି



ସୁକାନ୍ତ କୁମାର ପଟେଲ

ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକାକୁ ହୃଦୟଙ୍ଗମ କରିବା ପରେ ବିଶ୍ୱବାସୀ ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ୨୪ ଅକ୍ଟୋବର ୧୯୪୫ରେ ଜାତିସଂଘ ପ୍ରତିଷ୍ଠା କରିଥିଲେ। କିନ୍ତୁ ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ନିରବଚ୍ଛିନ୍ନ ପ୍ରଚେଷ୍ଟା ପରେ ମଧ୍ୟ ବିଶ୍ୱରେ ଚିର ଶାନ୍ତି ପ୍ରତିଷ୍ଠା ଅସମ୍ଭବ ହୋଇଛି। କହିବା ବାହୁଲ୍ୟ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଏତେ ସହଜ ହୋଇ ନ ଥିଲେ ମଧ୍ୟ ଆଦୌ ଅସମ୍ଭବ ନୁହେଁ।

ଏମିତି କୌଣସି ଦିନ ନାହିଁ, ଯେଉଁଦିନ ବିଶ୍ୱର କୋଣେ ଅନୁକୋଣେ ଯୁଦ୍ଧର ଘନଘଟା ଯୋଗୁ ଜୀବନ ହାନି ନ ହେଉଛି। ଯୁଦ୍ଧ ବନ୍ଦ ନ ହେବା ପର୍ଯ୍ୟନ୍ତ ବିଶ୍ୱରେ ଶାନ୍ତି ଆସିବା ଅସମ୍ଭବ। ଶକ୍ତି, ସାମର୍ଥ୍ୟ ଓ କ୍ଷମତାର ଲଢ଼େଇ ଜାରି ରହିଛି। ଶକ୍ତିଶାଳୀ ଦେଶଗୁଡ଼ିକ ନିଜର କ୍ଷମତା ବିସ୍ତାର ନିମନ୍ତେ ଯୁଦ୍ଧ ପ୍ରଚ୍ଛଦପଟର ଖଳ ନାୟକ ସାଜିଛନ୍ତି। ବିକଶିତ ରାଷ୍ଟ୍ରମାନଙ୍କର ଖେଳ ଆଜି ସମଗ୍ର ବିଶ୍ୱ ପାଇଁ କାଳ ପାଲଟିବାକୁ ଯାଉଛି।

ସେ ଯାହାହେଉ ପ୍ରତିରକ୍ଷା ଖର୍ଚ୍ଚ ଏବଂ ବିଶ୍ୱ ଶାନ୍ତି ଉଭୟ ଅନୁପୂରକ। ଯଦି ବିଶ୍ୱରେ ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି ପାଏ, ତେବେ ଶାନ୍ତି ସ୍ଥାପନା ଅସମ୍ଭବ। ଆଜିର ବିକାଶ ପ୍ରତିଯୋଗିତାରେ ଦେଶଗୁଡ଼ିକ ପ୍ରତିରକ୍ଷା ଖର୍ଚ୍ଚ ମାଧ୍ୟମରେ ବିଶ୍ୱର ବିନାଶକୁ ଆମନ୍ତ୍ରଣ କରିବାରେ ବ୍ୟସ୍ତ। ଏମିତି ସମୟ ଆସିଛି ଯେ, ଯେତେ ଦୁର୍ବଳ ଦେଶ ହେଲେ ମଧ୍ୟ ବିଶ୍ୱର ଅନେକ ଶକ୍ତିଶାଳୀ ଦେଶ ତାକୁ ଯୁଦ୍ଧାସ୍ତ୍ର ଯୋଗାଣରେ ସହାୟତା କରିବେ ଏବଂ ପ୍ରଚ୍ଛଦପଟର ଖଳନାୟକ ବନିଯିବେ। ଏହାଦ୍ୱାରା ସେମାନଙ୍କର ପ୍ରମୁଖ ଦୁଇଟି ଉଦ୍ଦେଶ୍ୟ ପୂରଣ ହେବ। ଯଥା ନିଜର ଶକ୍ତି ପରୋକ୍ଷରେ ପ୍ରଦର୍ଶନ କରାଇବା ସଙ୍ଗେ ସଙ୍ଗେ ନିଜର ଅସ୍ତ୍ରଶସ୍ତ୍ର ଅତି ସହଜରେ ବିକ୍ରୟ କରିପାରିବେ।

ଷ୍ଟକ୍‌ହୋମ୍ ଅନ୍ତର୍ଜାତୀୟ ଶାନ୍ତି ଗବେଷଣା ସଂସ୍ଥା ଏହାର ବାର୍ଷିକ ପୁସ୍ତିକା ୨୦୨୫ ଏବେ ପ୍ରକାଶ କରିଛି। ଏହାର ରିପୋର୍ଟ ଅନୁଯାୟୀ, ବିଶ୍ୱର ସାମରିକ ଖର୍ଚ୍ଚ ୨୦୨୪ରେ ସର୍ବାଧିକ ବୃଦ୍ଧି ପାଇ ୨.୭ ଟ୍ରିଲିୟନ ଡଲାରରେ ପହଞ୍ଚିଛି, ଯାହାକି ପୂର୍ବବର୍ଷ ତୁଳନାରେ ୯.୪୫% ଅଧିକ। ସୁତରାଂ ବର୍ତ୍ତମାନ ପ୍ରତିରକ୍ଷା ଖର୍ଚ୍ଚ ବିଶ୍ୱର ମୋଟ ସାମଗ୍ରିକ ଆୟ (ଜିଡିପି)ର ୨.୫%, ଯାହାକି ଯୁଦ୍ଧରତ ଦେଶଗୁଡ଼ିକ ଅଞ୍ଚଳରେ ପ୍ରାୟ ୪.୪%।

୨୦୨୪ରେ ଏସିଆ ମହାଦେଶର ସମୁଦାୟ ପ୍ରତିରକ୍ଷା ଖର୍ଚ୍ଚ ଥିଲା ୬୨୯ ବିଲିଅନ ଡଲାର। ୟୁରୋପ ଏବଂ ଆଫ୍ରିକାର ସେହିବର୍ଷରେ ଖର୍ଚ୍ଚ ଥିଲା ଯଥାକ୍ରମେ ୬୯୩ ଓ ୫୨.୧ ବିଲିଅନ ଡଲାର। ଅପରପକ୍ଷରେ ଉତ୍ତର ଆମେରିକା, ଦକ୍ଷିଣ ଆମେରିକାର ଖର୍ଚ୍ଚ ଥିଲା ଯଥାକ୍ରମେ ୧୦୨୭ ଏବଂ ୫୩.୬ ବିଲିଅନ ଡଲାର। ମଧ୍ୟପ୍ରାଚ୍ୟର ସେହି ବର୍ଷରେ ଖର୍ଚ୍ଚ ୨୪୩ ବିଲିଅନ ଡଲାର। ଆହୁରି ମଧ୍ୟ ୟୁରୋପ ମହାଦେଶରେ ସାମରିକ ଖର୍ଚ୍ଚ ରୁଷିଆ-ୟୁକ୍ରେନ ଯୁଦ୍ଧ ଯୋଗୁଁ ପ୍ରାୟ ୧୭% ବୃଦ୍ଧି ପାଇଥିବାର ଏହି ରିପୋର୍ଟରେ ପ୍ରକାଶ ପାଇଛି। ୟୁରୋପର ରୋମାନିଆ, ପୋଲାଣ୍ଡ ଓ ଜର୍ମାନୀର ଦେଶର ସାମରିକ ଖର୍ଚ୍ଚ ବୃଦ୍ଧି ପାଇଛି ଯଥାକ୍ରମେ ୪୩ ,୩୧ ଏବଂ ୨୮ ପ୍ରତିଶତ ହିସାବରେ । କିନ୍ତୁ ରୁଷିଆ ଓ ୟୁକ୍ରେନର ସାମରିକ ଖର୍ଚ୍ଚରେ ବୃଦ୍ଧି ଘଟିଛି ଯଥାକ୍ରମେ ୩୮ ଏବଂ ୨.୯ ପ୍ରତିଶତ ହିସାବରେ।

କେବଳ ସେତିକି ନୁହେଁ, ସମଗ୍ର ବିଶ୍ୱରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଖର୍ଚ୍ଚ ସର୍ବାଧିକ,



ଯାହା ୯୯୭ ବିଲିଅନ ଡଲାର। ଅନ୍ୟପଟେ ଚାଇନାର ସାମରିକ ଖର୍ଚ୍ଚ ମାତ୍ର ୩୧୪ ବିଲିଅନ ଡଲାର। ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ବିଶ୍ୱର ଅସ୍ତ୍ରଶସ୍ତ୍ର ଉତ୍ପାଦନ ଶିଳ୍ପ ସଂଖ୍ୟା ଓ ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଛି। ତାଲିକାରେ ଥିବା ପ୍ରଥମ ୧୦୦ଟି ଅସ୍ତ୍ର କମ୍ପାନି ୨୦୨୩ରେ ଆୟ କରିଥିଲେ ୬୩୨ ବିଲିଅନ ଡଲାର ଏବଂ ୭୩ଟି ଶିଳ୍ପର ଅଭିବୃଦ୍ଧି ହାର ଯଥେଷ୍ଟ ଅଧିକ ଥିବାବେଳେ ୩୯ଟି ଶିଳ୍ପର ଆୟ ପ୍ରାୟ ଦ୍ୱିଗୁଣିତ ହୋଇଥିଲା। ବିଶ୍ୱ ପ୍ରତିରକ୍ଷା ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଆମେରିକାର ଅଂଶ ୪୩%, ଯାହା ସବୁଠାରୁ ଅଧିକ। ଏହାପରେ ଫ୍ରାନ୍ସ ୧୦, ରୁଷିଆ ୮, ଚାଇନା ୬, ଜର୍ମାନୀ ଏବଂ ଇଟାଲୀ ୫% ସାମଗ୍ରୀ ରପ୍ତାନି କରୁଥିବାବେଳେ ଇଂଲଣ୍ଡ ୪ ପ୍ରତିଶତ, ଇସ୍ରାଏଲ ଏବଂ ସ୍ପେନ ୩% ଓ ଦକ୍ଷିଣ କୋରିଆ ୨% ରପ୍ତାନି କରିଥା'ନ୍ତି।

ଏବେ ଆସନ୍ତୁ, ବିଶ୍ୱରେ ଯୁଦ୍ଧର ଘନଘଟା ଉପରେ ସମ୍ୟକ୍ ଆଲୋକପାତ କରିବା। ସମ୍ମୁଖ ଯୁଦ୍ଧ, ସେନାବାହିନୀ ଦ୍ୱାରା କରାଗଲାବେଳେ ପ୍ରଚ୍ଛଦପଟରୁ ଯୁଦ୍ଧ ପରିଚାଳନା କରନ୍ତି ରାଜନେତାମାନେ। ଅର୍ଥାତ୍ ଯୁଦ୍ଧ ଆରମ୍ଭ ଏବଂ ଶେଷ ହୁଏ ରାଜନେତାଙ୍କ ନିର୍ଦ୍ଦେଶରେ। କିନ୍ତୁ ମୃତାହତ ହୁଅନ୍ତି ସେନା ଏବଂ ସାଧାରଣ ଜନତା। ଇତିହାସ ପୃଷ୍ଠା ଅବଲୋକନ କଲେ ଜଣାଯାଏ ଯେ, ପ୍ରଥମ ବିଶ୍ୱଯୁଦ୍ଧ ଜୁନ ୨୮, ୧୯୧୪ରୁ ୧୯୧୮ ପର୍ଯ୍ୟନ୍ତ ଦୀର୍ଘ ଚାରି ବର୍ଷ ଧରି ଜାରି ରହିଥିଲା। ଏଥିରେ ଜର୍ମାନୀ, ଅଷ୍ଟ୍ରିଆ, ହଙ୍ଗେରୀ ଏବଂ ତୁର୍କୀ ଭଳି ପ୍ରମୁଖ ଦେଶଗୁଡ଼ିକ କେନ୍ଦ୍ର ଶକ୍ତି ଭାବେ ମିଳିତ ହୋଇ ଫ୍ରାନ୍ସ, ଇଂଲଣ୍ଡ, ରୁଷିଆ, ଇଟାଲୀ, ଜାପାନ ଓ ଆମେରିକା (ଆମେରିକାର ଯୋଗଦାନ ୨୦୧୭ ରେ) ମିତ୍ର ଶକ୍ତି ବିରୋଧରେ ଲଢ଼େଇ କରିଥିଲେ। ପରିଶେଷରେ ମିତ୍ର ଶକ୍ତି ବିଜୟ ଲାଭ କରିଥିବାବେଳେ ବିଶ୍ୱର ବିପୁଳ କ୍ଷୟକ୍ଷତି ସହ ମୋଟ ୮.୫ ନିୟୁତ ସୈନ୍ୟ ଏବଂ ଅସଂଖ୍ୟ ସାଧାରଣ ଜନତା ନିହତ ଏବଂ ଆହତ ହୋଇଥିଲେ।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମୁଖ୍ୟ କାର୍ପଟଦାର ଦେଶ ଥିଲେ ଜର୍ମାନୀ, ଜାପାନ ଏବଂ ଇଟାଲୀ । ମୁଖ୍ୟ ମିତ୍ରଶକ୍ତି ଭାବେ ଅସ୍ତ୍ର ଧରିଥିଲେ ଫ୍ରାନ୍ସ, ଇଂଲଣ୍ଡ, ଆମେରିକା ଏବଂ ଚାଇନା। ଯଦିଓ ମିତ୍ରଶକ୍ତି ଏଥିରେ ବିଜୟୀ ହୋଇଥିଲେ, ଏହାଥିଲା ବିଶ୍ୱ ଇତିହାସରେ ସବୁଠାରୁ ରକ୍ତାକ୍ତ ଯୁଦ୍ଧ। ସେହି ଦିନଠାରୁ ବିଶ୍ୱର କୋଣେ ଅନୁକୋଣେ ନିରବଚ୍ଛିନ୍ନ ଯୁଦ୍ଧ ଚାଲୁ ରହିଛି। ଏହାପରେ ପ୍ରମୁଖ ଯୁଦ୍ଧ ହେଲା: କୋରିଆ ଯୁଦ୍ଧ (୧୯୫୦-୧୯୫୩), ଭିଏତ୍‌ନାମ ଯୁଦ୍ଧ (୧୯୫୫-୭୫), ଗଲ୍ଫ ବା ଖାଡ଼ି ଯୁଦ୍ଧ (୧୯୯୦-୯୧), ବୋସ୍‌ନିଆ ଯୁଦ୍ଧ (୧୯୯୨-୧୯୯୫), କସଭୋ ଯୁଦ୍ଧ (୧୯୯୮-୧୯୯୯), ଆଫଗାନିସ୍ତାନ ଯୁଦ୍ଧ (୨୦୦୧-୨୧) ଏବଂ ଇରାକ ଯୁଦ୍ଧ (୨୦୦୩-୧୧)। ଏହାଛଡା ରୁଷିଆ-କ୍ରିମିଆ ଯୁଦ୍ଧ (୨୦୧୪) ଏବଂ ଇସ୍ରାଏଲର ଗାଜା ଯୁଦ୍ଧ (୨୦୧୪ ) ଓ ୨୦୨୨ରୁ ଆଜି ପର୍ଯ୍ୟନ୍ତ ଅବ୍ୟାହତ ଥିବା ରୁଷିଆ-ୟୁକ୍ରେନ ଯୁଦ୍ଧ ଏବଂ ଇସ୍ରାଏଲ-ପାଲେଷ୍ଟାଇନ (ହମାସ୍) ଯୁଦ୍ଧ ୨୦୨୩ରୁ ଅବ୍ୟାହତ ରହିଛି) ଇତ୍ୟାଦି ପ୍ରଧାନ।

ଏବେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ପାଇଁ ବିଶ୍ୱବାସୀ ଆତଙ୍କିତ। କାରଣ ଏମାନଙ୍କ ପଛରେ ଶକ୍ତିଶାଳୀ ଦେଶ ଯଥା ଆମେରିକା ଏବଂ ଚାଇନା ଗୋଟିଚାଳନା କରିବାରେ ବ୍ୟସ୍ତ। ଏସବୁ ପରିପ୍ରେକ୍ଷୀରେ ବିଶ୍ୱଶାନ୍ତି ଏକ ମରୀଚିକା ମାତ୍ର। ସାମରିକ ଖର୍ଚ୍ଚ ବୃଦ୍ଧି ହ୍ରାସ ନ ହେବା ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ଶାନ୍ତି ଆସିପାରିବ ନାହିଁ।

ବିଡ଼ାନାସୀ, କଟକ
ମୋ: ୭୦୦୮୩୫୦୪୭୭

## ପାଠକ ଶ୍ରେଷ୍ଠ ବିଚାରକ

### ବର୍ଷାଋତୁରେ ଫାଷ୍ଟଫୁଡ୍ ଦୋକାନ ବନ୍ଦ ହେଉ

ମହାଶୟ,

ବର୍ତ୍ତମାନ ବର୍ଷାଋତୁ ଆରମ୍ଭ ହୋଇଯାଇଥିବାରୁ ଜଳଉତ୍ସ ଦୂଷିତ ହୋଇପଡ଼ିଛି। ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଅଭାବରୁ ନଦୀ, ନାଳ, ପୋଖରୀ ଓ କୂଅ ପାଣି ଲୋକେ ପିଉଛନ୍ତି। କଟକ, ଭୁବନେଶ୍ୱର ମହାନଗର ରାସ୍ତା ପାର୍ଶ୍ୱରେ ଦହିବରା, ଗୁପଚୁପ୍ ଭଳି ଜଳଖିଆ ଦୋକାନ ଚାଲିଛି। ଦୂଷିତ ଜଳରେ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ କଲେରା ଓ ଝାଡ଼ାବାନ୍ତିର ବାହକ ସାଜିଛି। ଫଳରେ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଭୟର ବାତାବରଣ ସୃଷ୍ଟି ହୋଇଛି। ସମସ୍ତେ ସତର୍କ ହୋଇ ଚଳିଲେ ଝାଡାବାନ୍ତିରୁ ରକ୍ଷା ପାଇପାରିବା। ସ୍କୁଲ କଲେଜରେ ବିଶୁଦ୍ଧ ଜଳଯୋଗାଣ ଓ ପରିବେଶ ସଫାସୁତରା ରଖିବା ଓ ହାତଧୁଆ ଅଭ୍ୟାସ ପ୍ରତି ଗୁରୁତ୍ୱ ଦେବା ଉଚିତ୍। ଅନେକ ଅପରିଷ୍କାର ପରିବେଶରେ ସ୍କୁଲ କଲେଜ ନିକଟରେ ଫାଷ୍ଟଫୁଡ୍ ଦୋକାନ ଚାଲିଛି। ପୂର୍ବରୁ ସାବଧାନ ହେଲେ ସହରାଞ୍ଚଳରେ ଝାଡାବାନ୍ତି ବ୍ୟାପିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ। ଏଥିପାଇଁ ସରକାର ଓ ବିଏମ୍‌ସି ଦୃଷ୍ଟି ଦେବା ସଙ୍ଗେସଙ୍ଗେ ବର୍ଷା ଋତୁରେ ଫାଷ୍ଟଫୁଡ୍ ଦୋକାନ ବନ୍ଦ କରାଯାଉ।

-ନିର୍ମଳ ଚନ୍ଦ୍ର ସାମଲ, ଅନନ୍ତବିହାର, ପୋଖରୀପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନବୀନ ପୂଜକ ରୂପେ ଏ ଧରାର
ଥିଲ ଦିନେ ଧ୍ୟାନ
ଜନ୍ମିଥିଲ ଯେଣୁ ତା'ର ହୋଇ ଏକ
ପୂତ ଅବଦାନ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଗୋରୁ ଗାଡ଼ି ଜବତ, ୨୪ ଗୋରୁ ଉଦ୍ଧାର**

ଭଦ୍ରକ, (ସନାତନ ରାଉତ): ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ବୁଧବାର ଅପରାହ୍ନରେ ଭଦ୍ରକ ଆରଡ଼ିଛକ ନିକଟରୁ ଏକ ଗୋରୁ ବୋଝେଇ ପିକଅପ୍‌କୁ ଜବତ କରିଛି। ସେଥିରେ ଥିବା ୨୪ଟି ଗୋରୁକୁ ଉଦ୍ଧାର କରି ଗୋଶାଳାରେ ଛାଡ଼ିଛି। ଏ ନେଇ ମାମଲା(ନଂ ୩୩୯/୨୫) ରୁଜୁ ହୋଇଛି। ସୂଚନା ମୁତାବକ ପାଣିକୋଇଲିରୁ ୨୪ଟି ଗୋରୁ ବୋଝେଇ କରି ଏକ ପିକଅପ୍ ଭଦ୍ରକ ଅଭିମୁଖେ ଆସୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ଗ୍ରାମାଞ୍ଚଳ ପୋଲିସ ପିଛା କରିଥିଲା। ପୋଲିସ ଗାଡ଼ିକୁ ଦେଖି ଡ୍ରାଇଭର ଆରଡ଼ିଛକ ନିକଟରେ ଗାଡ଼ିକୁ ଛାଡ଼ି ଫେରାର ହୋଇଯାଇଥିଲା।

## ଝାଡ଼ାବାନ୍ତିରେ ବୃଦ୍ଧା ମୃତ

### ଗାଁରେ ପହଞ୍ଚିଲେ ଡାକ୍ତରଖାନା ସ୍ୱାସ୍ଥ୍ୟ ଟିମ୍

ତିହିଡ଼ି, ୨୫।୬ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଜାମଯୋଡ଼ି ପଞ୍ଚାୟତ ଅଧୀନ ଦରପୁର ଗ୍ରାମର ଜଣେ ବୃଦ୍ଧାଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଛି। ସେ ହେଲେ ରେବତୀ ନାୟକ(୭୫)। ଏହି ଖବର ଜଣାଯିବା ପରେ ବୁଧବାର ସନ୍ଧ୍ୟାରେ ତିହିଡି଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଉକ୍ତ ଗ୍ରାମକୁ ଯାଇ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଥିବା ଜଣାପଡ଼ିଛି। ବୃଦ୍ଧା ଜଣକ ରବିବାର ଝାଡ଼ାବାନ୍ତିରେ ଅସୁସ୍ଥ ହେବା ପରେ ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭଦ୍ରକ ଏବଂ ସେଠାରୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଥିବା ବେଳେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। ଜାମଯୋଡ଼ି ଉପସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜ୍ୟୋତିପ୍ରଭା ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଗୌରୀମଣି ସାହୁ, ବିତ୍ତୀୟ ଅଧିକାରୀ ବିପ୍ଳବ ରଞ୍ଜନ ପତି, ସୁପରଭାଇଜର ଅମରେନ୍ଦ୍ର ପୃଷ୍ଟି ପ୍ରମୁଖ ଗ୍ରାମରେ ପହଞ୍ଚିଥିଲେ। ଲୋକଙ୍କୁ ସଚେତନ କରିବା ସହ ଏହି ଟିମ ଓଆର୍‌ଏସ୍ ଓ ଅନ୍ୟ ଔଷଧ ବିତରଣ କରିଥିଲେ। ଏହା ବ୍ୟତୀତ ପାନୀୟ ଜଳ ବିଶୋଧନ କରିବାକୁ ସେମାନେ ଜଳ ଓ ପରିମଳ ବିଭାଗ ଅଧିକାରୀଙ୍କୁ ସୂଚନା ଦେଇଥିବା ଜଣାପଡ଼ିଛି।

# ଭଦ୍ରକରୁ ସମ୍ବର୍ଦ୍ଧିତ ହେଲେ ୨ ମିସା ବନ୍ଦୀ

### ସମ୍ବିଧାନ ହତ୍ୟା ଦିବସ

ଭଦ୍ରକ/ ବାସୁଦେବପୁର, ୨୫।୬
(ସନାତନ ରାଉତ/ନାରାୟଣ ପ୍ରସାଦ ବାରିକ୍)

ସ୍ୱର୍ଗତ ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ୧୯୭୫ ମସିହାରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା। ସେତେବେଳେ ଅନୁଷ୍ଠିତ ଆନ୍ଦୋଳନରେ ଭଦ୍ରକ ଜିଲାରୁ ମିସାବନ୍ଦୀ ହୋଇଥିବା ୨ ଜଣଙ୍କୁ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। ଦୁଇ ସିଶା ବନ୍ଦୀ ବାସୁଦେବପୁର ବ୍ଲକର କମଳାକାନ୍ତ ସାହୁ ଓ ଧାମନଗର ବ୍ଲକର ଦୀନେଶ କୁମାର୍ ଦେବତାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସକାଳ ୧୦ଟା୩୦ରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ୫ଟି ସୁସଜ୍ଜିତ ଗାଡ଼ିରେ ଭୁବନେଶ୍ୱର ପଠାଯାଇଥିଲା। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ନାୟକ ଓ ଜିଲାପାଳ ଦିଲୀପ ରାଉତରାଏ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୩୦ଜଣିଆ ପ୍ରତିନିଧିଙ୍କ ସହିତ ଏସ୍କର୍ଟ ଅଧିକାରୀ ଭାବେ ସହାୟକ ଜିଲାପାଳ ଶାଶ୍ୱତ କୁମାର ପଟ୍ଟନାୟକ ସାଙ୍ଗରେ ଗସ୍ତ କରିଛନ୍ତି। କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ସଂଯୋଜନା କରିଥିବା ବେଳେ ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା ସହଯୋଗ କରିଥିଲେ।

ଉଲ୍ଲେଖଯୋଗ୍ୟ, ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ଗ୍ରାମର କମଳାକାନ୍ତ ସାହୁ ୨ ବର୍ଷ ଜେଲ ଦଣ୍ଡ ଭୋଗିଥିଲେ। କମଳାକାନ୍ତ ବର୍ତ୍ତମାନ ଜରୁରୀ ପରିସ୍ଥିତି ରାଜବନ୍ଦୀ ଅଭିଯାନର ରାଜ୍ୟ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଉଛନ୍ତି। ଜରୁରୀକାଳୀନ ପରିସ୍ଥିତି ଜାରି ହେବା ପରେ ଜୟପ୍ରକାଶ ନାରାୟଣଙ୍କ ଡାକରାରେ ସେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ସେତେବେଳେ ତାଙ୍କୁ ୨୧ ବର୍ଷ ବୟସ ହୋଇଥିଲା। ତାଙ୍କ ବିବାହର ୧୦/୧୫ ଦିନ ମଧ୍ୟରେ ତାଙ୍କୁ ମିସା ଆଇନ ବଳରେ କଟକରୁ ଗିରଫ କରାଯାଇ କଟକ ସ୍ଥିତ ଜେଲରେ ରଖାଯାଇଥିଲା।



ମିସା ବନ୍ଦୀ ଗାଡ଼ିକୁ ପତାକା ଦେଖାଉଛନ୍ତି ବିଧାୟକ ଓ ଜିଲାପାଳ।

## ଖାଦ୍ୟର ମାନ ଯାଞ୍ଚ

ଧୂଷୁରୀ,୨୫।୬ (ଦୀପ୍ତି ରଞ୍ଜନ ନାୟକ)

ଡାଇରିଆ ସଂକ୍ରମଣ ରୋକିବାକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲାପାଳ ଜିଲାର ବିଭିନ୍ନ ସ୍ଥାନରେ ଖାଦ୍ୟ ସାମଗ୍ରୀ ଦୋକାନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ମଧ୍ୟାହ୍ନ ୧୨.୩୦ରେ ଫୁଡ ସପ୍ଲାଏ ଟିମ ଧୂଷୁରୀରେ ପହଞ୍ଚିବିଭିନ୍ନ ଜଳଖିଆ ଦୋକାନ, ମିଠା ଦୋକାନ, ଗୁପଚୁପ ଦୋକାନ ଆଦି ସ୍ଥାନରେ ବିଭାଗର ଅଧିକାରୀମାନେ ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏହି ଟିମ୍ ଧୂଷୁରୀ ବଜାର, ଅସୁରାଳି ବଜାର, ଅନ୍ନପାଳ ବଜାର ଆଦି ସ୍ଥାନରେ ଖାଦ୍ୟ ଯାଞ୍ଚ କରିଥିଲେ। ଧୂଷୁରୀ ବଜାରର ଏକ ମିଠା ଦୋକାନରେ ଟିମ୍ ପହଞ୍ଚି ଖାଦ୍ୟ ଯାଞ୍ଚ କରି ନିମ୍ନମାନର ଜାଣି ୩ ହଜାର ଟଙ୍କା ଜୋରିମାନା କରିଥିଲେ। ଅନ୍ୟ କେତେକ ହୋଟେଲ ଓ ମିଠା ଦୋକାନରୁ ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରିଥିଲେ। ଧୂଷୁରୀ ବଜାରରେ ଯାଞ୍ଚ ଚାଲିଥିଲାବେଳେ ବେତାଳିଗାଁ ଦୋକାନୀମାନେ ଖବର ପାଇ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ଦେଇଥିଲେ। ଫୁଡ ସପ୍ଲାଏ ଟିମ ସେଠାରେ ପହଞ୍ଚିଲା ବେଳକୁ ହୋଟେଲ, ଗୁପଚୁପ ଷ୍ଟଲ, ମିଠା ଦୋକାନ ଆଦି ବନ୍ଦ ରହିଥିଲା। ବନ୍ଦ ହୋଇଥିବା ଦୋକାନଗୁଡ଼ିକ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ କରୁଥିବା ଟିମ୍ ଅବଗତ ହୋଇଥିଲେ ଓ ଏହିଭଳି ଦୋକାନ ଖାଦ୍ୟ ନ ଖାଇବାକୁ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରାଇଥିଲେ।

## ପଥପ୍ରାନ୍ତ ସଭା, ଶୋଭାଯାତ୍ରା

ବନ୍ତ,୨୫।୬ (ହରି ନାରାୟଣ ମହାନ୍ତି)

ଓଡିଶାରେ ଛାତ୍ରୀମାନଙ୍କୁ ଅସଦାଚରଣ, ବଳାତ୍କାର, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ଭାଜପା ସରକାର ନିରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ କରି ବୁଧବାର ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବା ନେଇ ରାଜ୍ୟ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ଡାକରା ଦିଆଯାଇଥିଲା। ବୁଧବାର ପୂର୍ବାହ୍ନ ୧୦ଟା ୩୦ରେ ଭଦ୍ରକ ଜିଲା ବନ୍ତ ବ୍ଲକ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ମାତ୍ର ଏହି କାର୍ଯ୍ୟକ୍ରମ କଲେଜ ଆଗରେ ନ ହୋଇ ଥାନା ଛକଠାରେ ହୋଇଥିବା ଦେଖାଯାଇଥିଲା। ଏଥିରେ ବ୍ଲକ ଛାତ୍ର ଜନତା ଦଳର ସଭାପତିଙ୍କୁ ଦେଖିବାକୁ ମିଳି ନ ଥିଲା । ପ୍ରାରମ୍ଭରେ ବନ୍ତ ଜଳସେଚନ ଅଫିସ ଛକଠାରୁ ଏକ ର୍‍ୟାଲି ବାହାରି ବଜାର ପରିକ୍ରମା କରି ଥାନା ଛକଠାରେ ପହଞ୍ଚିଥିଲା । ସେଠାରେ ପଥପ୍ରାନ୍ତ ସଭା ପରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ପୂର୍ବରୁ ବିଜୁ ଯୁବଛାତ୍ର ଜନତା ଦଳର ବହୁ କାର୍ଯ୍ୟକ୍ରମରେ ଶତାଧିକ ଯୁବଛାତ୍ରଙ୍କୁ ଦେଖିବାକୁ ମିଳୁଥିଲା। ମାତ୍ର ଆଜିର ଏହି କାର୍ଯ୍ୟକ୍ରମରେ ଅଳ୍ପ ସଂଖ୍ୟକ ଯୁବଛାତ୍ର ଯୋଗ ଦେଇଥିବାରୁ ଦଳ ଭିତରେ ମତଭେଦ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି।




ବନ୍ତ ବଜାରରେ ଆୟୋଜିତ ଶୋଭାଯାତ୍ରା।

## ଜିଲାପାଳ ଉଦ୍‌ଘାଟନ କଲେ ଅବକାରୀ ସମାବେଶ

ଭଦ୍ରକ,୨୫।୬(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଅବକାରୀ ବିଭାଗ ପକ୍ଷରୁ ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ନେଇ ଭଦ୍ରକ ଶହୀଦ ସ୍ମୃତି ଭବନରେ ବୁଧବାର ପୂର୍ବାହ୍ନ ୧୧ଟାରେ ନିଶା ନିବାରଣ ସମାବେଶ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶକୁ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଜିଲାପାଳ ଦିଲୀପ ରାଉତରାଏ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ର, ଉପ ଅଧୀକ୍ଷକ ସୁଚରିତା ମିଶ୍ରଙ୍କ ସମେତ ଜିଲାସ୍ତରୀୟ ଅନ୍ୟ ଅଧିକାରୀ ଓ ଅବକାରୀ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲାପାଳଙ୍କ କର୍ଯ୍ୟାଳୟଠାରୁ ଶୋଭାଯାତ୍ରା ଯାଇ ଟାଉନ ହଲଠାରେ ଉଦ୍‌ଯାପିତ ହୋଇଥିଲା। ଆମ ସଂକଳ୍ପ ନିଶା ନୁହେଁ, ଜୀବନ ଏହି ସଚେତନତା କାର୍ଯ୍ୟକ୍ରମରେ ନିଶାକୁ ବର୍ଜନ କରି ଏକ ସୁସ୍ଥ ଜୀବନ ବଞ୍ଚିବା ପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚିତ୍ରାଙ୍କନ, ନିବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ ହୋଇଥିଲା।



ଶୋଭାଯାତ୍ରା ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଉଛି।

## ଅବ୍ୟବସ୍ଥାକୁ ନେଇ କଂଗ୍ରେସର ଧାରଣା



କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଧାରଣା।

**ବାସୁଦେବପୁର ଡାକ୍ତରଖାନା**

### ୧ ମାସ ମଧ୍ୟରେ ଦାବିପୂରଣ ନ ହେଲେ ଅନଶନ

ବାସୁଦେବପୁର,୨୫।୬(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ପ୍ରତିବାଦରେ ବୁଧବାର କଂଗ୍ରେସ ପକ୍ଷରୁ ଡାକ୍ତରଖାନା ସାମ୍ନାରେ ଧାରଣା ଦିଆଯାଇଥିଲା। ୪ ଦଫା ଦାବି ପୂରଣ କରିବା ନେଇ ଶତାଧିକ ଯୁବ କଂଗ୍ରେସ ଓ କଂଗ୍ରେସ କର୍ମୀ ସମର୍ଥକମାନେ ସ୍ୱର ଉତ୍ତୋଳନ କରିଥିଲେ।

ଦାବି ମଧ୍ୟରେ ବାସୁଦେବପୁର ଡାକ୍ତରଖାନାରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ, ଡାକ୍ତରଖାନାର ବାହ୍ୟ ଆଭ୍ୟନ୍ତରୀଣ ପରିବେଶକୁ ଠିକ୍‌ଠାକ୍ କରିବା, ଠିକାରେ ନିଯୁକ୍ତି କର୍ମଚାରୀ ବିଶେଷ କରି ସିକ୍ୟୁରିଟ୍ମାନେ ଠିକ୍‌ଠାକ କାର୍ଯ୍ୟ କରିବା, ଡାକ୍ତରଖାନାରୁ ଦଲାଲ ମୁକ୍ତ କରିବା ଓ ବ୍ୟବଚ୍ଛେଦ କେନ୍ଦ୍ରକୁ କାର୍ଯ୍ୟକାରୀ କରିବା ଆଦି ଦାବି ନେଇ କଂଗ୍ରେସ କର୍ମୀମାନେ ପୂର୍ବାହ୍ନ ୧୧ଟାରୁ ଧାରଣାରେ ବସିଥିଲେ। ନଗର କଂଗ୍ରେସ ସଭାପତି ଭକ୍ତରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ପଥପ୍ରାନ୍ତ ସଭା ଧାରଣାସ୍ଥଳରେ ଅନୁଷ୍ଠିତ ହୋଇଥିଲା। ଧାରଣାସ୍ଥଳରେ ବିଧାୟକ ଅଶୋକ କୁମାର ଦାସ ଓ ଆଳି ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତ୍ରୀ ଦେବସ୍ମିତା ଶର୍ମା ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ଦାସ ଧାରଣାରତ କଂଗ୍ରେସ କର୍ମୀ ସମର୍ଥକଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟ ସରକାର ତୁରନ୍ତ ଏହି ଡାକ୍ତରଖାନାରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ପାଇଁ ଦାବି କରିଥିଲେ। ଏ ନେଇ ସେ ବିଧାନସଭାରେ ପ୍ରଶ୍ନ ଉଠାଇବା ସହ ବ୍ୟକ୍ତିଗତ ଓ ସରକାରୀ ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଜଣାଇଥିଲେ ମଧ୍ୟ ସମାଧାନ ନ ହେବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ସମସ୍ତ ଦାବି ପୂରଣ କରିବାକୁ ସେ ଦାବି କରିଥିଲେ। ୧ ମାସ ମଧ୍ୟରେ ଦାବି ପୂରଣ ନ ହେଲେ ଆମରଣ ଅନଶନ ହେବ ବୋଲି ବିଧାୟକ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ମହାକୁଡ଼, ସିଦ୍ଧାନ୍ତ ଦାସ, ପୁରୁଷୋତ୍ତମ ନାୟକ, ସୁବ୍ରତ ବେହୁରା, ସରପଞ୍ଚ ସୁବାସ ସନ୍ଧିବିଗ୍ରହ, ବିଜୟ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଡା. ସନ୍ତୋଷ ପୃଷ୍ଟି ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ପରେ ଧାରଣଶ ପ୍ରତ୍ୟାହୃତ ହୋଇଥିଲା। କାର୍ଯ୍ୟକ୍ରମରେ ଅଚ୍ୟୁତାନନ୍ଦ ପାଢ଼ୀଙ୍କ ସମେତ କଂଗ୍ରେସ କର୍ମୀମାନେ ସାମିଲ ଥିଲେ।

## ପଣ୍ଡିତ ରବୀନ୍ଦ୍ର ପାଣିଗ୍ରାହୀଙ୍କ ପରଲୋକ

ଭଦ୍ରକ,୨୫।୬ (ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକ୍ ଅନ୍ତର୍ଗତ ଆହାରପଦାସ୍ଥିତ ଗୋପାଳବିନ୍ଧା ଗ୍ରାମର ପଣ୍ଡିତ ରବୀନ୍ଦ୍ର ପାଣିଗ୍ରାହୀ (୮୦)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଜଣେ ପ୍ରଖ୍ୟାତ ବାସ୍ତୁଶାସ୍ତ୍ର ଓ ଜ୍ୟୋତିର୍ବିଦ ତଥା ପୁରୋହିତାଚାର୍ଯ୍ୟ ଭାବେ ଜଣାଶୁଣା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ବଡ଼ପୁଅ ସୌମ୍ୟ ପ୍ରିୟଦର୍ଶନୀ ପାଣିଗ୍ରାହୀ, ସାନ ପୁଅ ଖବରଦାତା ସୌଜନ୍ୟ ପ୍ରକାଶ ପାଣିଗ୍ରାହୀ, ପୁତୁରା ଆଶିଷ ଅମିତାଭ ମହାପାତ୍ର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ସାହୁ, ଦେବେନ୍ଦ୍ର ସେନାପତ, ବୋହୂ ରଞ୍ଜୁବାଳା ପଣ୍ଡା, ଚିନ୍ମୟୀ ପାଣିଗ୍ରାହୀ, ନାତି ସୁପ୍ରିତମ ଓ ଶୁଭ୍ରାଂଶୁଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଭାଜପା ପାଳିଲା କଳା ଦିବସ




ଭାଜପା ପକ୍ଷରୁ ଅନୁଷ୍ଠିତ କଳା ଦିବସ।

ଭଦ୍ରକ,୨୫।୬ (ସନାତନ ରାଉତ)

ଭଦ୍ରକ ଜିଲା ସଂସ୍କୃତି ଭବନରେ ବୁଧବାର ସନ୍ଧ୍ୟା ୬ଟାରେ ଭାଜପା ପକ୍ଷରୁ କଳା ଦିବସ ପାଳନ କରାଯାଇଛି। ଏମ୍‌ପି ଅଭିମନ୍ୟୁ ସେଠୀ ଓ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି କରି ବିରୋଧୀ ରାଜନେତାଙ୍କୁ ରାତିଅଧିଆ ଗିରଫ କରି ଗଣତନ୍ତ୍ରକୁ ହତ୍ୟା କରିଥିଲେ। ୧୯୭୫ ମସିହା ଜୁନ୍ ୨୫ ତାରିଖରେ ହୋଇଥିବା ଏହି ଅଗଣତାନ୍ତ୍ରିକ କାର୍ଯ୍ୟକୁ ନିନ୍ଦା କରିବା ସହ ୫୦ ବର୍ଷ ପୂର୍ତ୍ତି ଅବସରରେ ଏହାକୁ କଳା ଦିବସ ପାଳନ କରିଛନ୍ତି। ଏଥିସହ ପୂର୍ବତନ ପ୍ରଧାନମନ୍ତ୍ରୀ ସମ୍ବିଧାନକୁ ହତା କରିଥିଲେ ବୋଲି ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଅଜୟ ନାୟକ, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ।

## ମହିଳାଙ୍କ ଆତ୍ମହତ୍ୟା, ହତ୍ୟା ଅଭିଯୋଗ ଆଣିଲେ ପରିବାର

ଚାନ୍ଦବାଲି,୨୫।୬ (କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ କଇଥଖୋଲା ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମରେ ଘରୋଇ କଳିକୁ କେନ୍ଦ୍ର କରି ଜଣେ ମହିଳା ବୁଧବାର ଭୋର ସମୟରେ ଘରଠାରୁ ଅନତି ଦୂରରେ ଥିବା ଏକ କରଞ୍ଜ ଗଛରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଅପରପକ୍ଷେ ଝିଅକୁ ଶାଶୁଘର ଲୋକେ ମାରିଦେଇଥିବା ନେଇ ଧାମରା ଥାନାରେ ଝିଅର ଦାଦା କୃଷ୍ଣ ବାରିକ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଏହି ପଞ୍ଚାୟତ ଗୌରପ୍ରସାଦ ଗ୍ରାମର ସ୍ୱର୍ଗତ ଶିବ ବାରିକଙ୍କ ଝିଅ ସରସ୍ୱତୀ (୨୨) ଗତ ୨୦୨୨ ଏପ୍ରିଲ ୨୫ରେ ସେହି ଗ୍ରାମର ଅନିଲ ବାରିକଙ୍କ ସାନପୁଅ ମନୋରଞ୍ଜନ (୨୫)ଙ୍କୁ ବୈଦିକ ରୀତିରେ ମା’ ଧାମରାଇ ମନ୍ଦିରରେ ବିବାହ କରିଥିଲେ। ଏବେ ସେମାନଙ୍କର ୨ ବର୍ଷର ଏକ କନ୍ୟାସନ୍ତାନ ରହିଛି। ଗତ କିଛି ଦିନ ଧରି ସ୍ୱାମୀ, ଶଶୁର ଓ ଶାଶୁ ଅଞ୍ଜଳି ବାରିକ, ଦେଢ଼ଶୁର ସରସ୍ୱତୀଙ୍କୁ ନିର୍ଯ୍ୟାତନା ଦେଇଆସୁଥିଲେ। କିଛି ଦିନ ପୂର୍ବରୁ ଶ୍ୱଶୁର ଘର ଲୋକଙ୍କ ଅତ୍ୟାଚାର ସହି ନ ପାରି ସରସ୍ୱତୀ ନିଜ ବାପଘରକୁ ଚାଲି ଯାଇଥିଲେ। ବୁଝାଶୁଝା ପରେ ଶଶୁର ଘରକୁ ଆସିଥିବା ବେଳେ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଏକ ପରିତ୍ୟକ୍ତ ଘଞ୍ଚ ଜଙ୍ଗଲ ସ୍ଥାନକୁ ଦିନରେ ଆସିବାକୁ ଲୋକେ ଡରୁଥିବା ବେଳେ ସେଠାରେ ଫାଶୀ ଲଗାଇ ଆତ୍ମହତ୍ୟା କରିବା କଥାକୁ ଝିଅ ଘର ଲୋକ ସହଜରେ ଗ୍ରହଣ କରିପାରୁ ନ ଥିବା ବେଳେ ଶାଶୁଘର ଲୋକେ ତାଙ୍କୁ ମାରି ଏଠାରେ ଆଣି ଟାଙ୍ଗି ଦେଇଥିବା ଧାମରା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଖବରପାଇ ଥାନାଧିକାରୀ ଶୁଭମ କୁମାର ସ୍ୱାଇଁ ପହଞ୍ଚି ମାଜିଷ୍ଟ୍ରେଟ ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏ ନେଇ ମାମଲା (ନଂ.୩୦/୨୫) ରୁଜୁ କରି ସ୍ୱାମୀ ମନୋରଞ୍ଜନଙ୍କୁ ଥାନାରେ ଅଟକ ରଖାଯାଇଛି।

## ନାରୀ ନିର୍ଯାତନା ବିରୋଧରେ ଛାତ୍ର ବିଜେଡିର ପ୍ରତିବାଦ

ଭଦ୍ରକ/ଭଣ୍ଡାରିପୋଖରୀ,୨୫।୬
(ସନାତନ ରାଉତ /ରାଜେନ୍ଦ୍ର ଶତପଥୀ)

ଗୋପାଳପୁର ଗଣବଳାତ୍କାରକୁ ନେଇ ଓଡ଼ିଶା ଆନ୍ତର୍ଜାତୀୟସ୍ତରରେ ଲଜ୍ଜିତ ହୋଇଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଓ ମହିଳା ନିର୍ଯାତନା ବଢ଼ି ଚାଲିଥିବା ଅଭିଯୋଗ କରି ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଜିଲାର ସମସ୍ତ କଲେଜ ସାମ୍ନାରେ ବୁଧବାର ପ୍ରତିବାଦ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଭଦ୍ରକ କଲେଜ ସାମ୍ନାରେ ଜିଲା ଯୁବ ବିଜେଡି ମୁକୁନ୍ଦଦେବ ସାମଲ ଓ ଛାତ୍ର ବିଜେଡି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳଙ୍କ ନେତୃତ୍ୱରେ ଯୁବ ଛାତ୍ର ବିଜେଡିର କର୍ମୀମାନେ ଶୋଭାଯାତ୍ରାରେ ଯାଇ କଲେଜ ସାମ୍ନାରେ ପ୍ରତିବାଦ କରିଥିଲେ। ରାଜ୍ୟ ସରକାର ଆଇନଶୃଙ୍ଖଳା ପରିସ୍ଥିତି ଓ ନାରୀକୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି ବୋଲି ସମାଲୋଚନା କରିଥିଲେ। ସେହିପରି ପୂର୍ବାହ୍ନ ୧୦ଟାରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ସରକାର ବିରୋଧୀ ପ୍ରତିବାଦ କରାଯାଇଛି। ଜିଲା ଛାତ୍ର ବିଜେଡ଼ି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ ବ୍ଲକ୍ ଯୁବ ବିଜେଡି ସଭାପତି ଲଳିତ ରାଉତ, ଛାତ୍ର ବିଜେଡି ସଭାପତି ଜଗତ ଜୀବନ ବାରିକଙ୍କ ନେତୃତ୍ୱରେ ବ୍ଲକ୍‌ର ନାଆଁମୀ, ବାରିକପୁର, ନୟନମଣି କଲେଜ ଆଗରେ ପ୍ରତିବାଦ କରାଯାଇଛି। ଭଣ୍ଡାରିପୋଖରୀ କଲେଜ ଛକଠାରୁ ଥାନା ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ସରପଞ୍ଚ ବର୍ଷାରାଣୀ ଜେନା, ସତ୍ୟବ୍ରତ ପାଲ, ପୂର୍ଣ୍ଣଚନ୍ଦ୍ର ମାଝୀ, ନୀଳାମ୍ବର ରାଉତ, ସତ୍ୟାନନ୍ଦ ମହାପାତ୍ର, ଅନନ୍ତ ତ୍ରିପାଠୀ, ସନ୍ତୋଷ ନାୟକ, ଦିନେଶ ସାହୁ, ବିଦ୍ୟାଧର ଜେନା, ବୀରେନ୍ଦ୍ର ନାୟକ, ଅଶୋକ ବାରିକ, ଜୟନ୍ତ ସାହୁ ପ୍ରମୁଖ ଯୋଗ ଦେଇ ସରକାରଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ।




ଭଦ୍ରକ କଲେଜ ସାମ୍ନାରେ ଅନୁଷ୍ଠିତ ପ୍ରତିବାଦ ସଭା।

**ଚାନ୍ଦବାଲି(କିଷାନ ପାତ୍ର):** ସେହିପରି ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ଚାନ୍ଦବାଲି କଲେଜ ଛକ ନିକଟରେ ପୂର୍ବାହ୍ନ ୧୧ ଟାରେ ୨ ଘଣ୍ଟିଆ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଯୁବ ବିଜେଡି ରାଜ୍ୟ ସମ୍ପାଦକ ପ୍ରିନ୍ସରାକେଶ ନାୟକଙ୍କ ନେତୃତ୍ୱରେ ପ୍ରତିବାଦ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ନେତା ପ୍ରତାପ ବିଶ୍ୱାଳ, ଦୀପକ ରାଉତ, ସୋମନାଥ ପରିଡ଼ା, ଦୀପକ ଦାସ, ପପୁ ସାହୁ, ଏସ୍‌କେ ଫିରୋଜ, ଅଜୟ ସୁତାର, ଲିଙ୍କସନ ନାୟକ ପ୍ରମୁଖ ସାମିଲ ଥିଲେ।

**ଧାମନଗର(ସନ୍ତୋଷ କୁମାର ମହାପାତ୍ର):** ଧାମନଗର କଲେଜ ପରିସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ବ୍ଲକ୍‌ର ଶହୀଦ ନଗର କଲେଜ, ଆଖଣ୍ଡଳମଣି କଲେଜ, ମା’ ସାରଦା ଦେବୀ କଲେଜ, କୋଠାର ଆଦି କଲେଜ ଆଗରେ ପ୍ରତିବାଦ କରାଯାଇଥିଲା। ଅବିନାଶ ରାଉତ, ଉତ୍ତମ କର, ଭଦ୍ରାଣୀ ରାଉତ, ରାଜେନ୍ଦ୍ର ବେହେରା, ଅରବିନ୍ଦ ପଣ୍ଡା, ଶୁଭଲକ୍ଷ୍ମୀ ତ୍ରିପାଠୀ, ପ୍ରକାଶ ନାୟକ, ଚନ୍ଦନ ତ୍ରିପାଠୀ, ଗାୟତ୍ରୀ ଦାସ, ନରେଶ ବେହେରା, କ୍ରିଷ୍ଣା ବେହେରା ପ୍ରମୁଖ ଛାତ୍ରୀଛାତ୍ର ଆନ୍ଦୋଳନରେ ନେତୃତ୍ୱ ନେଇଥିବା ବେଳେ ବ୍ଲକ୍ ବିଜେଡି ଯୁବ ସଭାପତି ଭାରତ ବିଜୟ ଦଳେଇ, ଛାତ୍ର ସଭାପତି ପ୍ରକାଶ ବେହେରା, ନଗର ବିଜେଡି ସଭାପତି ବିଜୟ କେତନ ସାହୁ, ବ୍ଲକ୍ ସଭାପତି ପ୍ରତାପ ସାମଲ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ପୂର୍ବତନ ନଗର ସଭାପତି ସୁଶାନ୍ତ ରାଉତ, ସରପଞ୍ଚ ପ୍ରତିନିଧି ସେକ୍ ମୁସ୍ତାକ, ପ୍ରକାଶ ବେହେରା, ବାସୁଦେବ ପାଗଳ ପ୍ରମୁଖ ସାମିଲ ଥିଲେ।

## ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ

ତିହିଡ଼ି, ୨୫।୬ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡି ବ୍ଲକ୍ ଅଧୀନ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ(ବିଏନ୍‌ଏମ୍‌ଏ) କଲେଜ ଓ ତିହିଡି ୟୁକ୍ତ ୨ କଲେଜ ସାମ୍ନାରେ ବୁଧବାର ପୂର୍ବାହ୍ନ ୧୧ଟା ବେଳେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଗୋପାଳପୁରରେ ଛାତ୍ରୀଙ୍କୁ ବଳାତ୍କାର ଓ ନାରୀ ନିର୍ଯାତନା ପ୍ରତିବାଦରେ ଏହି ପଦକ୍ଷେପ ନିଆଯାଇଥିବା ବିଜେଡି ଓ ବିଜୁ ଯୁବଛାତ୍ର ଜନତା ଦଳ କର୍ମକର୍ତ୍ତା କହିଛନ୍ତି। ବିଏନ୍‌ଏମ୍‌ଏ କଲେଜ ସାମ୍ନାରେ ଜିଲା ପରିଷଦ ସଭ୍ୟା ବିଦ୍ୟୁତଲତା ନାୟକଙ୍କ ପୌରୋହିତ୍ୟରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ଧାମନଗରର ବରିଷ୍ଠ ନେତା ଡା. ସଞ୍ଜୟ ଦାସ, ଧାମନଗର ଯୁବ ବିଜେଡି ସଭାପତି ସୁଧନ୍ୱା ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ରୁଜାତା ପଣ୍ଡା, ସମିତିସଭ୍ୟ ଚିନ୍ତାମଣି ଦାସ, ଜୀବନଜ୍ୟୋତି ପଲେଇ ଓ ଜୟପ୍ରକାଶ ମଲିକ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ଜେନା, ନବକିଶୋର ମଲ୍ଲିକ, ଭରତ ଚନ୍ଦ୍ର ସାହୁ, ଅନ୍ନପୂର୍ଣ୍ଣା ପରିଡ଼ା, ବାସନ୍ତୀ ଜେନାଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ। ସେହିପରି ତିହିଡି ୟୁକ୍ତ ୨ କଲେଜ ସାମ୍ନାରେ ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ବ୍ଲକ୍ ସଭାପତି ସୁରେନ୍ଦ୍ର ନାୟକ, ସରପଞ୍ଚ ତାପସ ବେହେରା, ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ, ଗଣେଶ ପ୍ରସାଦ ନାୟକ, ନିତ୍ୟାନନ୍ଦ ବେହେରା, ଅନିରୁଦ୍ଧ ବାରିକ, ସଂଗ୍ରାମ ମହାପାତ୍ର, ପ୍ରତାପ ସେନାପତି, ଛାତ୍ରୀ ଗୀତାଞ୍ଜଳି ନାୟକ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ଘଣ୍ଟାଏ ବର୍ଷାରେ ବାଲେଶ୍ୱର ବେହାଲ


ଗୁଡିପଦା ରାସ୍ତାରେ ବର୍ଷା ପାଣି।


ଏକତାନଗର ରାସ୍ତାରେ ବର୍ଷାପାଣିର ସୁଅ।

## ■ ରାସ୍ତାରେ ଆଣ୍ଠୁଏ ପାଣି
## ■ ଜନଜୀବନ ଅସ୍ତବ୍ୟସ୍ତ

ବାଲେଶ୍ୱର,୨୫।୬(ବାଞ୍ଛାନିଧି ଦେ)

ଅବିଶ୍ରାନ୍ତ ବର୍ଷା। ଘଣ୍ଟାଏ ବର୍ଷାରେ ବାଲେଶ୍ୱର ସହର ବେହାଲ୍। ସହରର କିଛି ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ରାସ୍ତାଘାଟରେ ଆଣ୍ଠୁଏ ପାଣି ପ୍ରବାହିତ ହୋଇ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଲୋକେ ଘରୁ ବାହାରକୁ ବାହାରି ପାରି ନ ଥିବା ଦେଖିବାକୁ ମିଳିଛି।

ବାଲେଶ୍ୱର ଜିଲାରେ ମଙ୍ଗଳବାର ୧୩୩ ମି.ମି. ବର୍ଷା ହୋଇଥିବା ବେଳେ ସହରରେ ୪୮ ମି.ମି. ବର୍ଷା ହୋଇଥିଲା। ୧ ଘଣ୍ଟା ଅବିଶ୍ରାନ୍ତ ବର୍ଷା ଫଳରେ ସହରର ଅବସ୍ଥା ବେହାଲ୍ ହୋଇପଡ଼ିଥିଲା। ଠିକ୍ ସେହିପରି ବୁଧବାର ଘଣ୍ଟାଏ ଧରି ଲଗାଣ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ପୌରାଞ୍ଚଳ ଅଧୀନ ୨୧ନମ୍ବର ୱାର୍ଡ ଗୁଡ଼ିପଦା, ଏକତାନଗର ଓ ଦ୍ୱାରିକାନଗର ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେହିପରି ବସ୍‌ଷ୍ଟାଣ୍ଡ-ରେମୁଣା ଗୋଲେଇ ରାସ୍ତାର ନୂଆସାହି ଛକଠାରେ ୩ ଫୁଟ୍ ଉଚ୍ଚର ବର୍ଷାଜଳ ଜମି ରହି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଟ୍ରାଫିକ ସମସ୍ୟା ଉପୁଜି ଥିଲା। ମାଣିଖମ୍ବ, ସୁଏଲପୁର, ମୋତିଗଞ୍ଜ, କଂଗ୍ରେସ ଅଫିସ ଗଳି, ପ୍ରୁଫ୍ ରୋଡ୍, ଖପରାପଦା ଛକ, ଗୋପାଳଗାଁ, ରାଣୀପାଟଣା ଆଦି ସ୍ଥାନରେ ବର୍ଷାଜଳ ଜମି ରହିଥିଲା। ଯାତାୟାତ ପ୍ରଭାବିତ ହେବା ସହ ତଳିଆ ଅଞ୍ଚଳରେ ଘରେ ପାଣି ପଶିଯାଇଥିବା ଦେଖିବାକୁ ମିଳିଥିଲା। ଗୁଡ଼ିପଦା ଅଞ୍ଚଳରେ ୨ଶହରୁ ଊର୍ଦ୍ଧ୍ୱ ପରିବାର, ଏକତାନଗରରେ ୧ଶହରୁ ଊର୍ଦ୍ଧ୍ୱ ପରିବାର ଏବଂ ଦ୍ୱାରିକା ନଗରରେ ୬୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସାମାନ୍ୟ ବର୍ଷା ହେଲେ ଏହି ଅଞ୍ଚଳମାନଙ୍କରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ବର୍ଷାଜଳ ଲହଡି ମାରେ। ଫଳରେ ସ୍ଥାନୀୟ ଲୋକେ ଏକପ୍ରକାର ଜଳବନ୍ଦୀ ଜୀବନ ବିତାଇଥାନ୍ତି ବୋଲି ଦ୍ୱାରିକାନଗର ବାସିନ୍ଦା ପଙ୍କଜ କୁମାର ମହାପାତ୍ର, ଶ୍ୟାମସୁନ୍ଦର ମହାନ୍ତି, କାର୍ତ୍ତିକ ଚନ୍ଦ୍ର ପରିଡ଼ା ଓ ସ୍ନେହଲତା ମହାନ୍ତି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବିଧାୟକ ମାନସ କୁମାର ଦତ୍ତ ଓ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଏଯାବତ୍ ସ୍ଥାୟୀ ସମାଧାନ ହୋଇପାରିନାହିଁ। ବର୍ଷାଦିନେ ପିଲାମାନେ ସ୍କୁଲ, କଲେଜ ଯାଇପାରନ୍ତି ନାହିଁ କି ମାର୍କେଟିଂ ପାଇଁ ବଜାରଘାଟକୁ ମଧ୍ୟ ଯାଇ ହୁଏ ନାହିଁ ବୋଲି ସ୍ଥାନୀୟ ଜନସାଧାରଣ କହିଛନ୍ତି।

# ପାଚେରି ଭୁଶୁଡ଼ି ଯୁବକଙ୍କ ମୃତ୍ୟୁ

ବାଲେଶ୍ୱର, ୨୫।୬(ବାଞ୍ଛାନିଧି ଦେ)

## ମୃତଦେହ ରଖି କ୍ଷତିପୂରଣ ଦାବିରେ ଆନ୍ଦୋଳନ

ଲଗାଣ ବର୍ଷାରେ ଟିପିଏନଓଡିଏଲ୍ ସେଣ୍ଟ୍ରାଲ ଷ୍ଟୋର ପାଚେରି ଭୁଶୁଡ଼ି ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ଗୁଡ଼ିପଦା ଅଞ୍ଚଳର ଜଣେ ବୋରିଂ ମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦାନନ୍ଦ ଟୁଡୁ (୪୫)। କ୍ଷତିପୂରଣ ଦାବିରେ ମୃତକଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ମୃତଦେହ ରଖି ଷ୍ଟୋର ସମ୍ମୁଖରେ ଆନ୍ଦୋଳନ କରିଥିଲେ। ସରକାରୀ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ପହଞ୍ଚି ବୁଝାଶୁଝା କରିଥିଲେ। ଟିପିଏନଓଡିଏଲ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଦାବି ପୂରଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ମୁତାବକ, ଶୋଭାରାମପୁରଠାରେ ଥିବା ଟିପିଏନଓଡିଲର ସେଣ୍ଟ୍ରାଲ ଷ୍ଟୋର୍‌ର ୪୦ଫୁଟ ଲମ୍ବ ଓ ୮ ଫୁଟ୍ ଉଚ୍ଚତା ବିଶିଷ୍ଟ ପାଚେରି ଲଗାଣ ବର୍ଷା ଯୋଗୁ ଭୁଶୁଡ଼ି ପଡ଼ିଥିଲା। ଏହି ସମୟରେ ଯୁବକ ସଦାନନ୍ଦ ଯାଉଥିବା ବେଳେ ତାଙ୍କ ଉପରେ ପାଚେରି ଭୁଶୁଡି ପଡିଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଭଙ୍ଗା ପାଚେରି ତଳୁ ତାଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପରିବାର ଲୋକେ, ସମ୍ପର୍କୀୟ ଓ ଅଞ୍ଚଳବାସୀ ପହଞ୍ଚି ହୋ-ହଲ୍ଲା କରିଥିଲେ। ରାସ୍ତା ଅବରୋଧ କରିବା ସହ ଷ୍ଟୋର ସମ୍ମୁଖରେ ମୃତଦେହ ରଖି ଆନ୍ଦୋଳନ କରିଥିଲେ। କ୍ଷତିପୂରଣ ଦେବା ସହ ପରିବାରର ଜଣକୁ ଚାକିରି ଦେବା ପାଇଁ ଦାବି କରିଥିଲେ। ସରକାରୀ ଉପ-ମୁଖ୍ୟସଚେତକ ଦାସ, ବିଧାୟକ ଦତ୍ତ, ପୌରାଧ୍ୟକ୍ଷା ସବିତା ସାହୁ, ସହଦେବଖୁଣ୍ଟା ଥାନା ଆଇଆଇସି ଅଜୟ ମୁର୍ମୁ, ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ, ପୂର୍ବତନ କାଉନସିଲର ଚିତ୍ତରଞ୍ଜନ ପଣ୍ଡା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଟିପିଏନଓଡିଏଲ୍‌ର ଚିଫ୍ ଅଫ୍ ଅପରେଶନ୍ ନୀଲେଶ ଚନ୍ଦ୍ର ପଟଫୋଡ଼େ, ଏସ୍‌ଇ ସିଦ୍ଧାର୍ଥ ଶଙ୍କର ରାୟ, ଏକ୍‌ଜିକ୍ୟୁଟିଭ୍ ଇଂ. ଦେବାଶିଷ ପୁହାଣ ଓ ଜିତେନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଏକ ବୈଠକ ହୋଇଥିଲା। ମୃତକଙ୍କ ପରିବାରକୁ କମ୍ପାନୀ ତରଫରୁ କ୍ଷତିପୂରଣ ବାବଦ ୭ଲକ୍ଷ ଟଙ୍କା ଓ ତାଙ୍କ ସ୍ତ୍ରୀଙ୍କୁ ଚାକିରି ସହ କ୍ରିୟାକର୍ମ ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସହ ରେଡ଼କ୍ରସ୍ ପାଣ୍ଠିରୁ ୨୦ହଜାର ଟଙ୍କା ଓ ପୌରପାଳିକା ତରଫରୁ ୪ହଜାର ଟଙ୍କା ଦିଆଯିବାର ଘୋଷଣା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏନେଇ ସହଦେବଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୧/୨୫) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ଖଇରା କଲେଜ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ପ୍ରଦର୍ଶନ


ଖଇରା କଲେଜ ଗେଟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

ଖଇରା, ୨୫।୬(ଉତ୍କଳବନ୍ଧୁ ପଣ୍ଡା)

## ବଢୁଛି ନାରୀ ନିର୍ଯାତନା

ବର୍ଷକ ମଧ୍ୟରେ ଓଡିଶାରେ ନାରୀ ନିର୍ଯାତନା ବୃଦ୍ଧି ତଥା ଗୋପାଳପୁରଠାରେ ଛାତ୍ରୀ ଗଣବଳାତ୍କାର ପ୍ରତିବାଦରେ ବିଜୁ ଜନତା ଦଳ ଡାକରାରେ ଖଇରା କଲେଜ ଛାତ୍ରୀଛାତ୍ରମାନେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରବଳ ବର୍ଷାକୁ ଖାତିର ନ କରି ଶତାଧିକ ଛାତ୍ରୀଛାତ୍ର ଭାଜପା ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଯଥା ବର୍ଷ ଏକ-ଛାତ୍ରୀ ମହିଳା ନିର୍ଯାତନା ଅନେକ, ଦିନକୁ ୧୫ ନାରୀ ନିର୍ଯାତନା-ଡବଲ ଇଞ୍ଜିନ ଡବଲ ଯାତନା ଆଦି ଲେଖାଥିବା ପ୍ଲାକାର୍ଡ ଧରି ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ଛାତ୍ରନେତା ଅଶୋକ କୁମାର ନାୟକ, ଗୁଡ୍ଡୁନୁ ପରିଡା, ଗଜେନ୍ଦ୍ର ବେହେରା, ଚିରଞ୍ଜିତ ସାହୁ, ଦେବକାନ୍ତ ବିଶ୍ୱାଳ, ଚନ୍ଦ୍ର ପ୍ରତାପ ନାୟକ, ଲିଙ୍କେନ ଦାଶ, ମାନସ ଶିଅଳ, ମାନସ ନାୟକ, ରଞ୍ଜିତ ବେହେରା ଓ ସତ୍ୟପ୍ରକାଶ ବାରିକ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

# ୩ ଦିନ ଧରି ବାରଣ୍ଡାରେ ପ୍ରସୂତି

ରେମୁଣା, ୨୫।୬(ରବୀନ୍ଦ୍ର ମହାକୁଡ଼)

## ଫକୀରମୋହନ ମେଡିକାଲ କଲେଜରେ ସ୍ୱାସ୍ଥ୍ୟସେବା ଦୟନୀୟ

ଫକୀରମୋହନ ମେଡିକାଲ କଲେଜର ସ୍ୱାସ୍ଥ୍ୟସେବା ଦୟନୀୟ ଅବସ୍ଥାରେ ରହିଛି। ୨୦୨୪ ମାର୍ଚ୍ଚରୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଅଲଗା ହୋଇ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର ହୋଇଥିଲା। ଚଳିତମାସ ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ମେଡିକାଲ କଲେଜରେ ଚିକିତ୍ସା ବ୍ୟବସ୍ଥାରେ କିଛି ପରିବର୍ତ୍ତନ ହୋଇନାହିଁ। ରେମୁଣା ବ୍ଲକ ତାଳପଦାର ସୁଜାତା ମଲ୍ଲିକ ନାମ୍ନୀ ପ୍ରସୂତି ୩ଦିନ ଧରି ତଳ ମହଲାରେ ବେଡ୍ ନ ପାଇ ବାରଣ୍ଡାରେ ରହିଛନ୍ତି। ସେହିପରି ପଦ୍ମାବତୀ ନାୟକ ନାମ୍ନୀ ଜଣେ ମହିଳା ରୋଗରେ ପୀଡ଼ିତ ହୋଇ ଅବହେଳାରେ ଶିକାର ହୋଇଛନ୍ତି। ଏ ନେଇ ରେମୁଣା କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ସୁଦର୍ଶନ ଜେନାଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ମଙ୍ଗଳବାର ଅପରାହ୍ନରେ ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହିତ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ନିର୍ମଳ କୁମାର ସାହାଣୀଙ୍କୁ ଭେଟି ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରିଥିଲେ। ମେଡିକାଲ କଲେଜରେ ପର୍ଯ୍ୟାପ୍ତ ପରିମାଣରେ ଔଷଧ ନ ରଖିବା ଓ ଆପତ୍‌କାଳୀନ ସେବା ପାଇଁ ଆସୁଥିବା ରୋଗୀଙ୍କୁ ତୁରନ୍ତ ସେବା କରାଯାଉ ନ ଥିବାରୁ ଡବଲ ଇଞ୍ଜିନ ସରକାରକୁ ଜେନା ଦାୟୀ କରିଥିଲେ। ଏଭଳି ସ୍ଥିତିରେ ତୁରନ୍ତ ସୁଧାର ନ ଆସିଲେ ଆଗାମୀ ଦିନରେ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଅନ୍ୟପକ୍ଷରେ ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ସାହାଣି କଲେଜର ସ୍ଥିତି ସମ୍ପର୍କରେ ଆଲୋଚନା କରି ଚଳିତ ମାସ ଜିଲା ମୁଖ୍ୟାଳୟରୁ ସ୍ଥାନାନ୍ତର ହୋଇଆସିଥିବାରୁ ଏହାର ପୃଷ୍ଠଭୂମି ସମ୍ପୂର୍ଣ୍ଣ ହୋଇନାହିଁ। ଆସ୍ତେ ଆସ୍ତେ ଏଥିରେ ସୁଧାର ଆସିବ ବୋଲି ପ୍ରଫେସର ସାହାଣୀ କହିଛନ୍ତି। ଯୁବନେତା ଜୁବୁଲି ପଣ୍ଡା, ବରିଷ୍ଠ କଂଗ୍ରେସ କର୍ମୀ କହ୍ନେଇ ବେହେରା, ପୂର୍ବତନ ସରପଞ୍ଚ ବେଣୁଧର ପତି, ଅଜୟ ଜେନା, କେଶବ ନାୟକ, ସେକ ମଜାର ଖାଁ, ହରିଶ୍ଚନ୍ଦ୍ର ବିଶ୍ୱାଳ, ଅଚ୍ୟୁତ ନନ୍ଦ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।


ଅଧ୍ୟକ୍ଷଙ୍କ ସହ ଆଲୋଚନା କରାଯାଉଛି।

# ପ୍ରଶାସନର ପ୍ରତିଶ୍ରୁତି ପରେ ରାସ୍ତାରୋକୋରୁ ହଟିଲେ ଚାଷୀ

ଭୋଗରାଇ, ୨୫।୬(ପ୍ରଦୀପ ଦାସ )

ସରକାର ଚାଷୀଙ୍କଠାରୁ ଟାର୍ଗେଟ ଅନୁଯାୟୀ ରବିଧାନ କ୍ରୟର ଅବଧି ଆସନ୍ତା ୩୦ତାରିଖରେ ଶେଷ ହେଉଛି। ଏଭଳି ସ୍ଥିତିରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ୧୯ସେବା ସମବାୟ ସମିତି ଚାଷୀମାନଙ୍କଠାରୁ ଟାର୍ଗେଟନୁଯାୟୀ ଧାନ କିଣୁ ନ ଥିବାରୁ ଚାଷୀମାନେ କ୍ଷୁବ୍ଧ ହୋଇ ବାଉଁଶଡିହା ସେବା ସମବାୟ ସମିତିର ସହସ୍ରାଧିକ ଧାନ ଚାଷୀ କାର୍ଯ୍ୟାଳୟରେ ତାଲା ପକାଇ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ. ରାଜ୍ୟ ରାଜପଥ ବାଉଁଶଡିହା ଛକରେ ବୁଧବାର ସକାଳ ସାଢେ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ରାସ୍ତାରୋକୋ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଚାରିଚକିଆ ଯାନର ଲମ୍ବା ଲାଇନ ଲାଗିଥିଲା। ବସ୍ ଯାତ୍ରୀମାନେ ଗନ୍ତବ୍ୟ ସ୍ଥଳକୁ ଯାଇ ନ ପାରି ହଇରାଣ ହରକତ ହୋଇଥିଲେ। ଘଟଣାସ୍ଥଳକୁ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ବ୍ଲକ ସେବା ସମବାୟ ସମିତିର ସମ୍ପ୍ରସାରଣ ଅଧିକାରୀ ବସନ୍ତ ଗିରି, ଯୋଗାଣ ବିଭାଗ ଅଧିକାରୀ ସମେଶ୍ୱର ବେହେରା ଚାଷୀ ନେତାଙ୍କ ସହ ଦୀର୍ଘ ସମୟ ଆଲୋଚନା ପରେ ଚାଷୀଙ୍କଠାରୁ ୩୦ତାରିଖ ସୁଦ୍ଧା ଧାନ କ୍ରୟ ପ୍ରତିଶ୍ରୁତି ଦେବାରୁ ଚାଷୀମାନେ ଆନ୍ଦୋଳନରୁ ହଟିଥିଲେ। ରାସ୍ତାରୋକୋ ଯୋଗୁ ଜଳେଶ୍ୱର ଏସ୍‌ଡିପିଓ ମାନସ କୁମାର ଦେଓ ସହ ପୋଲିସ ବାହିନୀ ଆନ୍ଦୋଳନକାରୀଙ୍କ ଚାପର ସମ୍ମୁଖୀନ ହୋଇଥିଲେ। ଚାଷୀଙ୍କ ଆନ୍ଦୋଳନ ହଟିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।


ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

# ଇମାମୀରେ ବ୍ୟାଙ୍କ ସାଇବର ଠକେଇ ସଚେତନତା କର୍ମଶାଳା


 କର୍ମଶାଳାକୁ ଉଦ୍‌ଘାଟନ କରାଯାଉଛି।

ବାଲେଶ୍ୱର, ୨୫।୬(ବାଞ୍ଛାନିଧି ଦେ)

ରେମୁଣା ବାଲଗୋପାଳପୁରସ୍ଥିତ ଇମାମୀନଗର ଜଗନ୍ନାଥ ମନ୍ଦିର ଭଜନ ମଣ୍ଡପ ପରିସରରେ ମଙ୍ଗଳବାର ବ୍ୟାଙ୍କ ସାଇବର ଠକେଇ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଅମ୍ବୁଡ୍ସମ୍ୟାନଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଆୟୋଜିତ କର୍ମଶାଳାକୁ ଇମାମୀ ପେପର୍ ମିଲ୍‌ସ ଲିମିଟେଡ୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ବିବେକ ଚାୱଲା ଭିଡ଼ିଓ କନ୍‌ଫେରେନ୍ସ ଜରିଆରେ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟହ ଅବସରପ୍ରାପ୍ତ ଶ୍ରମିକ, କର୍ମଚାରୀମାନେ କଷ୍ଟ ଉପାର୍ଜିତ ଅର୍ଥ ସାଇବର ଅପରାଧୀଙ୍କ ଦ୍ୱାରା ବ୍ୟାଙ୍କ ଆକାଉଣ୍ଟରୁ ଆତ୍ମସାତ୍ ହେଉଛନ୍ତି। ସଚେତନତା ଉତ୍କୃଷ୍ଟ କାର୍ଯ୍ୟକ୍ରମ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ରିଜର୍ଭ ବ୍ୟାଙ୍କ ଏଜିଏମ୍ ଶିବୁ ପ୍ରସାଦ ମିଶ୍ର, ଆସିଷ୍ଟାଣ୍ଟ ମ୍ୟାନେଜର ସରୋଜ କୁମାର ଦାଶ, ପିଏନ୍‌ବିର ମଣ୍ଡଳ ମୁଖ୍ୟ ବିଶ୍ୱଜିତ୍ ବିଶ୍ୱାଳ, ଏସ୍‌ବିଆଇର ମୁଖ୍ୟ ପରିଚାଳକ ବୁଦ୍ଧିରାମ ପାଣିଗ୍ରାହୀ, ୟୁକୋ ବ୍ୟାଙ୍କର ମୁଖ୍ୟ ପରିଚାଳିକା ରିମା କୁମାରୀ ଓ ଏଲ୍‌ଡିଏମ୍ ମୋତି କୁମାର, ଇମାମୀ କାଗଜକଳର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା ପ୍ରମୁଖ ଯୋଗଦେଇ ସାଇବର ଅପରାଧୀଙ୍କ ଦ୍ୱାରା ଠକେଇର ଶିକାର ନ ହେବା ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ରହିବା ଓ ଆବଶ୍ୟକ ହେଲେ ୧୯୩୦ ନମ୍ବରରେ କଲ୍ କରି ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ମାନବ ସମ୍ବଳ ବିଭାଗର ସାଧାରଣ ପରିଚାଳକ ଡ. ୟୁସୁଫ ଅଲ୍ଲୀ ଶୋଲାଙ୍କି ପରିଚାଳନା କରିଥିଲେ। ଇମାମୀ ମାନବ ସମ୍ବଳ ବିଭାଗର ସମସ୍ତ ଅଧିକାରୀ, ମନ୍ଦିର ପ୍ରଶାସନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କିଙ୍ଗ୍ ଜ୍ଞାନ, ଅଭିଯୋଗ ସମାଧାନ ପ୍ରଣାଳୀ ଓ ଆର୍ଥିକ ସାକ୍ଷରତା, ବ୍ୟାଙ୍କ୍ ଗ୍ରାହକଙ୍କର ଅଧିକାର ଓ ଦାୟିତ୍ୱ, ବ୍ୟାଙ୍କ୍ ଓ ବ୍ୟାଙ୍କିଙ୍ଗ୍ ଅମ୍ବୁଡ୍ସମ୍ୟାନ୍ କାର୍ଯ୍ୟାଳୟରେ କିପରି ଅଭିଯୋଗ କରିବେ ଏବଂ ସୁରକ୍ଷିତ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ପ୍ରଥା ନେଇ ଆଲୋଚନା କରାଯାଇଥିଲା।

# ୪ ପୋକ୍‌ଲିନ ଜବତ, ପଥର ଢାଳି ଛୁ ମାରିଲା ଡମ୍ଫର

ସୋର, ୨୫।୬(ଜନ୍ମେଜୟ ମିଶ୍ର): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡି ପଥର ଖାଦାନ ଦୀର୍ଘ ଦିନ ଧରି ବନ୍ଦ ଥିବା ବେଳେ ପଥର ଚୋରିରେ ରୋକ ଲାଗିପାରୁନାହିଁ। ଗତ କିଛିଦିନ ତଳେ ଏହି ଖାଦାନର ମୁଖ୍ୟ ରାସ୍ତାରେ ଖଣି ବିଭାଗ ପକ୍ଷରୁ ଏକ ଚେକପୋଷ୍ଟ କରାଯାଇଛି। ଏହି ଚେକପୋଷ୍ଟ ନାମକୁ ମାତ୍ର। ମଙ୍ଗଳବାର ୩୦ରୁ ଊର୍ଦ୍ଧ୍ୱ ଡମ୍ଫରରେ ପଥର ଲୋଡ଼୍ ହେବା ଖବରପାଇ ସୋର ଭାରପ୍ରାପ୍ତ ତହସିଲଦାର ଦୈତାରୀ ମଲ୍ଲିକ, କନିଷ୍ଠ ଖଣି ଅଧିକାରୀ ସୋର ପୋଲିସ ସହାୟତାରେ ଚଢ଼ାଉ କରିଥିଲେ। ପଥର ଖାଲି କରି ଡମ୍ଫରଗୁଡିକ ଚମ୍ପଟ ମାରିଥିବା ବେଳେ ବ୍ୟକ୍ତିଗତ ଜାଗାରେ ଛିଡା ହୋଇଥିବା ୪ଟି ପୋକଲିନକୁ ବିଭାଗ ପକ୍ଷରୁ ଜବତ କରାଯାଇଥିବା ବେଳେ ଗଚ୍ଛିତ ପଥରକୁ ନିଲାମ କରାଯିବ ବୋଲି ସୂଚନା ମିଳିଛି।

## ବିରଳ ଧଳା ନାଗ ଉଦ୍ଧାର

ନୀଳଗିରି, ୨୫।୬(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଏନ୍‌ଏସି ଅଧୀନ ୪ ନମ୍ବର ୱାର୍ଡ ମିରିଗିଣି ଗ୍ରାମରୁ ଏକ ବିରଳ ଧଳା ନାଗ 'ଆଲବିନୋ କୋବ୍ରା' ସାପ ବୁଧବାର ପୂର୍ବାହ୍ନରେ ଉଦ୍ଧାର କରାଯାଇଛି। ସାପ ଉକ୍ତ ଗ୍ରାମର ଉପେନ୍ଦ୍ରନାଥ ଦାସଙ୍କ କୁକୁଡ଼ା ଭାଡି ଭିତରେ ପଶି ୫ଟି ଅଣ୍ଡା ଖାଇବା ସହ ଗୋଟିଏ କୁକୁଡ଼ାକୁ ମାରିଦେଇଥିଲା। ଦାସ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ହରେକୃଷ୍ଣ ରାଉତଙ୍କୁ ଖବର ଦେଇଥିଲେ। ରାଉତ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଦେଇଛନ୍ତି।

## ୪ ମନ୍ଦିରରୁ ଚୋରି

ସିମୁଳିଆ, ୨୫।୬(ସନ୍ତୋଷ ନାୟକ)

ସିମୁଳିଆ ଥାନା ମଇତାପୁର ପଞ୍ଚାୟତ ଅଧୀନ ସାନମଇତାପୁର ଅଞ୍ଚଳର ବିଭିନ୍ନ ୪ଟି ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଅମଣିଆ ସାହିର ମା'ଲକ୍ଷ୍ମୀଙ୍କ ମନ୍ଦିର, ମହାନ୍ତିସାହି ଶନି ମନ୍ଦିର, ମହାଦେବସାହିର ମହାଦେବ ମନ୍ଦିର ଓ ସ୍ଥାନୀୟ ହନୁମାନ ମନ୍ଦିରରୁ ଚୋରି ହୋଇଛି ।

# ଡ୍ରେନେଜ ବ୍ୟବସ୍ଥାର ପୁନରୁଦ୍ଧାର ହେଉନି

ଖଇରା, ୨୫।୬(ଉତ୍କଳବନ୍ଧୁ ପଣ୍ଡା)

## ଆନ୍ଦୋଳନ ଚେତାବନୀ ଦେଲେ କୁପାରୀ ଗ୍ରାମବାସୀ

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଗ୍ରାମ ରାସ୍ତାର ଉଭୟ ପାର୍ଶ୍ୱରେ ଆବର୍ଜନା ଭର୍ତ୍ତି ଯୋଗୁ ଡ୍ରେନରେ ଜଳ ନିଷ୍କାସନ ହୋଇପାରୁନାହିଁ। ଏବେ ବର୍ଷା ପରେ ଆବର୍ଜନାଯୁକ୍ତ ପାଣି ପରିବେଶ ପ୍ରଦୂଷିତ ହେଉଥିବାରୁ ଜନସାଧାରଣ ବିଶେଷ କରି ସ୍କୁଲପିଲାମାନଙ୍କ ମଧ୍ୟରେ ସଂକ୍ରମଣ ଆତଙ୍କ ଦେଖାଦେଇଛି। ଶତାଧିକ ଗ୍ରାମବାସୀ ୩ଦିନ ମଧ୍ୟରେ ଡ୍ରେନ ବ୍ୟବସ୍ଥାର ସୁଧାର ପାଇଁ ମଙ୍ଗଳବାର ବାଲେଶ୍ୱର ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଖଇରା ବ୍ଲକ ବିଡିଓ, ପଞ୍ଚାୟତ କର୍ତ୍ତୃପକ୍ଷ, ଜିଲା ପରିଷଦ ସଭ୍ୟଙ୍କୁ ପ୍ରଦାନ କରିଛନ୍ତି। ଯଦି ପ୍ରଶାସନ ସେମାନଙ୍କ ଦାବିକୁ ଉପେକ୍ଷା କରେ ତେବେ ସମୂହ ଗ୍ରାମବାସୀ କୁପାରୀଠାରେ ସୋର-କୁପାରୀ ରାସ୍ତାକୁ ଅବରୋଧ କରିବେ ବୋଲି ଗ୍ରାମର ଅଜୟ କୁମାର ଜେନା, ସୁମନ୍ତ ଜେନା, କୈଳାସ ମାଝି, ପ୍ରଦୀପ କୁମାର ଦ୍ୱିବେଦୀ, ଗୌରାଙ୍ଗ ଶତପଥୀ ଓ ମନୋରଞ୍ଜନ ମାଝିଙ୍କ ସମେତ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ ସୋର-କୁପାରୀ ପୂର୍ତ୍ତ ବିଭାଗ ରାସ୍ତାରୁ ଗ୍ରାମକୁ ଲମ୍ବିଥିବା ରାସ୍ତା ଦେଇ ଦୈନିକ ଶହ ଶହ ସଂଖ୍ୟାର ଗ୍ରାମବାସୀ ବଜାରକୁ ଯିବାଆସିବା କରିବା ବ୍ୟତୀତ କୁପାରୀ ସ୍କୁଲ ସମୂହକୁ ଛୋଟ ଛୋଟ ପିଲାମାନେ ମଧ୍ୟ ପଢିବାକୁ ଯାଇଥାନ୍ତି। ଏହାଛଡା ବୌଦ୍ଧ ନାଟମଣ୍ଡପ, କୃପାଚାର୍ଯ୍ୟ ଯଜ୍ଞକୁଣ୍ଡ ଭଳି ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ଏହି ରାସ୍ତା ସଂଯୋଗ କରୁଛି। ହେଲେ ଡ୍ରେନ ପୋତି ହୋଇଯାଇଥିବା କାରଣରୁ ସାମାନ୍ୟ ବର୍ଷା ପରେ ପାଣି ରାସ୍ତାରେ ଜମି ରହି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆବର୍ଜନା ପାଣି ମାସ ମାସ ଧରି ରାସ୍ତା ଉପରେ ଜମି ରହି ପ୍ରତିମୂହୁର୍ତ୍ତରେ ହଇଜା ଭଳି ମାରାତ୍ମକ ରୋଗକୁ ନିମନ୍ତ୍ରଣ କରୁଛି।


ରାସ୍ତା ଉପରେ ଆବର୍ଜନାଯୁକ୍ତ ପାଣି ଜମିରହିଥିବା ଦୃଶ୍ୟ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ଦେଶୀ ମଦ ଜବତ

ବୈଶିଙ୍ଗା,୨୫।୬(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ପଞ୍ଚାୟତର ହାତୀପତୁକା ଗ୍ରାମରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ଅବକାରୀ ବିଭାଗର ସାଟେଲାଇଟ ଟିମ ଓ ବେତନଟୀ ଅବକାରୀ ଥାନା ମଙ୍ଗଳବାର ଚଢ଼ାଉକରି ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ଏବଂ ମଦ ନଷ୍ଟ କରିଛି। ଜଳେଶ୍ୱର ଅବକାରୀ ବିଭାଗର ସାଟେଲାଇଟ ଟିମର ନେତୃତ୍ୱ ନେଉଥିଲେ ଲକ୍ଷସାଧବ ପ୍ରଧାନ। ତାଙ୍କ ସହ ବେତନଟୀ ଅବକାରୀ ଥାନାଧିକାରୀ ପ୍ରକାଶ ସାହୁ, ଏଏସ୍‌ଆଇ ଉର୍ମିଳା ବେହେରା , କନଷ୍ଟେବଳ ଲିଜା ପ୍ରଧାନ ଓ ମାନସ ବେହେରା ମଧ୍ୟ ଟିମ ସହିତ ସାମିଲ ହୋଇଥିଲେ। ହାତୀପତୁକା ଓ ବିଦୁକୁଡିଆ ଗ୍ରାମ ନିକଟସ୍ଥ ଜଙ୍ଗଲ ଭିତରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ଚଢ଼ାଉକରି ୩ ହଜାର କିଲୋଗ୍ରାମ ଓଜନର ମହୁଲପୋଚ ଏବଂ ଚୋରା ଚାଲାଣ ନିମନ୍ତେ ରଖାଯାଇଥିବା ୧୨୫ ଲିଟର ରନ୍ଧାମଦ ଜବତ କରି ନଷ୍ଟ କରାଯାଇଥିଲା।

### ଯୁବ କ୍ରୀଡ଼ାବିତଙ୍କୁ ଉତ୍ସାହିତ କଲେ ଜିଲାପାଳ

ବାରିପଦା,୨୫।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ତାମିଲନାଡୁଠାରେ ଆୟୋଜିତ ଉପ କନିଷ୍ଠ ବର୍ଗରେ ଜାତୀୟ ଉସୁଖେଳର ତାଭଲୁ ଇଭେଣ୍ଟରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରିଥିବା କ୍ରୀଡ଼ାବିତଙ୍କୁ ଜିଲାପାଳ ହେମକାନ୍ତ ସୟ ଉତ୍ସାହିତ କରିଛନ୍ତି। ଜିଲାର ବେତନଟୀ ବ୍ଲକ ଆଗ୍ରିଆ ଗ୍ରାମର ଖେଳାଳି ପ୍ରିୟବ୍ରତ ପରିଡାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଭବିଷ୍ୟତରେ ଆହୁରି ଉତ୍ତମ ପ୍ରଦର୍ଶନ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହା ସହିତ ଉସୁ ସଂଘର ସାଧାରଣ ସମ୍ପାଦକ ଇଶ୍ୱର ମହାନ୍ତଙ୍କୁ ଉସୁ ଖେଳାଳିମାନଙ୍କ ପାଇଁ ଆବଶ୍ୟକୀୟ ଖେଳ ଉପକରଣ ଯୋଗାଇ ଦେବାର ବ୍ୟବସ୍ଥା କରିବେ ବୋଲି କହିଥିଲେ। ଜିଲା ଉସୁ ସଂଘର ସମସ୍ତ କାର୍ଯ୍ୟକାରୀ ସଦସ୍ୟା ଓ ସଦସ୍ୟମାନେ ଏଥିପାଇଁ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜବରଦଖଲ ଉଚ୍ଛେଦକୁ ବିରୋଧ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ କୁଳିଅଣା (ଗୋପୀନାଥ ବେହେରା), ୨୫।୬



ଉତ୍ୟକ୍ତ ମହିଳା ବିରୋଧ ପ୍ରଦର୍ଶନ କରୁଛନ୍ତି।

- ତାତିଲେ ମହିଳା, ଜାତୀୟ ରାଜପଥ ଅବରୋଧ
- ପୋଲିସ ଉପସ୍ଥିତିରେ ତହସିଲଦାରଙ୍କୁ ଟଣାଓଟରା

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଞ୍ଚଳରେ ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଉଚ୍ଛେଦକୁ ବିରୋଧ କରି ତିତିରି ଗ୍ରାମର ମହିଳାମାନେ ବୁଧବାର ୧୮ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ଓ ତହସିଲଦାର ପହଞ୍ଚି ବୁଝାଶୁଝା କରିବାରୁ ଅବରୋଧ ହଟିଥିଲା। ମାତ୍ର ଉତ୍ତେଜିତ ଲୋକେ ପୋଲିସ ସୁରକ୍ଷା ମଧ୍ୟରେ ଥିବା କୁଳିଅଣା ତହସିଲଦାର ଦୁର୍ଗା ଚରଣ ମୁର୍ମୁଙ୍କୁ ଠେଲାପେଲା କରିଥିଲେ। ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଥାନାଧିକାରିଣୀ ମଧୁସ୍ମିତା ନାୟକ ଏକ ପ୍ଲାଟୁନ ଫୋର୍ସ ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

ସୂଚନାଯୋଗ୍ୟ, ସରକାରଙ୍କ ବିଭିନ୍ନ ଯୋଜନାରେ ଜମି ପ୍ରଦାନକୁ ନେଇ ସମସ୍ୟା ଉପୁଜିଛି। ଏକ ଷ୍ଟାଡିୟମ ନିର୍ମାଣ ପାଇଁ ୩ ଏକର ଜମିର ଆବଶ୍ୟକତା ଥିବାରୁ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ କରାଯାଇଥିଲା । ତିତିରି ଓ ତାଳପଦା ଅଞ୍ଚଳର ୨୦ ଏକର ସରକାରୀ ଜମି ଲୋକମାନଙ୍କ ଦଖଲରେ ଥିବାରୁ ସେଠାରୁ ଉଚ୍ଛେଦ ପାଇଁ ୧୩୦ ପରିବାରକୁ ତହସିଲ ପକ୍ଷରୁ ରାଜସ୍ୱ ନୀରିକ୍ଷକଙ୍କ ଜରିଆରେ ୧୦ଜୁନ ୨୦୨୫ରେ ନୋଟିସ ଜାରି କରାଯାଇଥିଲା। ଜବରଦଖଲକାରୀମାନେ ସରକାରୀ ଜମିକୁ ନେଇ ପୂର୍ବରୁ ଜରିମାନା ପୈଠ କରିଛନ୍ତି। ତେବେ ଜବରଦଖଲ ଉଚ୍ଛେଦକୁ ନେଇ ସରକାରଙ୍କ ନୋଟିଫିକେସନ ନଂ. ୧୨୬୮/୧୯ ମେ ୨୦୨୫ ଅନୁଯାୟୀ ଆପତ୍ତି ଅଭିଯୋଗର ଶୁଣାଣି ପାଇଁ ୧୭ ଜୁନ ୨୦୨୫ରେ ଧାର୍ଯ୍ୟ କରାଯାଇଥିଲା। ଏହାକୁ ନେଇ ଦଖଲକାରୀମାନେ ତହସିଲଦାରଙ୍କୁ ଭେଟି ଉଚ୍ଛେଦ ପାଇଁ ଏକମାସ ଅଧିକ ସମୟ ମାଗିଥିଲେ। ଲଘୁଚାପ ଜନିତ ପ୍ରବଳ ବର୍ଷାରେ ପିଲାଛୁଆ ଓ ବୃଦ୍ଧାବୃଦ୍ଧଙ୍କୁ ଧରି ଅନ୍ୟତ୍ର ରହିବା ଅସମ୍ଭବ ବୋଲି ନିବେଦନ କରିଥିଲେ। ତେବେ ତହସିଲଦାର ଅଭିଯୋଗକୁ ନେଇ କୌଣସି ସମାଧାନ କରି ନ ଥିବାରୁ ଶତାଧିକ ମହିଳାପୁରୁଷ ଜିଲାପାଳଙ୍କୁ ସୋମବାର ଭେଟିବାକୁ ଆସି ନିରାଶ ହୋଇଥିଲେ। ଏ ନେଇ ଅତିରିକ୍ତ ଜିଲାପାଳ(ରାଜସ୍ୱ) ବିଭୂତି ଭୂଷଣ ନାୟକଙ୍କୁ ଭେଟି ଅଧିକ ଏକମାସ ସମୟ ମାଗିଥିଲେ। ମାତ୍ର ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସରକାରଙ୍କ ଆଇନ ଓପିଏଲଇ ୧୯୭୨ ଧାରା ୭,୯ ଓ ୧୧ ଅନୁଯାୟୀ ପ୍ରଶାସନ ପକ୍ଷରୁ ୨୫ ଜୁନ ୨୦୨୫ରେ ନୋଟିସ ଅନୁଯାୟୀ ବୁଧବାର ପୂର୍ବାହ୍ନ ୧୧ଟାରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ବୁଲଡୋଜର ଯୋଗେ ଘର ଭାଙ୍ଗିବା ଆରମ୍ଭ କରିବାରୁ ଗ୍ରାମର ଶତାଧିକ ମହିଳା ପୁରୁଷ ତହସିଲଦାରଙ୍କୁ ଭେଟି ବର୍ଷା ଦିନ ପାଇଁ ଉଚ୍ଛେଦ ବନ୍ଦ କରିବାକୁ ନିବେଦନ କରିଥିଲେ। ମାତ୍ର ତହସିଲଦାର କୌଣସି କଥା ନ ଶୁଣି ଗ୍ରାମର କାହ୍ନୁ ଚରଣ ଦାସ, ଭୋଳାନାଥ ଦାସ, ସାବିତ୍ରୀ ବେହେରା ଓ ଶଙ୍କର୍ଷଣ ବେହେରାଙ୍କ ଘର ଭାଙ୍ଗି ଦେଇଥିଲେ। ଏହାକୁ ନେଇ ଗ୍ରାମେର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ଲୋକେ ନ୍ୟାୟ ଦାବିରେ ଜାତୀୟ ରାଜପଥରେ ନିଆଁଜାଳି ଓ ବାଉଁଶ ବାନ୍ଧି ଅବରୋଧ କରିଥିଲେ। ଏକ ଘଣ୍ଟା ଧରି ରାଜପଥରେ ଗାଡ଼ିମୋଟର ଚଳପ୍ରଚଳ ବନ୍ଦ ରହିଥିଲା। ଘଟଣା ସ୍ଥଳରେ କୁଳିଅଣା ପୋଲିସ ଓ ତହସିଲଦାର ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। କିଛି ମହିଳା ପୁରୁଷ ରାଗିଯାଇ ପୋଲିସ ଉପସ୍ଥିତିରେ ତହସିଲଦାରଙ୍କୁ ଟଣାଓଟରା କରିବା ସହ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏସଂକ୍ରାନ୍ତରେ ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ କାରାଦଣ୍ଡ

ବାରିପଦା,୨୫।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ସ୍ପେଶାଲ ପୋକ୍‌ସୋ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରତିମା ପାତ୍ର ଏହାର ବିଚାର କରି ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ବିଭିନ୍ନ ଦଫାନୁଯାୟୀ ମୋଟ ୧ଲକ୍ଷ ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୨ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାରିପଦା ସଦର ଥାନା ଅଧୀନ ପାଇକବସା ଅଞ୍ଚଳର ବାପୁନ ମହାନ୍ତ (୨୬)। ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଜୁନ ୧୬ରେ ନାବାଳିକା ଜଣକ ସମ୍ପର୍କୀୟ ମାମୁଘରକୁ ମା' ସହିତ ବୁଲିଯାଇଥିଲେ। ନିକଟସ୍ଥ ଏକ ସ୍ଥାନରେ ସେ ବୁଲୁଥିବା ସମୟରେ ଅଭିଯୁକ୍ତ ବାପୁନ ଏକ ବାଇକ୍‌ରେ ଆସି ତାଙ୍କୁ ଅପହରଣ କରିନେଇ ବାଙ୍ଗରିପୋଷୀ ଅଞ୍ଚଳର ସମ୍ପର୍କୀୟଙ୍କ ଘରେ ରଖିଥିଲେ। ୪ଦିନ ଧରି ସେଠାରେ ସେ ନାବାଳିକାଙ୍କୁ ବଳାତ୍କାର କରିବା ସହ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଲେ ଜୀବନରୁ ମାରିଦେବେ ଧମକ ଦେଇଥିଲେ। କୌଶଳ କ୍ରମେ ନାବାଳିକା ଜଣକ ଖସିଆସି ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୪/୧୮)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାକୁ ସରକାରୀ ଓକିଲ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

## ଆର୍‌ଏମ୍‌ସି କର୍ମଚାରୀ ଅଟକ

ମୋରଡ଼ା,୨୫।୬(ସ୍ମାରକ ମାଜୀ)

### ହାଟ ମଝିରେ ଆଣ୍ଠୁଏ ପାଣି

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ଧାନଶୋଳ ଏକ ଗୁରୁତ୍ୱପୂର୍ଣ୍ଣ ହାଟ। ମୋରଡା, ଧଡ଼ାସାହି, ପଳାସମୁଣ୍ଡୁଳି, ନୂଆଗାଁ, ଚିକିଟାମାଟିଆ, ଚଢେଇଗାଁ, ନୂହାଝାଳିଆ ସହିତ ଅନ୍ୟ ପଞ୍ଚାୟତର ଲୋକେ ମଧ୍ୟ ଉକ୍ତ ହାଟ ଉପରେ ନିର୍ଭର କରନ୍ତି । ତେବେ ବର୍ତ୍ତମାନ ଉକ୍ତ ହାଟଟି ଆର୍‌ଏମ୍‌ସି ତତ୍ତ୍ୱାବଧାନରେ ଚାଲୁଥିବା ବେଳେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ସୂଚନା ମୁତାବକ, ବୁଧବାର ପୂର୍ବାହ୍ନ ୧୦ଟା୩୦ରେ ବର୍ଷା ହେବାରୁ ହାଟ ଭିତରେ ଆଣ୍ଠୁଏ ଉଚ୍ଚର ପାଣି ଜମା ହୋଇଯାଇଥିଲା। ଫଳରେ ବ୍ୟବସାୟୀ ଏବଂ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କେତେଜଣ ବ୍ୟବସାୟୀ ବିକ୍ରି କରିବାକୁ ଆଣିଥିବା ପନିପରିବା ନଷ୍ଟ ହୋଇଯାଇଥିଲା। ଏନେଇ ଉତ୍ୟକ୍ତ ବ୍ୟବସାୟୀ ଓ ଗ୍ରାହକମାନେ ଆରଏମ୍‌ସି କର୍ମଚାରୀ ମନୋଜ ଭୂୟାଁଙ୍କୁ ଅଟକ ରଖିଥିଲେ। ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଏପରି ସ୍ଥିତି ଉପୁଜିଛି ବୋଲି ୱାର୍ଡ ସଦସ୍ୟ କମଳାକାନ୍ତ ମହାନ୍ତ ଏବଂ ସ୍ଥାନୀୟ ଲୋକେ କହିଛନ୍ତି।

## ଚେକ୍ ବାଉନ୍ସ ମାମଲାରେ ୬ ମାସ ଜେଲ

ବାରିପଦା,୨୫।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଅତିରିକ୍ତ ଜିଲା ଜଜ୍-୨ ଏକ ଚେକ୍ ବାଉନ୍ସ ମାମଲାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ରାୟକୁ କାଏମ ରଖିଛନ୍ତି। ବିଚାରପତି ସୁମନ କୁମାର ମିଶ୍ର ଏହାର ବିଚାର କରି ଦୋଷୀଙ୍କୁ ୬ ମାସ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହା ସହିତ ୨ଲକ୍ଷ ୧୩ହଜାର ୧୪ ଟଙ୍କା ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାରିପଦା ଟାଉନ ଥାନା ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର କଲ୍ୟାଣୀ ଗୋସ୍ୱାମୀ। ସୂଚନାଯୋଗ୍ୟ, କଲ୍ୟାଣୀ ବ୍ୟବସାୟ ନିମନ୍ତେ ବାରିପଦାସ୍ଥିତ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ମହିଳା ଶାଖାରୁ ୨ଲକ୍ଷ ଟଙ୍କା ଋଣ ନେଇଥିଲେ। ଋଣ ପରିଶୋଧ ନିମନ୍ତେ ଏକ ବ୍ୟାଙ୍କ ଚେକ ପ୍ରଦାନ କରିଥିଲେ। ତେବେ ଉକ୍ତ ଚେକର ବ୍ୟାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନ ଥିବାରୁ ଚେକ ବାଉନ୍ସ ହୋଇଯାଇଥିଲା। ତେବେ ଏହାକୁ ନେଇ ପରିଚାଳନା ନିର୍ଦ୍ଦେଶକ ଏସ୍‌ଡିଜେଏମ୍ କୋର୍ଟରେ ମାମଲା ରୁଜୁ କରିଥିଲେ। ପରେ ଉକ୍ତ ମାମଲା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତକୁ ଯାଇଥିଲା। ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ଶୁଣାଣି କରିଥିଲେ। ଯାହାକୁ ନେଇ ଜିଲା ଦୌରା ଜଜ କୋର୍ଟରେ ଅପିଲ କରିଥିବାରୁ ବୁଧବାର ଶୁଣାଣି ହୋଇଛି । ଉକ୍ତ ମାମଲାକୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ପରିଚାଳନା କରୁଥିଲେ।

## ଛତୁ ଖାଇ ୪ ଅସୁସ୍ଥ

ଆନନ୍ଦପୁର,୨୫।୬(ସୁଶାନ୍ତ ସାହୁ)

ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅନ୍ତର୍ଗତ ବାଲିଡ଼ାହି ଗ୍ରାମରେ ଜଙ୍ଗଲି ଛତୁ ଖାଇ ଗୋଟିଏ ପରିବାରର ୪ ଜଣ ଅସୁସ୍ଥ ହୋଇଛନ୍ତି। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ମଙ୍ଗଳବାର ପରିବାର ଲୋକେ ଜଙ୍ଗଲରୁ ଆଣିଥିବା ଛତୁ ରୋଷେଇ କରି ଖାଇଥିଲେ। ତରକାରି ଖାଇବା ପରେ ପରିବାରର ୪ ସଦସ୍ୟଙ୍କ ଝାଡ଼ାବାନ୍ତି ହୋଇଥିଲା। ଅବସ୍ଥା ଗୁରୁତର ହେବାରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆକ୍ରାନ୍ତଙ୍କ ମଧ୍ୟରେ ୩ ମହିଳା ଓ ଜଣେ ପୁରୁଷ ରହିଛନ୍ତି।

## ୨ ବନ୍ଧୁକ ଜବତ, ୩ ଗିରଫ

ବାରିପଦା,୨୫।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭ ଜିଲା ଝାରପୋଖରିଆ ଥାନା ସାରସକଣା ବ୍ଲକ ଯୋକା ନିକଟ ପକପକା ଗ୍ରାମରେ ପୋଲିସ ଚଢ଼ାଉ କରି ୩ ଆନ୍ତଃରାଜ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ଏକ ରିଭଲଭର ଓ ଗୋଟିଏ ଦେଶୀ ବନ୍ଧୁକ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, କୁଚେଇ ବ୍ୟାଙ୍କ ଡକାୟତି ଓ ମଦ କର୍ମଚାରୀଙ୍କୁ ଗୁଳି ମାଡ଼କୁ ନେଇ ଝାରପୋଖରିଆ ପୋଲିସ କଡ଼ାକଡ଼ି ଯାଞ୍ଚ କରୁଥିଲା । ଝାଡ଼ଖଣ୍ଡ ସୀମାନ୍ତ ଘୋଡାବନ୍ଧା ଥାନା ସୀମା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୩ ସନ୍ଦିଗ୍ଧଙ୍କୁ ପୋଲିସ ମଙ୍ଗଳବାର ରାତିରେ ଯାଞ୍ଚ କରୁଥିବା ସମୟରେ ସେମାନଙ୍କ ଠାରୁ ବନ୍ଧୁକ ଜବତ କରାଯାଇଥିଲା । ଅନ୍ୟ ଦୁଇଟି ବାଇକରେ ୨ ଅଭିଯୁକ୍ତ ଖସି ପଳାଇଥିବା ଜଣାପଡିଛି। ଅଭିଯୁକ୍ତ ଦ୍ୱୟ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ବୋଲି ଜଣାପଡ଼ିଛି।

## କେନ୍ଦୁଝର

# ଖୋଲିଲା ଚମ୍ପୁଆ କେନ୍ଦ୍ରୀୟ ବିଦ୍ୟାଳୟ

ଚମ୍ପୁଆ,୨୫।୬(ମହେଶ୍ୱର ଦାସ)



ଉପାନ୍ତ ଅଞ୍ଚଳ ଚମ୍ପୁଆରେ ବହୁ ପ୍ରତିକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିଲା। ବୁଧବାର କେନ୍ଦ୍ରୀୟ ବିଦ୍ୟାଳୟର ଏକ ଦଳ ଚମ୍ପୁଆଗସ୍ତ କରି ଆନୁସାଙ୍ଗିକ ବ୍ୟବସ୍ଥା ତଦାରଖ କରିଥିବାବେଳେ ବିଦ୍ୟାଳୟ ଖୋଲିଥିବା ନେଇ ସୂଚନା ପ୍ରଦାନ କରିଥିଲେ। ସୂଚନା ଅନୁସାରେ, ଦୀର୍ଘ ୮ ବର୍ଷ ହେବ ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ପ୍ରସ୍ତାବ ଆଗତ ହୋଇଥିଲା। ଆବଶ୍ୟକ ଜମି ନିରୁପଣ ସହିତ ଆନୁସାଙ୍ଗିକ ବ୍ୟବସ୍ଥା ଆଦିର ସୁପରିଚାଳନା ପାଇଁ ଏହା ବିଳମ୍ବ ହୋଇଥିଲା। ସ୍ଥାନୀୟ ଅଧିବାସୀ ଓ ସ୍ଥାନୀୟ ସଂଗଠନମାନେ ବିଦ୍ୟାଳୟ ତୁରନ୍ତ ଖୋଲିବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ସହିତ ବିଦ୍ୟାଳୟ ଖୋଲିବା ଦାବି ନେଇ ଚମ୍ପୁଆ ବନ୍ଦ ଘୋଷଣା କରିଥିଲେ। ପରେ ବିଦ୍ୟାଳୟ ପାଇଁ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ପ୍ରକାଶ ପାଇବା ସହିତ ଆବଶ୍ୟକ ଜମି ଓ ଅସ୍ଥାୟୀ ବିଦ୍ୟାଳୟ ପାଇଁ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଆବଶ୍ୟକ ଶ୍ରେଣୀ କୋଠରୀ ଓ ଅଫିସ କାର୍ଯ୍ୟାଳୟ ଯୋଗାଇ ଦିଆଯାଇଥିଲା। ଶେଷରେ ଏହି ବିଦ୍ୟାଳୟ ଖୋଲିବା ନେଇ ଆନୁଷ୍ଠାନିକ ନିଷ୍ପତ୍ତି ପ୍ରଦାନ କରାଯିବା ସହିତ ପ୍ରଥମ ଅଧକ୍ଷ ଭାବେ ହର୍‌ମନ ଛୁରିଆ ଓ ପ୍ରଥମ ଶିକ୍ଷକଭାବେ ସଚିନ କୁମାରଙ୍କୁ ନିଯୁକ୍ତି ଦିଆଯାଇଛି। ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ତହସିଲଦାର ସଜତ ମାର୍କେ, ସହକାରୀ ଜିଲାପାଳ ଫୁରର୍ଲାଇ ବେସ୍ରା ଏବଂ ସ୍ଥାନୀୟ ବିଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ସହିତ ବିଭିନ୍ନ ସଂଗଠନର ସଦସ୍ୟଙ୍କ ଉପସ୍ଥିତିରେ ସ୍ଥାନୀୟ ଚନ୍ଦ୍ର ଶେଖର ମହାବିଦ୍ୟାଳୟ ତଥା ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟଠାରେ ଅନୁଷ୍ଠିତ ଏକ ସଭାରେ ଜିଲା କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ସୁଶାନ୍ତ କୁମାର ସାହୁ ଏହି ଘୋଷଣା କରିଥିଲେ। ଆସନ୍ତା ୧ ତାରିଖରୁ ଆବେଦନ ପତ୍ର ମିଳିବାକୁ ଥିବା ବେଳେ ୩୦ ତାରିଖରୁ ନାମ ଲେଖା ଓ ଅଗଷ୍ଟ ୧ ତାରିଖରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬ ଜଣ ଶିକ୍ଷକଙ୍କ ଦ୍ୱାରା ପାଠପଢ଼ା ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ।

# ଭାଜପା ପାଳିଲା କଳା ଦିବସ

ବଉଳା/ପାଟଣା,୨୫।୬(ଦୁର୍ଗା ପ୍ରସାଦ ଆୟଚ/ ବୀର କିଶୋର ଦାଶ): କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ହାଟଡ଼ିହୀରେ ଥିବା ଭାଜପା କାର୍ଯ୍ୟାଳୟ ପକ୍ଷରୁ କଳା ଦିବସ ପାଳନ କରାଯାଇଛି। ବରିଷ୍ଠ ନେତା ଆଲୋକ ସେଠୀ ଓ ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାରଙ୍କ ନେତୃତ୍ୱରେ କଂଗ୍ରେସର ୧୯୭୫ ମସିହା ଜୁନ୍ ୨୫ରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧୀନ ସରକାର ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁକରି ସମ୍ବିଧାନକୁ ହତ୍ୟା କରିଥିବା କହିଥିଲେ। ଏହି ଦିନକୁ କଳା ଦିବସ ଭାବେ ପାଳନ କରି ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଭାଜପା କାର୍ଯ୍ୟାଳୟଠାରୁ ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ଏହି ସମୟରେ ଭାଜପାର ଶତାଧିକ କର୍ମୀ ଯୋଗଦେଇଥିଲେ।

### ଜରୁରିକାଳୀନ ପରିସ୍ଥିତିର ୫୦ବର୍ଷ ପୂର୍ତ୍ତି

ସେହିପରି ଜରୁରିକାଳୀନ ପରିସ୍ଥିତିର ୫୦ବର୍ଷ ପୂର୍ତ୍ତି ଅବସରରେ ପାଟଣା ଭାଜପା ପକ୍ଷରୁ ନିର୍ବାଚନ ମଣ୍ଡଳୀସ୍ତରୀୟ କଳା ଦିବସ ରୂପେ ପାଳନା କରାଯାଇଛି। ସାହାରପଡ଼ା ବ୍ଲକ୍ ଉଦୟପୁର ପଞ୍ଚାୟତ ଗଦଗଦୀଠାରେ ଆୟୋଜିତ ସଭାରେ ଭାଜପା ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁଦର୍ଶନ ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ହେମ ରଞ୍ଜନ ବାରିକ, ଓବିସି ଜିଲା ସଭାପତି ଲକ୍ଷ୍ମଣ ବାରିକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୌତମ ନାଏକ, ବିଧାୟକ ପ୍ରତିନିଧି ନରେନ୍ଦ୍ର ମହାନ୍ତ, ସୋମବାରୀ ମୁଣ୍ଡା, ଗଣ୍ଡବେଡ଼ା ସରପଞ୍ଚ ଚପଳ ଚାନ୍ଦ ରଣ ସିଂ, ବାଇକଳା ସରପଞ୍ଚ ହରିହର ନାଏକ ପ୍ରମୁଖ ଯୋଗଦେଇଥିଲେ।


**ନୋଟିସ୍**

ଏତଦ୍ୱାରା ଜଣାଇଦିଆଯାଉଅଛି ଯେ, ଭୁବନେଶ୍ୱର ସତ୍ୟନଗର ମୌଜାସ୍ଥିତ ପ୍ଲଟ୍ ନଂ-୧୪୩ (ପାର୍ଟ) ରେ ଆମ୍ଭର ଏକ ବାସଗୃହ ପ୍ରକଳ୍ପ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ ଲାଭ କରିଅଛି ।
ଏ ସମ୍ପର୍କିତ ଚିଠିର ନକଲ ଗୁଡ଼ିକ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରେ ଉପଲବ୍ଧ ଅଛି । ଏତତ୍ ବ୍ୟତିତ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ୱେବସାଇଟ୍: www.parivesh.nic.in ରେ ଉପଲବ୍ଧ ଅଛି ।

ଆମ ଠିକଣା
ପରମିତ୍ରା ସ୍ମାର୍ଟଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରାଇଭେଟ୍ ଲିଃ ,
ପ୍ଲଟ୍ ନଂ-୧୫, ଭିଆଇପି କଲୋନୀ ଆଇଆରସି ଭିଲେଜ ଭୁବନେଶ୍ୱର-୭୫୧୦୧୫

**ନୋଟିସ୍**

ଏତଦ୍ୱାରା ଜଣାଇଦିଆଯାଉଅଛି ଯେ, ଭୁବନେଶ୍ୱର ଗାଡ଼କଣ ମୌଜାସ୍ଥିତ ପ୍ଲଟ୍ ନଂ- ୭୨୫୪ (ପାର୍ଟ) , ୭୨୫୫(ପାର୍ଟ) , ୭୬୪୦(ପାର୍ଟ) ରେ ଆମ୍ଭର ଏକ ବାସଗୃହ ପ୍ରକଳ୍ପ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ ଲାଭ କରିଅଛି । ଏ ସମ୍ପର୍କିତ ଚିଠିର ନକଲ ଗୁଡ଼ିକ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରେ ଉପଲବ୍ଧ ଅଛି । ଏତତ୍ ବ୍ୟତିତ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ୱେବସାଇଟ୍: www.parivesh.nic.in ରେ ଉପଲବ୍ଧ ଅଛି ।

ଆମ ଠିକଣା
ଡିଏନ୍ ହୋମସ୍ ପ୍ରାଇଭେଟ୍ ଲିଃ
ନଂ-୬/୪୪୦ , ଆଇଆରସି ଭିଲେଜ ଭୁବନେଶ୍ୱର-୭୫୧୦୧୫


## ପ୍ରଶାସନ ପକ୍ଷରୁ ହୋଟେଲ ମାଲିକଙ୍କୁ ତାଗିଦା

### ସପ୍ତାହେ ବନ୍ଦ ନିର୍ଦ୍ଦେଶକୁ ବେଖାତିର

ବଡ଼ବିଲ,୨୫।୬(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ଦେଖି ପୌରପାଳିକା ପକ୍ଷରୁ ରବିବାରଠାରୁ ଏକ ସପ୍ତାହ ପାଇଁ ସମସ୍ତ ଜଳଖିଆ ଓ ଫାଷ୍ଟଫୁଡ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶକୁ ଅନେକ ବ୍ୟବସାୟୀ ବେଖାତିର କରିଥିଲେ। ଖବର ପାଇ ପ୍ରଶାସନ ଚଢ଼ାଉ କରି ମାଲିକଙ୍କୁ ତାଗିଦା କରି ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସୂଚନା ଥାଉକି, କେନ୍ଦୁଝର ଜିଲା ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ସପ୍ତାହରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୮ ଜଣ ଭର୍ତ୍ତି ହୋଇଥିଲେ। ପୌରାଞ୍ଚଳରେ ଝାଡ଼ାବାନ୍ତି ନିୟନ୍ତ୍ରଣାଧୀନ ଥିବାବେଳେ ହଇଜା ଭୟରେ ବଡ଼ବିଲ ପୌରପାଳିକା ପକ୍ଷରୁ ଅଞ୍ଚଳର ସମସ୍ତ ଜଳଖିଆ ଓ ଫାଷ୍ଟଫୁଡ୍ ଦୋକାନଗୁଡ଼ିକୁ ଏକ ସପ୍ତାହ ପର୍ଯ୍ୟନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବଡ଼ବିଲ ମୁଖ୍ୟ ବଜାରରେ ଥିବା ନ୍ୟୁ କାବେରୀ ହୋଟେଲ ଫାଷ୍ଟଫୁଡ୍ ବିକ୍ରି କରୁଥିଲେ। ଗତ ମଙ୍ଗଳବାର ରାତିରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ତାଗିଦା କରାଯାଇ ଦୋକାନ ବନ୍ଦ କରିବାକୁ କୁହାଯାଇଥିଲା।


**OFFICE OF THE DIVISIONAL FOREST OFFICER
BHADRAK WILDLIFE DIVISION**
AT/P.O/P.S.-CHANDBALI, DISTRICT-BHADRAK, PIN-756133
Phone/Fax- 06786-220472, Mob- +91 9437041541,
Email-dfo.bhadrakwl@odisha.gov.in
No. 2608 -1F-421/2025, Dated 23rd June 2025

**TENDER CALL NOTICE FOR SUPPLY OF TREE GUARD (BAMBOO GABION)**

**No.MM-99:** Sealed Tenders are invited from reputed Dealers / Manufacturers / Individuals for supply of good quality tree guard (seasoned bamboo gabion) of size 6' height and 2'6" diameter with fixing in different plantation sites to be taken up in Bhadrak (WL) Division under MGNREGS schemes during the financial year 2025-26. The tender application can be obtained from the Section Officer, 3F / 4F Section O/O the DFO, Bhadrak (WL) Division on any working day during 10.00 AM to 05:30 PM from date 24.06.2025 to 30.06.2025 on payment of ₹1000.00 (Rupees One Thousand) only in form of cash. Sample of the Tree Guard should be submitted along with the Tender document. The timeline for submission of sealed tender by any means is 02.00 PM on date 30.06.2025. Only the Technical bids shall be opened at 04:00 PM of 30.06.2025 in presence of the bidder (s) or their authorized representative in the Office of the undersigned. The undersigned reserves the right to reject any or all tender without assigning any reasons thereof.

Sd/- Divisional Forest Officer
Bhadrak (WL) Division

OIPR-08048/11/0003/2526

**ନୋଟିସ୍**

ଏତଦ୍ୱାରା ଜଣାଇଦିଆଯାଉଅଛି ଯେ, ଭୁବନେଶ୍ୱର ପାଇକରାପୁର ମୌଜାସ୍ଥିତ ପ୍ଲଟ୍ ନଂ-୧୫୩୨(ପାର୍ଟ) ରେ ଆମ୍ଭର ଏକ ବାସଗୃହ ପ୍ରକଳ୍ପ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ ଲାଭ କରିଅଛି ।
ଏ ସମ୍ପର୍କିତ ଚିଠିର ନକଲ ଗୁଡ଼ିକ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରେ ଉପଲବ୍ଧ ଅଛି । ଏତତ୍ ବ୍ୟତିତ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ୱେବସାଇଟ୍: www.parivesh.nic.in ରେ ଉପଲବ୍ଧ ଅଛି ।

ଆମ ଠିକଣା
ବିପୁଲ୍ ଲାଭନ୍ୟ ଡ଼େଭଲପର୍ସ ଲିଃ,
ପ୍ଲଟ୍ ନମ୍ବର:୧୫, ଭିଆଇପି କଲୋନି, ନୟାପଲ୍ଲୀ ଭୁବନେଶ୍ୱର-୭୫୧୦୧୫

**ନୋଟିସ୍**

ଏତଦ୍ୱାରା ଜଣାଇଦିଆଯାଉଅଛି ଯେ, ଭୁବନେଶ୍ୱର ବରମୁଣ୍ଡା ମୌଜାସ୍ଥିତ ପ୍ଲଟ୍ ନଂ ୧୫୬,୧୫୭,୧୬୦,୧୬୧,୧୬୨,୧୬୩,୧୬୪,୧୬୫,୧୬୬,୧୬୭, ଏବଂ ୧୭୦ ରେ ଆମ୍ଭର ଏକ ବାସଗୃହ ପ୍ରକଳ୍ପ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ ଲାଭ କରିଅଛି । ଏ ସମ୍ପର୍କିତ ଚିଠିର ନକଲ ଗୁଡ଼ିକ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରେ ଉପଲବ୍ଧ ଅଛି । ଏତତ୍ ବ୍ୟତିତ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ୱେବସାଇଟ୍: www.parivesh.nic.in ରେ ଉପଲବ୍ଧ ଅଛି ।

ଆମ ଠିକଣା
ଡିଏନ୍ ହୋମସ୍ ପ୍ରାଇଭେଟ୍ ଲିଃ ,
ନଂ-୬/୪୪୦ , ଆଇଆରସି ଭିଲେଜ ଭୁବନେଶ୍ୱର-୭୫୧୦୧୫

ଆମ ଶିମିଳିପାଳ ଆମ ଗର୍ବ — OUR SIMILIPAL OUR PRIDE

**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
AT-MATIAGARH CHHAKA, PO-K.JASHIPUR, DIST.-MAYURBHANJ, ODISHA-757091
Tel : 06797-295030, Email - dfo.similipalnorthwl@odisha.gov.in / ddsimilipalnorth@gmail.com
Office Order No. : 74//, Dated 21.06.2025

*01st Corrigendum to Bid invited vide this Office Tender Call Notice No.1921, dtd.10.06.2025*

**No.MM-100** : In pursuance to this Office Tender Call Notice No.1921, dtd.10.06.2025, due to unavoidable circumstances all the committee member constituted for supply and installation of Solar High Mast Light are hereby absent in the time of opening of technical bid. So the Date & time of opening of technical bid is re-schedule on dtd.25.06.2025 at 12.30 P.M.

| Sl. No. As per Original TCN | Items | As per Original TCN | As per 01st Corrigendum to TCN & DTCN |
|---|---|---|---|
| 5 | Date & time of opening of technical bid | Dt.21.06.2025 at 12.30 hours onwards | Dt.25.06.2025 at 12.30 hours onwards |

OIPR-08133/11/0017/2526 Sd./- Deputy Director, Similipal (North) WL Division, Jashipur

**OFFICE OF THE SUPERINTENDING ENGINEER
ELECTRICAL CIRCLE (R&B)
NIRMAN SOUDHA, BHUBANESWAR**
E-mail: seec.bbsr2010@gmail.com
Bid Identification No. S.E.E.C (R&B) 06/2025-26
No.2287/Date: 23.06.2025

**No.B-240:** The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.30.06.2025 at 05.00 P.M. to dt.15.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 16.07.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www. tendersorissa.gov.in. Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR

OIPR-34006/11/0037/2526

No.B-233

**OFFICE OF THE
SUPERINTENDING ENGINEER**
JAGATSINGHPUR (R&B) DIVISION, JAGATSINGHPUR
GOVERNMENT OF ODISHA
E-Mail I.D. - eerbjspr@gmail.com
('e' Procurement Notice)
Bid Identification No. S.E. JSP(R&B)-05 of 2025-26

**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Double cover system in ONLINE MODE from eligible contractor for Building works as mentioned below.
2. No. of Work : 03 No.
3. Nature of work : Civil, E.I & PH work
4. Class of Contractor : "B"
5. Tender Paper Cost : Rs.10000/- (Online)
6. Available of bid documents in the website : From 30/06/2025 to 5 P.M. of 15/07/2025
7. Date of Opening of Bid : 11 A.M. of 16/07/2025

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- (Er Sarbendu Sutar)
Superintending Engineer,
Jagatsinghpur (R&B) Division

OIPR-34093/11/0022/2526

# ଶିଆଳି ଦଉଡ଼ି ଲାଗିଲେ ଗଡ଼େ ସର୍ବୋଚ୍ଚ ରଥ



ଭୂୟାଁ ସମ୍ପ୍ରଦାୟ ଲୋକେ ଶିଆଳି ଲତାରେ ତିଆରି କରିଥିବା ରଥ ଦଉଡ଼ି।

କେନ୍ଦୁଝର,୨୫।୬ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥ ଯାତ୍ରା ପାଖେଇ ଆସୁଥିବା ବେଳେ ପ୍ରସ୍ତୁତି ଜୋର୍ ସୋର୍‌ରେ ଚାଲିଛି। ଏଠାରେ ବିଶ୍ୱର ସର୍ବୋଚ୍ଚ ରଥ ନନ୍ଦିଘୋଷରେ ପ୍ରଭୁ ଶ୍ରୀ ବଳଦେବ ଜୀଉ, ଶ୍ରୀ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କୁ ଧାଡ଼ି ପହଣ୍ଡିରେ ସେବାୟତମାନେ ରଥାରୂଢ଼ କରିଥାନ୍ତି। ହଜାର ହଜାର ଭକ୍ତ ବଡ଼ ଦାଣ୍ଡରେ ମାଉସୀ ମା' ମନ୍ଦିରକୁ ରଥ ଟାଣି ନିଅନ୍ତି। ଏଠାରେ ଶିଆଳି ଦଉଡ଼ିରେ ଟଣାଯିବାର ନିଆରା ପରମ୍ପରା ରହିଛି। ଭୂୟାଁ ସମ୍ପ୍ରଦାୟର ଲୋକେ ବହୁ କାଳରୁ ପାରମ୍ପରିକ ଭାବେ ଏହି ଦଉଡ଼ି ଯୋଗାଇ ଆସୁଛନ୍ତି। ଶିଆଳି ଦଉଡ଼ି ବିନା ରଥଯାତ୍ରା ଅଧୁରା ବୋଲି କୁହାଯାଏ।

ପ୍ରକାଶ ଯେ, ଭୂୟାଁ ଜନଜାତିର ଲୋକମାନେ ଦଳ ଦଳ ହୋଇ ଆଖପାଖ ଜଙ୍ଗଲରୁ ଶିଆଳି ଲତାରୁ ବଳ୍କଲ ସଂଗ୍ରହ କରି ଏହି ଦଉଡି ପ୍ରସ୍ତୁତ କରିଥାନ୍ତି। ଆଗରୁ ଜିଲାର ଛଅ ଭୂୟାଁପିଢ଼ରୁ ଏଭଳି ଶିଆଳି ଲତାର ଦଉଡ଼ି ଭେଟି ଦେଉଥିଲେ। ତେବେ କିଛି ବର୍ଷ ହେଲା ବାଂଶପାଳ ବ୍ଲକ୍ ଶୁଆକାଟି ପଞ୍ଚାୟତର କେବଳ ଦଅଁଳା ଗ୍ରାମର ଭୂୟାଁ ସମ୍ପ୍ରଦାୟର ଲୋକମାନେ ଏହି ପରମ୍ପରାକୁ ଜାରି ରଖିଛନ୍ତି। ରଥଯାତ୍ରା ଆସିଲେ ଗ୍ରାମ ଚଳଚଞ୍ଚଳ ହୋଇ ଉଠେ। ଶ୍ରୀ ଜୀଉଙ୍କ ନନ୍ଦିଘୋଷ ରଥ ପାଇଁ ଗାଁଦାଣ୍ଡରେ ଲୋକମାନେ ଏକାଠି ହୋଇ ଶିଆଳି ଦଉଡି ତିଆରି କରନ୍ତି। କେନ୍ଦୁଝରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀବଳଦେବଜୀଉଙ୍କର ନନ୍ଦିଘୋଷ ରଥ ପାଇଁ ଏହି ଗାଁର ଶିଆଳି ଦଉଡ଼ି ବ୍ୟବହୃତ ହୋଇଥାଏ। ଏଥିପାଇଁ ଶୁଦ୍ଧପୂତ ଭାବେ ଅକ୍ଷୟ ତୃତୀୟାଠାରୁ ନିକଟସ୍ଥ ଗନ୍ଧମାର୍ଦ୍ଦନ ପର୍ବତକୁ ଯାଇ ଶିଆଳି ଲତାରୁ ବଳ୍କଲ ସଂଗ୍ରହ କରି ଆଣିଥାନ୍ତି। ବଳ୍କଲ ସଂଗ୍ରହ କରିବା ପରେ ସ୍ନାନପୂର୍ଣ୍ଣିମାରେ ପ୍ରଭୁ ଶ୍ରୀବଳଦେବଜୀଉଙ୍କଠାରୁ ଆଜ୍ଞାମାଳ ଆଣି ଶିଆଳି ଦଉଡି ବୁଣିବା କାର୍ଯ୍ୟ ଆରମ୍ଭ କରିଥାନ୍ତି। ଶିଆଳି ଦଉଡି ଲାଗି ହେଲେ ପ୍ରଭୁଙ୍କ ନନ୍ଦିଘୋଷ ରଥ ଗଡ଼େ ବୋଲି ଶ୍ରଦ୍ଧାଳୁଙ୍କ ମନରେ ବିଶ୍ୱାସ ରହିଛି। ଏଣୁ ରଥ ଯାତ୍ରା ସମୟରେ ଭକ୍ତମାନେ ଏହି ଦଉଡ଼ିରୁ କିଛି ଛିଣ୍ଡାଇ ଆଣି ଘରେ ସାଇତି ରଖିଥାନ୍ତି।

ଦଅଁଳାର ଭୂୟାଁ ସର୍ଦ୍ଦାର କୁଞ୍ଜ ଦେହୁରୀ କୁହନ୍ତି, ଅକ୍ଷୟ ତୃତୀୟା ଦିନରୁ ଗ୍ରାମର ସମସ୍ତେ ପାହାଡ଼କୁ ଯାଇ ଭଲ ଶିଆଳି ଲତାର ବଳ୍କଲ ସଂଗ୍ରହ କରି ଗ୍ରାମକୁ ଆଣି ଥାଉ। ସ୍ନାନ ପୂର୍ଣ୍ଣିମା ଦିନ ଆଜ୍ଞାମାଳ ନେଇ ଦଉଡ଼ି ତିଆରି କରିଥାଉ। ଏହାର ପ୍ରସ୍ତୁତି ବହୁ କଷ୍ଟ କର ହୋଇଥିଲେ ହେଁ ଶ୍ରଦ୍ଧା ଭାବ ରଖି ପରମ୍ପରା ଜାରି ରଖିଛୁ।

ଦଅଁଳା ବାସିନ୍ଦା ସାନ୍ତାଳ ବେହେରା କୁହନ୍ତି, ଅକ୍ଷତ ଲତା ଦେଖି କାଟିଥାଉ। ଯେଉଁ ଗଛରେ ଚଢ଼େଇ କିମ୍ବା ଅନ୍ୟ କୌଣସି କୁରୁକୁଟି ଭଳି ଅନ୍ୟ କୀଟ ପତଙ୍ଗ ବାସ କରି ନ ଥିବେ ସେଭଳି ଲତା କାଟି ଆଣି ଥାଉ। ଏହି ଲତାର ବଳ୍କଳକୁ ସଂଗ୍ରହ କରି ଗ୍ରାମ ମଣ୍ଡ ଘରକୁ ଆଣି ସେଠାରେ ବଳ୍କଲରୁ ସୂତା ଭଳି ବାହାର କରି ଓ ବଟି ଦଉଡ଼ି ପ୍ରସ୍ତୁତ କରିଥାଉ।

ଗ୍ରାମର ଭୀମସେନ ପୁହାଣ କୁହନ୍ତି, ଯାତ୍ରା ପାଇଁ ତିନି ଜୀଉଙ୍କ ପାଇଁ ତିନିଟି ଦଉଡ଼ି ମିଶାଇ ସମୁଦାୟ ଚାରୋଟି ତିଆରି କରିଥାଉ। ଏହି ସବୁ ଦଉଡ଼ିର ମୋଟେଇ ପାଖାପାଖି ୧୫ରୁ ୧୮ ଇଞ୍ଚ ହୋଇଥାଏ। ଲମ୍ବ ୧୪୫ରୁ ୧୫୦ ଫୁଟ (୧୫୦ହାତ ) ରହିଥାଏ। ଶ୍ରୀ ଜୀଉଙ୍କ ରଥ ଟାଣିବା ପାଇଁ ଶିଆଳି ଲତାର ଦଉଡ଼ି ବ୍ୟବହାର ବହୁ ପୁରୁଣା ପରମ୍ପରା ବୋଲି ମନ୍ଦିରର ବଡ ପଣ୍ଡା ରାଜ କିଶୋର ପଣ୍ଡା କହିଛନ୍ତି।

# ନାରୀ ନିର୍ଯାତନାକୁ ନେଇ ଛାତ୍ର ଯୁବ ବିଜେଡିର ବିକ୍ଷୋଭ

କେନ୍ଦୁଝର/ ପାଟଣା/ ଆନନ୍ଦପୁର/ବଉଳା/ ଛେନାପଦି, ୨୫।୬ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ/ ବୀର କିଶୋର ଦାଶ/ ସୁଶାନ୍ତ କୁମାର ସାହୁ/ ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡା)




ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଓ ନାରୀ ନିର୍ଯାତନା ପ୍ରତିବାଦରେ ବିଜୁ ଜନତା ଦଳର ଛାତ୍ର ଯୁବ ସଂଗଠନ ପକ୍ଷରୁ ବୁଧବାର ଜିଲାର ବିଭିନ୍ନ କଲେଜ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏହି କ୍ରମରେ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜେଡିର ବରିଷ୍ଠ ଛାତ୍ରନେତା ଆଶିଷ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି ଯେ, ୨୦୨୪ ପରଠାରୁ ବଳାତ୍କାର, ହତ୍ୟା, ସାଇବର ଠକେଇ, ଚୋରି, ରାହାଜାନି, ଆଦି ବଢ଼ିଚାଲିଛି। ମନ୍ମଥ ଘଣା, ସୋମନାଥ ବେହେରା, ଦେବଶିଷ ନାୟକ, କେକୀ କାକଲି, ବଳିଆ ବାରିକ, ଆଶିଷ ଖୁଣ୍ଟିଆ, ସତ୍ୟଜିତ ମନ୍ତ୍ରୀ, ଶୁଭମ ଘଡେଇ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ପାଟଣା ବ୍ଲକ୍ ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣାରେ ବିଜୁ ଯୁବ ଛାତ୍ର ଜନତା ତରଫରୁ ଧାରଣା, ପ୍ରତିବାଦ କରାଯାଇଛି। ଜିଲା ଛାତ୍ର ବିଜେଡି ଜିଲା ଉପସଭାପତି ବିପ୍ଳବ ପୃଷ୍ଟିଙ୍କ ନେତୃତ୍ୱରେ ବ୍ଲକ୍ ଛାତ୍ର ବିଜେଡି ସଭାପତି ପରମେଶ୍ୱର ପଲେଇ, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ବ୍ଲକ୍ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ଛାତ୍ର ନେତା ପ୍ରୀତମ ଭଞ୍ଜ, ଶ୍ରୀତମ ପଣ୍ଡାଙ୍କ ସହ ବହୁ ଛାତ୍ର ନେତା ସାମିଲ ହୋଇଥିଲା।

ସେହିପରି ଆନନ୍ଦପୁର ଉପଖଣ୍ଡ ଆନନ୍ଦପୁର ମହାବିଦ୍ୟାଳୟ ସମ୍ମୁଖରେ ଯୁବ, ଛାତ୍ର ବିଜୁ ଜନତା ଦଳର କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ରେକୁଟିଆ କୁଶଳେଶ୍ୱର ମହାବିଦ୍ୟାଳୟ, ସାଇଁକୁଳସ୍ଥିତ ପତିତପାବନ ମହାବିଦ୍ୟାଳୟରେ ମଧ ଛାତ୍ର ବିଜେଡି ସଦସ୍ୟ ଓ ଯୁବ ବିଜେଡି ସଦସ୍ୟମାନେ ମିଳିତ ଭାବେ ଧାରଣାରେ ବସିଥିଲେ। ଛାତ୍ରୀଛାତ୍ରମାନେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ସହ ହାତରେ ପ୍ଲାଗ୍‌କାର୍ଡ ଧରି ନାରାବାଜି କରିଥିଲେ।

ସେହିପରି କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ହାଟଡ଼ିହୀ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଧାୟକ ଅଭିମନ୍ୟୁ ସେଠୀଙ୍କ ନେତୃତ୍ୱରେ ସରପଞ୍ଚ ଅଜିତ୍ ରାଉତ, ଦିନେଶ ସେଠୀ, ଜଗବନ୍ଧୁ କାଣ୍ଡି, ଅମରେନ୍ଦ୍ର ଧଳ, ଦୀପ୍ତିରଞ୍ଜନ ଦାସ, ଚଗୁଲୁ ନାୟକ, ଫେଚୁ ପଣ୍ଡା, ଦୁଃଶାସନ ସାହୁ, ନିର୍ମଳ ମଲ୍ଲିକ ଆଦି ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ।


## OFFICE OF THE PRINCIPAL
## EKLAVYA MODEL RESIDENTIAL SCHOOL, KUARMUNDA, SUNDARGARH

Managed by Odisha Model Tribal Education Society (OMTES)
Supported by ST & SC Development Department, Govt. of Odisha
At/PO-Kuarmunda, Dist.-Sundargarh, Pin-770039
Affiliated to CBSE New Delhi, Aff. No. 1520375, School no. 17461
Email - emrskuarmunda2018@gmail.com

Order No.50 — Date-25th June, 2025

**OFFICE ORDER**
**Walk-in Interview**

A walk-in interview will be held at EMRS Kuarmunda premises on 02.07.2025 (Wednesday) in order to engage guest techers against the exiting vacancy on purely temporary basis.
The interested candidates having the required qualification may appear for the interview.

| Sl. No. | Name of the post | Required qualification | Vacant Post |
|---|---|---|---|
| 1. | TGT Mathematics | B.Sc (PCM), B.Ed. | 01 |
| 2. | TGT Odia | BA (Odia Hons.), B.Ed. | 01 |

The preference will be given to CTET/OSSTET qualified candidates.
N.B. - No TA/DA will be provided to the candidates appearing for the said interview.

Sd./- Principal
Ekalavya Model Residential School, Kuarmunda, Sundargarh



## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ଇଏଲ୍‌ଏସ୍‌ବି-୨୫-ରେଟ୍ରୋଫିଟ୍_ଏସି_୯୫-୦୬/ଟିଏନ୍, ତାରିଖ: ୨୪।୦୬।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ/ଟିଆର୍‌ଏସ୍, ଦକ୍ଷିଣ ପୂର୍ବ ରେଳପଥ, ବୋକାରୋ ଷ୍ଟିଲ୍ ସିଟି ନିମ୍ନଲିଖିତ କାର୍ଯ୍ୟ ପାଇଁ **ଟେଣ୍ଡର ନମ୍ବର: ଇଏଲ୍‌ଏସ୍‌ବି-୨୫-ରେଟ୍ରୋଫିଟ୍_ଏସି_୯୫-୦୬, ସମାପ୍ତି ତାରିଖ: ୧୮।୦୭।୨୦୨୫** ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଦକ୍ଷିଣ ପୂର୍ବ ରେଳପଥ (ବୋକାରୋ ଷ୍ଟିଲ୍ ସିଟି, ବଣ୍ଡମୁଣ୍ଡା, ରାଉରକେଲା, ସାନ୍ତ୍ରାଗାଛି ଓ ଟାଟାନଗର)ରେ ବିଭିନ୍ନ ଲୋକୋ ଶେଡ୍ ପାଇଁ ୩-ଫିଏଚ୍ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ରେ କ୍ୟାବ୍‌ଗୁଡ଼ିକରେ ଏୟାର କଣ୍ଡସନିଂ ପ୍ରଣାଳୀର ରେଟ୍ରୋଫିଟ୍‌ମେଣ୍ଟ । **ଅବଧି:** ୨୪ ମାସ । **ଆନୁମାନିକ ମୂଲ୍ୟ:** ₹୧,୦୨,୭୯,୫୭୦ । **ବିଡ୍ ଅମାନତ:** ୨,୦୧,୪୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ଶୂନ । ଟେଣ୍ଡର ଦସ୍ତାବିଜ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ ଅର୍ଥାତ୍ **www.ireps.gov.in ରେ ତା୧୮।୦୭।୨୦୨୫ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ । ଟେଣ୍ଡରଦାତାଙ୍କ ଦ୍ୱାରା ଟେଣ୍ଡର ଅପ୍‌ଲୋଡ୍ କରାଯିବାର ଶେଷ ତାରିଖ/ସମୟ:** ତା୧୮।୦୭।୨୦୨୫ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ । **ଟେଣ୍ଡର ଖୋଲାଯିବାର ତାରିଖ/ସମୟ:** ତା୧୮।୦୭।୨୦୨୫ରିଖ ୧୧.୦୦ ଘଟିକା । (ଟେଣ୍ଡର ବନ୍ଦ ହେବାର ତୁରନ୍ତ ପରେ) । ସମସ୍ତ ପ୍ରତିଷ୍ଠିତ, ଅଭିଜ୍ଞ ଓ ଆଗ୍ରହୀ ଟେଣ୍ଡରଦାତା ଏହି କାର୍ଯ୍ୟ ପାଇଁ ଆବେଦନ କରିପାରନ୍ତି । (PR-315)



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ସଂ. CMSSBPLP252701A
ତାରିଖ: 20.06.2025

**କାର୍ଯ୍ୟର ବିବରଣୀ :** ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁର ପାଇଁ ଚୁକ୍ତିର ଘୋଷଣା ତାରିଖ ଠାରୁ 02 (ଦୁଇ) ବର୍ଷର ଅବଧି ପାଇଁ ଦୈନିକ ସ୍ଥାନୀୟ କ୍ରୟ ନିମନ୍ତେ (କ) ଔଷଧ, (ଖ) ସର୍ଜିକାଲ୍ ଉପକରଣ ଏବଂ (ଗ) ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଣ ପାଇଁ ଚୁକ୍ତିନାମା । ନିଲାମଦାତାଙ୍କ ଦ୍ୱାରା ପୃଥକ ଭାବେ ପ୍ରତ୍ୟେକ ଗ୍ରୁପ୍ ପାଇଁ ରିହାତି ମୂଲ୍ୟ ପ୍ରତିଶତରେ କିମ୍ବା ଟଙ୍କା 01 ରେ ହାର ନିର୍ଦ୍ଧାରଣ କରାଯିବ ।

2024-25 ବର୍ଷ ମଧ୍ୟରେ ଆନୁମାନିକ କ୍ରୟ ମୂଲ୍ୟ (ପ୍ରତି ବର୍ଷ): ₹9,60,000.00, EMD (₹) : 38,400.00

ଚୁକ୍ତିନାମାର ଅବଧି: କାର୍ଯ୍ୟ ଆରମ୍ଭ ତାରିଖରୁ ୦୨ (ଦୁଇ) ବର୍ଷ ।

**IREPS ଇ-ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.06.2025 ରିଖ (ଶୁକ୍ରବାର) 1300 ଘଟିକାରେ ।

ସମ୍ଭାବ୍ୟ ବିକ୍ରେତା/ ଔଷଧ ଦୋକାନୀମାନଙ୍କୁ IREPS ରେ ପଞ୍ଜୀକରଣ କରିବାକୁ ଏବଂ ବିସ୍ତୃତ ସୂଚନା ପାଇଁ IREPS ୱେବସାଇଟ http://www.ireps.gov.in ରେ ଟେଣ୍ଡର ବିଭାଗ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି ।

ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ସମ୍ବଲପୁର
PR-280/Q/25-26



## ଭାରତୀୟ ରିଜର୍ଭ ବ୍ୟାଙ୍କ୍

ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି;

i. **ବ୍ୟାଙ୍କର ଅଫିସର କ୍ୱାର୍ଟର୍ସ ନୟାପଲ୍ଲୀ, ଭୁବନେଶ୍ୱରରେ 50 KWp ରୁଫ୍ ଟପ୍ ଗ୍ରିଡ୍ ଇଣ୍ଟରଆକ୍ଟିଭ୍ ଏସ୍.ପି.ଭି ଆଧାରିତ ସୋଲାର ପାୱାର ସିଷ୍ଟମ୍ ର ଡିଜାଇନ୍, ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କାର୍ଯ୍ୟ ।**

ii. **ବ୍ୟାଙ୍କର କାର୍ଯ୍ୟାଳୟ ଭବନ, ଭୁବନେଶ୍ୱରରେ 20 KWp ରୁଫ୍ ଟପ୍ ଗ୍ରିଡ୍ ଇଣ୍ଟରଆକ୍ଟିଭ୍ ଏସ୍.ପି.ଭି ଆଧାରିତ ସୋଲାର ପାୱାର ସିଷ୍ଟମ୍ ର ଡିଜାଇନ୍, ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କାର୍ଯ୍ୟ ।**

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଉଭୟ ଟେଣ୍ଡର ଆବେଦନର ଶେଷ ତାରିଖ **ଜୁଲାଇ 14, 2025 ଅପରାହ୍ନ 02:00 ଟା** ଅଟେ ।

 କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE : BALANGIR

Mail ID : sepwdbalangir@gmail.com

**e-Procurement Notice**

**Bid Identification No. : CCE(R&B) BGR/07/2025-26**

**Letter No. - 1236** — **// Dtd. : 20.06.2025**

**No.B-229** : The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"B" & "A" Class** Contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of Work : Building work
2. No. of tender : Building work - 9 Nos.
3. Tender Cost : Rs. 10,000/-
4. Class of Contractor : **"B" & "A" Class**
5. Date & Time of sale & Receipt of Bids : From Dt. 03.07.2025, 05.00 P.M. to Dt. 17.07.2025 up to 05.00 P.M.
6. Date of opening Bid : Dt. 18.07.2025 at 11.00 A.M.
7. The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendum will be available on ONLINE MODE only.

Sd./- Chief Costruction Engineer,
Balangir (R&B) Circle, Balangir

OIPR-34131/11/0014/2526


See Career Appointment on every Wednesday & Saturday


## ଓଡ଼ିଶା ସରକାର
## କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**File No. 378/2025** — **Dated: 25.04.2025**

No. XXVII-5: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ଜୟପୁର ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: କୁପିଆ, ଥାନା: ବୋରିଗୁମ୍ମା ନଂ. ୪୦, ତହସିଲ: ବୋରିଗୁମ୍ମା, ଜିଲ୍ଲା: କୋରାପୁଟରେ ନିମ୍ନ ତଫସିଲମତେ ପ୍ରାୟ ଏ.୧୭.୦୭୮ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ ଜୟପୁର ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ ଜଗଦଲପୁର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜୟପୁର ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା।
୪. ସାମୟିକ ପ୍ରଭାବ ମୂଲ୍ୟାୟନର ସାରାଂଶ ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ଜୟପୁର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମାଞ୍ଚଳ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥିସହିତ ସଂଲଗ୍ନ କରାଗଲା। | | | | | | | | |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ NIL ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନାଟି ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./ – ଜିଲ୍ଲାପାଳ, କୋରାପୁଟ

### ଭୂମି ଅନୁସୂଚୀ

ମୌଜା: କୁପିଆ, ଥାନା: ବୋରିଗୁମ୍ମା, ନଂ. ୪୦, ତହସିଲ: ବୋରିଗୁମ୍ମା, ଜିଲ୍ଲା: କୋରାପୁଟ
ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨/କ | ୪୮୩/ ୧ | ୧.୧ | ୦.୩୧ | ଧାନ-୨ | ହରି ଗାଦବା, ନରେନ୍ଦ୍ର ଗାଦବା, ପି.: ସମ୍ବାରୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୨/ଖ | ୪୮୩/ ୩ | ୧.୩ | ୦.୩୯୨ | ଧାନ-୨ | ମଙ୍ଗଳା ଡମ୍ବ, ପି.: ଚେନାଡ଼ି ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| ୧୯/୦୧ | ୪୬୭/ ୨ | ୧.୧ | ୦.୧୯୮ | ଧାନ-୩ | ଘାଷି ନାୟକ, ପି.: ମାଧବ ନାୟକ, ଜା: ଗାଦବା, ବା: ମୁଣ୍ଡିଗୁଡ଼ା |
| ୨୨ | ୪୭୭ | ୦.୮ | ୦.୪୯୭ | ଧାନ-୩ | ଟିଲୁ ଗାଦବା, ପି.: ବୁଢୁ ଗାଦବା, ଜା: ଗାଦବା, ବା: ନିଜଗାଁ ଗୁଡା ଖିଲଗୁଡ଼ା |
| ୧୫୨/ ୧୫୭ | ୪୭୭/ ୭୭୩ | ୧.୧୫ | ୦.୦୧ | ଧାନ-୩ | ଦୁର୍ଯ୍ୟୋଧନ ଗାଦବା, ପି.: ନରେନ୍ଦ୍ର ଗାଦବା, ଜା: ଗାଦବା, ବା: କାଳିଆଗୁଡ଼ା, କୁପିଆ |
| ୩୬ | ୫୦୭ | ୧.୪୯ | ୦.୨୭୬ | ଧାନ-୨ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୩୬ | ୫୦୮ | ୦.୫୧ | ୦.୪୧୩ | ଧାନ-୩ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୩୬ | ୪୮୧ | ୧.୫୬ | ୦.୧୯୮ | ଧାନ-୨ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୩୬ | ୪୮୨ | ୦.୫୩ | ୦.୪୪୮ | ଧାନ-୩ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୪୪ | ୪୯୦ | ୦.୪୭ | ୦.୧୬୮ | ଧାନ-୨ | ମଙ୍ଗଳା ଡମ୍ବ, ପି.: ଚେନାଡ଼ି ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| ୪୪ | ୪୯୧ | ୦.୦୮ | ୦.୦୪୪ | ଧାନ-୩ | ମଙ୍ଗଳା ଡମ୍ବ, ପି.: ଚେନାଡ଼ି ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| ୪୬/୧ | ୪୫୮ | ୦.୬୨ | ୦.୪ | ଧାନ-୩ | ରାମଚନ୍ଦ୍ର ଗାଦବା, ପି.: କମଲୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୫୯ | ୪୭୦ | ୦.୭୩ | ୦.୧୯୨ | ଧାନ-୨ | ରଘୁନାଥ ଗାଦବା, ପି.: ବୁଢୁ ଗାଦବା, ଜା: ଗାଦବା, ବା: ନିଜଗାଁ, କାଳିଆଗୁଡ଼ା |
| ୯୬ | ୪୬୬ | ୨.୦୧ | ୦.୪୧୫ | ଧାନ-୩ | ଘାଷି ନାୟକ, ପି.: ମାଧବ ଗାଦବା, ଜା: ଗାଦବା, ବା: ନିଜଗାଁ, ଗୁଡା, ମୁଣ୍ଡିଗୁଡ଼ା |
| ୧୫୨/ ୧୪୮ | ୪୬୬/ ୭୬୮ | ୦.୭ | | ଧାନ-୩ | ରତ୍ନା ହାଲବାଣି, ସ୍ୱା.: ଟଙ୍କଧର ହାଲବା, ଜା: ହାଲବା, ବା: ଅଞ୍ଚଳା |
| ୧୦୧ | ୪୭୮ | ୨.୨୫ | ୦.୨୫୬ | ଧାନ-୨ | ଟିଲୁ ଗାଦବା, ପି.: ବୁଢୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୧୦୧ | ୪୬୫ | ୦.୫୫ | ୦.୦୭୯ | ଧାନ-୩ | ଟିଲୁ ଗାଦବା, ପି.: ବୁଢୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୧୦୩ | ୪୮୬ | ୦.୧୬ | ୦.୦୭୯ | ଧାନ-୨ | ଦୁଲଭ ଗାଦବା, ପି.: ମନଧର ଗାଦବା, ଜା: ଗାଦବା, ବା: ନିଜଗାଁ |
| ୧୧୬ | ୪୯୯ | ୧.୨୯ | ୦.୧୮୭ | ଧାନ-୨ | ବୁଢୁରା ଗାଦବା, ପି.: ମୁକୁନ୍ଦ ଗାଦବା, ଜା: ଗାଦବା, ବା: ନିଜଗାଁ, ଗୁଡା, ବନ୍ଧୁଗୁଡ଼ା |
| ୧୧୬ | ୪୯୮ | ୦.୩୮ | ୦.୩୨୧ | ଧାନ-୩ | ବୁଢୁରା ଗାଦବା, ପି.: ମୁକୁନ୍ଦ ଗାଦବା, ଜା: ଗାଦବା, ବା: ନିଜଗାଁ ଗୁଡ଼ା, ବନ୍ଧୁଗୁଡ଼ା |
| ୧୨୦ | ୪୯୩ | ୦.୯୨ | ୦.୧୪୫ | ଧାନ-୨ | ମଙ୍ଗଡୁ ଡମ, ପି.: ଅନକା ମହୁରିଆ, ଜା: ଡମ୍ବ, ବା: ନିଜଗାଁ |
| ୧୨୦ | ୪୯୨ | ୦.୩୧ | ୦.୨୦୭ | ଧାନ-୩ | ମଙ୍ଗଡୁ ଡମ, ପି.: ଅନକା ମହୁରିଆ, ଜା: ଡମ୍ବ, ବା: ନିଜଗାଁ |
| ୧୫୨/ ୧୦୩ | ୫୧୦ | ୩.୦୪ | ୨.୨୯୭ | ଧାନ-୨ | ବଳରାମ ଗାଦବା, ପି.: ଚୈତନ ଗାଦବା, ଜା: ଗାଦବା, ବା: ବନ୍ଧଗୁଡ଼ା |
| ୧୨୫ | ୪୯୬ | ୦.୯୯ | ୦.୧୭୫ | ଧାନ-୨ | ମୁଦୀ ଗାଦବା, ପି.: ଅର୍ଜୁନ ଗାଦବା, ବା: ନିଜଗାଁ, ବନ୍ଧୁଗୁଡ଼ା |
| ୧୨୫ | ୪୯୭ | ୦.୨୧ | ୦.୧୩୬ | ଧାନ-୩ | ମୁଦୀ ଗାଦବା, ପି.: ଅର୍ଜୁନ ଗାଦବା, ବା: ନିଜଗାଁ, ବନ୍ଧୁଗୁଡ଼ା |
| ୧୪୨ | ୪୭୫ | ୩.୪୮ | ୦.୦୧୭ | ଧାନ-୨ | ଶୁକ୍ରୁ ଗାଦବା, ପି.: ମଧୁ ଗାଦବା, ଜା: ଗାଦବା, ବା: ନିଜଗାଁ ମୁଣ୍ଡିଗୁଡ଼ା |
| ୧୪୨ | ୪୭୬ | ୦.୧ | ୦.୧ | ଧାନ-୩ | ଶୁକ୍ରୁ ଗାଦବା, ପି.: ମଧୁ ଗାଦବା, ଜା: ଗାଦବା, ବା: ନିଜଗାଁ ମୁଣ୍ଡିଗୁଡ଼ା |
| ୧୪୩ | ୪୬୮ | ୧.୨୮ | ୦.୨୩୪ | ଧାନ-୨ | ଶୁକ୍ରୁ ଗାଦବା, ପି.: ମଧୁ ଗାଦବା, ଜା: ଗାଦବା, ବା: ନିଜଗାଁ, ମୁଣ୍ଡିଗୁଡ଼ା |
| ୧୪୬ | ୪୫୯ | ୪.୮ | ୧.୭୫୫ | ଧାନ-୩ | ବଂଶିୟା ହରି ଗଉଡ଼, ପି.: ପତି ଚଲାଣ, ଜା: ଗାଦବା, ବା: ନିଜଗାଁ |
| ୧୪୯ | ୫୦୯ | ୫.୫୮ | ୨.୨୯ | ଧାନ-୨ | ହରି ଗାଦବା, ପି.: ଗୁରୁ ନାୟକ, ଜା: ଗାଦବା, ବା: ନିଜଗାଁ |
| ୧୫୨/ ୧୪୭ | ୪୮୩/ ୨ | ୦.୪୩ | ୦.୨୨୫ | ଧାନ-୨ | ମୀନ କେତନ ଗାଦବା, ପି.: ଗୋପିନାଥ ଗାଦବା, ଜା: ଗାଦବା, ବା: କୁପିଆ ତରଫା କାଳିଆ ଗୁଡ଼ା |
| ୧୫୨/ ୨୦୨ | ୪୬୭/ ୧ | ୧.୩୭ | ୦.୨୧୮ | ଧାନ-୩ | ଲକ୍ଷ୍ମୀ ନାୟକ, ପି.: ଗଣପତି ନାୟକ, ଜା: ଗାଦବା, ବା: ମୁଣ୍ଡିଗୁଡ଼ା |
| ୧୫୨/ ୨୦୫ | ୪୬୯ | ୧.୬୧ | ୦.୩୦୩ | ଧାନ-୨ | ଧନୁର୍ଯ୍ୟୟ ହରିଜନ, ପି.: ଘାସି ହରିଜନ, ଜା: ଡମ୍ବ, ବା: ପର୍ଲି |
| ୧୫୨/ ୩୮୬ | ୫୧୬ | ୧.୨୪ | ୦.୫୮୩ | ଧାନ-୩ | ସୁକଲ ଦେଇ ହରିଜନ, ପି.: ଭଗବାନ ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୮୫ | ୫୧୬/ ୯୮୬ | ୧.୨୪ | | ଧାନ-୩ | ଭାଗୀରଥି ହରିଜନ, ପି.: ତ୍ରିଲୋଚନ ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୮୯ | ୪୭୬/ ୭୬୩/ ୯୮୭ | ୦.୫ | ୦.୫ | ଧାନ-୩ | ପୂର୍ଣ୍ଣ ହରିଜନ, ପି.: ଜଗନ୍ନାଥ ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୯୦ | ୪୭୬/ ୭୬୩ | ୦.୫ | ୦.୫ | ଧାନ-୩ | କୁମାରୀ ଚଞ୍ଚଳା ହରିଜନ, ପି.: ବଳି ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୯୪ | ୪୫୭/ ୯୯୨ | ୧.୩୩୧୭ | ୦.୭୨୪ | ଘରବାରି | ଏସ୍. ଗୁପ୍ତେଶ୍ୱର ରାଓ, ପି.: ଏସ୍. ଲୋକନାଥ ସରାଫ୍, ଜା: ବିଶ୍ୱ ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୩୯୪ | ୪୫୭/ ୭୩୯/ ୯୮୯ | ୦.୪୬୨ | ୦.୧୭୯ | ଘରବାରି | ଏସ୍. ଗୁପ୍ତେଶ୍ୱର ରାଓ, ପି.: ଏସ୍. ଲୋକନାଥ ସରାଫ୍, ଜା: ବିଶ୍ୱ ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୩୯୫ | ୪୫୭/ ୯୯୨/ ୯୯୩ | ୦.୦୨ | ୦.୦୧୫ | ଘରବାରି | ନିରଞ୍ଜନ ସିଂ, ପି.: ମୀନ କେତନ ସିଂ, ଜା: କ୍ଷତ୍ରୀୟ, ବା: ଡାବୁଗୁଡ଼ା |
| ୧୫୨/ ୪୦୨ | ୪୫୭/ ୯୯୨/ ୯୯୮ | ୦.୧ | ୦.୦୧୮ | ଘରବାରି | ଦୀପକ ଦାସ, ପି.: ପ୍ରସନ୍ନ କୁମାର ଦାସ, ଜା: ବ୍ରାହ୍ମଣ, ବା: ଗଣ୍ଡମୁଣ୍ଡା ଖଣ୍ଡଗିରି |
| ୧୫୨/ ୪୦୩ | ୪୫୭/ ୯୯୨/ ୯୯୯ | ୦.୦୨ | ୦.୦୧୩ | ଘରବାରି | ଗୋବିନ୍ଦମ୍ ରାମଲେଲା, ପି.: ଜି. ରବିବାବୁ, ଜା: ଶାତାନି ବୈଷ୍ଣବ, ବା: ଆଦିତ୍ୟ ହସ୍ପିଟାଲ, ହାଇଦ୍ରାବାଦ |
| ୧୫୨/ ୪୦୫ | ୪୫୭/ ୯୯୨/୧୦୦୧ | ୦.୦୪ | ୦.୦୪ | ଘରବାରି | ସମିଷ୍ଟା ରଥ, ସ୍ୱା.: ଶ୍ରୀକାନ୍ତ କୁମାର ପଣ୍ଡା, ଜା: ବ୍ରାହ୍ମଣ, ବା: ଡଙ୍ଗରଭେଜା |
| ୧୫୨/ ୪୦୬ | ୪୫୭/ ୬୮୧/ ୯୮୪ | ୧.୯ | ୧.୩୧୩ | ଡଙ୍ଗର-୨ | ଏସ୍. ଗୁପ୍ତେଶ୍ୱର ରାଓ, ପି.: ଏସ୍ ଲୋକନାଥ ସରାଫ୍, ଜା: ବିଶ୍ୱ ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୪୧୧ | ୪୫୭/ ୯୯୨/ ୯୮୯ | ୦.୦୪ | ୦.୦୨୪ | ଘରବାରି | ନିହାରକାନ୍ତ ପଟ୍ଟନାୟକ, ପି.: ପଦ୍ମଚରଣ ପଟ୍ଟନାୟକ, ଜା: କରଣ, ବା: ବୋରିଗୁମ୍ମା |
| ୧୫୨/ ୪୧୩ | ୪୫୭/ ୬୮୧/ ୯୯୧/୧୦୦୩ | ୦.୦୩୫ | ୦.୦୩୫ | ଘରବାରି | ଶାରଦା ପଣ୍ଡା, ରାଧାକୃଷ୍ଣ ପଣ୍ଡା, ଜା: ବ୍ରାହ୍ମଣ, ବା: ପାଇକ ସାହି, ଜୟନଗର |
| ୧୫୨/ ୪୧୩ | ୪୫୭/ ୯୯୨/୧୦୦୪ | ୦.୦୦୫ | ୦.୦୦୫ | ଘରବାରି | ଶାରଦା ପଣ୍ଡା, ରାଧାକୃଷ୍ଣ ପଣ୍ଡା, ଜା: ବ୍ରାହ୍ମଣ, ବା: ପାଇକ ସାହି, ଜୟନଗର |
| ୧୫୨/ ୪୧୬ | ୪୫୭/ ୯୯୨/୧୦୦୭ | ୦.୦୪ | ୦.୦୪ | ଘରବାରି | ସୁଲତା ସାହୁ, ସ୍ୱା.: ମୋହନ ସାହୁ, ଜା: ରଙ୍ଗୁଣି, ବା: ପର୍ଲି |
| ୧୫୨/ ୪୧୮ | ୪୫୭/ ୯୯୨/୧୦୦୯ | ୦.୦୪୧୩ | ୦.୦୩୫ | ଘରବାରି | ଏ. ମନୋଜ କୁମାର, ଏ. ଚନ୍ଦନ କୁମାର, ପି.: ଏ. ମାଧବ ରାଓ, ଜା: ତେଲେଙ୍ଗା, ବା: ନବରଙ୍ଗପୁର |
| ୧୫୨/ ୪୧୯ | ୪୫୭/ ୯୯୨/୧୦୧୦ | ୦.୦୫୨ | ୦.୦୫୧ | ଘରବାରି | ସନ୍ତୋଷ କୁମାର ସାହୁ, ପି.: ସଚିଦାନନ୍ଦ ସାହୁ, ଜା: ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୪୨୦ | ୪୫୭/ ୭୩୯/ ୯୮୯/୧୦୧୧ | ୦.୦୧୮ | ୦.୦୧୮ | ଘରବାରି | କେ. ସୁଜାତା, ସ୍ୱା.: କେ. ଶ୍ରୀନିବାସ, ଜା: ତେଲେଙ୍ଗା, ବା: ବଡ଼ମାଳ, ବଲାଙ୍ଗୀର |
| | ମୋଟ | | ୧୭.୦୭୮ | | |

OIPR-24074/14/0015/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ: ...................................
ଜନ୍ମ ତାରିଖ: ...........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହୋଟେଲ ବୁକିଂ ଠକେଇ, ୧୧ ଫେକ୍ ୱେବ୍‌ସାଇଟ୍ ହଟିଲା

**ଭୁବନେଶ୍ୱର,୨୫।୬ (ସତ୍ୟଜିତ୍ ରାଉତ)**

ହୋଟେଲ ବୁକିଂ ଆଳରେ ସାଇବର ଅପରାଧୀମାନେ ପର୍ଯ୍ୟଟକଙ୍କଠାରୁ ବହୁ ଟଙ୍କା ଠକେଇ କରୁଛନ୍ତି। ପୁରୀ, ଭୁବନେଶ୍ୱର ଓ କଟକ ଆଦି ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସହରରେ ପ୍ରତିଷ୍ଠିତ ହୋଟେଲଗୁଡ଼ିକର ଅବିକଳ ନକଲି ୱେବସାଇଟ୍ କରି ଠକମାନେ ଇଣ୍ଟରନେଟରେ ଜାଲ ବିଛାଉଛନ୍ତି। ଅତି କମ୍ ମୂଲ୍ୟରେ ଆକର୍ଷଣୀୟ ରୁମ୍, ଗ୍ୟାରେଣ୍ଟି ବୁକିଂ ଓ ଆକର୍ଷଣୀୟ ଅଫର ସଂକ୍ରାନ୍ତରେ ସୋସିଆଲ ମିଡିଆରେ ବିଜ୍ଞାପନ ଦେଇ ପର୍ଯ୍ୟଟକଙ୍କୁ ଠକେଇ କରୁଥିବା ନଜିର ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ରାଇମବ୍ରାଞ୍ଚ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ସାଇବର ଠକମାନେ ପ୍ରସ୍ତୁତ କରିଥିବା ୧୧ଟି ଫେକ୍ ହୋଟେଲ ବୁକିଂ ୱେବ୍‌ସାଇଟ୍‌କୁ କ୍ରାଇମବ୍ରାଞ୍ଚ ଟିମ୍ ଚିହ୍ନଟ କରି ହଟାଇଥିବା ବୁଧବାର ସୂଚନା ଦେଇଛି। ବିଶେଷକରି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ଅବ୍ୟବହିତ ପୂର୍ବରୁ କ୍ରାଇମବ୍ରାଞ୍ଚ ଏହି ସ୍ୱତନ୍ତ୍ର ପଦକ୍ଷେପ ନେଇଛି। କ୍ରାଇମବ୍ରାଞ୍ଚ ସୂଚନା ଅନୁଯାୟୀ, ସାଇବର କ୍ରାଇମ୍ ହେଲ୍ପଲାଇନ୍ ନଂ.୧୯୩୦ ଜରିଆରେ ଏଯାଏ ହୋଟେଲ ବୁକିଂ ଠକେଇ ନେଇ ୩୧୭ଟି ଅଭିଯୋଗ ଆସିଛି। କ୍ରାଇମବ୍ରାଞ୍ଚର ସୋସିଆଲ ମିଡିଆ ଟିମ୍ ନକଲି ୱେବ୍‌ସାଇଟ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗୁଗଲ ଓ ଅନ୍ୟାନ୍ୟ ପ୍ଲାଟ୍‌ଫର୍ମ ସହିତ ଯୋଗାଯୋଗ କରି ଏଭଳି ନକଲି ୱେବ୍ ସାଇଟଗୁଡ଼ିକୁ ହଟାଇବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସୂଚନା ଦିଆଯାଇଛି।

### ରଥଯାତ୍ରା ପୂର୍ବରୁ କ୍ରାଇମବ୍ରାଞ୍ଚର କାର୍ଯ୍ୟାନୁଷ୍ଠାନ

### ପର୍ଯ୍ୟଟକଙ୍କ ପାଇଁ ସଚେତନତା ବାର୍ତ୍ତା

ହୋଟେଲ ବୁକିଂ ଠକେଇ ନେଇ ପର୍ଯ୍ୟଟକଙ୍କୁ ସତର୍କ କରିଛି କ୍ରାଇମବ୍ରାଞ୍ଚ। ପର୍ଯ୍ୟଟକମାନେ ମେକ୍ ମାଇଟ୍ରିପ୍, ଗୋଇବିବୋ, ବୁକିଂ ଡଟ୍‌କମ୍, ଟ୍ରିଭାଗୋ ଆଦି ସ୍ୱୀକୃତିପ୍ରାପ୍ତ ପର୍ଯ୍ୟଟନ ୱେବ୍‌ସାଇଟ ଜରିଆରେ ହୋଟେଲ ବୁକ୍ କରିବାକୁ ସଚେତନ କରାଯାଇଛି। ଗୁଗଲ ମ୍ୟାପ୍ ବ୍ୟବହାର କରି ହୋଟେଲର ଠିକଣା ଓ ନମ୍ବର ଯାଞ୍ଚ କରିବା ସହ ସିଧାସଳଖ କଲ୍ କରି ବୁକିଂ ସୁନିଶ୍ଚିତ କରିବାକୁ କୁହାଯାଇଛି। ବୁକିଂ ସମୟରେ ସମସ୍ତ ଅର୍ଥ ଆଗୁଆ ପୈଠ ନ କରିବାକୁ ପରାମର୍ଶ ଦିଆଯାଇଛି। ହୋଟେଲ ଭଡ଼ା ଦେବାକୁ ୟୁପିଆଇ ଓ ୱେଲେଟ ଟ୍ରାନ୍ସଫର୍ ପରିବର୍ତ୍ତେ ସୁରକ୍ଷିତ ପେମେଣ୍ଟ ଗେଟୱେ ବ୍ୟବହାର ଏବଂ ବୁକିଂ ସୁନିଶ୍ଚିତ ପାଇଁ ଏସ୍‌ଏମ୍‌ଏସ୍ କିମ୍ବା ଇମେଲ ଜରିଆରେ ବୈଧ ବୁକିଂ ଆଇଡି କିମ୍ବା ଇନ୍‌ଭଏସ୍ ମାଗିବାକୁ କୁହାଯାଇଛି। ତେବେ ରଥଯାତ୍ରା ସମୟରେ ପୁରୀ ନିକଟରେ ଅପେକ୍ଷାକୃତ କମ୍ ଦର ଦେଖି ଲୋଭରେ ହୋଟେଲ ବୁକ୍ କରନ୍ତୁ ନାହିଁ। ବୁକିଂ ପୂର୍ବରୁ ହୋଟେଲର ଗୁଗଲ କିମ୍ବା ଟ୍ରିପ୍‌ଆଡ୍‌ଭାଇଜର୍‌ରେ ଦିଆଯାଇଥିବା ରିଭ୍ୟୁ ପଢ଼ିବାକୁ ପରାମର୍ଶ ଦିଆଯାଇଛି। ଫେକ୍ ୱେବସାଇଟ୍ ନଜରକୁ ଆସିଲେ ଏ ସମ୍ପର୍କରେ ୧୯୩୦ରେ କଲ୍ କରି ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଛି।

# ଯୁବତୀଙ୍କୁ ଗଣ ବଳାତ୍କାର ଅଭିଯୋଗ

**କରଞ୍ଜିଆ,୨୫।୬(କବିତା ମହାନ୍ତ)**

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ କୁଇତା ଢାବାଠାରେ ମଙ୍ଗଳବାର ଜଣେ ଯୁବତୀଙ୍କୁ ଗଣ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୧୯/୨୫) ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଅନ୍ୟ ୩ଜଣ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଯୁବତୀ ଜଣକ କରଞ୍ଜିଆ ଥାନା ଅଞ୍ଚଳରେ ଥିବା ମାମୁ ଘରକୁ ବୁଲିବାକୁ ଆସିଥିଲେ। ମଙ୍ଗଳବାର ଅପରାହ୍ନ ୪ଟା୩୦ରେ ନିକଟସ୍ଥ ହନୁମାନ ମନ୍ଦିରରେ ପୂଜା ସାରି ମାମୁ ଘରକୁ ଫେରୁଥିଲେ। ବାଟରେ ଏକ କାଜୁ ଜଙ୍ଗଲ ନିକଟରେ ୪ଜଣ ଯୁବକ ତାଙ୍କୁ ଏକୁଟିଆ ଦେଖି ପଲ୍‌ସର ବାଇକ୍‌ରେ ବସାଇ କୋଇତା ଢାବାକୁ ନେଇ ଗଣ ବଳାତ୍କାର କରିଥିଲେ। ଯୁବତୀ ଜଣକ ବହୁ କଷ୍ଟରେ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ରାତି ୨ଟା୩୦ରେ କରଞ୍ଜିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ସୁନା ଦୋକାନୀଙ୍କୁ ବନ୍ଧୁକ ଦେଖାଇ ଲୁଟ୍

**କେନ୍ଦୁଝର,୨୫।୬(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ହରିଚନ୍ଦନପୁର ବଜାରରେ ଜଣେ ସୁନା ଦୋକାନୀଙ୍କୁ ବୁଧବର ସନ୍ଧ୍ୟା ୬ଟା୪୫ରେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଲୁଟ୍ କରିଛନ୍ତି। ଏ ନେଇ ନାରାୟଣ ଜୁଏଲେରି ମାଲିକ ପୋଲିସକୁ ଜଣାଇଥିଲେ। ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ସନ୍ଧ୍ୟା ସମୟରେ ୩ ଜଣ ଯୁବକ ଦୋକାନରେ ପଶି ଦୋକାନୀଙ୍କୁ ବନ୍ଧୁକ ଦେଖାଇଥିଲେ। ପରେ ଦୋକାନରେ ସବୁ ସୁନା ଓ ରୁପା ଗହଣା ନେଇ ବାଇକ୍‌ରେ ଫେରାର ହୋଇଯାଇଥିଲେ। ଘଟଣାରେ ଅଧିକ ଲୋକଙ୍କ ସମ୍ପୃକ୍ତି ଥିବା କୁହାଯାଉଛି। ଦୋକାନୀ ପୋଲିସକୁ ଜଣାଇବା ପରେ ପୋଲିସ ଫୋର୍ସ ଦୁର୍ବୃତ୍ତଙ୍କ ପିଛା କରିଥିଲା। ଦୁର୍ବୃତ୍ତ ପାଖ ଜଙ୍ଗଲରେ ପଶିଯିବାରୁ ପୋଲିସ ଘେରାଉ କରି ସେମାନଙ୍କୁ ଖୋଜା ଖୋଜି ଜାରି ରଖିଛି। ଆଖପାଖ ଅଞ୍ଚଳର ଅନେକ ଲୋକ ପୋଲିସକୁ ସହାୟତା କରି ଉକ୍ତ ଜଙ୍ଗଲକୁ ଘେରାଉ କରିଥିବା ଜଣାପଡ଼ିଛି। ଅଦ୍ୟାବଧି ଲୁଟେରାଙ୍କ କୌଣସି ସନ୍ଧାନ ମିଳୁନାହିଁ। ପ୍ରକାଶ ଯେ, ଗତ କିଛି ମାସ ହେଲା ଜିଲାର ବିଭିନ୍ନ ଅଞ୍ଚଳରେ ଗହଣା ଦୋକାନ, ବ୍ୟାଙ୍କ, ଡିକି ଭାଙ୍ଗି ଲୁଟ ଭଳି ଘଟଣା ଘଟି ଚାଲିଥିବାରୁ ଲୋକଙ୍କ ମଧ୍ୟରେ ଭୟ ଦେଖାଦେଇଛି।

### ଜଙ୍ଗଲରେ ଲୁଚିଛନ୍ତି ଲୁଟେରା


**16th Marriage Anniversary**



**SUDHIR (Lulu)**
**With**
**MADHUMITA (Geeta)**
**With best complimentary from Khushi (Daughter), Family Members, Friends, Relatives and others.**

ଧ- ୧୦୭୩


# ହାତଗୋଡ଼ ବନ୍ଧା ଅବସ୍ଥାରେ ଡ୍ୟାମ୍‌ରୁ ଯୁବକଙ୍କ ମୃତଦେହ ଜବତ

**ପାରଳାଖେମୁଣ୍ଡି,୨୫।୬ (ଗିରିଧାରୀ ପରିଛା)**

ଗଜପତି ଜିଲା ରାମଗିରି ଥାନା ଅନ୍ତର୍ଗତ ନୁଆସାହି ଡ୍ୟାମରୁ ଜଣେ ଯୁବକଙ୍କ ହାତଗୋଡ଼ ବନ୍ଧା ମୃତଦେହ ବୁଧବାର ପୋଲିସ ଜବତ କରିଛି। ମୃତକ ହେଲେ ମୋହନା ବ୍ଲକ କଡ଼ମାସିଂ ଗାଁର ରାମଚନ୍ଦ୍ର ନାୟକ(୩୫)। ସେ ସୋମବାରଠାରୁ ନିଖୋଜ ଥିଲେ। ଏନେଇ ତାଙ୍କ ବଡ଼ଭାଇ ବରୁଣ ରାମଗିରି ଥାନାରେ ଅଭିଯୋଗ କରିଥିଲେ। ମୃତଦେହ ଜବତ ପରେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି।

### ହତ୍ୟା ଅଭିଯୋଗ ଆଣିଲେ ପରିବାର

ଖବରରୁ ଜଣାପଡ଼ିଛି, ରାମଚନ୍ଦ୍ର ସୋମବାର କିଛି କାର୍ଯ୍ୟରେ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ଫେରିବା ବିଳମ୍ବ ହେବା ଦେଖି ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ଏନେଇ ଥାନାରେ ଅଭିଯୋଗ ହେବାରୁ ପୋଲିସ ଏକ ନିଖୋଜ ମାମଲା (୩/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗାଁଠାରୁ ପ୍ରାୟ ଦୁଇ କି.ମି. ଦୂରରେ ଥିବା ନୂଆସାହି ଡ୍ୟାମ୍‌ରେ ଏକ ମୃତଦେହ ଭାସୁଥିବା ସୂଚନା ପାଇ ଆର୍. ଉଦୟଗିରି ଏସ୍‌ଡିପିଓ ଅମିତାଭ ପଣ୍ଡା, ସାଇଣ୍ଟିଫିକ ଟିମ୍, ଅଗ୍ନିଶମ କର୍ମଚାରୀ ଓ ରାମଗିରି ଥାନା ଅଧିକାରୀ ଗଜପତି ଦୋରା ପହଞ୍ଚି ମୃତଦେହ ଜବତ କରିଥିଲେ। ରାମଚନ୍ଦ୍ରଙ୍କ ମୁହଁରେ ଗାମୁଛା ବନ୍ଧା ଯାଇଥିବା ବେଳେ ହାତ ଓ ଗୋଡ଼ରେ ଦଉଡ଼ି ବନ୍ଧା ଯାଇଥିବା ଓ ଏକ ଠେଙ୍ଗାରେ ମୃତଦେହ ବନ୍ଧାଯାଇ ବଡ଼ ପଥର ବନ୍ଧାଯାଇଥିବା ଦେଖିବାକୁ ମିଳିଥିଲା। ମୃତଦେହ ଦେଖି ରାମଚନ୍ଦ୍ରଙ୍କ ମୁଣ୍ଡରେ ଗୁଳିବିଦ୍ଧ ହୋଇଥିବା ପରିବାର ଲୋକେ ସନ୍ଦେହ କରି ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ଛାନ୍‌ଭିନ୍ ଚଳାଇଛି। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଅଣାଯାଇଛି। ତାଙ୍କୁ କିଏ, କାହିଁକି ହତ୍ୟା କଲେ ତାହାର ତଦନ୍ତ କରାଯାଉଥିବା ଏସ୍‌ଡିପିଓ ପଣ୍ଡା କହିଛନ୍ତି। ମୃତଦେହ ଜବତ ପରେ ରାମଗିରି ପୋଲିସ ନଂ.୨୯/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ୩ ଦୋଷୀଙ୍କୁ ୨୦ବର୍ଷ ଲେଖାଏ ଜେଲ


**ବାରିପଦା,୨୫।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ବୁଧବାର ଏକ ନାବାଳିକା ଗଣବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁଦୀପ୍ତ ଆଚାର୍ଯ୍ୟ ଏହାର ବିଚାର କରି ୩ ଦୋଷୀଙ୍କୁ ୨୦ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହ ପ୍ରତ୍ୟେକଙ୍କୁ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୧ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ରାଜେଶ ଜେନା, ରାକେଶ ଜେନା ଓ ଦୀକ୍ଷିତ ଜେନା।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଅକ୍ଟୋବର ୧୬ରେ ବୈଶିଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକା ତାଙ୍କ ସାଙ୍ଗ ସହିତ ଏକ ସ୍କୁଟିରେ ଘରକୁ ଫେରୁଥିଲେ। ଗୋଡ଼ରେ ଯନ୍ତ୍ରଣା ହେବାରୁ ଗାଡ଼ି ଅଟକାଇ ରାସ୍ତା ପାର୍ଶ୍ୱରେ ଅଟକି ଥିଲେ। ଏହି ସମୟରେ ଏକ ପଲ୍‌ସର ବାଇକ୍‌ରେ ଅଭିଯୁକ୍ତମାନେ ସେଠାରେ ପହଞ୍ଚିଥିଲେ। ଜୋର ଜବରଦସ୍ତ ନାବାଳିକାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକିନେଇ ଗଣବଳାତ୍କାର କରିଥିଲେ। ପୀଡ଼ିତାଙ୍କ ସାଙ୍ଗଙ୍କୁ ରାଜେଶ ଅଟକ ରଖି ଧମକଚମକ ଦେଇଥିଲେ। ପରେ ସମସ୍ତ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ନାବାଳିକାଙ୍କ ପରିବାର ଲୋକେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ସସ୍ମିତା ମହାପାତ୍ର ପରିଚାଳନା କରୁଥିଲେ।

### ନାବାଳିକା ଗଣବଳାତ୍କାର ମାମଲା


# Classified Everyday
**0674-2580101, 9692975378**




2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298
D-990

**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.**
D-75391




Positively health benefits SPA expert female therapist homely atmosphere. 8658088274.
D-974

Newly open Jyoti SPA positively health benefits (expert therapist). 8458067955.
D-76923

Newly open health benefits SPA by expert therapist. Contact- 8280961126.
D-76924

**LOST**

I Rajesh Kumar Swain, S/o Ramesh Chandra swain lost my ICICI Bank id- Card No.- 2525107 lost around Palasuni on 20.06.25, if found please contact- 7064366816
D-1070

**AFFIDAVIT**

By virtue of an affidavit sworn before Notary Public, dated- 24th June 2025, I, Chandra Hianl, Address At- Nakiti, P.O.- Kutuli, Dist.- Rayagada, Odisha, 765002, declare that I have changed my son's name from Laxman Hianl to Lachhaman Hial. Henceforth, he shall be known as Lachhaman Hial for all purposes.
Chandra Hianl
D-1065

By virtue of an affidavit sworn before the Notary Public, Dharmasala, dated- 25.06.2025, I, Kamala Nayak, Address: At- Kustira, P.O.- Antia, P.S.- Jenapur, Dist.- Jajpur, Odisha- 755023, declare that I have changed my daughter's name from Ratree Nayak to Smaranika Nayak. Henceforth, she shall be known as Smaranika Nayak for all purposes.
D-1066

By virtue of an affidavit sworn before the Executive Magistrate, Boudh, No.- 983, date- 23.06.25, I, Ghasi Giri, R/o. Village- Mahibahal, P.O.- Ramgarh, P.S./ Dist.- Boudh declare that I have changed my name from Ghasiram Giri to Ghasi Giri. Henceforth I shall be known as Ghasi Giri for all purposes.
Ghasi Giri
D-1067

By virtue of an affidavit sworn before Notary Public, Bhubaneswar, dated- 24.06.2025, I, Subha Darsan Dash, Vill- Basudebpur, P.O.- Gobara, Ganjam Odisha, 761124, declare that I have changed the name of my son from Asish Kumar Dash to Priyesh Dash. Henceforth, he shall be known as Priyesh Dash for all purposes.
Subha Darsan Dash
D-1068

By virtue of an affidavit sworn before the Executive Magistrate, Badamba, dated- 23.06.2025, I, Santosh Kumar Das, S/o- Debaraj Das, Address: At- Satakudia, P.O.- Mugagahira, P.S.- Badamba, Dist.- Cuttack, Odisha- 754031, declare that I have changed my name from Abhisek Das to Santosh Kumar Das. Henceforth, I shall be known as Santosh Kumar Das for all purposes.
Santosh Kumar Das
D-1069

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ ହେଉଥିବା ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ବିଶେଷଜ୍ଞ
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସୁରମା ପାଢ଼ୀ**
ଦେଉଳସାହି, ଢେଙ୍କାନାଳ
ଆବିର୍ଭାବ: ୧୫।୧୦।୧୯୪୫
ତିରୋଧାନ: ୦୭।୦୭।୨୦୨୪
(ଶ୍ରୀଗୁଣ୍ଡିଚା, ଦ୍ୱିତୀୟା ତିଥି)
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:- ସ୍ୱାମୀ: ଇଂ ବିନୟ କୁମାର ପାଢ଼ୀ, ପୁତ୍ର: ସରୋଜ, ମଳୟ, ପୁତ୍ରବଧୂ: ସୁଜାତା,ମାମାଲି, କନ୍ୟା ଓ ଜାମାତା: ଅରୁଣା, ଶକ୍ତି ଶଙ୍କର(ମୁନା), ନାତିନାତୁଣୀ: ଶିବୁ,ବିଷ୍ଣୁ, ଶୁଭମ, କୁକୁ, ପିଙ୍କୁ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୦୭୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଚନ୍ଦ୍ର ଶେଖର ପଟ୍ଟନାୟକ**
ଟିକିରା ସାହି, କୋରାପୁଟ
ଆବିର୍ଭାବ: ୧୧।୦୮।୧୯୭୧
ତିରୋଧାନ: ୧୮।୦୬।୨୦୨୫
ତୁମ ଦୟାଳୁ ସ୍ୱଭାବ, ସେବାଭାବ ଓ ନିଷ୍ଠାପୂର୍ଣ୍ଣ ଜୀବନ ଆମ ପାଇଁ ସଦା ପ୍ରେରଣା ଦାୟକ। ତୁମ ଅଭାବ ସଦା ଅନୁଭବ କରିବୁ। ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ- ୧୦୭୧


# ନିଯୁକ୍ତି ଆଳରେ ନ୍ୟାଶନାଲ ଆଭିଏଶନ ଏକାଡେମୀରେ ଠକେଇ

**ଭୁବନେଶ୍ୱର,୨୫।୬(ସତ୍ୟଜିତ୍ ରାଉତ)**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଚନ୍ଦକା ଶିଳ୍ପାଞ୍ଚଳରେ ଥିବା ନ୍ୟାଶନାଲ୍ ଆଭିଏଶନ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଯୋଗାଇବା ଆଳରେ ଠକେଇ କରାଯାଇଛି। ଏହି ମାମଲାରେ ପ୍ରତିଷ୍ଠାନର ପ୍ଲେସ୍‌ମେଣ୍ଟ କୋଅର୍ଡିନେଟରଙ୍କୁ ବୁଧବାର ପୋଲିସ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ହାଓଡ଼ା ଜିଲାର ସୁପ୍ରଭାତ ଭଟ୍ଟାଚାର୍ଯ୍ୟ ଓରଫ ରାହୁଲ ରଏ (୨୯)। କୋର୍ଟ ଚାଲାଣ ପରେ ସୁପ୍ରଭାତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକେଇର ଶିକାର କଟକର ଶୁଭଶ୍ରୀ (୨୩)ଙ୍କ ଏତଲାକୁ ଆଧାର କରି ପୋଲିସ ମଙ୍ଗଳବାର ମାମଲା (ନଂ.୩୫୪/୨୦୨୫) ରୁଜୁ କରି ତଦନ୍ତ କରୁଛି। ଏହି ମାମଲାରେ ଏରିଆ ମ୍ୟାନେଜର ଶ୍ରୁତିଦତ୍ତ ଅଭିଯୁକ୍ତ ଥିବାବେଳେ ଅନ୍ୟ ପରିଚାଳନା ଅଧିକାରୀମାନଙ୍କୁ ପୋଲିସ ତଦନ୍ତ ପରସରକୁ ଆଣିଛି।

ମାମଲା ଅନୁଯାୟୀ, ଶୁଭଶ୍ରୀ ତାଙ୍କ ବ୍ୟାଚମେଟ୍ ସଂଘମିତ୍ରା ଓ ରତିକାନ୍ତ ଉକ୍ତ ପ୍ରତିଷ୍ଠାନରେ ଆଇଟି ଚାକିରି ପାଇଁ ପ୍ରଶିକ୍ଷଣ ନେବାକୁ ନାମ ଲେଖାଇଥିଲେ। ମାର୍ଚ୍ଚ ୧୨ରୁ ଏପ୍ରିଲ ୪ ମଧ୍ୟରେ ତାଲିମ ଅବଧି ମଧ୍ୟରେ ଅଭିଯୁକ୍ତ ସୁପ୍ରଭାତ, ଶ୍ରୁତି ଓ ଅନ୍ୟମାନେ ଛାତ୍ରମାନଙ୍କୁ ଚାକିରି ନିଯୁକ୍ତିର ପ୍ରତିଶ୍ରୁତି ଦେବା ସହ ଜାଲ୍ କାଗଜପତ୍ର ଜରିଆରେ ଠକେଇ କରିଥିଲେ। ଆଇଟି କମ୍ପାନୀରେ ଚାକିରି ଯୋଗାଇବା ଆଳରେ ସୁପ୍ରଭାତ ଏବଂ ତାଙ୍କ ସହଯୋଗୀମାନେ ଶୁଭଶ୍ରୀଙ୍କଠାରୁ ୫୬ ହଜାର ୧୨୦ ଟଙ୍କା ଏବଂ ସଂଘମିତ୍ରାଙ୍କଠାରୁ ୧.୧୦ ଲକ୍ଷ ଟଙ୍କା ନେଇଯାଇଥିଲେ। ତେବେ ଏହି ଠକେଇ ଜଣାପଡ଼ିବା ପରେ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି। ଉକ୍ତ ଏକାଡେମୀ ଦ୍ୱାରା ଠକେଇର ଶିକାର ହୋଇଥିବା ଛତ୍ରପୁର, ପୁରୀ ଓ ଗଞ୍ଜାମରୁ ୩ଜଣ ବୁଧବାର ଥାନାକୁ ଯାଇ ଅଭିଯୋଗ କରିଛନ୍ତି। ସଂସ୍ଥାର ମୁଖ୍ୟଙ୍କୁ ମଧ୍ୟ ପୋଲିସ ପଚରାଉଚରା କରିବ ବୋଲି ଜଣାପଡିଛି। ତେବେ ଏହି ମାମଲାରେ ଅଧିକ ତଦନ୍ତ ଚାଲିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି।

### ପ୍ଲେସ୍‌ମେଣ୍ଟ କୋଅର୍ଡିନେଟର ଗିରଫ


ସୁପ୍ରଭାତ ଭଟ୍ଟାଚାର୍ଯ୍ୟ

# ରେଳ ଧାରଣାରୁ ଓଡ଼ିଆ ଶ୍ରମିକଙ୍କ ମୃତଦେହ ଜବତ

**ମୋହନା,୨୫।୬(ମନ୍ମଥ ମିଶ୍ର)**

କେରଳର ଏର୍ନାକୁଲମ ଜିଲା ଆଲୁଆ ରେଳ ଷ୍ଟେଶନ ନିକଟସ୍ଥ ରେଳ ଧାରଣାରୁ ମଙ୍ଗଳବାର ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ଗରଡମା ଗାଁର ମହେନ୍ଦ୍ର ବଳିଆରସିଂ (୪୦)। ମହେନ୍ଦ୍ର ଗତ ୬ ଦିନ ତଳେ ଏର୍ନାକୁଲମକୁ କାମ କରିବାକୁ ଯାଇଥିଲେ। ସେଠାକୁ ଯିବା ପରେ ସେ ଦୁଇଦିନ ହେଲା ନିଖୋଜ ଥିଲେ। ମଙ୍ଗଳବାର ଆଲୁଆ ରେଳ ଷ୍ଟେଶନ ନିକଟସ୍ଥ ରେଳ ଧାରଣାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ସୂଚନା ପାଇ ରେଲୱାଇ ପୋଲିସ ମୃତଦେହ ଜବତ କରିଥିଲା। ମହେନ୍ଦ୍ର ବଳିଆରସିଂ ବୋଲି ତାଙ୍କ ପରିଚୟ ପାଇବା ପରେ ଏନେଇ ପୋଲିସ ପରିବାର ଲୋକଙ୍କୁ ଜଣାଇଥିଲା। ଏର୍ନାକୁଲମ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଛି। ତେବେ ମୃତଦେହ ଗାଁକୁ ଆଣିବା ପାଇଁ ପରିବାର ଲୋକଙ୍କ ପାଖରେ ସମ୍ବଳ ନାହିଁ। ପ୍ରଶାସନ ମହେନ୍ଦ୍ରଙ୍କ ମୃତଦେହକୁ ଗାଁକୁ ଆଣିବା ପାଇଁ ସହାୟତା କରିବାକୁ ପରିବାର ଲୋକେ ମୋହନା ବିଡ଼ିଓ ରାଜୀବ ଦାସଙ୍କୁ ଅନୁରୋଧ କରିବା ଲାଗି ବୁଧବାର ଯାଇଥିଲେ। ମାତ୍ର ବିଡିଓ ନ ଥିବାରୁ ଏବିଡିଓ ରମାକାନ୍ତ ଚୌଧୁରୀଙ୍କୁ ଲିଖିତ ରୂପେ ଜଣାଇ ଫେରିଛନ୍ତି।

### କେରଳକୁ ଦାଦନ ଖଟିବାକୁ ଯାଇଥିଲେ


ରାଜକୁମାର ରାଓ

# ସୌରଭ ଗାଙ୍ଗୁଲିଙ୍କ ଭୂମିକାରେ ରାଜକୁମାର

ମୁମ୍ବାଇ

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଜୀବନୀ ଉପରେ ଆଧାରିତ ବହୁ ପ୍ରତୀକ୍ଷିତ ବାୟୋପିକ୍ ଫିଲ୍ମ ଆସନ୍ତା ବର୍ଷ ରିଲିଜ୍ ହେବ। ଏହି ଫିଲ୍ମରେ ଅଭିନେତା ରାଜକୁମାର ରାଓ ଗାଙ୍ଗୁଲିଙ୍କ ଭୂମିକାରେ ଅଭିନୟ କରିବେ। ଏନେଇ ପୂର୍ବରୁ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିବା ବେଳେ ମଙ୍ଗଳବାର ରାଜକୁମାର ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍କାର ଦେବା ସମୟରେ ଏହାକୁ ସ୍ୱୀକାର କରିଛନ୍ତି। ତେବେ ଏହି ଭୂମିକା ପାଇଁ ସେ ନର୍ଭସ ଥିବା କହିଛନ୍ତି। ରାଜକୁମାର କହିଛନ୍ତି, ସୌରଭଙ୍କ ଚରିତ୍ରକୁ ନିଭାଇବା ତାଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ତେବେ ଏହି ଚ୍ୟାଲେଞ୍ଜକୁ ନେଇ ସେ ସମାନ ମାତ୍ରାରେ ଉତ୍ସାହିତ ମଧ୍ୟ ଅଛନ୍ତି। ଏହା ଖୁବ୍ ମଜାଦାର ହେବ ବୋଲି ସେ କହିଛନ୍ତି। ଏହି ସାକ୍ଷାତ୍କାର ସମୟରେ ରାଜକୁମାର ନିଜ ବଙ୍ଗଳା କହିବା ଦକ୍ଷତା ମଧ୍ୟ ଦେଖାଇଛନ୍ତି। ସେ କହିଛନ୍ତି, ତାଙ୍କ ସ୍ତ୍ରୀ ପତ୍ରଲେଖା ଜଣେ ବେଙ୍ଗଲି। ତେଣୁ ତାଙ୍କ ସହାୟତାରେ ସେ ଅତି ଶୀଘ୍ର ବଙ୍ଗଳା ଶିଖିପାରିଛନ୍ତି। ନିଜ ବାୟୋପିକ୍‌କୁ ନେଇ ଗାଙ୍ଗୁଲି କହିଛନ୍ତି, ତାଙ୍କ ଚରିତ୍ରକୁ ରାଜକୁମାର ଭଲ ଭାବେ ନିଭାଇ ପାରିବେ। ଏହି ବିଶ୍ୱାସ ତାଙ୍କର ରହିଛି। ଏହି ଫିଲ୍ମ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ବିକ୍ରମାଦିତ୍ୟ ମୋଟ୍‌ୱାନେଙ୍କ ନିର୍ଦ୍ଦେଶନା ଏବଂ ଲଭ୍ ଫିଲ୍ମସ୍‌ର ବ୍ୟାନରରେ ନିର୍ମିତ ହେବାକୁ ଥିବା ଏହି ଫିଲ୍ମର ଟାଇଟଲ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇ ନାହିଁ। ଆସନ୍ତା ଜାନୁଆରୀରେ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ।

# ପାଟି ସାହାଯ୍ୟରେ ପେଣ୍ଟିଂ

## ଉତ୍କୃଷ୍ଟ ଚିତ୍ରକର ଭାବେ ଅନେକ ଖ୍ୟାତି ଅର୍ଜନ କରିଛନ୍ତି



ସାହାରନପୁର

ଉତ୍ତର ପ୍ରଦେଶର ସାହାରନପୁର ବାସିନ୍ଦା ଶାହ ଆଲମ (୪୦) ହେଉଛନ୍ତି ଏପରି ଜଣେ ବ୍ୟକ୍ତି, ଯିଏ ତାଙ୍କ ଜୀବନର ସବୁଠାରୁ ବଡ଼ ଦୁର୍ବଳତାକୁ ସଫଳତାର ସହ ସବୁଠାରୁ ବଡ଼ ଶକ୍ତିରେ ପରିଣତ କରିଛନ୍ତି। ପିଲାଦିନେ ପୋଲିଓ ଯୋଗୁ ତାଙ୍କର ୨ ହାତ ଅଚଳ ହୋଇଯାଇଥିଲା, ଫଳରେ ବଞ୍ଚିବା ତାଙ୍କୁ ଏକ ବୋଝ ପରି ଅନୁଭବ ହୋଇଥିଲା। ତେବେ କେବେ ହାର୍ ନ ମାନିବାକୁ ସେତେବେଳେ ତାଙ୍କୁ ତାଙ୍କ ମା' ପ୍ରେରଣା ଦେଇଥିଲେ। ଏହି ପ୍ରେରଣା ଆଲାମଙ୍କୁ ସାହସ ଯୋଗାଇଥିଲା। ସମ୍ପ୍ରତି ସେ ଜଣେ ଉତ୍କୃଷ୍ଟ ଚିତ୍ରକର ଭାବେ ପରିଚୟ ହାସଲ କରିଛନ୍ତି।

ଆଲମ କହିଛନ୍ତି, ମାତ୍ର ବର୍ଷକର ହୋଇଥିବା ସମୟରେ ତାଙ୍କୁ ପୋଲିଓ ହୋଇଥିଲା। ଫଳରେ ତାଙ୍କର ୨ ହାତ କାମ କରିବା ବନ୍ଦ କରିଦେଇଥିଲା। ତେବେ ମାତ୍ର ଅଢ଼େଇ ବର୍ଷ ବୟସରେ ସେ ତାଙ୍କ ପାଟି ସାହାଯ୍ୟରେ ଚିତ୍ର ଆଙ୍କିବା ଆରମ୍ଭ କରିଦେଇଥିଲେ। ୫ ବର୍ଷ ବୟସରେ ସେ ଏହି କଳାରେ ଏତେ ଦକ୍ଷ ହୋଇଯାଇଥିଲେ ଯେ, କାଗଜରେ ଏକ ଫିଲ୍ମର ଦୃଶ୍ୟକୁ ଅନୁରୂପ ଭାବେ ଆଙ୍କିଦେଇଥିଲେ। ଏହା ଦେଖି ସେତେବେଳେ ତାଙ୍କ ପରିବାର ଏବଂ ସମ୍ପର୍କୀୟମାନେ ଆଶ୍ଚର୍ଯ୍ୟ ହୋଇଯାଇଥିବା ଆଲମ କହିଛନ୍ତି। ଧୀରେ ଧୀରେ ସେ ଜଣେ ଉତ୍କୃଷ୍ଟ ଚିତ୍ରକର ଭାବେ ଖ୍ୟାତି ଅର୍ଜନ କରିଥିଲେ।

ଆଲମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଅଭିନେତା ସଲ୍‌ମାନ ଖାନ୍, ସୈଫ ଅଲ୍ଲୀ ଖାନ୍‌ଙ୍କ ପରି ଅନେକ ପ୍ରସିଦ୍ଧ ବ୍ୟକ୍ତିଙ୍କ ଅବିକଳ ଚିତ୍ର ଆଙ୍କି ବହୁ ପ୍ରଶଂସା ସାଉଁଟିଛନ୍ତି। ତାଙ୍କର ଚିତ୍ରଗୁଡ଼ିକ ମୁମ୍ବାଇରୁ ଆମେରିକା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ସେ ତାଙ୍କ ପାଟି ସାହାଯ୍ୟରେ ଗ୍ରିଟିଂ କାର୍ଡ ମଧ୍ୟ ତିଆରି କରିପାରନ୍ତି। ଆଲମ କହିଛନ୍ତି, ସେ ଅନେକ ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ସେଥିରେ ପ୍ରଥମ ସ୍ଥାନ ହାସଲ କରିଥାନ୍ତି। ଅନେକ ଅସୁବିଧା, ଆର୍ଥିକ ପ୍ରତିବନ୍ଧକ, ସାମାଜିକ ଚ୍ୟାଲେଞ୍ଜ ଏବଂ ଶାରୀରିକ ସୀମାବଦ୍ଧତାର ସମ୍ମୁଖୀନ ହୋଇଥିଲେ ମଧ୍ୟ ସେ କେବେ ମଧ୍ୟ ହାର୍ ମାନିନାହାନ୍ତି। ଜଣେ ସଫଳ ଚିତ୍ରକର ଭାବେ ବିଶ୍ୱବ୍ୟାପୀ ଖ୍ୟାତି ଅର୍ଜନ କରିବା ପାଇଁ ସେ ସ୍ୱପ୍ନ ଦେଖିଛନ୍ତି।

## INVITATIONS FOR BIDS (IFB)
## ODISHA STATE CASHEW DEVELOPMENT CORPORATION LIMITED, KAJU BHAWAN, GHATIKIA, BHUBANESWAR

E-Mail : contact@oscdc.com

**e-Procurement Notice**

No.CAD-902

**Bid Identification Number - OSCDC-03 of 2025-26**

**Tender Call Notice No. : 1845** — **Date : 25.06.2025**

| | | |
|---|---|---|
| Name of the work | : | 1. Costruction of 11Kv line, LT Line and installation of 1 x 25 KVA 11/0.4KV S/S for 3Phase power supply at Kathagada nursery Ganjam, Huma under Khordha Division. |
| Total No. of Projects | : | 1 (One) number |
| Estimated cost of projects | : | Varies from Rs.5.74 lakhs (Excluding GST) |
| Class of contractor | : | Electrical (HT) |
| Period of Completion | : | As per TCN |

**Other details**

| Procurement Officer | Bid Identification Number | Availability of Tender online for bidding | | Submission of Original Documents | Date & Place of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| MANAGING DIRECTOR, OSCDC LTD. BHUBANESWAR | OSCDC - 03 of 2025-26 | 25.06.2025 from 11.00 A.M. | 07.07.2025 up to 5.00 P.M. | During office hours of working days from dt.26.06.2025 from 11.00 A.M. to 08.07.2025 upto 05.00 P.M. in the Office of Executive Engineer, OSCDC, Kaju Bhawan, Bhubaneswar, 751029 (To be dropped in the sealed Box) | Dt.09.07.2025 at 11.30 A.M. in the conference hall OSCDC, Kaju Bhawan, Bhubaneswar - 751029 |

Further details can be seen from the website www.tendersodisha.gov.in

OIPR-01049/11/0037/2526 — Sd./- Managing Director

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No. RDM-LAA-MBJ-0028/2024-1068/R&DM** — **Dated: 09.04.2025**

No. XXI-05: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ପଥରଚାଟିଆ ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ପଥରଚାଟିଆ, ଥାନା: ବୈଶିଙ୍ଗା, ନଂ. ୧୯୧, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୩.୬୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ପଥରଚାଟିଆ ସବ୍-ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ପଥରଚାଟିଆ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧୬.୭୪ | ଏ.୩.୬୩ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୨୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ. ୨, ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା-୧୧୨/ ୨୦୨୩
ଏ.୩.୬୩ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ପଥରଚାଟିଆ ସବ୍-ମାଇନର ନିମନ୍ତେ
ମୌଜା: ପଥରଚାଟିଆ, ଥାନା: ବୈଶିଙ୍ଗା, ନଂ. ୧୯୧, ତହସିଲ: ରସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜ

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୭ | ୫୭୭ | ୦.୫୪ | ୦.୧୮ | ଶାରଦ ଦୁଇ | କାର୍ତ୍ତିକ ରାମ, ଗିରିଧାରି ରାମ, ପି.: ଦୁଲା ରାମ, ଜା: ଉରାଣ, ବା: ନିଜଗାଁ |
| ୮ | ୩୩୧ | ୦.୮୭ | ୦.୨୫ | ଶାରଦ ଏକ | କାର୍ତ୍ତିକ ରାମ, ଗିରିଧାରୀ ରାମ, ପି.: ଦୁଲା ରାମ, ଜା: ଉରାଣ, ବା: ନିଜଗାଁ, ଗୁହିଆ ରାମ, ପି.: ଜଟିଆ ରାମ, ଜା: ଉରାଣ, ବା: ଭଗବାନପୁର |
| ୯ | ୭୨୦ | ୦.୧୬ | ୦.୦୬ | ଶାରଦ ଦୁଇ | କାଳନ୍ଦି ରାମ, ପି.: ବିଜିଲା ରାମ, ଜା: ଉରାଣ, ବା: ବଧି |
| | ୭୨୬ | ୦.୨୦ | ୦.୦୩ | ଶାରଦ ଦୁଇ | |
| ୧୨ | ୬୯୫ | ୦.୭୪ | ୦.୨୪ | ଶାରଦ ଦୁଇ | କୃଷ୍ଣ ରାମ, ରାମ ଚନ୍ଦ୍ର ରାମ, ଭରତ ଚନ୍ଦ୍ର ରାମ, ପି.: ମୁଥୁ ରାମ, ରାଜେନ୍ଦ୍ର ରାମ, ନାଲୁ ରାମ, ପି.: ସୁନି ରାମ, ହାରା ରାମ, ସ୍ୱା.: ସୁନି ରାମ, ଜା: ଉରାଣ, ବା: ବଧି |
| ୧୮ | ୩୬୦/ ୮୭୧ | ୦.୦୮ | ୦.୦୧ | ଶାରଦ ଏକ | ଗିରିଧାରୀ ରାମ, ପି.: ଦୁଲା ରାମ, ଜା: ଉରାଣ, ବା: ନିଜଗାଁ |
| ୨୦ | ୭୨୩ | ୦.୫୦ | ୦.୧୦ | ଶାରଦ ଦୁଇ | ଗିରିଧାରି ରାମ, ହଗୁରୁ ରାମ, ପି.: ଭରତ ରାମ, ଚାମ୍ପି ରାମ, ସ୍ୱା.: ଭରତ ରାମ, ଜା: ଉରାଣ, ବା: ବଧି |
| ୨୪ | ୭୨୧ | ୦.୧୩ | ୦.୦୪ | ଶାରଦ ଦୁଇ | ଗୁରୁବାରି ରାମ, ପୁନିଆ ରାମ, ସ୍ୱା.: ଗୁହିନ ରାମ, ଶଙ୍ଖ ରାମ, ବଦ ରାମ, ବୁଦ୍ଧିଆ ରାମ, ପି.: ଗୁହିନ ରାମ, ଦଶରଥ ରାମ, ସନିଆ ରାମ, ପି.: ଗୌରି ରାମ, ଜା: ଉରାଣ, ବା: ନିଜଗାଁ |
| | ୭୩୯ | ୦.୧୫ | ୦.୦୪ | ଶାରଦ ଦୁଇ | |
| | ୫୮୭ | ୦.୪୪ | ୦.୦୫ | ଶାରଦ ଦୁଇ | |
| | ୫୮୮ | ୦.୪୬ | ୦.୦୩ | ଶାରଦ ଦୁଇ | |
| ୩୭ | ୫୧୪/ ୯୦୯ | ୦.୧୭ | ୦.୦୪ | ଶାରଦ ଦୁଇ | ଛଟା ରାମ, ପି.: ବୁଟୁଭିଲା ରାମ, ଜା: ଉରାଣ, ବା: ନିଜଗାଁ |
| | ୩୬୧ | ୦.୧୩ | ୦.୦୧ | ଶାରଦ ଦୁଇ | |
| ୬୦ | ୫୮୫ | ୦.୧୪ | ୦.୦୧ | ଶାରଦ ଦୁଇ | ଶ୍ରୀ ଗ୍ରାମ ଦେବତୀ ଚକଡ଼ା ଶୁଣି ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ବା:, ଦୁର୍ଯ୍ୟୁଧନ ଦେହୁରୀ, ପି.: ହାଡ଼ିଆ ଦେହୁରୀ, ଚନ୍ଦ୍ରୀ ମଣୀ ବେହେରା, ସ୍ୱା.: ହାଡ଼ିଆ ଦେହୁରୀ, ବେଣୁଧର ଦେହୁରୀ, କାଙ୍ଗାଳି ଦେହୁରି, ପି.: ଯୋଗୀ ଦେହୁରି, ମତୀ ଦେହୁରୀ, ସ୍ୱା.: ଯୋଗୀ ଦେହୁରି, ଜା: ଦଣ୍ଡଛତ୍ର ମାଝୀ, ବା: ନିଜଗାଁ |
| ୬୬ | ୩୫୯/ ୯୨୨ | ୦.୧୭ | ୦.୦୨ | ଶାରଦ ଏକ | ନାଥ ରାମ, ପି.: ବିଜିଲା ରାମ, ଜା: ଉରାଣ, ବା: ବଧି |
| | ୭୧୮/ ୮୯୭ | ୦.୧୬ | ୦.୦୨ | ଶାରଦ ଦୁଇ | |
| ୬୭ | ୬୯୭/ ୮୭୯ | ୦.୦୮ | ୦.୦୨ | ଶାରଦ ଦୁଇ | ନାଥ ସିଂ, ହାଡ଼ିଆ ସିଂ, ଗୁରୁ ଚରଣ ସିଂ, ପି.: ବଦ୍ୟନାଥ ସିଂ, କାଳନ୍ଦି ସିଂ, ରାମ ଚନ୍ଦ୍ର ସିଂ, ପି.: ଗୁନା ସିଂ, ଗୌରୀ ସିଂ, ସ୍ୱା.: ସୋମନାଥ ସିଂ, ଗୋବିନ୍ଦ ସିଂ, ପି.: ରଘୁ ସିଂ, ଜା: ଉରାଣ, ବା: ବଧି |
| | ୬୯୭ | ୦.୨୫ | ୦.୧୪ | ଶାରଦ ଦୁଇ | |
| | ୬୯୭/ ୮୮୦ | ୦.୦୯ | ୦.୦୨ | ଶାରଦ ଦୁଇ | |
| ୭୩ | ୭୧୯ | ୦.୨୦ | ୦.୦୧ | ଶାରଦ ଦୁଇ | ପାଗିଲି ରାମ, ପି.: ସାନ ରମା ରାମ, କାନ୍ଦୁ ରାମ, ପି.: ବୁଧିଆ ରାମ, ଭାଗିରଥି ରାମ, ପରବାସିଆ ରାମ, ପି.: ପାଣ୍ଡିଆ ରାମ, ଜା: ଉରାଣ, ବା:ନିଜଗାଁ |
| ୭୫ | ୫୧୪/ ୯୧୦ | ୦.୧୫ | ୦.୦୧ | ଶାରଦ ଦୁଇ | ପୂର୍ଣ୍ଣ ରାମ, ପି.: ବୁଟୁଭିଲା ରାମ, ଜା: ଉରାଣ, ବା: ନିଜଗାଁ |
| ୯୬ | ୭୩୩ | ୦.୮୪ | ୦.୦୧ | ଶାରଦ ଦୁଇ | ବୁଧିଆ ରାମ, ପି.: ଭୁଣ୍ଡାବାରିଆ ରାମ, ଜା: ଉରାଣ, ବା: ନିଜଗାଁ |
| ୧୦୪ | ୫୧୪/ ୯୦୮ | ୦.୨୭ | ୦.୧୫ | ଶାରଦ ଦୁଇ | ଭାଗିରଥି ରାମ, ପି.: ମଙ୍ଗୁଲି ରାମ, ଜା: ଉରାଣ, ବା: ନିଜଗାଁ |
| ୧୦୫ | ୭୧୪/ ୮୩୮ | ୦.୪୦ | ୦.୧୪ | ଶାରଦ ଦୁଇ | ଭାଗିରଥି ରାମ, ପି.: ପାଣ୍ଡିଆ ରାମ, ବାରୁଣି ରାମ, ପି.: କାନ୍ଦୁ ରାମ, ଜା: ଉରାଣ, ବା: ନିଜଗାଁ |
| ୧୦୯ | ୫୮୬ | ୦.୫୬ | ୦.୦୮ | ଶାରଦ ଦୁଇ | ମଙ୍ଗଳ ମାଝୀ, ପି.: ହରି ମାଝୀ, ଜା: ସାନ୍ତାଳ, ବା: ବ୍ରାହ୍ମଣପଟକା |
| ୧୨୫ | ୭୪୦ | ୦.୭୫ | ୦.୦୭ | ଶାରଦ ଦୁଇ | ରାମହରି ରାମ, ଭୀମ ରାମ, ପି.: ପଚା ରାମ, ସୁରୁଜ ରାମ, ସ୍ୱା.: ପଚା ରାମ, ଜା: ଉରାଣ, ବା: ନିଜଗାଁ |
| ୧୨୮ | ୫୬୪ | ୦.୫୨ | ୦.୦୯ | ଶାରଦ ଦୁଇ | ରାମ ଚନ୍ଦ୍ର ରାମ, ଅର୍ଜ୍ଜୁନ ରାମ, ହରି ରାମ, ମଦନ ରାମ, ରାଧା ରାମ, ରବିନ୍ଦ୍ର ରାମ, ମଧୁ ରାମ, ପି.: ପଞ୍ଚାନନ ରାମ, ଜା: ଉରାଣ, ବା: ନିଜଗାଁ |
| ୧୩୩ | ୩୫୫ | ୦.୨୦ | ୦.୦୩ | ଶାରଦ ଏକ | ଲକ୍ଷିଆ ରାମ, ଭୀମ ରାମ, ଚୁକା ରାମ, ପି.: ମହନ୍ତ ପଡ଼ା ରାମ, ଡୁମା ରାମ, ସୁକୁର ରାମ, ପି.: କାଲା ରାମ, କଣ୍ଟୁରୁ ରାମ, ନବା ରାମ, ସାରିଆ ରାମ, ପି.: ରାୟା ରାମ, ଗନ୍ଦି ରାମ, ପି.: ଶୁକୁରା ରାମ, ଜା: ଉରାଣ, ବା: ନିଜଗାଁ |
| | ୫୬୭ | ୦.୨୪ | ୦.୦୯ | ଶାରଦ ଦୁଇ | |
| | ୩୫୬ | ୦.୧୦ | ୦.୦୩ | ଶାରଦ ଦୁଇ | |
| | ୧୮୪ | ୦.୮୦ | ୦.୧୨ | ଡାହି ଦୁଇ | |
| ୧୪୦ | ୧୮୯ | ୦.୪୨ | ୦.୧୮ | ଡାହିଦୁଇ | ସନି ରାମ, ପି.: ଗୁହିନ ରାମ, ଜା: ଉରାଣ, ବା: ବଧି |
| ୧୪୨ | ୬୯୪ | ୦.୫୮ | ୦.୦୧ | ଶାରଦ ଦୁଇ | ସରସ୍ୱତୀ ରାମ, ସ୍ୱା: ମୁନି ରାମ, ରାଧାନାଥ ରାମ, ପି.: ନନ୍ଦିଆ ରାମ, ବୈଶାଖୀ ରାମ, ସ୍ୱା.: ନନ୍ଦିଆ ରାମ, ଜା: ଉରାଣ, ବା: ନିଜଗାଁ |
| | ୧୮୫ | ୦.୪୨ | ୦.୦୩ | ଡାହି ଦୁଇ | |
| ୧୪୩ | ୩୬୦ | ୦.୧୪ | ୦.୦୮ | ଶାରଦ ଏକ | ସହଦେବ ରାମ, ପି.: ରାମହରି ରାମ, ରାମ ହରି ରାମ, ପି.: ପଚା ରାମ, ଜା: ଉରାଣ, ବା:ନିଜଗାଁ |
| ୧୪୭ | ୭୨୮ | ୦.୮୨ | ୦.୦୬ | ଶାରଦ ଦୁଇ | ସାମା ରାମ, ପି.: ହାଉଡ଼ା ରାମ, ଜା: ଉରାଣ, ବା: ନିଜଗାଁ |
| | ୭୨୭ | ୦.୧୧ | ୦.୧୧ | ଶାରଦ ଦୁଇ | |
| | ୧୭୭ | ୦.୬୮ | ୦.୧୬ | ଡାହି ଦୁଇ | |
| | ୧୯୩ | ୦.୪୧ | ୦.୦୮ | ଶାରଦ ଦୁଇ | |
| | ୧୯୨ | ୦.୩୫ | ୦.୦୮ | ଡାହି ଦୁଇ | |
| ୧୬୮/ ୩୧ | ୧୭୬ | ୦.୩୪ | ୦.୧୪ | ଡାହି ଦୁଇ | ଗୋପିନ୍ଦ୍ର ରାମ, ପି.: ରାୟାଁ ରାମ, ଜା: ଓରାଣ, ବା: ନିଜଗାଁ |
| ୧୬୮/ ୪୪ | ୬୯୭/ ୮୭୮ | ୦.୦୮ | ୦.୦୨ | ଶାରଦ ଦୁଇ | ସାଧୁ ଚରଣ ରାମ, ପି.: ବୁଧିଆ ରାମ, ଜା: ଓରାଣ, ବା: ନିଜଗାଁ |
| ୧୬୮/ ୪୭ | ୭୧୯/ ୯୪୫ | ୦.୨୩ | ୦.୦୮ | ଶାରଦ ଦୁଇ | ରବିନ ରାମ, ବିମଳ ରାମ, ଶ୍ୟାମଳ ରାମ, ପି.: ବାରୁଣୀ ରାମ, ଜା: ଓରାଣ, ବା: ନିଜଗାଁ |
| ୧୬୮/ ୭୯ | ୩୨୯/ ୯୮୩ | ୦.୭୬ | ୦.୧୧ | ଶାରଦ ଏକ | ରଣଜିତ୍ ସିଂ, ମାନଗୋବିନ୍ଦ ସିଂ, ଅଜିତ ସିଂ, ପି.: ରାମଚନ୍ଦ୍ର ସିଂ, ଜା: ଓରାଣ, ବା: ନିଜଗାଁ |
| ୧୬୮/ ୧୦୭ | ୭୧୪/ ୮୩୮/୧୦୩୧ | ୦.୦୬ | ୦.୦୧ | ଶାରଦ ଦୁଇ | ସୁରେନ ରାମ, ପି.: ମଦନ ରାମ, ଜା: ଓରାଣ, ବା: ନିଜଗାଁ |
| ୧୭୧/୧ | ୫୮୪ | ୦.୮୫ | ୦.୧୪ | ଶାରଦ ଦୁଇ | ଶ୍ରୀ ଗ୍ରାମଦେବତୀ ଚଞ୍ଚଳା ଶୁଣି ଠାକୁରାଣୀ ବିଜେ ନିଜଗାଁ ମା, ବା:, ଦୁର୍ଯ୍ୟୋଧନ ଦେହୁରୀ, ପି.: ହାଡ଼ିଆ ଦେହୁରୀ, ଚନ୍ଦ୍ରିମଣୀ ଦେହୁରୀ, ସ୍ୱା.: ହାଡ଼ିଆ ଦେହୁରୀ, ଜା: ଦଣ୍ଡଛତ୍ର ମାଝୀ, ବା: ନିଜଗାଁ |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| ୬୯ | ୧୭୪ | | ୦.୧୨ | ଡାହି ଦୁଇ | ନିତ୍ୟାନନ୍ଦ ଗିରି, ପି.: ସନେଇ ଗିରି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୬୮/ ୩୧ | ୧୭୬ | | ୦.୦୮ | ଡାହି ଦୁଇ | ଗୋପିନ୍ଦ୍ର ରାମ, ପି.: ରାୟାଁ ରାମ, ଜା: ଓରାଣ, ବା: ନିଜଗାଁ |
| ମୋଟ | ୪୬ ପ୍ଲଟକୁ | ଏ. ୧୬.୭୪ ଡେ.ମି. | ଏ. ୩.୬୩ ଡେ.ମି. | | |

Sd./- Amin, Bahalda Zone — Sd./- Revenue Inspector, Bahalda Zone — Sd./- Zone Officer -cum-L.A., Collector S.I.P., Bahalda Zone — Sd./- Spl. Land Acquisition Office S.I.P., Baripada

OIPR-24001/14/0185/2526

## ଅନ୍ୟାନ୍ୟ ଖବର

# ନବଯୌବନ ଲୀଳାରୁ ପାବନ ମଣିଷ

ପୁରୀ,୨୫ା୬(ଅଜିତ୍ କୁମାର ମହାନ୍ତି)



ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରତିବର୍ଷ ଅଣସର ଲୀଳା ପରେ 'ନବଯୌବନ' ରୂପରେ ଦର୍ଶନ ଦିଅନ୍ତି। ଶ୍ରୀଜଗନ୍ନାଥ ଧାମ ବ୍ୟତୀତ ବର୍ଷକୁ ଥରେ ଦାରୁଦିଅଁ 'ନବଯୌବନ' ରୂପରେ ଦର୍ଶନ ଦେବା ପରମ୍ପରା ଅନ୍ୟତ୍ର ପ୍ରଚଳିତ ଥିବାର ପ୍ରସିଦ୍ଧି ନାହିଁ। ତେବେ ଶ୍ରୀଜଗନ୍ନାଥଙ୍କ ଉପାସନାରେ ପ୍ରତ୍ୟେକ ଲୀଳାର ସାମାଜିକ ବାର୍ତ୍ତା ରହିଥିବା ପରି 'ନବଯୌବନ' ରୂପରେ ଦର୍ଶନ ଦେବା ପଛରେ ମଧ୍ୟ ସାମାଜିକ ବାର୍ତ୍ତା ରହିଛି। ଏହି ବାର୍ତ୍ତା ଖୁବ୍ ରହସ୍ୟମୟ।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, 'ଯୌବନ' ଶବ୍ଦ ପ୍ରଥମେ ଅଥର୍ବ ବେଦ (୧୮/୪/୫୦)ରେ ବ୍ୟବହୃତ ହୋଇଛି। ମଣିଷ ଜନ୍ମର ୧୬ ବର୍ଷରୁ ୭୦ ବର୍ଷ ପର୍ଯ୍ୟନ୍ତ ଯୌବନକାଳ ବୋଲି ବହୁ ପ୍ରାଚୀନ ଆଲୋଚକ ସିଦ୍ଧାନ୍ତରେ ଏକମତ ହୋଇଛନ୍ତି। ଧର୍ମଶାସ୍ତ୍ରରେ କୁହାଯାଇଛି ମଣିଷର ୧୬ବର୍ଷ ପୂର୍ବର ସମୟ ହେଉଛି 'ବାଳ ଅବସ୍ଥା', ଯାହାକୁ ସଂସ୍କୃତରେ କୁହାଯାଏ ବାଲ୍ୟକାଳ। ବାଲ୍ୟ କାଳର ଶେଷ ୪ ବର୍ଷକୁ ବହୁ ଆଲୋଚକ 'କିଶୋର' ଅବସ୍ଥା ବା କିଶୋର କାଳ ବୋଲି ମତ ଦେଇଛନ୍ତି। ଷୋହଳ ବର୍ଷ ପରର କାଳକୁ 'ତରୁଣ' ସମୟ ବା ତରୁଣକାଳ ମଧ୍ୟ କୁହାଯାଇଥାଏ। ସତୁରି ବର୍ଷ ପରେ ମଣିଷର 'ବୃଦ୍ଧକାଳ' ବୋଲି ବିଚାର କରାଯାଏ। ଯୌବନ କାଳରେ ମଣିଷ ଶରୀରରେ କେତେକ ବିଚାରଗତ ପରିବର୍ତ୍ତନ ହୁଏ। ଏହାକୁ ସେ ସମୟର 'ଲକ୍ଷଣ' ବୋଲି କହି ସେହି କାଳକୁ ପାରି ହୋଇସାରିଥିବା ଆମେ ଅନୁଭବ କରିପାରିବା। ସେ ସମୟରେ ଦେଖିବାର କଳାଟି ଭାରି ସରାଗପୂର୍ଣ୍ଣ ହୁଏ। ପୁରୀ ଭାଷାରେ 'ସରାଗିଆ ଚାହାଣି' କୁହାଯାଏ। ପୁରୁଷଟିଏ ହୋଇଥିଲେ ସ୍ୱାଭାବିକ ପ୍ରକୃତି (ନାରୀ) ସହିତ ମିଶିବାକୁ ଅନ୍ତରର କେଉଁ ଅନ୍ଧାରିଆ କୋଣରେ ଇଚ୍ଛାଟିଏ ଉଙ୍କିମାରେ। ପ୍ରକୃତି ହୋଇଥିଲେ ସେହିପରି ପୁରୁଷ ପ୍ରତି ସୃଷ୍ଟି ହୁଏ। ଉପଭୋଗର ଏକ ମୃଗତୃଷ୍ଣା ନିଛାଟିଆ ବେଳାରେ ବାଦଲ ଭଳି ମନ ଆକାଶରେ ଭାସିଯାଏ। ଖାଲି ସେତିକି ନୁହେଁ, ବଡ଼ବଡ଼ିଆମାନେ ମଣିଷର ଇନ୍ଦ୍ରିୟକୁ ହରିଣ ସହିତ ତୁଳନା କରିଛନ୍ତି। ସେଇ ହରିଣଟି କେମିତି ଏକ ଲଗାମହୀନ ଭାବେ ନିଜ ଇଚ୍ଛାରେ ସମ୍ରାଟ ହୋଇଯାଏ, ନିଜ ଭିତରେ ସେ ନିଜେ ଏକାଙ୍ଗ ଚକ୍ରବର୍ତ୍ତୀର ଭାବନାରେ ବୁଡ଼ିରହେ, ଏହାକୁ ମହାଜନମାନେ ଭାରତୀୟ ଧାରାରେ 'ମୋହ' ବୋଲି କହିଛନ୍ତି। ତାରୁଣ୍ୟର ମୋହ। ଏଇ ମୋହ ସାମାଜିକ ତଥା ପାରିବାରିକ ବନ୍ଧନ ଭିତରେ ଦିଗହୀନର ରୂପ ସହଜରେ ନେଇପାରେ ନାହିଁ। ଦୁଇଟିଯାକ ବନ୍ଧନ ହୁଗୁଳା ଥାଏ, ତେବେ ଏଇ 'ମୋହ' ଦିଗ ଭାଙ୍ଗି କୂଳ ଲଂଘନ କରେ। ଜୀବନ ନଦୀରେ ଘାଇ ସୃଷ୍ଟି କରିଦିଏ। ଏହାର ପ୍ରାଚୀନ ଉଦାହରଣଟିଏ ଦେଇଛନ୍ତି ମହାକବି ବାଣଭଟ୍ଟ। କାଦମ୍ବରୀ ଗଦ୍ୟକାବ୍ୟରେ ଚନ୍ଦ୍ରାପୀଡ଼ଙ୍କ ପ୍ରତି ଶୁକନାଶଙ୍କର ଉପଦେଶ ତାହାର ଜ୍ୱଳନ୍ତ ଉଦାହରଣ। ବାସ୍ତବରେ ଯୌବନର ଲକ୍ଷଣ ହେଲା ଲାବଣ୍ୟ। ଏଇ ଲକ୍ଷଣ ହିଁ ଆମର କାମ୍ୟ। ଲାବଣ୍ୟର ଉପାସକ ହେବା ସାଧନାର କଥା। ଲାବଣ୍ୟର ମୋହରେ ଆକାଶ କୁସୁମ ତୋଳିବାର ନକାରାତ୍ମକ ପ୍ରଚେଷ୍ଟା ମୂଳରୁ ଜୀବନଧାରାକୁ ବିଗିଡେଇ ଦିଏ। ଦିନେ ବିଗିଡେଇ ଦେଇଥିଲା ସଂସ୍କୃତ ମହାଭାରତ କାଳରେ ଉତ୍ତରାପଥର ଏକ ଜାତିବିଶେଷକୁ। ଯୌବନ କାଳର ଯୌବନ ପାପ କରିବାରୁ ସେମାନେ ପରିଚିତ ହୋଇଥିଲେ ଯବନ ଭାବେ। ଏଠି ପାପର ବିଚାର ହୋଇଥିଲା ନିଷିଦ୍ଧ ଜନନେନ୍ଦ୍ରିୟ ସହିତ ସମ୍ପର୍କ ରଖିବା। ବାସ୍ତବରେ ମହାପ୍ରଭୁଙ୍କ ନବଯୌବନ ଲୀଳା ଏକ ଲାବଣ୍ୟମୟ ଲୀଳା, ଦେଖିଲେ ମନ ଭରିଯାଏ, ପାଟିରୁ ବାହାରି ଆସେ ଆହା କି ଦିବ୍ୟରୂପ ଦର୍ଶନ! ଏହି ଦିବ୍ୟ ଦର୍ଶନ ହିଁ ଉପଭୋଗର ମୃଗତୃଷ୍ଣାରୁ ମନକୁ ଅଜାଣତରେ ବାହୁଡ଼େଇ ନିଏ, ମୋହମୁକ୍ତ କରିଦିଏ ଚିତ୍ତକୁ, ବିପଥଗାମୀ ଇଚ୍ଛାକୁ ଲେଉଟେଇ ଆଣେ। ଜୀବନ ନଦୀରେ ଆଉ ଘାଇ ସୃଷ୍ଟି ହୁଏ ନାହିଁ। ମଣିଷ 'ଯବନ'ରେ ପରିଣତ ନ ହୋଇ 'ପାବନ'ରେ ପରିଣତ ହୁଏ ବୋଲି ଡ. ମିଶ୍ର କହିଛନ୍ତି।

# ନିଷିଦ୍ଧ ଔଷଧ ଆଇନ ଆହୁରି କଠୋର ହେବା ଆବଶ୍ୟକ

## ଆଜି ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ବେଆଇନ କାରବାର ନିରୋଧୀ ଦିବସ



ଔଷଧ ଆମ ପାଇଁ କେତେ ଜରୁରୀ ତାହା କହିବା ଅନାବଶ୍ୟକ। ହେଲେ ଏଭଳି କେତେକ ଔଷଧ ରହିଛି ଯାହାର ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। ଏହି ଔଷଧଗୁଡ଼ିକ ଯେଭଳି ଲୋକଙ୍କ ପାଖରୁ ଦୂରେଇ ରଖାଯାଇପାରିବ ସେ ବିଷୟରେ ସଚେତନତା ସୃଷ୍ଟି କରାଯାଉଛି। ଏଥିପାଇଁ ପ୍ରତିବର୍ଷ ଜୁନ୍ ୨୬ ତାରିଖକୁ 'ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ବେଆଇନ କାରବାର ନିରୋଧୀ ଦିବସ' ଭାବରେ ପାଳନ କରାଯାଇଥାଏ। ଏହାକୁ ମଧ୍ୟ 'ନିଷିଦ୍ଧ ଔଷଧ ଦିବସ' କୁହାଯାଏ। ନିଷିଦ୍ଧ ଔଷଧ ଯେପରି ନିଜର କାୟା ବିସ୍ତାର କରି ନ ପାରେ ସେଥିପାଇଁ କେତେକ ଆଇନ ପ୍ରଣୟନ କରାଯାଇଛି। ଏଗୁଡ଼ିକ ଯେତେ ଦୃଢ଼ ଭାବରେ କାର୍ଯ୍ୟ କରିବ ନିଷିଦ୍ଧ ଔଷଧ ପ୍ରତି ଲୋକମାନେ ସେତେ ଦୂରତା ଅବଲମ୍ବନ କରିବେ। ବିଶେଷଭାବରେ କେତେକ ନିଷିଦ୍ଧ ଔଷଧରେ ନିଶା କରାଇବା ଶକ୍ତି ଥାଏ। ଏହା ଅଳ୍ପ ସମୟ ମଧ୍ୟରେ ଯନ୍ତ୍ରଣା ଲାଘବ କରିପାରେ, ହେଲେ ତାହାର ପାର୍ଶ୍ୱପ୍ରତିକ୍ରିୟା ଶରୀର ଉପରେ ପଡ଼ିବାର ଆଶଙ୍କା ରହିଛି। ଏଭଳି ଔଷଧର ଚୋରାଚାଲାଣ ମଧ୍ୟ ଦେଖିବାକୁ ମିଳୁଛି। ତେଣୁ ଏହା ସମ୍ପୂର୍ଣ୍ଣ ଭାବରେ ବନ୍ଦ ହେବା ଦରକାର। ଏସବୁ ଔଷଧର ମାରାତ୍ମକ ଦିଗକୁ ଦୃଷ୍ଟିରେ ରଖି ଏଥିପାଇଁ କଠୋର ଆଇନ ପ୍ରଣୟନ କରାଯାଇଛି। ଅନ୍ୟପକ୍ଷରେ ନିୟମିତ ବ୍ୟବଧାନରେ ସେହି ଆଇନଗୁଡ଼ିକରେ ସଂଶୋଧନ କରାଯାଉଛି। ତେଣୁ ଜନସାଧାରଣ ଏ ନେଇ ସଚେତନ ରହିବା ନିହାତି ଦରକାର। ଏଭଳି ଔଷଧ ବିଷୟରେ ଭଲ ଭାବେ ଅବଗତ ହେବା ଏହା ବିରୋଧରେ ସଚେତନତା ସୃଷ୍ଟି କରିପାରିଲେ ୧୯୮୯ ମସିହାରୁ ପାଳିତ ହୋଇଆସୁଥିବା ଏହି ଦିବସର ଲକ୍ଷ୍ୟ ସାଧନ ହୋଇପାରିବ।

# ଆଜି ମହାପ୍ରଭୁଙ୍କ ନେତ୍ର ଉତ୍ସବ, ନବଯୌବନ ଦର୍ଶନ

- ■ସକାଳ ୮ରୁ ୯ଟା ପର୍ଯ୍ୟନ୍ତ ପରିମାଣିକ ଦର୍ଶନ
- ■୯ରୁ ୧୦ଟା ୩୦ ଯାଏ ସର୍ବସାଧାରଣ ଦର୍ଶନ

ପୁରୀ,୨୫ା୬(ଅଜିତ୍ କୁମାର ମହାନ୍ତି)

ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇ ୧୫ ଦିନ ଅଣସରରେ ରହି ଗୁପ୍ତସେବା ହେବା ପରେ ଗୁରୁବାର ନେତ୍ର ଉତ୍ସବରେ ଭକ୍ତଙ୍କୁ ଦର୍ଶନ ଦେବେ। ଏଥିସହ ମହାପ୍ରଭୁ ନବଯୌବନ ବେଶରେ ସଜେଇ ହେବେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅମାବାସ୍ୟା ଅବସରରେ ବୁଧବାର ଅଣସର ଘରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି କରାଯାଇଛି।

ଆଷାଢ଼ ଶୁକ୍ଳ ପ୍ରତିପ୍ରଦା ତିଥିରେ ଗୁରୁବାର ଭକ୍ତଙ୍କୁ ଦର୍ଶନ ଦେବେ ଦାରୁଦିଅଁ। ପରମ୍ପରା ଅନୁସାରେ ପ୍ରଥମେ ଶ୍ରୀବିଗ୍ରହମାନଙ୍କ ଚକା ଅପସର ନୀତି ଅନୁଷ୍ଠିତ ହେବ। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ସକାଳ ୬ଟାରେ ଚକା ଅପସର, ୬ଟା ୧୦ରେ ମଙ୍ଗଳ ଆଳତି, ୬ଟା୨୫ରେ ମଇଲମ, ୭ଟାରେ ଅବକାଶ ହୋଇ ୭ଟା ୩୦ରେ ଦଶାବତାର ଠାକୁରଙ୍କ ବାହୁଡ଼ାବିଜେ ନୀତି ହେବ। ୮ଟାରେ ଟାଟିଫିଟା ପରେ ୯ଟା ପର୍ଯ୍ୟନ୍ତ ପରିମାଣିକ ଦର୍ଶନ ଚାଲିବ। ଟିକେଟଧାରୀଙ୍କୁ ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ପଟେ ଭିତରକୁ ଛଡ଼ାଯିବ। ଭିଆଇପିଙ୍କୁ ମଧ୍ୟ ପରମାଣିକ ଦର୍ଶନ ଲାଗି ଭକ୍ତଙ୍କ ସହ ଛଡ଼ାଯିବ। ଏହାପରେ ସିଂହଦ୍ୱାରରେ ଅପେକ୍ଷାରତ ଭକ୍ତ ମହାପ୍ରଭୁଙ୍କୁ ସାହାଣମେଲାରେ ଦର୍ଶନ କରିବେ। ସକାଳ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହେବ। ଏହାପରେ ମହାପ୍ରଭୁଙ୍କ ନୀତି ଆରମ୍ଭ କରାଯିବ। ତେବେ ଭକ୍ତମାନେ ଶ୍ରୀମନ୍ଦିର ଭିତରବେଢ଼ା ବୁଲି ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିପାରିବେ। ପୂର୍ବାହ୍ନ ୧୧ଟା ୩୦ରେ ଧୂଆଧୋଇ ହୋଇ ଚୂନ ପଡ଼ିବା ପରେ ସର୍ବାଙ୍ଗ, ବନ୍ଦାପନା ଅନୁଷ୍ଠିତ ହୋଇ ନେତ୍ର ଉତ୍ସବ ବନ୍ଦାପନା ସମ୍ପନ୍ନ ହେବ। ରୋଷ ହୋମ, ରାଜନୀତି, ଯାତ୍ରାଙ୍ଗୀ ମହାସ୍ନାନ,ମଇଲମ, ଘଣ୍ଟ ଛତା ସର୍ବାଙ୍ଗ ପରେ ଅନ୍ୟାନ୍ୟ ନୀତି ବଢ଼ିବ। ରାତିରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କୁ ସେନାପଟା ଲାଗି କରିବେ।

# ଆଶା ରଖିଛନ୍ତି ଜାହ୍ନବୀ

କଥାରେ ଅଛି-ଆଶା ଅସୁମାରୀ। ହେଲେ ସବୁ ଆଶା କ'ଣ ପୂରଣ ହୁଏ ? ବେଳେବେଳେ କେତେକ ନିଜ ଆଶା ପୂରଣ କରିବାକୁ ଚାତକ ପରି ଚାହିଁ ବସିଥାଆନ୍ତି। ଆଉ ଏଥିରୁ ବା ଜାହ୍ନବୀ କପୁର ବାଦ୍ ପଡିବେ କେମିତି କହୁନାହାନ୍ତି ! କଥା କ'ଣ କି ତାଙ୍କର ଏକ ଆଶା ରହିଛି। ଯଦି ଭବିଷ୍ୟତରେ ତାହା ପୂରଣ ହୁଏ, ତେବେ ତାହା ହିଁ ହେବ ତାଙ୍କ ଜୀବନରୁ ସବୁଠାରୁ ଖୁସିର ମୁହୂର୍ତ୍ତ। ହେଲେ ଏମିତି ସେ ଆଶାଟା କ'ଣ କି? ଏ ନେଇ ଜାହ୍ନବୀ କହନ୍ତି, ''ଆଗକୁ ମୁଁ ତ ଘର ସଂସାର କରିବି। ସେତେବେଳେ ମୋର ଏକ ଆଶା ରହିଛି। ମୋର ବିବାହ ଉତ୍ସବ କେଉଁଠି ହେଲେ ମୁଁ ବେଶି ଖୁସି ହେବି ଜାଣନ୍ତି? ତିରୁପତିରେ। ବିବାହ ସମୟରେ ମୁଁ ପାରମ୍ପରିକ ଗେଟ୍‌ଅପ୍ ନେବି। ଆଉ ଯେଉଁ ଶାଢ଼ି ପିନ୍ଧିବି ତାହା କାଞ୍ଜିବରମ ହୋଇଥିବ। ଏକଥା ଯଦି ପୂରଣ ହୁଏ ତେବେ ମୁଁ ବେଶି ଖୁସି ହେବି।'' ଜାହ୍ନବୀ ଯେତେ ପ୍ରକାର ମନଲାଖି ଖାଦ୍ୟ ଖାଇଲେ କ'ଣ ହେବ ତାଙ୍କର ପାପା ତଥା ବଲିଉଡ୍‌ର ଅନ୍ୟତମ ବିଶିଷ୍ଟ ପ୍ରଯୋଜକ ବୋନି କପୁରଙ୍କ ହାତ ରନ୍ଧା ଖାଦ୍ୟ ତାଙ୍କର ବେଶି ପସନ୍ଦ। ଏବେ ସେ କୁଆଡେ ଭଲ ଭାବରେ ତେଲୁଗୁ କହି ପାରୁଛନ୍ତି। 'ଦେବରା-୧'ର ଶୁଟିଂ ସମୟରେ ସେ ଏହି ଭାଷାକୁ ଭଲ ଭାବରେ ଶିଖିପାରିଛନ୍ତି ବୋଲି କହି ବୁଲୁଛନ୍ତି।



ଜାହ୍ନବୀ


# ପାଖେଇ ଆସୁଛି ଦିନ

ଚନ୍ଦନ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ନୂଆ ଓଡ଼ିଆ ସିନେମା 'ହିଟ୍‌ଲର' ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ନାୟକ ସାଜିଛନ୍ତି ଦୀପକ। ଅନ୍ୟପକ୍ଷରେ ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଫିଲ୍ମଟିର କାହାଣୀରେ ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି। ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ। ଦିଲ୍ଲୀପ ଶ୍ରୀଚନ୍ଦନଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ। ଅଜିତ ପ୍ରକାଶ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଏଥିରେ ଦୀପକଙ୍କ ବ୍ୟତୀତ ଆର୍ଲିନ ଅଙ୍କିତା, ସୁକାନ୍ତ ପାତ୍ର, ହରିହର ମହାପାତ୍ର, ଦିବ୍ୟା,ସିଆ, ରାଜଶ୍ରୀ, ଦୁର୍ଗା, ପଲଶ କୁମାର, ମଧୁସୂଦନ ରାଓଙ୍କୁ ମଧ ଦେଖିବାକୁ ମିଳିବ। ଫିଲ୍ମରେ ସଂଯୋଜିତ ତଥା ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଏହାପୂର୍ବରୁ ଏହି ବ୍ୟାନରରେ 'ମହା ଶଙ୍କରା' ନିର୍ମିତ ହୋଇଥିଲା। ''ଆମ ବ୍ୟାନରରେ ଆମେ ସବୁବେଳେ କାହାଣୀ ଏବଂ ତା'ସହ କଳାକାର ଚୟନକୁ ଗୁରୁତ୍ୱ ଦେଉ। ତା'ସହ ଫିଲ୍ମର ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ଦିଗ ପ୍ରତି ମଧ ଶତ ପ୍ରତିଶତ ଦୃଷ୍ଟି ଦିଆଯାଏ। ଖୁବ୍ ଶୀଘ୍ର ରିଲିଜ ହେବାକୁ ଥିବା 'ହିଟଲର' ଫିଲ୍ମଟି ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ଏହାର ପ୍ରଯୋଜକ।''



ଦୀପକ-ଆର୍ଲିନ


# ପ୍ରଥମେ ରାଜେଶ, ପରେ ଶଶୀ



ରାଜେଶ ଖାନ୍ନା

ବଲିଉଡ୍‌ର ଲୋକପ୍ରିୟ ଅଭିନେତାଙ୍କ ମଧ୍ୟରେ ରାଜେଶ ଖାନ୍ନା ଅନ୍ୟତମ। ସେ ଥିଲେ ହିନ୍ଦୀ ସିନେମା ଜଗତର ପ୍ରଥମ ସୁପରଷ୍ଟାର। ତାଙ୍କର ଅଭିନୟ ଅନେକ ଅଭିନେତାଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଥିଲା। ନିଜ କ୍ୟାରିୟର ମଧ୍ୟରେ ସେ ଅନେକ ସୁପରହିଟ୍ ଫିଲ୍ମରେ ଅଭିନୟ କରିଛନ୍ତି। ଏକଦା ବିଶିଷ୍ଟ ନିର୍ଦ୍ଦେଶକ ତଥା ପ୍ରଯୋଜକ ରାଜ୍ କପୁର ତାଙ୍କର ଫିଲ୍ମ 'ସତ୍ୟମ ଶିବମ ସୁନ୍ଦରମ୍'ର ନାୟକ କିଏ ହେବ ସେ ନେଇ ଚିନ୍ତାରେ ପଡିଯାଇଥିଲେ। ହଠାତ୍ ତାଙ୍କ ମନକୁ ଆସିଲା ଯେ ଏହି ରୋଲ୍ ପାଇଁ ରାଜେଶ ଖାନ୍ନା ହିଁ ଫିଟ୍। ତେଣୁ ବିଳମ୍ବ ନ କରି ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। କିନ୍ତୁ କେତେକ କାରଣରୁ ରାଜେଶ ଏହି ଅଫରଟିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଶେଷରେ ଉକ୍ତ ଭୂମିକା ପାଇଁ ଶଶୀ କପୁରଙ୍କୁ ସାଇନ୍ କରାଯାଇଥିଲା। ରାଜେଶ ଅଭିନୟରେ କେତେ ପରିପକ୍ୱ ଥିଲେ ତାହାର ଅନେକ ଉଦାହରଣ ରହିଛି। ଏକଦା ତାଙ୍କ ଅଭିନୀତ ୧୫ଟି ସିନେମା ଲଗାତର ସୁପରହିଟ୍ ସାବ୍ୟସ୍ତ ହୋଇଥିଲା, ଯାହା ଏପର୍ଯ୍ୟନ୍ତ ଏକ ରେକର୍ଡ ହୋଇ ରହିଛି। ସେ ଅଭିନୟ କରିଥିବା ହିଟ୍ ସିନେମା 'ଆରାଧନା'ରେ ଏକ ଗୀତ 'ରୂପ ତେରା ମସ୍ତାନା' ବେଶ୍ ଶ୍ରୋତାଦୃତ ହୋଇଥିଲା। ଶୁଣିବାକୁ ମିଳେ ଯେ ଏହାର ଶୁଟିଂ ବିନା କଟ୍‌ରେ ତଥା ଗୋଟିଏ ଟେକ୍‌ରେ ଶେଷ ହୋଇଥିଲା।

# ଚିର ସ୍ମରଣୀୟ ହୋଇ ରହିବ



'ଶ୍ରୀଜଗନ୍ନାଥଙ୍କ ନବକଳେବର' ଫିଲ୍ମରେ ଶ୍ରୀତମ

ସେ ଏକାଧାରରେ ଜଣେ ଅଭିନେତା ଏବଂ ନିର୍ଦ୍ଦେଶକ। 'ତୁ ଥା ମୁଁ ଯାଉଛି ରୁଷି'ରୁ ଆରମ୍ଭ ହୋଇଥିଲା ତାଙ୍କର ନିର୍ଦ୍ଦେଶନା କ୍ୟାରିୟର। ଦୀର୍ଘ ୩୦ ବର୍ଷର ଅଭିନୟ ଜୀବନରେ ସେ ଅନେକ ସିନେମାରେ ଆକ୍ଟିଂ କରିବା ସହ କେତେକ ଚିତ୍ରର ନିର୍ଦ୍ଦେଶନା ଦେଇ ନିଜର ଦକ୍ଷତା ପ୍ରତିପାଦନ କରିସାରିଛନ୍ତି। ସେ ହେଲେ ଅଲରାଉଣ୍ଡର ଶ୍ରୀତମ ଦାସ। ହେଲେ ଏକ ସିନେମା ତାଙ୍କର ଚିର ସ୍ମରଣୀୟ ହୋଇ ରହିବ। ଏହି ଚଳଚ୍ଚିତ୍ରଟିର ଟାଇଟଲ ରହିଛି 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ଏଥିରେ ସେ ମୁକୁନ୍ଦ ଦେବ ଚରିତ୍ରରେ ଅଭିନୟ କରିଛନ୍ତି। ଅବଶ୍ୟ ଏହାପୂର୍ବରୁ ସେ 'ବାହୁଡିବେ ମୋ ଜଗା ବଳିଆ', 'ଶ୍ରୀଜଗନ୍ନାଥ' ଏବଂ 'ମହାବାହୁ' ଶୀର୍ଷକ ସିନେମାରେ ଅଭିନୟ କରିସାରିଛନ୍ତି। ତେବେ ଏଥର ଏହି ନୂଆ ସିନେମା ତାଙ୍କର ପାଇଁ ଏକ ନିଆରା ଅନୁଭୂତି ଆଣି ଦେଇଛି। ''ଏଥିରେ ମୋତେ ଯେଉଁ ଭୂମିକା ମିଳିଛି ତାହାକୁ ତୁଲାଇବାକୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି। ଅନ୍ୟପକ୍ଷରେ ଏକଦା ଏହାର ଶୁଟିଂ ସମୟରେ ମୁଁ ଘୋଡାରୁ ଖସି ପଡି ଆହତ ହୋଇଥିଲି। ଏହି ଚଳଚ୍ଚିତ୍ରର କାହାଣୀ ଏବଂ ଉପସ୍ଥାପନା ଯେପରି ହୋଇଛି ମୋର ଦୃଢ଼ ବିଶ୍ୱାସ ଯେ ଏହା ନିଶ୍ଚୟ ଦର୍ଶକାଦୃତ ହେବ ବୋଲି କହନ୍ତି ଶ୍ରୀତମ।'' ସୌଭାଗ୍ୟଲକ୍ଷ୍ମୀ ଜେନା (ବିନି)ଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଚିତ୍ରଟିର ଅନ୍ୟତମ ପ୍ରଯୋଜକ ଅଛନ୍ତି ଦିଲୀପ କୁମାର ଜେନା। କାର୍ଯ୍ୟନିର୍ବାହୀ ପ୍ରଯୋଜକ ହେଉଛନ୍ତି ପ୍ରଣୟ ଜେଠୀ। ଏଥିରେ ମୁକୁନ୍ଦ ଦେବଙ୍କ ରାଣୀ ପଦ୍ମାବତୀ ଭୂମିକାରେ ଅଭିନୟ କରିଛନ୍ତି ପିଙ୍କି ପ୍ରଧାନ। ଏହି ମଲ୍ଟି ଷ୍ଟାରର ଫିଲ୍ମରେ ଶ୍ରୀତମଙ୍କ ବ୍ୟତୀତ ସିଦ୍ଧାନ୍ତ ମହାପାତ୍ର, ଜ୍ୟୋତି, ସୂର୍ଯ୍ୟମୟୀ, ଶିବାନୀ, କୁନା ତ୍ରିପାଠୀ, ଅଂଶୁମାନ, ପିଙ୍କି ପ୍ରଧାନ, ଅଶ୍ରୁମୋଚନ ମହାନ୍ତି, ଏବଂ ରବି ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି।

# ମନେରହିବେ ଉମା ପଟ୍ଟନାୟକ



କଳାକାରର ମୃତ୍ୟୁ ନାହିଁ। ସେ ଚିର ଅମର। ଆମ ରାଜ୍ୟର ସୌଖୀନ ଅଭିନେତାଙ୍କ ମଧ୍ୟରେ ଉମା ପଟ୍ଟନାୟକ ଅନ୍ୟତମ। ଅଭିନୟ ବଳରେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ହେଲେ ମୃତ୍ୟୁ ଯେ ତାଙ୍କୁ ଏମିତି କବଳିତ କରିବ ତାହା ବିଶ୍ୱାସ କରିବା କଷ୍ଟ। ନିଜ ଘରେ ଠାକୁର ଘର ଖୋଲୁ ଖୋଲୁ ସେଇଠାରେ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଯାଇଥିଲା। ମାତ୍ର ୫ ମାସ ପୂର୍ବରୁ ତାଙ୍କର ଧର୍ମପତ୍ନୀ ବାସନ୍ତୀ ପଟ୍ଟନାୟକଙ୍କର ମୃତ୍ୟୁ ହୋଇଥିଲା। ଭୁବନେଶ୍ୱରସ୍ଥ ବଡଗଡ ଗାଁରେ ଜନ୍ମିତ ଉମା ଭାଇ ଥିଲେ ଜଣେ ମେଳାପୀ ଏବଂ ଭଦ୍ର ଲୋକ। ତାଙ୍କ ଅଭିନୀତ ଦର୍ଶକାଦୃତ ନାଟକଗୁଡିକ ମଧ୍ୟରେ ରହିଛି-ଅଭିଶପ୍ତ ଘୁଙ୍ଗୁର, ମାଂସର ବିଳାପ, ଥ୍ୟାଙ୍କ୍ୟୁ ମିଷ୍ଟର ଗ୍ଲାଏଡ୍, ଫାଶ ଏବଂ ପ୍ରତୀକ୍ଷା ଅନ୍ୟତମ। ସମାଜସେବା କ୍ଷେତ୍ରରେ ସେ ମଧ୍ୟ ଜଣେ ଆଗଧାଡିର ବ୍ୟକ୍ତିତ୍ୱ ଥିଲେ। ଦେବୁ ବୋଷଙ୍କ ଦିଗନ୍ତ ନାଟ୍ୟସଂସ୍ଥା ସହ ଉମା ଭାଇ ଜଡିତ ଥିଲେ। ସବୁଠାରୁ ଖାସ୍ କଥା ହେଲା, ବିଶିଷ୍ଟ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କର ସେ ଥିଲେ ସହପାଠୀ।

ବଡଗଡ ଗାଁର ନେତାଜୀ କ୍ଲବ ସହ ସେ ପ୍ରାରମ୍ଭରୁ ଜଡିତ ଥିଲେ। ଏହି କ୍ଲବର ସଦସ୍ୟଙ୍କ ଦ୍ୱାରା ମଞ୍ଚସ୍ଥ ନାଟକରେ ସେ ମଧ ଅଭିନୟ କରିଛନ୍ତି। ଉକ୍ତ କ୍ଲବ୍‌ର ନାଟକ ବାଘୁଆ ଝିଅ, ଜରା ଶବର, ମହାସମର, ଦିପଟ ଚୁଡି ଆଦିରେ ଉମା ଭାଇଙ୍କ ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ସରକାରୀ ଚାକିରି (ପ୍ରୋଭିଡେଣ୍ଟ ଫଣ୍ଡ ଅଫିସ) କରିଥିଲେ ମଧ ସେ ନିଜକୁ ଜଣେ ଦକ୍ଷ ଅଭିନେତା, ସମାଜସେବୀ ଭାବରେ ପରିଚିତ କରାଇ ପାରିଥିଲେ। ଆମ ଗାଁରେ କୌଣସି ସମସ୍ୟାର ସମାଧାନ ଦିଗରେ ତାଙ୍କର ପ୍ରମୁଖ ଭୂମିକା ରହୁଥିଲା। ବଡଗଡ ପ୍ରତି ଉମା ଭାଇଙ୍କର ଯାହା ଅବଦାନ ରହିଛି ତାହା ଚିର ସ୍ମରଣୀୟ ହୋଇ ରହିବ। ତାଙ୍କର ଆତ୍ମା ଶାନ୍ତିରେ ରହୁ-ଏତିକି ପ୍ରାର୍ଥନା।

**-ଦୀଲିପ ହାଲି,** ବଡଗଡ, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଅନିଦ୍ରାରେ ରାତି କଟିଥିଲା

ଜ୍ୟାକଲିନ୍ ଫର୍ନାଡିସ ଏକଦା ଏଭଳି ପରିସ୍ଥିତିର ସାମନା କରିଥିଲେ ଯେଉଁଥି ପାଇଁ ତାଙ୍କୁ ୨-୩ ଦିନ ଅନିଦ୍ରା ରହିବାକୁ ପଡିଥିଲା। ସେ ପ୍ରଥମେ ଏକ ଶ୍ରୀଲଙ୍କା ଚ୍ୟାନେଲରେ ରିପୋର୍ଟର ଭାବରେ କିଛି ଦିନ କାମ କରିଥିଲେ। ୨୦୦୬ରେ 'ଶ୍ରୀଲଙ୍କା ସୁନ୍ଦରୀ' ମୁକୁଟ ପିନ୍ଧିବା ପରେ ସେ ଅଭିନୟ ପ୍ରତି ମନ ବଳାଇଥିଲେ। ଜ୍ୟାକଲିନ୍‌ଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଆଲ୍ଲାଦିନ୍'। ଯେତେବେଳେ ଏହି ଅଫରଟି ତାଙ୍କୁ ମିଳିଲା ସେତେବେଳେ ତାଙ୍କର ଖୁସି କହିଲେ ନ ସରେ। କାରଣ ଏହାର କାଷ୍ଟିଂରେ ଅମିତାଭ ବଚ୍ଚନ ଏବଂ ରିତେଶ ଦେଶମୁଖଙ୍କ ପରି ଅଭିନେତା ଥିଲେ। କିନ୍ତୁ ରିଲିଜ ପରେ ଏହାର ଅବସ୍ଥା ଯାହା ହେଲା ତାହା ନ କହିବା ଭଲ। ଫିଲ୍ମଟିକୁ ଫ୍ଲପ୍ ତାଲିକାଭୁକ୍ତ ହୋଇଥିଲା। କିନ୍ତୁ ଜ୍ୟାକଲିନ୍ ଆଶା ରଖିଥିଲେ ଯେ ନିଜର ପ୍ରଥମ ସିନେମା ବକ୍ସ ଅଫିସରେ ଭଲ ବିଜନେସ କରିବ। ହେଲେ ତାହା ସମ୍ଭବ ହୋଇ ନଥିଲା। ''ଯେତେବେଳେ ମୋ ଅଭିନୀତ ପ୍ରଥମ ହିନ୍ଦୀ ସିନେମା 'ଆଲ୍ଲାଦିନ୍' ଫ୍ଲପ୍ ହେଲା ସେତେବେଳେ ତାହାକୁ ମୁଁ ବିଶ୍ୱାସ କରି ପାରି ନ ଥିଲି। ଭଲ କାହାଣୀ, କାଷ୍ଟିଂ ସତ୍ତ୍ୱେ ଦର୍ଶକ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହାର ସଫଳତାକୁ ନେଇ ମୁଁ ଏତେ ଆଶାବାଦୀ ଥିଲି ଯେ, ଫିଲ୍ମଟି ଫ୍ଲପ୍ ହେବା ପରେ ମୁଁ ୨-୩ ଦିନ ଶୋଇ ପାରି ନ ଥିଲି। ତା'ପରେ ମନକୁ ବୁଝାଇ ଆଗକୁ ଆଗେଇଥିଲି ବୋଲି କହନ୍ତି ଜ୍ୟାକଲିନ୍।'' ଚଳିତ ମାସ ୬ ତାରିଖରେ ସାଜିଦ ନାଦିଓ୍ୱାଦଓ୍ୱାଲାଙ୍କ ପ୍ରଯୋଜିତ ଏବଂ ଜ୍ୟାକଲିନ୍‌ଙ୍କ ଅଭିନୀତ 'ହାଉସଫୁଲ ୫' ବକ୍ସ ଅଫିସରେ ଭଲ ବିଜନେସ୍ କରିବାରେ ସକ୍ଷମ ହୋଇଛି।



ଜ୍ୟାକଲିନ୍

# ମଡେଲିଂରୁ ଅଭିନେତ୍ରୀ


ରକୁଲ ପ୍ରୀତ ସିଂ ନିଜ କ୍ୟାରିୟର ଜଣେ ମଡେଲର ଭାବରେ ଆରମ୍ଭ କରିଥିଲେ। ସେତେବେଳେ ସେ କଲେଜରେ ପଢୁଥିଲେ। ଆଉ ସେହି ସମୟରେ ତାଙ୍କର ବୟସ କେତେ ଥିଲା ଜାଣନ୍ତି ? ମାତ୍ର ୧୮ ବର୍ଷ। ହେଲେ ତା'ପରେ ତାଙ୍କୁ ବଡ ପରଦାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ବେଶ୍ କିଛି ଚିନ୍ତା କରିବା ପରେ ଆକ୍ଟିଂ ଲାଇନ୍‌ରେ ପାଦ ଥାପିଥିଲେ ରକୁଲ୍। କାରଣ ଏହାକୁ ଯେ ଭବିଷ୍ୟତରେ କ୍ୟାରିୟର କରିବେ ତାହା ସେ କଦାପି କଳ୍ପନା କରି ନ ଥିଲେ। ''କଲେଜରେ ପଢ଼ିବା ସମୟରେ ମୁଁ ମଡେଲିଂ କରୁଥିଲି। ଆଶା ଥିଲା ପାଠ ପଢ଼ି ଚାକିରି କରିବି। ହେଲେ ସେତିକି ବେଳେ ମୋତେ ଏକ କନ୍ନଡ ଫିଲ୍ମ 'ଗିଲି' (୨୦୦୯)ରେ ଅଭିନୟ କରିବାକୁ ଅଫର ମିଳିଥିଲା। ଏ ନେଇ ହଠାତ୍ କିଛି ନିଷ୍ପତ୍ତି ନେଇ ପାରି ନ ଥିଲି। ଶେଷରେ ଭାବିଥିଲି ଯେ ହଉ, ଆକ୍ଟିଂ ଦ୍ୱାରା ଯଦି କିଛି ପକେଟ ମନି ମିଳିଯାଏ ତା'ହେଲେ ଭଲ କଥା। ହେଲେ ଭାଗ୍ୟଦେବୀ ମୋ ପ୍ରତି ଏମିତି ପ୍ରସନ୍ନ ହେଲେ ଯେ ପରବର୍ତ୍ତୀ ସମୟରେ ଅଭିନୟ ମାୟାରୁ ମୁଁ ନିଜକୁ ମୁକୁଳାଇ ପାରି ନ ଥିଲି। ସେଲଭାରାଘବନଙ୍କ 'ସେଭେନଜି ରେନ୍‌ବୋ'ର ଏହା ଥିଲା ରିମେକ୍। ତେବେ ମୋ ପ୍ରଥମ ଫିଲ୍ମ ଯେଉଁଭଳି ସଫଳତା ହାସଲ କଲା, ତା'ପରେ ମୁଁ ସ୍ଥିର କରି ନେଲି ଯେ ଭବିଷ୍ୟତରେ ଆକ୍ଟିଂକୁ ମୁଁ ନିଶ୍ଚୟ କ୍ୟାରିୟର କରିବି ବୋଲି କହନ୍ତି ରକୁଲ୍।'' ୨୦୧୩ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା ଆଉ ଫିଲ୍ମଟି ଥିଲା 'ୟାରିୟାଁ'। ଇତି ମଧ୍ୟରେ ସେ ବାସୁ ଭଗନାନିଙ୍କ ପୁଅ ଜ୍ୟାକିଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇସାରିଛନ୍ତି।



ରକୁଲ୍

# ଜିଓରେ ନିବେଶ ମୋ ଜୀବନର ସବୁଠାରୁ ବଡ଼ ରିସ୍କ ଥିଲା: ମୁକେଶ

ମୁମ୍ବାଇ,୨୫।୬: (ଅଭୟ ଦାଶ)


ମୁକେଶ ଅମ୍ବାନୀ

ବର୍ତ୍ତମାନ ଭାରତ ୫ଜିରୁ ୬ଜି ଆଡ଼କୁ ଅଗ୍ରସର ହେଉଛି। ଏପରିକି ଦେଶର ପ୍ରମୁଖ ଘରୋଇ ଟେଲିକମ୍ ଅପରେଟର ରିଲାଏନ୍ସ ଜିଓ ମଧ୍ୟ କିଛି ନୂଆ କରିବ ବୋଲି ସାରା ବିଶ୍ୱ ଅପେକ୍ଷା କରିଛି। ସେହିଭଳି ଜିଓର ଇନ୍-ହାଉସ୍ ୫ଜି ପ୍ରଯୁକ୍ତି ବିଶ୍ୱର ସର୍ବୋତ୍ତମ ପ୍ରଯୁକ୍ତି ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ଏ ନେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଅମ୍ବାନୀ କହିଛନ୍ତି, ଟେଲିକମ୍ କ୍ଷେତ୍ରରେ ରିଲାଏନ୍ସ ଜିଓ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ ସୁଦ୍ଧା ଜିଓରେ ବିପୁଳ ନିବେଶ କରିବା ତାଙ୍କ କ୍ୟାରିୟରର 'ସବୁଠାରୁ ବଡ଼ ରିସ୍କ' ଥିଲା। ସେତେବେଳେ ଅନେକ ବିଶ୍ଳେଷକ ଏହାର ସଫଳତା ବିଷୟରେ ସନ୍ଦେହ କରୁଥିଲେ। ଏପରିକି ସେମାନେ କହିଥିଲେ, ଭାରତ ଏପରି ଉନ୍ନତ ଡିଜିଟାଲ ପ୍ରଯୁକ୍ତି ପାଇଁ ପ୍ରସ୍ତୁତ ନୁହେଁ। ଏ ନେଇ ମୁକେଶ କହିଥିଲେ, ଯଦିଓ କୌଣସି କାରଣରୁ ଜିଓରେ ନିବେଶ ଆଶାନୁରୂପ ଲାଭ ଦେଇପାରିବ ନାହିଁ, ତଥାପି ଏହା ଭାରତକୁ ଡିଜିଟାଲ କରିବା ଦିଗରେ ଏକ ବଡ଼ ପଦକ୍ଷେପ ଭାବେ ବିବେଚନା କରାଯିବ। ନିକଟରେ ମ୍ୟାକିନ୍ସେ ଆଣ୍ଡ କୋ(କମ୍ପାନୀ)କୁ ଦେଇଥିବା ଏକ ସାକ୍ଷାତ୍‌କାରରେ ଅମ୍ବାନୀ ବିସ୍ତୃତ ଭାବେ ଏହା ପ୍ରକାଶ କରିଛନ୍ତି। ସେହିପରି ରିଲାଏନ୍ସ ଜିଓରେ ନିବେଶ କରିବାର ନିଷ୍ପତ୍ତି ସହଜ ନ ଥିଲା। ସେତେବେଳେ ଆମେ ଆମର ନିଜସ୍ୱ ଟଙ୍କା ବିନିଯୋଗ କରୁଥିଲୁ ଏବଂ ମୁଁ ନିଜେ ଅଧିକାଂଶ ଶେୟାର ଧାରକ ଥିଲି। ଏପରିକି ଜିଓରେ ନିବେଶ ପାଇଁ ଆମେ ବଡ଼ ରିସ୍କ ନେଇଥିଲୁ। କାରଣ ବ୍ୟାପକତା ବା ସ୍କେଲ୍ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ଲକ୍ଷ୍ୟ ମଧ୍ୟ ବହୁତ ଉଚ୍ଚ ଥିଲା। ୫ଜି ପ୍ରଯୁକ୍ତି ସମ୍ପର୍କରେ ମୁକେଶ ଅମ୍ବାନୀ କହିଥିଲେ, ଜିଓର ୫ଜି ପ୍ରଯୁକ୍ତିର ସମ୍ପୂର୍ଣ୍ଣ ଭିତ୍ତିଭୂମି ପୂର୍ଣ୍ଣ ଭାବେ ଇନ୍ ହାଉସ ବା କମ୍ପାନୀ ମଧ୍ୟରେ ବିକଶିତ ହୋଇଛି। ଆମେ ପ୍ରତ୍ୟେକ ଉପାଦାନ-କୋର ହାର୍ଡୱେର, ସଫ୍ଟୱେର୍ ନିଜେ ପ୍ରସ୍ତୁତ କରିଛୁ। ଆମେ କେବଳ ୨୦% ଭାଗରେ ଏରିକସନ ଏବଂ ନୋକିଆକୁ ସାମିଲ କରିଥିଲୁ, ଯାହା ଦ୍ୱାରା ଆମେ ଆମର ନିଜର ସିଷ୍ଟମ ବା ବ୍ୟବସ୍ଥାକୁ ବିଶ୍ୱ ମାନଦଣ୍ଡରେ ପରୀକ୍ଷା କରିପାରିବା। ମୁଁ ମୋ ଟିମ୍‌କୁ କହିଥିଲି, ତୁମକୁ ସେମାନଙ୍କଠାରୁ ଭଲ ହେବାକୁ ପଡିବ ଏବଂ ସେମାନେ ଏହା କରି ଦେଖାଇଲେ। ଆଜି ଆମେ ପ୍ରକୃତରେ ସେମାନଙ୍କଠାରୁ ଭଲ କରିଛୁ ବା ଭଲରେ ରହିଛୁ।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨୫।୬

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୦୦.୪୦ ପଏଣ୍ଟ ବୃଦ୍ଧି ଘଟି ୮୨,୭୫୫.୫୧ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୨୦୦.୪୦ ପଏଣ୍ଟ ବଢି ୨୫,୨୪୪.୭୫ ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ୩ ବିଶ୍ୱବିଦ୍ୟାଳୟ ସହ ପତଞ୍ଜଳି ସମୂହର ଚୁକ୍ତି


ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ବିଶ୍ୱବିଦ୍ୟାଳୟଗୁଡିକର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୫।୬

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ପତଞ୍ଜଳି ସମୂହ ( ପତଞ୍ଜଳି ବିଶ୍ୱବିଦ୍ୟାଳୟ ଏବଂ ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ) ଏବଂ ଦେଶର ୩ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ବିଶେଷକରି ଶିକ୍ଷା, ଔଷଧ , ଯୋଗ, ଆୟୁର୍ବେଦ, ଦକ୍ଷତା ବିକାଶ, ଭାରତୀୟ ଜ୍ଞାନ ଓ ପରମ୍ପରା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପାରସ୍ପରିକ ସହଯୋଗ ପାଇଁ ଏହି ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ପରିପ୍ରେକ୍ଷୀରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଭିସି ଡ. ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ସମେତ ମଧ୍ୟପ୍ରଦେଶର ଛିନ୍ଦୱାଡ଼ାର ରାଜା ଶଙ୍କର ଶାହ ବିଶ୍ୱବିଦ୍ୟାଳୟର ଭିସି ପ୍ରଫେସର ଇନ୍ଦ୍ର ପ୍ରସାଦ ତ୍ରିପାଠୀ, ଛତିଶଗଡର ଦୁର୍ଗ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟର ଭିସି ଡ. ସଞ୍ଜୟ ତିୱାରୀ ଏବଂ ମଧ୍ୟପ୍ରଦେଶର ଚିତ୍ରକୂଟ ମହାତ୍ମା ଗାନ୍ଧୀ ଚିତ୍ରକୂଟ ଗ୍ରାମୋଦୟ ବିଶ୍ୱବିଦ୍ୟାଳୟର ଭିସି ପ୍ରଫେସର ଭାରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସେନ୍‌କୋର ରଥଯାତ୍ରା ଅଫର

ଭୁବନେଶ୍ୱର,୨୫।୬

ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବହୁ ପ୍ରତୀକ୍ଷିତ 'ରଥଯାତ୍ରା' ଅଫର ସହ ସ୍ୱତନ୍ତ୍ର ଡିଜାଇନକୁ ମଧ୍ୟ ଶୁଭାରମ୍ଭ କରାଯାଇଛି। ରଥଯାତ୍ରାର ପ୍ରତୀକାତ୍ମକତା ଓ ମହାନତା ଦ୍ୱାରା ବିଶେଷ ଭାବେ ଅନୁପ୍ରାଣିତ ଅନନ୍ୟ ଜୁଏଲେରି ପିସ୍‌ଗୁଡିକର ଏକ ବିସ୍ତୃତ ସିଲେକ୍ସନକୁ ଡିଜାଇନ କରାଯାଇଛି। ଏହାର ଦକ୍ଷ କାରିଗରମାନେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ସୂକ୍ଷ୍ମ କଳାକୃତି, ରଥ ଓ ପବିତ୍ର ପ୍ରତୀକଗୁଡିକୁ ଏହି ଅସାଧାରଣ ଡିଜାଇନଗୁଡିକରେ ଅନ୍ତର୍ଭୁକ୍ତ କରିଛନ୍ତି। ଅପରପକ୍ଷରେ ପ୍ରତ୍ୟେକ ପିସ୍‌ର ଜୁଏଲେରିକୁ ସର୍ବାଧିକ ଯତ୍ନର ସହ ହଲ୍‌ମାର୍କ ଗୋଲ୍ଡର ବ୍ୟବହାରକରି ନିର୍ମାଣ କରାଯାଇଛି। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ନିର୍ଦ୍ଦେଶକ ଓ ମୁଖ୍ୟ (ମାର୍କେଟିଂ ଆଣ୍ଡ ଡିଜାଇନ ବିଭାଗ) ଜୋଇତା ସେନ କହିଛନ୍ତି, ଆମେ ରଥଯାତ୍ରାର ମହତ୍ତ୍ୱ ଏବଂ ଏହି ସମୟରେ ଅଳଙ୍କାର କ୍ରୟ କରିବାର ପବିତ୍ରତାକୁ ବୁଝିଛୁ। ଏପରିକି ଆମର ଦକ୍ଷ କାରିଗର ଓ ଡିଜାଇନରମାନଙ୍କ ଟିମ୍ ଯତ୍ନର ସହ ଅଳଙ୍କାର ପିସ୍‌ଗୁଡିକର ଏକ ଆକର୍ଷଣୀୟ କଲେକ୍ସନ ପ୍ରସ୍ତୁତ କରିଛନ୍ତି। ଏହା ପରମ୍ପରା ସହ ସମସାମୟିକ ଷ୍ଟାଇଲକୁ ଉପଯୁକ୍ତ ଭାବେ ମିଶ୍ରଣ କରିଛି। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏମ୍‌ଡି ତଥା ସିଇଓ ଶୁଭଙ୍କର ସେନ କହିଛନ୍ତି, ଆପଣଙ୍କର ରଥଯାତ୍ରା ସପିଂ ଅନୁଭୂତିକୁ ଉନ୍ନତ କରିବା ପାଇଁ ଆମର ଶୋ'ରୁମ୍‌ଗୁଡିକରେ ସୁନା ଅଳଙ୍କାର କ୍ରୟ ଉପରେ ମେକିଂ ଚାର୍ଜରେ ପ୍ରତି ଗ୍ରାମ ପିଛା ୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ସହ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି।

## ବଜାରରେ ବଜାଜ୍ ଚେତକର ୩୦୦୧

ଭୁବନେଶ୍ୱର,୨୫।୬



ବଜାଜ୍ ଅଟୋ ଲିମିଟେଡ୍‌ର ପ୍ରମୁଖ ସ୍କୁଟର ବ୍ରାଣ୍ଡ ତଥା ଦୁଇ ଚକିଆ ବୈଦ୍ୟୁତିକ ଯାନ (ଇଭି) 'ନ୍ୟୁ ବଜାଜ୍ ଚେତକ ୩୦୦୧'ର ଅନାବରଣ ବୁଧବାର ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହାର ଲୋକପ୍ରିୟ ମଡେଲ 'ଚେତକ ୨୯୦୩'ର ଏକ ଅପ୍‌ଗ୍ରେଡ୍ ମଡେଲ ଏବଂ ଅତ୍ୟନ୍ତ ସଫଳ ଚେତକ ୩୫ ସିରିଜ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଅତ୍ୟାଧୁନିକ ଇଭି ପ୍ଲାଟ୍‌ଫର୍ମ ବ୍ୟବହାର କରାଯାଇଥିବା ଏହି ମଡେଲରେ ଫ୍ଲୋରବୋର୍ଡ-ମାଉଣ୍ଟେଡ ୩.୦କିଲୋୱାଟ ବ୍ୟାଟେରି ମଧ୍ୟ ସାମିଲ ରହିଛି,ଯାହା ଅଧିକ ଷ୍ଟୋରେଜ ସ୍ପେସ୍ ଏବଂ ରେଞ୍ଜ ବୃଦ୍ଧିକାରୀ ପ୍ରଯୁକ୍ତିବିଦ୍ୟା ସହ ଅଧିକ ଅଭିଜ୍ଞ ଭାବେ ଗାଡ଼ି ଚଳାଇବାର ଅନୁଭୂତି ପ୍ରଦାନ କରିଥାଏ। ସେହିପରି ନ୍ୟୁ ବଜାଜ୍ ଚେତକ ୩୦୦୧ ଏକ ନୂତନ ପ୍ଲାଟ୍‌ଫର୍ମରେ ନିର୍ମିତ ଏବଂ ବାସ୍ତବ ଜୀବନର ଅନୁଭୂତି ପାଇଁ ପ୍ରସ୍ତୁତ ହୋଇଛି। ଯେଉଁଥିରେ ନୂତନ ଫ୍ଲୋରବୋର୍ଡ ବ୍ୟାଟେରି ଢାଞ୍ଚା ସହ ଉତ୍ତମ ସ୍ଥିରତା, ଅଧିକ ସ୍ଥାନ, ନିମ୍ନ ଗୁରୁତ୍ୱାକର୍ଷଣ କେନ୍ଦ୍ର ଆଦି ଅନ୍ତର୍ଭୁକ୍ତ ରହିଛି। ଏହି ବର୍ଗରେ ସର୍ବୋତମ ୧୨୭ କିଲୋମିଟର ରେଞ୍ଜ ସହ ଏକ ବୃହତ୍ ୩୫ ଲିଟର ବୁଟ୍ ସ୍ପେସ୍ ରହିଛି। ଅପରପକ୍ଷରେ ଦ୍ରୁତ ଚାର୍ଜ ପାଇଁ ଏକ ୭୫୦ୱାଟ ଚାର୍ଜର ଏବଂ ମାତ୍ର ୩ ଘଣ୍ଟା ୫୦ମିନିଟ୍‌ରେ ୦% ରୁ ୮୦% ଚାର୍ଜ ହୋଇପାରିବ।ଏ ସମ୍ପର୍କରେ ବଜାଜ୍ ଅଟୋ ଲିମିଟେଡ୍‌ର ପ୍ରେସିଡେଣ୍ଟ (ଅର୍ବାନାଇଟ ବିଜ୍‌ନେସ୍ ୟୁନିଟ୍) ଏରିକ ଭାସ୍ କହିଛନ୍ତି, ଇଲେକ୍ଟ୍ରିକ ସ୍କୁଟରର ବ୍ୟାପକ ବ୍ୟବହାର ପାଇଁ ଚେତକ ୩୦୦୧ ଏକ ମାନଦଣ୍ଡ ସ୍ଥାପନ କରିଛି।

## ଜେନେରେଟିଭ ଏଆଇ କ୍ଷେତ୍ରରେ ନିବେଶ

ଭୁବନେଶ୍ୱର,୨୫।୬

ବର୍ତ୍ତମାନର ବ୍ୟସ୍ତବହୁଳ ସମୟ ମଧ୍ୟରେ ସବୁ କ୍ଷେତ୍ର ଡିଜିଟାଲ ଓ ସ୍ମାର୍ଟ ଟେକ୍ନୋଲୋଜିକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି କମ୍ ସମୟରେ ଅଧିକ କାର୍ଯ୍ୟ ହାସଲ ପାଇଁ ସବୁ ବର୍ଗର ଉପଭୋକ୍ତା ଜେନେରେଟିଭ ଏଆଇ (ଜେନ୍ ଏଆଇ) କ୍ଷେତ୍ରରେ ନିବେଶ/କାର୍ଯ୍ୟଧାରାକୁପସନ୍ଦ ସହିତ ନିବେଶ ମଧ୍ୟ କରୁଛନ୍ତି। ସେହିଭଳି ଭାରତରେ ମଧ୍ୟ ଜେନେରେଟିଭ ଏଆଇ (ଜେନ୍ ଏଆଇ)ର ଗ୍ରହଣୀୟତା କ୍ରମାଗତ ଭାବେ ବୃଦ୍ଧି ପାଉଛି ବୋଲି ଆମାଜନ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ପକ୍ଷରୁ କରାଯାଇଥିବା ଏକ ସର୍ଭେ ଓ ଷ୍ଟଡିରୁ ଜଣାପଡିଛି। ବିଶେଷକରି ଆକ୍‌ସେସ୍ ପାର୍ଟନରଶିପ ସହଭାଗିତାରେ ପରିଚାଳନା କରାଯାଇଥିବା ଏକ ଅଧ୍ୟୟନର ଫଳାଫଳରୁ ଏହି ତଥ୍ୟ ପ୍ରକାଶ ହୋଇଥିବା ଜଣାପଡ଼ିଛି। ଏହା ମଧ୍ୟରୁ ଏକ ଶୀର୍ଷ ନିଷ୍କର୍ଷ ହେଉଛି, ଭାରତର ୮୩% ସଂସ୍ଥା ଜେନ୍ ଏଆଇର କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ଓ କାର୍ଯ୍ୟାନ୍ୱୟନ ଜଟିଳତାକୁ ପରିଚାଳନା କରିବା ପାଇଁ ଜଣେ ଉତ୍ସର୍ଗୀକୃତ ଏଆଇ ଏକ୍‌ଜିକ୍ୟୁଟିଭ ବା ଚିଫ୍ ଏଆଇ ଅଫିସର (ସିଏଆଇଓ)ଙ୍କୁ ନିଯୁକ୍ତ କରୁଛନ୍ତି। ଏପରିକି ୨୦୨୬ ସୁଦ୍ଧା ଏଭଳି କରିବାକୁ ଅନ୍ୟ ୧୫% ସଂସ୍ଥା ଯୋଜନା ରଖିଛନ୍ତି। ଅପରପକ୍ଷରେ 'ଜେନେରେଟିଭ ଏଆଇ ଆଡପ୍ସନ ଇଣ୍ଡେକ୍ସ' ନାମକ ଏହି ରିସର୍ଚ୍ଚ ଷ୍ଟଡି, ଜେନ୍ ଏଆଇର ପରୀକ୍ଷଣରୁ ସମ୍ପୂର୍ଣ୍ଣ କାର୍ଯ୍ୟକାରିତାକୁ ସଫଳତାର ସହ ସ୍ଥାନାନ୍ତର ହୋଇଥିବା ସଂସ୍ଥାଗୁଡିକର ଶୈଳୀ ଓ ତଥ୍ୟକୁ ସୂଚିତ କରିଛି, ଯାହା ବ୍ୟବସାୟ ମୂଲ୍ୟକୁ ବୃଦ୍ଧିକରିବା ପାଇଁ କାର୍ଯ୍ୟକ୍ଷମ ରଣନୀତିଗୁଡିକୁ ଉନ୍ମୋଚନ କରୁଛି।


# ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

ନଥି ସଂଖ୍ୟା- IX (C)- 04/2025-130 ତା.29.03.2025

No. V-10: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ (୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ଜରୋଳି, ଥାନା-ଯୋଡ଼ା, ତହସିଲ-ବଡ଼ବିଲ, ଜିଲ୍ଲା-କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା - ବାମେବାରି, ରଣସାଳ ଘାଟି, ଭାୟା ଯୋଡ଼ା-ବାମେବାରି ଏକ୍ସପ୍ରେସ-୨ ରାସ୍ତାର ଉନ୍ନତୀକରଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୭୫୯, ତା.୨୧-୧୨-୨୦୨୦ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଜରୋଳି, ଥାନା-ଯୋଡା, ଜିଲ୍ଲା-କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.kendujhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.revenueodisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-କେନ୍ଦୁଝର ତହସିଲ-ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜରୋଳି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ.୩.୯୧୫ | ଏ.୧.୪୯୦ | ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-କେନ୍ଦୁଝର ତହସିଲ-ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୯.୦୨.୨୦୨୧

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-
ଜିଲ୍ଲାପାଳ, କେନ୍ଦୁଝର

## ଭୂମି ଅନୁସୂଚୀ

ପ୍ରକଳ୍ପର ନାମ- ବାମେବାରି, ରଣସାଳ ଘାଟି, ଭାୟା ଯୋଡ଼ା-ବାମେବାରି ଏକ୍ସପ୍ରେସ-୨ ରାସ୍ତାର ଉନ୍ନତୀକରଣ ମୌଜା-ଜରୋଳି, ଥାନା ନଂ-୪୧, ଥାନା-ଯୋଡ଼ା, ତହସିଲ-୨(୭୩), ତହସିଲ-ବଡ଼ବିଲ, ଜିଲ୍ଲା-କେନ୍ଦୁଝର

| କ୍ରମିକ ନଂ. | ଖତିଆନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ଲଛମନ ପେଣ୍ଠେଇ, ପି-ଦୁଃଖୁ ପେଣ୍ଠେଇ, ଲକ୍ଷ୍ମଣ ପେଣ୍ଠେଇ, ପି-ନରୋତ୍ତମ ପେଣ୍ଠେଇ, ଜା-କମାର, ବା-ନିଜଗାଁ | ୭୮ | ଶାରଦ-୨ | ୦.୧୧୦ | ୦.୦୨୦ | |
| ୨ | ୬ | ଆର୍ତ୍ତ ବେହେରା, କାଳିଆ ବେହେରା, ଦୁଃଖୁ ବେହେରା, ପି-ବିଟା ବେହେରା, ଜା-ଗୋପାଳ, ବା-କମଳପୁର | ୩୩୮ | ବାଜେଫସଲ -୨ | ୦.୦୩୦ | ୦.୦୧୦ | |
| ୩ | ୨୫ | ଚରଣ ବିଶ୍ୱାଳ, ପି-ଅଛୁତ ବିଶ୍ୱାଳ, ଜା-ଖଣ୍ଡାୟତ, ବା-ନିଜଗାଁ | ୧୭୪ | ଘରବାରି | ୦.୧୧୦ | ୦.୦୨୦ | |
| ୪ | ୨୬ | ଚତୁର୍ଭୁଜ ଶର୍ମା, ପି-ଆଶୁରାମ ଶର୍ମା, ଜା-ବ୍ରାହ୍ମଣ, ବା-ନିଜଗାଁ | ୧୧୦ | ଘରବାରି | ୦.୦୮୦ | ୦.୦୨୦ | |
| | | | ୨୯୫ | ଘରବାରି | ୦.୧୧୦ | ୦.୦୨୦ | |
| ୫ | ୨୭ | ଚୈତନ୍ୟ ଚରଣ ମହାନ୍ତ, ପି-କୃଷ୍ଣ ଚନ୍ଦ୍ର ମହାନ୍ତ, ଜା-କୁଡୁମି, ବା-ନିଜଗାଁ | ୧୭୫/୪୨୭ | ଘରବାରି | ୦.୦୫୦ | ୦.୦୨୦ | |
| ୬ | ୩୪ | ଧନିଆଁ ପାତ୍ର, ପି-ବିଦା ପାତ୍ର, ଜା-ପାଣ, ବା-ଜଳହରି | ୨୨୭/୪୫୧ | ଶାରଦ-୨ | ୦.୦୫୦ | ୦.୦୧୦ | |
| ୭ | ୩୮ | ନରୋତ୍ତମ ବେହେରା, ପି-ବାସୁ ବେହେରା, ଜା-ଗୋପାଳ, ବା-କମଳପୁର | ୩୩୯ | ବାଜେଫସଲ -୨ | ୦.୧୬୦ | ୦.୧୫୦ | |
| | | | ୩୫୮ | ରାସ୍ତା | ୦.୫୦୦ | ୦.୨୬୦ | |
| ୮ | ୪୧ | ଦୁଃଖିଶ୍ୟାମ ପେଣ୍ଠେଇ, ଦବେନ୍ଦ୍ର ପେଣ୍ଠେଇ, ଗୋଲାପ ପେଣ୍ଠେଇ, ଉଲାସି ପେଣ୍ଠେଇ, ଗୁଲାଚି ପେଣ୍ଠେଇ, ପି-ନୀର ପେଣ୍ଠେଇ, ଜେଗା ପେଣ୍ଠେଇ, ସ୍ୱା-ଗୋପାଳ ପେଣ୍ଠେଇ, ସୁକୁମାରି ପେଣ୍ଠେଇ, ବାସନ୍ତୀ ପେଣ୍ଠେଇ, ପି-ଗୋପାଳ ପେଣ୍ଠେଇ, ଶରତ ପେଣ୍ଠେଇ, ସୀତା ପେଣ୍ଠେଇ, ସାରଥୀ ପେଣ୍ଠେଇ, ପି-ବୈଷ୍ଣବ ପେଣ୍ଠେଇ, ଅଶାଢ଼ି ପେଣ୍ଠେଇ, ପି-ଶିର ପେଣ୍ଠେଇ, ବାପି ପେଣ୍ଠେଇ, ସୁଲୋଚନା ପେଣ୍ଠେଇ, ପି-ବଇଦା ପେଣ୍ଠେଇ, ହୀରା ପେଣ୍ଠେଇ, ସ୍ୱା-ବଇଦା ପେଣ୍ଠେଇ, ରତ୍ନା ପେଣ୍ଠେଇ, କର ପେଣ୍ଠେଇ, ପି-ବିଦ୍ୟାଧର ପେଣ୍ଠେଇ, ଭଗବାନ ପେଣ୍ଠେଇ, ଅର୍ଜ୍ଜୁନ ପେଣ୍ଠେଇ | ୨୯୮/୪୮୫ | ଘରବାରି | ୦.୦୧୦ | ୦.୦୦୫ | |
| | | ଶଙ୍କର ପେଣ୍ଠେଇ, ଜଗା ପେଣ୍ଠେଇ, ଗୁରୁ ପେଣ୍ଠେଇ, ପି-ଇନ୍ଦା ପେଣ୍ଠେଇ, ଦୈତାରୀ ପେଣ୍ଠେଇ, ଶରତ ପେଣ୍ଠେଇ, ଦୁର୍ଗା ପେଣ୍ଠେଇ, ହେମନ୍ତି ପେଣ୍ଠେଇ, ପି-ହରିଆ ପେଣ୍ଠେଇ, ଶଶିଳା ପେଣ୍ଠେଇ, ପି-ରଙ୍ଗା ପେଣ୍ଠେଇ, ନେତ ପେଣ୍ଠେଇ, ପି-ଶଙ୍କର ପେଣ୍ଠେଇ, ଜା-କମାର, ବା-ନିଜଗାଁ | ୨୯୮/୫୨୦ | ଘରବାରି | ୦.୧୫୦ | ୦.୦୧୦ | |
| ୯ | ୪୨ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ, ପି-କୃଷ୍ଣଚନ୍ଦ୍ର ମହାନ୍ତ, ଜା-କୁଡୁମି, ବା-ନିଜଗାଁ | ୧୭୪/୪୨୬ | ଘରବାରି | ୦.୦୬୦ | ୦.୦୨୦ | |
| ୧୦ | ୮୬/୩୫୩ | ସୁରେନ୍ଦ୍ର ମହାନ୍ତି, ପି-ବାସୁଦେବ ମହାନ୍ତି | ୩୩୭/୮୨୧ | ଘରବାରି | ୦.୧୧ | ୦.୦୨୦ | |
| ୧୧ | ୬୬ | ଲଛମନ ପେଣ୍ଠେଇ, ପି-ଦୁଃଖୁ ପେଣ୍ଠେଇ, ବେନୁକା ପେଣ୍ଠେଇ, ସ୍ୱା-ଦୁଃଖୁ ପେଣ୍ଠେଇ, ଲକ୍ଷ୍ମଣ ପେଣ୍ଠେଇ, ବିଦ ପେଣ୍ଠେଇ, ସାବିତ୍ରୀ ପେଣ୍ଠେଇ, କସ୍ତୁରି ପେଣ୍ଠେଇ, ପି-ନରୋତ୍ତମ ପେଣ୍ଠେଇ, ଇନ୍ଦେଇ ପେଣ୍ଠେଇ, ସ୍ୱା-ନରୋତ୍ତମ ପେଣ୍ଠେଇ, ଭଗବାନ ପେଣ୍ଠେଇ, ରାଧି ପେଣ୍ଠେଇ, ପି-ପିତେଇ ପେଣ୍ଠେଇ, ବାସ ପେଣ୍ଠେଇ, ଗୁରୁବାରି ପେଣ୍ଠେଇ, ପି-କାହ୍ନୁ ପେଣ୍ଠେଇ, ଶୁକ୍ରା ପେଣ୍ଠେଇ, ଧନୁ ପେଣ୍ଠେଇ, ପି-ନରି ପେଣ୍ଠେଇ, ଗୋପ ପେଣ୍ଠେଇ, ସାଗର ପେଣ୍ଠେଇ, କୁସୁନ ପେଣ୍ଠେଇ, ପି-ରତନ ପେଣ୍ଠେଇ, ଜା-କମାର, ବା-ନିଜଗାଁ | ୬୪ | ଟଇଳା-୨ | ୦.୦୭୦ | ୦.୦୨୦ | |
| | | | ୭୮/୩୯୮ | ଶାରଦ-୨ | ୦.୦୧୦ | ୦.୦୦୫ | |
| ୧୨ | ୬୯ | ମହେଶ କୁମାର ଶର୍ମା, ଗଣେଶ କୁମାର ଶର୍ମା, ଜୟନ୍ତି ଶର୍ମା, ପଦ୍ମା ଉପାଧ୍ୟାୟ, ପି-ଲକ୍ଷ୍ମୀ ନାରାୟଣ ଶର୍ମା, ଶକୁନ୍ତଳା ଦେବୀ, ସ୍ୱା-ଲକ୍ଷ୍ମୀ ନାରାୟଣ ଶର୍ମା, ଜା-ବ୍ରାହ୍ମଣ, ବା-ଜରୋଳି | ୨୧୫/୪୪୨ | ଘରବାରି | ୦.୧୬୦ | ୦.୦୨୦ | |
| ୧୩ | ୭୧ | ଲକ୍ଷ୍ମୀ ନାରାୟଣ ଶର୍ମା, ଓମ୍ ପ୍ରକାଶ ଶର୍ମା, ପି-ଆଶୁରାମ ଶର୍ମା, ଜା-ବ୍ରାହ୍ମଣ, ବା-ନିଜଗାଁ | ୨୨୫ | ଘରବାରି | ୦.୧୦୦ | ୦.୦୧୦ | |
| ୧୪ | ୮୩ | ସଂଜୀବ କୁମାର ମହାନ୍ତି, ରାଜୀବ କୁମାର ମାହାନ୍ତି, ପ୍ରବଣ କୁମାର ମହାନ୍ତି, ଶୁଭ୍ରାରାଣୀ ମହାନ୍ତି, ସୁପ୍ରାରାଣୀ ମହାନ୍ତି, ପି-ସୁରେନ୍ଦ୍ର କୁମାର ମହାନ୍ତି, କାନନମୟୀ ମହାନ୍ତି, ସ୍ୱା-ସୁରେନ୍ଦ୍ର କୁମାର ମହାନ୍ତି, ଜା-କରଣ, ବା-ନିଜଗାଁ | ୩୫୬ | ଟଇଳା-୨ | ୦.୧୫୦ | ୦.୦୬୦ | |
| ୧୫ | ୮୬/୨୧ | ସୁରେଶ କୁମାର ସେଦା ରାମେକା, ପି-ବ୍ରିଜିମୋହନ ସେଦା ରାମେକା, ଜା-ମାରୁଆଡି, ବା-ଜରୋଳି | ୩୩୫ | ଘରବାରି | ୦.୧୨୦ | ୦.୦୦୫ | |
| ୧୬ | ୮୬/୩୦ | ଶ୍ରୀମତୀ ଲାଲି ଜୟସୁଆଲ, ସ୍ୱା-ସାଲିକାରାମ ଜୟସୁଆଲ, ବା-ଜରୋଳି | ୩୫୯ | ଘରବାରି | ୦.୧୮୦ | ୦.୦୮୦ | |
| ୧୭ | ୮୬/୩୧୬ | ଜଗନ୍ନାଥ ମଜୁମଦାର, ପି-ରବୀନ୍ଦ୍ର ମଜୁମଦାର, ଜା-କାୟସ୍ଥ, ବା-କମାରେଯାଡୀ | ୨୯୪ | ଘରବାରି | ୦.୦୭୦ | ୦.୦୧୦ | |
| ୧୮ | ୮୬/୬୩ | ଇସେଲ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ, ବଡବିଲ, ବା-ବଡବିଲ | ୨୨୩ | ଘରବାରି | ୦.୦୮୦ | ୦.୦୧୦ | |
| | | | ୨୨୪/୪୫୦ | ଘରବାରି | ୦.୦୬୦ | ୦.୦୦୫ | |
| ୧୯ | ୮୬/୭୧ | କାମତା ପ୍ରସାଦ ଜୟସୁଆଲ, ପି-ଅମ୍ରିତ ଲାଲ ଜୟସୁଆଲ, କଳାବତି ଜୟସୁଆଲ, ସ୍ୱା-ଅମ୍ରିତଲାଲ ଜୟସୁଆଲ, ବା-ଜରୋଳି | ୬୧ | ଘରବାରି | ୦.୧୫୦ | ୦.୦୫୦ | |
| ୨୦ | ୮୬/୮୨ | ଦୈତାରି ବିଶ୍ୱାଳ, ପି-ପହଲଦ ବିଶ୍ୱାଳ, ବା-ଜରୋଳି | ୮୨ | ଶାରଦ-୩ | ୦.୦୪୦ | ୦.୦୨୦ | |
| ୨୧ | ୮୬/୧୨୩ | ଲକ୍ଷ୍ମୀ ନାରାୟଣ ଶର୍ମା, ଜା-ବ୍ରାହ୍ମଣ, ବା-ଜରୋଳି ରେ, ମି କେସ୍ ନମ୍ବର-୦୨/୨୦୦, ହୁକୁମ ମୁତାବକ ଓମ ପ୍ରକାଶ ଶର୍ମାଙ୍କ ନାମ କର୍ତନ କରାଗଲା ଓ ଖାତା, ସତ୍ର ପ୍ଲଟ, ଏରିଆ ପୂର୍ବପରି ଜାଏମ ରହିଲା | ୨୨୬ | ଘରବାରି-୧ | ୦.୪୬୦ | ୦.୧୬୦ | |
| ୨୨ | ୮୬/୧୩୩ | ହରିହର ବେହେରା, ପି-ଆର୍ତ୍ତ ବେହେରା, ବା-କମଳପୁର, ଥା-ଯୋଡା | ୩୩୮/୬୪୭ | ଘରବାରି | ୦.୧୦୦ | ୦.୦୫୦ | |
| ୨୩ | ୮୬/୧୪୧ | ସନାତନ ପେଣ୍ଠେଇ, ପି-ପଣ୍ଡୁ ପେଣ୍ଠେଇ, ଜା-କମାର, ବା-ଜରୋଳି | ୧୭୩ | ଘରବାରି | ୦.୦୪୫ | ୦.୦୧୦ | |
| ୨୪ | ୮୬/୧୪୫ | ନେପାଳ ଚନ୍ଦ୍ର କର୍ମକାର, ପି-ନିରଞ୍ଜନ କର୍ମକାର, ଜା-ଲୋହାର, ବା-ନିଜଗାଁ | ୩୩୮/୬୫୬ | ବାଜେ ଫସଲ-୨ | ୦.୧୧୦ | ୦.୦୫୦ | |
| ୨୫ | ୮୬/୨୪୦ | ସଂଜୀବ କୁମାର ମହାନ୍ତି, ପି-ସୁରେନ୍ଦ୍ର କୁମାର ମହାନ୍ତି, ଜା-କରଣ, ବା-ଜରୋଳି | ୩୩୯/୫୩୭ | ଘରବାରି | ୦.୧୫୦ | ୦.୧୪୦ | |
| ୨୬ | ୮୬/୨୬୮ | ଜୟ ଶଙ୍କର ପ୍ରସାଦ ସିଂ, ପି-ରାଧାକାନ୍ତ ସିଂ, ଜା-ବ୍ରାହ୍ମଣ, ବା-ନିଜଗାଁ | ୭୯ | ଘରବାରି | ୦.୦୫୦ | ୦.୦୩୦ | |
| ୨୭ | ୮୬/୨୮୩ | ଅନିଲ ଜୟସୁଆଲ, ପି-ଅସରଫିଲାଲ ଜୟସୁଆଲ, ଜା-ବଣିଆ, ବା-ନିଜଗାଁ | ୩୩୯/୫୩୦ | ଘରବାରି | ୦.୧୦୦ | ୦.୦୯୦ | |
| ୨୮ | ୯୦/୧ | ସୁରେଶ ଜୟସୁଆଲ, ପି-ଶିବ ମୋହନ ଜୟସୁଆଲ, ଜା-କାଲୁଆର, ବା-ନିଜଗାଁ | ୩୩୮/୬୦୮ | ଘରବାରି | ୦.୦୬୦ | ୦.୦୨୦ | |
| ୨୯ | ୯୦/୪ | ହରିଶଙ୍କର ଜୟସୁଆଲ, ପି-ମୋହନ ପ୍ରସାଦ ଜୟସୁଆଲ, ବା-ଜରୋଳି | ୩୩୮/୫୭୫ | ଘରବାରି | ୦.୧୦୦ | ୦.୦୫୦ | |
| ୩୦ | ୮୬/୪୧୦ | ସନ୍ତୋଷ ଆପଟ, ପି-କଳାକାର ଆପଟ, ଜା-ଗୋପାଳ, ବା-ନିଜଗାଁ | ୮୧ | ଶାରଦ-୩ | ୦.୦୩୦ | ୦.୦୧୦ | |
| | | | | ମୋଟ | ୩.୯୧୫ | ୧.୪୯୦ | |

Sd./-
AMIN
L.A. (Gen.) Section
Collectorate, Keonjhar

Sd./-
Land Acquisition Inspector
L.A. (Gen.) Section
Collectorate, Keonjhar

ସ୍ୱା./- ଭୂ-ଅର୍ଜନ ଅଧିକାରୀ,
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,
କେନ୍ଦୁଝର

OIPR-24045/14/0025/2526

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୬/୨୦୨୫ Bhubaneswar, Thursday, June 26/ 2025

# ପନ୍ତଙ୍କୁ କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

ଦୁବାଇ,୨୫।୬(ପି.ଟି.)

ଆଇସିସି ପକ୍ଷରୁ ବୁଧବାର ପ୍ରକାଶ ପାଇଥିବା ନୂଆ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍ସରେ ଭାରତର ଉଇକେଟ୍‌କିପର ବ୍ୟାଟର ରିଷଭ ପନ୍ତ ବ୍ୟାଟରଙ୍କ ର୍ୟାଙ୍କିଙ୍ଗ୍‌ରେ ସପ୍ତମ ପୋଜିଶନ ଅଧିକାର କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଉଭୟ ଇନିଂସରେ ଶତକ ହାସଲ କରିବା ପରେ ତାଙ୍କ ର୍ୟାଙ୍କିଙ୍ଗ୍‌ରେ ଏଭଳି ଉନ୍ନତି ଆସିଛି। ବିଶ୍ୱର ଦ୍ୱିତୀୟ ଉଇକେଟ୍‌କିପର ବ୍ୟାଟର ଭାବେ ପନ୍ତ ଗୋଟିଏ ଟେଷ୍ଟରେ ଦୁଇଟି ଶତକ ହାସଲ କରିଥିଲେ। ଲିଡ୍ସ ଟେଷ୍ଟରେ ପନ୍ତ ଯଥାକ୍ରମେ ୧୩୪ ଓ ୧୧୮ ରନ୍‌ର ଇନିଂସ ଖେଳିଥିଲେ। ମ୍ୟାଚ୍‌ର ପ୍ରଥମ ଇନିଂସ୍‌ରେ ଶତକ କରିଥିବା ଭାରତର ନୂଆ ଟେଷ୍ଟ ଅଧିନାୟକ ଶୁବମନ ଗିଲ ୫ ସ୍ଥାନ ଉପରକୁ ଉଠି ୨୦ତମ ସ୍ଥାନରେ ରହିଛନ୍ତି। ୫ ଉଇକେଟ ନେଇଥିବା ଭାରତର ଯଶପ୍ରୀତ ବୁମ୍ରା ଟେଷ୍ଟ ବୋଲରଙ୍କ ତାଲିକା ଶୀର୍ଷରେ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେନ୍ ଡକେଟ ୫ଟି ସୋପାନ ଉପରକୁ ଉଠି ୮ମ ସ୍ଥାନ ଅଧିକାର କରିଛନ୍ତି। ସେ ପ୍ରଥମ ଇନିଂସରେ ୬୨ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିସରେ ୧୪୯ ରନ୍ ପାଳି ଖେଳି ଇଂଲଣ୍ଡକୁ ଜିତାଇଥିଲେ। ଭେଟେରାନ ଜୋ ରୁଟ୍ ବ୍ୟାଟରଙ୍କ ତାଲିକାରେ ନଂ-୧ ପୋଜିଶନରେ ରହିଛନ୍ତି।

# ୫ ଶତକ ସତ୍ତ୍ୱେ ପରାଜୟରେ ଭାରତ ପ୍ରଥମ

ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଇଂଲଣ୍ଡର ଲିଡ୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂଲଣ୍ଡ ୫ ଉଇକେଟରେ ବିଜୟୀ ହୋଇଛି।
୧: ୫ ଶତକ ହାସଲ ସତ୍ତ୍ୱେ ଟେଷ୍ଟ ମ୍ୟାଚ ହାରିବାରେ ଭାରତ ପ୍ରଥମ ଦଳ ହୋଇଛି। ଏହା ପୂର୍ବରୁ ଅଷ୍ଟ୍ରେଲିଆ ୧୯୨୮ରେ ମେଲବୋର୍ନଠାରେ ଇଂଲଣ୍ଡ ବିପକ୍ଷରେ ୪ ଶତକ ସତ୍ତ୍ୱେ ପରାଜିତ ହୋଇଥିଲା। ମାତ୍ର ଭାରତ ଏବେ ଏହି ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛି। ଲିଡ୍ସରେ ରିଷଭ ପନ୍ତ ୨ଟି ଏବଂ ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ୍ ଓ ଲୋକେଶ ରାହୁଲ ଗୋଟିଏ ଲେଖାଏ ଶତକ ହାସଲ କରିଥିଲେ।

## ପ୍ରଥମ ଟେଷ୍ଟ ପରିସଂଖ୍ୟାନ

● **୩୭୧:** ଇଂଲଣ୍ଡ ଏହି ମ୍ୟାଚରେ ୩୭୧ ରନକୁ ସଫଳତାର ସହ ଚେଜ୍ କରିଥିଲା। ଇଂଲଣ୍ଡ ପାଇଁ ଚତୁର୍ଥ ଇନିଂସରେ ଏହାଥିଲା ଦ୍ୱିତୀୟ ସର୍ବାଧିକ ଚେଜ୍ ଏବଂ ଭାରତ ବିପକ୍ଷରେ କୌଣସି ଦଳ ଲାଗି ଦ୍ୱିତୀୟ ବୃହତ୍। ୨୦୨୨ରେ ଏଜବାଷ୍ଟନଠାରେ ଭାରତ ବିପକ୍ଷରେ ଇଂଲଣ୍ଡ ସର୍ବାଧିକ ୩୭୮ ରନ ଚେଜ୍ କରିଥିଲା।

● **୩୫୦:** ପଞ୍ଚମ ତଥା ଅନ୍ତିମ ଦିବସରେ ଇଂଲଣ୍ଡ ମ୍ୟାଚ ଜିତିବାକୁ ୩୫୦ ରନ ଆବଶ୍ୟକ କରୁଥିଲା। ଅନ୍ତିମ ଦିବସରେ ଏହାଠାରୁ ଅଧିକ ରନ ଗୋଟିଏ ମାତ୍ର ଦଳ ଚେଜ୍ କରିବାରେ ସକ୍ଷମ ହୋଇଛି। ୧୯୪୮ ହେଡିଂଲେ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ଅନ୍ତିମ ଦିବସରେ ୪୦୪ ରନ ସଂଗ୍ରହ କରି ଏହି ରେକର୍ଡର ଅଧିକାରୀ ରହିଛି।

● **୮୩୫:** ଲିଡ୍ସ ଟେଷ୍ଟରେ ଭାରତ ୮୩୫ ରନ କରିବା ସତ୍ତ୍ୱେ ପରାଜିତ ହୋଇଥିଲା। ଏତେ ରନ କରିବା ସତ୍ତ୍ୱେ ପରାସ୍ତ ହେବା ଭାରତ ପାଇଁ ଏହା ପ୍ରଥମ। ପୂର୍ବରୁ ୨୦୧୪ରେ ଆଡିଲେଡ୍‌ଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ୭୫୯ ରନ କରିବା ସତ୍ତ୍ୱେ ପରାଜୟ ସ୍ୱାଦ ଚାଖିଥିଲା। ଏବେ ଏହାକୁ ଟପିଯାଇଛି। ଏହି ତାଲିକାରେ ଇଂଲଣ୍ଡ ଶୀର୍ଷରେ ରହିଛି। ୧୯୪୮ରେ ଲିଡ୍ସଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ୮୬୧ ରନ କରିବା ସତ୍ତ୍ୱେ ପରାଜିତ ହୋଇଥିଲା।

୩: ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟର ୪ଟି ଯାକ ଇନିଂସରେ ୩୫୦ରୁ ଅଧିକ ସ୍କୋର ହୋଇଥିଲା। ଅନ୍ତର୍ଜାତୀୟ ଟେଷ୍ଟ କ୍ରିକେଟରେ ଏହା ତୃତୀୟ ଦୃଷ୍ଟାନ୍ତ। ପୂର୍ବରୁ ଆଶେସ ସିରିଜର ୧୯୨୧ ଆଡିଲେଡ ଓ ୧୯୪୮ ହେଡିଂଲେ ଟେଷ୍ଟରେ ଏହା ହୋଇଥିଲା।

● **୧୬୭୩:** ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟରେ ମୋଟ ୧୬୭୩ ରନ ହୋଇଥିଲା। ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ କୌଣସି ଟେଷ୍ଟରେ ଏହା ସର୍ବାଧିକ। ପୂର୍ବରୁ ୧୯୯୦ରେ ମାଞ୍ଚେଷ୍ଟରଠାରେ ୧୬୧୪ ରନ ସ୍କୋର ହୋଇଥିଲା। ମାତ୍ର ସେତେବେଳେ ଏହି ମ୍ୟାଚ ଡ୍ର ରହିଥିଲା।

୫: ହେଡିଂଲେରେ ଏହାକୁ ମିଶାଇ ୫ ଥର ଚତୁର୍ଥ ଇନିଂସରେ ୩୦୦+ ରନ ଚେଜ୍ ହୋଇଛି। ଓର୍ବାନର କିଙ୍ଗ୍ସମିଡ୍‌ରେ ଦ୍ୱିତୀୟ ସର୍ବାଧିକ ୩ ଥର ଏହା ହୋଇପାରିଛି।

● **୧୪୯:** ବେନ୍ ଡକେଟଙ୍କ ୧୪୯ ରନ ଭାରତ ବିପକ୍ଷରେ ଚତୁର୍ଥ ଇନିଂସରେ କୌଣସି ବ୍ୟାଟରଙ୍କ କ୍ଷେତ୍ରରେ ସର୍ବାଧିକ। ୨୦୨୨ରେ ଏଜବାଷ୍ଟନଠାରେ ଜୋ ରୁଟ୍ ଭାରତ ବିପକ୍ଷରେ ଦ୍ୱିତୀୟ ସର୍ବାଧିକ ୧୪୨ ରନକରି ଅପରାଜିତ ରହିଥିଲେ।

● **୧୮୮:** ଡେକଟ ଓ ଜ୍ୟାକ କ୍ରଲିଙ୍କ ଓପନିଂ ଯୋଡ଼ିରେ ୧୮୮ ରନର ଭାଗୀଦାରି କୌଣସି ଟେଷ୍ଟ ମ୍ୟାଚର ୪ର୍ଥ ଇନିଂସରେ ୫ମ ସର୍ବାଧିକ। ଇଂଲଣ୍ଡ ପାଇଁ ଏହା ଦ୍ୱିତୀୟ ସର୍ବାଧିକ ପାର୍ଟନରଶିପ୍। ୧୯୯୧ରେ ଅଷ୍ଟ୍ରେଲିଆ ବିପକ୍ଷରେ ଆଥର୍ଟନ ଓ ଗ୍ରାହାମ ଗୁଚ୍ ୨୦୩ ରନ ଯୋଡ଼ିଥିଲେ।

୧୨: ଉଭୟ ଇନିଂସରେ ଶତକ ସତ୍ତ୍ୱେ କୌଣସି ଟେଷ୍ଟରେ ପରାଜୟ ସ୍ୱାଦ ଚାଖିବାରେ ରିଷଭ ପନ୍ତ ହେଉଛନ୍ତି ଦ୍ୱାଦଶ ଖେଳାଳି। ଏହା ପୂର୍ବରୁ ୧୧ଶ ଖେଳାଳିଭାବେ ଜିମ୍ବାୱେର ବେର୍ଡନ ଟେଲର ୨୦୧୮ରେ ବାଂଲାଦେଶ ବିପକ୍ଷରେ ଏହି ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସହ ବେନ୍ ଡକେଟ।

## ଜୁନିୟର ପୁରୁଷ ହକି

# ଭାରତ ୨-୧ରେ ଅଷ୍ଟ୍ରେଲିଆକୁ ହରାଇଲା

**ବର୍ଲିନ,୨୫।୬(ପି.ଟି.):** ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ନେଶନ୍ସ ଟୁର୍ନାମେଣ୍ଟରେ ତୃତୀୟ ସ୍ଥାନ ଲାଗି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୨-୧ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଦୁଇ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ହେଲେ କୌଣସି ଦଳ ସ୍କୋର କରିପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଅଧିନାୟକ ଟୋବି ମାଲନ(୪୦ତମ ମିନିଟ୍)ଙ୍କ ଗୋଲ ବଳରେ ଅଷ୍ଟ୍ରେଲିଆ ଅଗ୍ରଣୀ ହାସଲ କରିଥିଲା। ୪୫ତମ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ରୋହିତ ଗୋଲରେ କନଭର୍ଟ କରିଥିଲେ। ଏଥିଯୋଗୁ ତୃତୀୟ କ୍ୱାର୍ଟର ଶେଷ ସୁଦ୍ଧା ମ୍ୟାଚ୍‌ର ସ୍କୋର ଲାଇନ ୧-୧ରେ ବରାବର ରହିଥିଲା। ଚତୁର୍ଥ କ୍ୱାର୍ଟରରେ ଅଜିତ୍ ଯାଦବ (୫୨ତମ)ଙ୍କ ଗୋଲ୍ ଭାରତର ବିଜୟ ନିଶ୍ଚିତ କରିଥିଲା। ଏହି ବିଜୟ ସହ ଭାରତୀୟ ଦଳର ବର୍ଲିନ୍ ଟୁର ଶେଷ ହୋଇଛି। ପୁଲ୍ ପର୍ଯ୍ୟାୟରେ ଭାରତ ପ୍ରଥମ ମ୍ୟାଚ୍‌ରେ ୧-୭ ଗୋଲରେ ଆୟୋଜକ ଜର୍ମାନୀଠାରୁ ପରାଜିତ ହେବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ୩-୧ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଥିଲା। ତୃତୀୟ ମ୍ୟାଚ୍‌ରେ ଭାରତ ୧-୫ ଗୋଲରେ ସ୍ପେନ୍‌ଠାରୁ ପରାଜିତ ହୋଇଥିଲା।

# ପ୍ରତ୍ୟାଶା ରାୟଙ୍କୁ ବ୍ରୋଞ୍ଜ ପଦକ



ବ୍ରୋଞ୍ଜ ପଦକ ସହ ପ୍ରତ୍ୟାଶା ରାୟ।

ଭୁବନେଶ୍ୱର, ୨୫।୬ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମ ପରିସରରେ ଚାଲିଥିବା ୭୮ତମ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ବୁଧବାର ଚତୁର୍ଥ ଦିବସରେ ଅନୁଷ୍ଠିତ ମହିଳା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ଓଡ଼ିଶାର ପ୍ରତିଷ୍ଠିତ ସନ୍ତରଣକାରୀ ପ୍ରତ୍ୟାଶା ରାୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ହିଟ୍ସରେ ଚମତ୍କାର ପ୍ରଦର୍ଶନ କରି ପ୍ରତ୍ୟାଶା ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେ ୨:୨୫.୪୭ ସେକେଣ୍ଡ ସମୟ ନେଇ ୧୬ ସଦସ୍ୟବିଶିଷ୍ଟ ହିଟ୍ସରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଫାଇନାଲ୍ସରେ ସେହି ପ୍ରଦର୍ଶନ ଦୋହରାଇ ପାରି ନ ଥିଲେ ମଧ୍ୟ ପୋଡିୟମ ମଣ୍ଡନ କରି ରାଜ୍ୟକୁ ଗର୍ବିତ କରିଛନ୍ତି ଏହି ସନ୍ତରଣ ପ୍ରତିଭା। ମହିଳା ୪x୧୦୦ ମିଟର ଫ୍ରିଷ୍ଟାଇଲ ରିଲେରେ ଓଡ଼ିଶା ଦଳ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଛି। ପ୍ରତ୍ୟାଶା ରାୟ, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ଅଂଶିକା ଆରାଧନା ସାହୁ ଓ ସୃଷ୍ଟି ଉପାଧ୍ୟାୟଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୪:୧୨.୭୬ ସେକେଣ୍ଡ ସମୟ ନେଇ ୫ମ ସ୍ଥାନ ହାସଲ କରିଥିଲା। କର୍ନାଟକ (୪:୦୩.୧୮) ଦଳ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଆରଏସ୍‌ପିବି (୪:୦୫.୧୦), ମହାରାଷ୍ଟ୍ର (୪:୦୫.୯୭) ଓ ତାମିଲନାଡୁ (୪:୧୨.୬୪) ପରବର୍ତ୍ତୀ ୩ ସ୍ଥାନ ଅଧିକାର କରିଥିଲା।

ପ୍ରକାଶ ଯୋଗ୍ୟ, ଓଡ଼ିଶା ଏପର୍ଯ୍ୟନ୍ତ ମୋଟ ୪ଟି ପଦକ ହାସଲ କରିଛି। ମହିଳା ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ

## ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍

୧:୦୩.୫୦ ସେକେଣ୍ଡ ସମୟ ନେଇ ସୃଷ୍ଟି ଉପାଧ୍ୟାୟ ରାଜ୍ୟପାଇଁ ପଦକ ଅଭିଯାନ ଆରମ୍ଭ କରିଥିଲେ। ତୃତୀୟ ଦିବସରେ ଅନୁଷ୍ଠିତ ମହିଳା ୨୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସୃଷ୍ଟି ୨:୨୩.୧୧ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ମହିଳା ୪x୧୦୦ ମିଡ୍‌ଲେ ରିଲେରେ ଓଡ଼ିଶା ଦଳ ରୌପ୍ୟ ପଦକ ହାସଲ କରିଥିଲା। ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୪:୨୭.୧୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଜାତୀୟ ପ୍ରତିଯୋଗିତାରେ ସୃଷ୍ଟି ଏପର୍ଯ୍ୟନ୍ତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିବାର ଗୌରବଲାଭ କରିଛନ୍ତି।

# ବୋଲରଙ୍କୁ ସମୟ ଦରକାର: ଗମ୍ଭୀର

**ଲିଡ୍ସ,୨୫।୬(ପି.ଟି.):** ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ୩୭୧ ରନ୍‌ର ବିଶାଳ ଟାର୍ଗେଟ ଛିଡ଼ା କରିବା ପରେ ମଧ୍ୟ ଭାରତ ପରାଜିତ ହୋଇଥିବାରୁ ବୋଲିଂ ବିଭାଗର ଦୁର୍ବଳତା ପଦାରେ ପଡ଼ିଛି। କିନ୍ତୁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ସମାଲୋଚକଙ୍କୁ ପ୍ରତ୍ୟେକ ମ୍ୟାଚ୍ ପରେ ବୋଲରଙ୍କ ଦକ୍ଷତା ଉପରେ ପ୍ରଶ୍ନ ନ ଉଠାଇବାକୁ ପରାମର୍ଶ ଦେଇଛନ୍ତି। ନ ହେଲେ ଏହା ବୋଲରଙ୍କ ଉନ୍ନତିରେ ବାଧା ସାଜିବ। ପ୍ରଥମ ଇନିଂସରେ ୫ ଉଇକେଟ ନେଇଥିବା ଯଶପ୍ରୀତ ବୁମ୍‌ରାଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବୋଲର ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ଆମ ପେସ୍ ଆକ୍ରମଣରେ ଜଣେ ୪ ଟେଷ୍ଟ ଖେଳିଥିବା ବୋଲର ପ୍ରସିଦ୍ଧ କ୍ରିଷ୍ଣା, ଦୁଇ ଟେଷ୍ଟ ଖେଳିଥିବା ହର୍ଷିତ ରାଣା ଏବଂ ଜଣେ ଆଦୌଂ ଟେଷ୍ଟ ଖେଳି ନ ଥିବା ବୋଲର ଅର୍ଶଦୀପ ସିଂ ରହିଛନ୍ତି। ଦିନିକିଆ ଫର୍ମାଟ୍ ଅଲଗା। କିନ୍ତୁ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଭଳି ଟୁର୍ ବୋଲରଙ୍କ ଲାଗି କଷ୍ଟକର ହୋଇଥାଏ। ଏହା ସେମାନଙ୍କୁ ସମୁଦ୍ରରେ ଫୋପାଡ଼ିଦେବା ସଦୃଶ। ଯଦି ଆମେ ପ୍ରତ୍ୟେକ ପରାଜୟ ପରେ ସେମାନଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଇବା, ତେବେ ଆମେ କେଉଁଭଳି ବୋଲରଙ୍କୁ ତିଆରି କରିବା। ବୁମ୍‌ରା ଓ ସିରାଜଙ୍କୁ ଛାଡ଼ିଦେଲେ ପେସ୍ ଆଟାକ୍‌ରେ ଅଭିଜ୍ଞତା ନାହିଁ। ସେମାନଙ୍କ ପାଖରେ ପ୍ରତିଭା ରହିଛି। ଆମକୁ ସେମାନଙ୍କୁ ସମର୍ଥନ ଓ ସମୟ ଦେବାକୁ ପଡ଼ିବ। ଯଦିଓ ପ୍ରସିଦ୍ଧ ଖୁବ୍ ରନ୍ ଦେଇଥିଲେ, କିନ୍ତୁ ମ୍ୟାଚ୍‌ରେ ମୋଟ ୫ ଉଇକେଟ ନେଇଥିଲେ। ଭଲ ବୋଲିଂ ମଧ୍ୟ କରିଥିଲେ। ତାଙ୍କ ପାଖରେ ଜଣେ ଭଲ ଟେଷ୍ଟ ବୋଲର ହେବାର ସମସ୍ତ ଗୁଣ ରହିଛି। ରବୀନ୍ଦ୍ର ଜାଡେଜା ବୋଲିଂ ବେଳେ ଦଳକୁ ଖୁବ୍ ନିୟନ୍ତ୍ରଣ ପ୍ରଦାନ କରିଥିଲେ। ତାଙ୍କର ଇକୋନୋମିକାଲ ବୋଲିଂ ଯୋଗୁ ଆମେ ଅନ୍ୟପଟେ ୩ ପେସରଙ୍କୁ ପରିବର୍ତ୍ତନ କରିପାରୁଥିଲୁ ବୋଲି ଗମ୍ଭୀର କହିଛନ୍ତି।

# ଦ୍ୱିତୀୟ ଟେଷ୍ଟ: ବାଂଲାଦେଶ ୨୨୦/୮

**କଲମ୍ବୋ,୨୫।୬:** ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ବୁଧବାରଠାରୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ପ୍ରଥମ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂକରି ୮ ଉଇକେଟ ହରାଇ ୨୨୦ ରନ୍ କରିଛି। ଦଳ ପକ୍ଷରୁ ଶଦମାନ ଇସ୍ଲାମ ୪୬, ମୁଶ୍‌ଫିକୁର ରହିମ ୩୫, ଲିଟନ ଦାସ ୩୪ ଓ ମେହିଦୀ ହାସନ ମିରାଜ ୩୧ ରନ୍‌କରି ଆଉଟ୍ ହୋଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ତାଇଜୁଲ ଇସ୍ଲାମ ୯ ଓ ଇବାଦତ ହୋସେନ ୫ ରନ୍‌ରେ ଅପରାଜିତ ଅଛନ୍ତି। ଘରୋଇ ଶ୍ରୀଲଙ୍କା ପକ୍ଷରୁ ଅସିଥା ଫର୍ନାଣ୍ଡୋ, ବିଶ୍ୱ ଫର୍ନାଣ୍ଡୋ ଓ ପଦାର୍ପଣକାରୀ ସୋନାଲ ଦିନୁଶା ୨ଟି ଲେଖାଏ ଉଇକେଟ ନେଇଛନ୍ତି।

# ‘ଅଧିନାୟକ ଭାବେ ଗିଲ୍ ପ୍ରଭାବୀ ନ ଥିଲେ’

ଲିଡ୍ସ, ୨୫।୬ (ପି.ଟି.)

ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ନିକଟରୁ ଭାରତ ପରାଜୟ ପରେ ଟିମ୍ ଇଣ୍ଡିଆର ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ କୌଶଳକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଶୁବମନ ଗିଲ୍ ଅଧିନାୟକ ଭାବେ ପଡ଼ିଆ ଭିତରରେ ପ୍ରଭାବୀ ହୋଇପାରି ନ ଥିଲେ ବୋଲି ପୂର୍ବତନ ଇଂଲଣ୍ଡ ଅଧିନାୟକ ନାସିର ହୁସେନ ପ୍ରକାଶ କରିଛନ୍ତି। ‘‘ଏହି ଯୁବ ଖେଳାଳି ନେତୃତ୍ୱ ନେବା କ୍ଷେତ୍ରରେ ସକ୍ରିୟ ରହିବା ପରିବର୍ତ୍ତେ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଥିଲେ। ଫଳରେ ବିଶେଷ ପରିସ୍ଥିତିରେ ଅନ୍ୟ ଖେଳାଳିମାନେ ନିଜ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିପାରିଥିଲେ। ଯେତେବେଳେ ରୋହିତ କିମ୍ବା କୋହଲି ଅଧିନାୟକ ଥିଲେ ସେମାନେ ଦଳର ନେତୃତ୍ୱ ନେଉଥିବା ସ୍ପଷ୍ଟ ବାରି ହୋଇ ପଡୁଥିଲା। ମାତ୍ର ଗତ ପ୍ରଥମ ଟେଷ୍ଟବେଳେ ଭାରତ ପକ୍ଷରୁ ଦୁଇ କିମ୍ବା ତିନିଜଣ ଅଧିନାୟକ କିମ୍ବା ଅଧିନାୟକଙ୍କ ଏକ କମିଟି ନିଷ୍ପତ୍ତି ନେଉଥିବା ପରିଲକ୍ଷିତ ହୋଇଥିଲା। ଗିଲ୍ ଦଳକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିପାରି ନ ଥିଲେ’’ ବୋଲି ହୁସେନ କହିଛନ୍ତି। ଦଳ ଉପରେ ଗିଲ୍‌ଙ୍କ ନିୟନ୍ତ୍ରଣ ନ ରହିବା, କ୍ୟାଚ୍ ଡ୍ରପ୍ ଏବଂ ବ୍ୟାଟିଂ କୋଲାପ୍ସ ପାଇଁ ଭାରତୀୟ ଦଳ ହାରିଲା ବୋଲି ୫୭ ବର୍ଷୀୟ ହୁସେନ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଭାରତର ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟରେ ମୁଁ ଚିନ୍ତିତ। ଘରୋଇ ପରିବେଶରେ ଭାରତ ସ୍ପିନ୍ ବୋଲିଂ ଅଲ୍‌ରାଉଣ୍ଡରଙ୍କୁ ନେଇ ଖେଳିଥାଏ। ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ପ୍ରମୁଖ ଭଲ ପ୍ରଦର୍ଶନ କରିଥାନ୍ତି। ମାତ୍ର ଇଂଲଣ୍ଡରେ ସେମାନେ ସିମ୍-ବୋଲିଂ ଅଲ୍‌ରାଉଣ୍ଡରଙ୍କ ଉପରେ ଭରସା କରୁଛନ୍ତି। ଯିଏକି ବ୍ୟାଟିଂ କରିପାରିବେ।

ପୂର୍ବତନ ଭାରତୀୟ କୋଚ୍ ରବି ଶାସ୍ତ୍ରୀ କିନ୍ତୁ ଗିଲ୍ ଆଶାଠାରୁ ଅଧିକ କିଛି କରିଛନ୍ତି ବୋଲି କହିଛନ୍ତି। ସେ ପ୍ରଥମ ଇନିଂସରେ ଶତକ ହାସଲ କରିଛନ୍ତି। ତେବେ କ୍ୟାଚ୍ ଡ୍ରପ୍ ଏବଂ ବ୍ୟାଟିଂ ବିପର୍ଯ୍ୟୟ ତାଙ୍କ ନିୟନ୍ତ୍ରଣରେ ନାହିଁ। ଏ କ୍ଷେତ୍ରରେ କୋଚିଂ ଷ୍ଟାଫ୍‌ଙ୍କୁ ବଡ଼ ଭୂମିକା ନେବାକୁ ପଡ଼ିବ। ଜୁଲାଇ ୨ରୁ ଆରମ୍ଭ ହେବାକୁ ଯାଉଥିବା ଦ୍ୱିତୀୟ ଟେଷ୍ଟରେ ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍‌ରା ଖେଳିବା ଉଚିତ ବୋଲି ଶାସ୍ତ୍ରୀ କହିଛନ୍ତି। ଯଦି ତାଙ୍କୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନିଆଯାଉଥାଏ ତେବେ ଆଉଥରେ ଚିନ୍ତା କରିବାକୁ ପଡ଼ିବ। ଯଦି ସେ ନ ଖେଳନ୍ତି ଏବଂ ଭାରତ ସିରିଜରେ ୦-୨ରେ ପଛୁଆ ହୋଇଯାଏ ତେବେ ଭାରତ ପାଇଁ ପ୍ରତ୍ୟାବର୍ତ୍ତନ କଷ୍ଟକର ହୋଇଯିବ ବୋଲି ଶାସ୍ତ୍ରୀ କହିଛନ୍ତି। ପ୍ରଥମ ଇନିଂସରେ ୫ ଉଇକେଟ ନେଇଥିବା ବୁମ୍‌ରା ନିକଟରେ ବ୍ୟାକ୍ ଇଞ୍ଜୁରିରୁ ଫେରିଥିବାରୁ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜର ୩ଟି ଟେଷ୍ଟ ଖେଳିବାକୁ ଯୋଜନା କରୁଛନ୍ତି। ଇଂଲଣ୍ଡର ପୂର୍ବତନ ଫାଷ୍ଟବୋଲର ଷ୍ଟୁଆର୍ଟ ବ୍ରଡ୍ ମଧ୍ୟ ଭାରତ ବିଜୟ ସୁଯୋଗ ହାତଛଡ଼ା କଲା ବୋଲି ପ୍ରକାଶ କରିଛନ୍ତି। ଭାରତ ପାଇଁ ମ୍ୟାଚ ଜିତିବାକୁ ଅନେକ ସୁଯୋଗ ଥିଲା ବୋଲି ସେ କହିଛନ୍ତି।



ଯଶପ୍ରୀତ୍ ବୁମରାଙ୍କ ସହ ଆଲୋଚନା ଅବସରରେ ଶୁବମନ ଗିଲ୍।

# ଭାରତୀୟ ଦଳରୁ ହର୍ଷିତ ରିଲିଜ୍

ହେଡିଂଲେ,୨୫।୬: ଇଂଲଣ୍ଡ ବିପକ୍ଷ ୫ ଟେଷ୍ଟ ବିଶିଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ହର୍ଷିତ ରାଣାଙ୍କୁ ଭାରତୀୟ ଦଳରୁ ରିଲିଜ୍ କରାଯାଇଛି। ଏହି ଯୁବ ପେସରଙ୍କୁ ବ୍ୟାକ୍‌ଅପ୍ ବୋଲର ଭାବେ ଦଳରେ ରଖାଯାଇଥିଲା। ସେ ଦଳର ଅନ୍ୟ ଖେଳାଳିଙ୍କ ସହ ଦ୍ୱିତୀୟ ଟେଷ୍ଟ ଲାଗି ବର୍ମିଂହାମ ଅଭିମୁଖେ ଯାତ୍ରା କରି ନ ଥିଲେ। ଭାରତୀୟ ଦଳ ବୁଧବାର ଅପରାହ୍ନ ୧୧.୩୦ରେ ଲିଡ୍ସରୁ ୩ ଘଣ୍ଟାର ବସ୍ ଯାତ୍ରା ଆରମ୍ଭ କରିଥିଲା। ଆଗାମୀ ଦୁଇଦିନ ବିଶ୍ରାମ କରିବା ପରେ ଭାରତୀୟ ଦଳ ଦ୍ୱିତୀୟ ଟେଷ୍ଟ ଲାଗି ଟ୍ରେନିଂ ଆରମ୍ଭ କରିବ। ହେଡିଂଲେରେ ନୈରାଶ୍ୟଜନକ ପରାଜୟର ସମ୍ମୁଖୀନ ହୋଇଥିବା ଭାରତୀୟ ଦଳ ବର୍ମିଂହାମରେ ସିରିଜ୍‌କୁ ବରାବର କରିବା ଲକ୍ଷ୍ୟରେ ରହିଛି। ମୁଁ ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକରଙ୍କ ସହ କଥା ହେବି। କାରଣ ଦଳରେ ଏକ ଛୋଟ ସମସ୍ୟା ରହିଥିଲା। ଏଥିଯୋଗୁ ରାଣାଙ୍କୁ ଦଳରେ ବ୍ୟାକ୍‌ଅପ୍ ଭାବେ ରଖାଯାଇଥିଲା। କିନ୍ତୁ ବର୍ତ୍ତମାନ ଦଳରେ ସମସ୍ତେ ଠିକ୍ ଅଛନ୍ତି। ଏଣୁ ତାଙ୍କୁ ସ୍ୱଦେଶ ଫେରିବାକୁ ପଡ଼ିବ ବୋଲି ଗମ୍ଭୀର ମ୍ୟାଚ୍ ପରେ କହିଥିଲେ।



ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ ଅନୁଷ୍ଠିତ ୨୩ତମ ଜାତୀୟ ଜୁନିୟର ଫେଡେରେଶନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶାର ପ୍ରତୀକ ମହାରଣା।

# ଜାତୀୟ ମହିଳା ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୨୫।୬(ତପନ ସ୍ୱାଇଁ)

ଗୁଜରାଟର ଭୁଜ୍‌ଠାରେ ଚଳିତ ମାସ ୨୮ରୁ ଜୁଲାଇ ୩ ପର୍ଯ୍ୟନ୍ତ ୫୪ତମ ଜାତୀୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଚୟନ ହୋଇଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସଲ୍‌ମା ମୁର୍ମୁ, ଜୁଲ୍‌ଫା ମଲିକ, ସୁଶୀଳା ମାଝି, ଟ୍ୱିଙ୍କଲ ପ୍ରଧାନ, ଝରଣା ସାହୁ, ଆଲିସା ପ୍ରିୟଦର୍ଶିନୀ, ଲକ୍ଷ୍ମୀପ୍ରିୟା ଦାସ, ସୋନାଲିକା ବରାଳ, ଲକ୍ଷ୍ମୀପ୍ରିୟା ସାହୁ, ଦୁର୍ଗା ସେଠୀ, ମୋନାଲିସା ଦଳାଇ, ଦୀପ୍ତିମୟୀ ଦାସ, ସରିୟା ସାହୁ, ଶୁଭଶ୍ରୀ ଦାସ ମହାପାତ୍ର, ମଧୁସ୍ମିତା ପରିଡ଼ା, ଶୁଭଶ୍ରୀ ସ୍ୱାଇଁ ଓ ରାଜଲକ୍ଷ୍ମୀ ପୃଷ୍ଟି। କୋଚ୍ ମନୋଜ କୁମାର ନିଶଙ୍କ ଓ ମ୍ୟାନେଜର ପ୍ରଭାତୀ ପରିଡ଼ା ବୁଧବାର ଦଳସହ ଭୁଜ୍ ଯାତ୍ରା କରିଛନ୍ତି। ପ୍ରତିଯୋଗିତା ପରିଚାଳନା ପାଇଁ ଓଡ଼ିଶାର ବରିଷ୍ଠ ରେଫରି ଅର୍ଣ୍ଣବ କୁମାର ସିହ୍ନା ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳକୁ ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ସମ୍ପାଦକ ବୀରେନ୍ଦ୍ର କୁମାର ବେହେରା, ସଭାପତି ଗୋପୀନାଥ ସାହୁ, କୋଷାଧ୍ୟକ୍ଷ ଉପେନ୍ଦ୍ରନାଥ ଦାସ, ଚୟନ କମିଟି ସଦସ୍ୟ ପ୍ରେମାନନ୍ଦ ବିହାରୀ ଓ ଯଶୋବନ୍ତ ପରମ୍‌ଗୁରୁ, ପ୍ରଭାତ ଦଳାଇ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।


ଜାତୀୟ ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ